# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୨/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, November 2 / 2019 ★★

୧୫୩ ଭାଗ ୩୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-


# ୫ ପର୍ଯ୍ୟାୟରେ ଝାଡ଼ଖଣ୍ଡ ଭୋଟ

ନୂଆଦିଲ୍ଲୀ,୧।୧୧ (ପି.ଟି./ଆଇଏଏନ୍ଏସ୍)

ଭାଜପା ଶାସିତ ଝାଡ଼ଖଣ୍ଡରେ ନଭେମ୍ବର ୩୦ରୁ ଡିସେମ୍ବର ୨୦ ମଧ୍ୟରେ ପାଞ୍ଚଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେବ। ଡିସେମ୍ବର ୬ରେ ଦ୍ୱିତୀୟ, ୧୨ରେ ତୃତୀୟ ଓ ୧୬ରେ ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ଡିସେମ୍ବର ୨୩ରେ ସମସ୍ତ ୮୧ ଆସନରେ ଭୋଟ ଗଣତି କରାଯିବ ବୋଲି ଶୁକ୍ରବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଘୋଷଣା କରିଛନ୍ତି। ସିଇସିଙ୍କ ଏହି ଘୋଷଣା ପରେ ମାଓବାଦୀ ପ୍ରଭାବିତ ଏହି ରାଜ୍ୟରେ ତତ୍କାଳ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି।

ନୂଆଦିଲ୍ଲୀର ନିର୍ବାଚନ ସଦନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିଇସି



ସିଇସି ସୁନୀଲ ଆରୋରା

ସୁନୀଲ ଆରୋରା ଓ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ସିଇସି ଆରୋରା କହିଛନ୍ତି, ଆସନ୍ତା ୩୦ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ।

- ତାରିଖ ଘୋଷଣା କଲେ ନିର୍ବାଚନ କମିଶନ
- ନଭେମ୍ବର ୩୦ରୁ ଡିସେମ୍ବର ୨୦ ମଧ୍ୟରେ ମତଦାନ
- ସମସ୍ତ ୮୧ ଆସନ ପାଇଁ ଭୋଟ ଗଣତି ଡିସେମ୍ବର ୨୩ରେ

ଏହି ଦିନ ୧୩ ଆସନରେ ଭୋଟ ଗ୍ରହଣ କରାଯିବ। ସେହିପରି ଡିସେମ୍ବର ୬ରେ ୨୦ ଓ ୧୨ ତାରିଖରେ ୧୭ ଆସନରେ ମତଦାନ ହେବ। ୧୬ ତାରିଖରେ ଚତୁର୍ଥ ପର୍ଯ୍ୟାୟରେ ୧୫ ଓ ୨୦ରେ ଅନ୍ତିମ ପର୍ଯ୍ୟାୟରେ ଅବଶିଷ୍ଟ ୧୬ ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ। ସମସ୍ତ ୫ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ, ନାମାଙ୍କନପତ୍ର ଦାଖଲ, ଯାଞ୍ଚ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଲାଗି ଭିନ୍ନ ଭିନ୍ନ ତାରିଖ ଧାର୍ଯ୍ୟ କରାଯାଇଛି। ୮୧ ଆସନରେ ଡିସେମ୍ବର ୨୩ରେ ଭୋଟ ଗଣତି ହେବାକୁ ଥିବାବେଳେ ନିର୍ବାଚନ ପ୍ରକ୍ରିୟା ୨୯ରେ ଶେଷ ହେବ। ରାଜ୍ୟର ୨୪ ଜିଲା ମଧ୍ୟରୁ ୧୩ ଜିଲାରେ ମାଓବାଦୀ ସମସ୍ୟାକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଉଛି। ୬୭ ନିର୍ବାଚନମଣ୍ଡଳୀରେ ମାଓବାଦୀଙ୍କ ପ୍ରଭାବ ସର୍ବାଧିକ। ବାମ କଟ୍ଟରପନ୍ଥୀଙ୍କ ମୁକାବିଲା ପାଇଁ ସ୍ୱତନ୍ତ୍ର ବଳ ମୁତୟନ କରାଯିବ ବୋଲି ସିଇସି କହିଛନ୍ତି। ଶାନ୍ତିଶୃଙ୍ଖଳା ସହ ନିର୍ବାଚନ କରାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ୨୫୦ କମ୍ପାନୀ ଅର୍ଦ୍ଧସାମରିକ ବଳ ମାଗିଛନ୍ତି।

(ନିର୍ବାଚନ ପ୍ରକ୍ରିୟା ତାରିଖ ସାରଣୀ: ପୃଷ୍ଠା-୪)




କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଆମେରିକା ବିପକ୍ଷ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ମହିଳା ହକି ମ୍ୟାଚରେ ଭାରତୀୟ ଖେଳାଳି ଗୋଲ ଦେବାକୁ ପ୍ରୟାସ କରୁଛନ୍ତି। ଏହି ମ୍ୟାଚରେ ଭାରତ ୫-୧ ଗୋଲରେ ବିଜୟ ଲାଭ କରିଛି। (ରିପୋର୍ଟ: ଖେଳ ପୃଷ୍ଠାରେ) (ଫଟୋ-ବିକାଶ ନାୟକ)

ଦିଲ୍ଲୀରେ ଜନସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତି ଜାରି
........୨........

ହାଇକୋର୍ଟ ବାର୍ ଆସୋସିଏଶନ୍ ଆନ୍ଦୋଳନ ସ୍ଥଗିତ

କଟକ ବାଲିଯାତ୍ରାକୁ ମିଳିବ ରାଜ୍ୟସ୍ତରୀୟ ମହୋତ୍ସବ ମାନ୍ୟତା
........୩........

ଆଜିର ସମ୍ପାଦକୀୟ
ବଦଳିରୁ ବିବାଦ






# ବାହାରେ ମଳତ୍ୟାଗ: ୨୪ ପରିବାରର ରାଶନ ବନ୍ଦ

## ବିଭିନ୍ନ ଗୋଷ୍ଠୀଙ୍କ ବିରୋଧ, ବ୍ଲକ ସମ୍ମୁଖରେ ବିକ୍ଷୋଭ ଆଜି

ପାଟପୁର,୧।୧୧

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଗୌତମୀ ସରପଞ୍ଚ ତାଙ୍କ ପଞ୍ଚାୟତରେ ଗତମାସ ୨୦ ତାରିଖରେ ବାହ୍ୟ ମଳତ୍ୟାଗକୁ ନେଇ ଏକ ଅଭିନବ ଫତ୍‌ୱା ଜାରି କରିଥିଲେ। ଯଦି କୌଣସି ବ୍ୟକ୍ତି ବାହାରେ ମଳତ୍ୟାଗ କରନ୍ତି, ତେବେ ତାଙ୍କ ରାଶନ ସାମଗ୍ରୀ ବନ୍ଦ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କେତେକ ଲୋକ ଏହାକୁ ନ ମାନି ବାହାରେ ମଳତ୍ୟାଗ କରିଥିଲେ। ଏହା ଜଣାପଡ଼ିବା ପରେ ଶୁକ୍ରବାର ପଞ୍ଚାୟତର ୨୪ ପରିବାରର ରାଶନ ସାମଗ୍ରୀ ବନ୍ଦ କରିଦିଆଯାଇଛି। କିନ୍ତୁ ଏହାକୁ ବିଭିନ୍ନ ଗୋଷ୍ଠୀ ପକ୍ଷରୁ ବିରୋଧ କରାଯିବା ସହ ଶନିବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି ସୂଚନା ମିଳିଛି।

ଏ ସମ୍ପର୍କରେ ଗୌତମୀ ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ବାହ୍ୟ ମଳତ୍ୟାଗ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବହୁ ସଚେତନତା ପଦକ୍ଷେପ ନିଆଯାଇଥିଲା। କିନ୍ତୁ ଏହାକୁ କେତେକ ମାନି ନ ଥିଲେ। ଫଳରେ ପଞ୍ଚାୟତ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି ।

ଗ୍ରାମରେ ପୂର୍ବରୁ ଲୋକଙ୍କୁ ସଚେତନ କରାଯିବା ସହ ପାଇଖାନା ଥିବା ପରିବାର ବାହାରେ ମଳତ୍ୟାଗ କଲେ ରାଶନ୍ ସାମଗ୍ରୀ ବନ୍ଦ

**ଗୌତମୀ ପଞ୍ଚାୟତ**
**ସରପଞ୍ଚଙ୍କ ଫତ୍‌ୱା**



କରାଯିବ ବୋଲି ଫତ୍‌ୱା ଜାରି କରାଯାଇଥିଲା। ଏଥିସହ ୩୦୦ ମହିଳା ପାଳି କରି ସକାଳ ଓ ସନ୍ଧ୍ୟାରେ ମଳତ୍ୟାଗ କରାଯାଉଥିବା ସ୍ଥାନକୁ ଜଗି ରହିବା ସହ ସେଠାରେ ତୁଳସୀ ଚାରା ରୋପଣ କରିଥିଲେ। ଏହା ସତ୍ତ୍ୱେ ଲୋକେ ନ ମାନି ବାହ୍ୟ ମଳତ୍ୟାଗ କରିବାରୁ ୨୪ ପରିବାରକୁ ରାଶନ ସାମଗ୍ରୀ ବନ୍ଦ କରାଯାଇଥିବା ସରପଞ୍ଚ ପ୍ରକାଶ କରିଛନ୍ତି। କିନ୍ତୁ ଏ ନେଇ ପଞ୍ଚାୟତ ପକ୍ଷରୁ କୌଣସି ନିଷ୍ପତ୍ତି ହୋଇ ନ ଥିବା ଅଧିକାଂଶ ୱାର୍ଡ ସଭ୍ୟାସଭ୍ୟ କହିଛନ୍ତି। ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଏକତରଫା ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ନେଇ ସମିତିସଭ୍ୟ ପ୍ରତିନିଧି ଏ.ଜଗନ୍ନାଥ ପାତ୍ରଙ୍କୁ ପଚାରିବାରୁ, ରାଶନ ସାମଗ୍ରୀ ବନ୍ଦକୁ ସେ ବିରୋଧ କରିଛନ୍ତି। କିନ୍ତୁ ବାହ୍ୟ ମଳତ୍ୟାଗକୁ ବାରଣ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ସେ କହିଛନ୍ତି। ସମସ୍ତଙ୍କୁ ପାଇଖାନା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ରାଶନ ସାମଗ୍ରୀ ବନ୍ଦ କରିବା ସମ୍ପର୍କରେ ସେ ଓ ଅଧିକାଂଶ ୱାର୍ଡ ସଭ୍ୟାସଭ୍ୟ ଜାଣି ନ ଥିବା କହିଛନ୍ତି। ତେବେ ରାଶନ ସାମଗ୍ରୀ ବନ୍ଦ କରିବା ପ୍ରତିବାଦ ସହ ସ୍ୱଚ୍ଛ ଭାରତ ଅଭିଯାନରେ ସମସ୍ତଙ୍କୁ ପାଇଖାନା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

ସାନଖେମୁଣ୍ଡି ବ୍ଲକ ଯୋଗାଣ ନିରୀକ୍ଷକ ବିଶ୍ୱଜିତ ସେଠୀଙ୍କୁ ରାଶନ ସାମଗ୍ରୀ ବନ୍ଦ ସମ୍ପର୍କରେ ପଚାରିବାରୁ କାହାର ରାଶନ ସାମଗ୍ରୀ ବନ୍ଦ ହୋଇନାହିଁ ବୋଲି ସେ କହିଛନ୍ତି।






# ମାଛ ଚୋରି କରିବାକୁ ଆସି ଶିକ୍ଷକଙ୍କୁ ହତ୍ୟା

ରିଆମାଳ/ଦେବଗଡ଼, ୧।୧୧(ଡି.ଏନ୍.ଏ.)

- ପୋଖରୀ ହୁଡ଼ାରୁ ମିଳିଲା ମୃତଦେହ
- ମୁହଁକୁ ଛେଚି ବିକୃତ କରିଦେଇଛନ୍ତି ଦୁର୍ବୃତ୍ତ

ଦେବଗଡ଼ ଜିଲା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ପାଲୁଣିପଡ଼ା ଗ୍ରାମରେ ଗୁରୁବାର ରାତିରେ ଜଣେ ଶିକ୍ଷକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଆଶୁତୋଷ ପଟେଲ(୩୫)। ଆଶୁତୋଷ ଗାଁ ସ୍କୁଲରେ ଶିକ୍ଷକତା କରିବା ସହ ମାଛଚାଷ କରନ୍ତି। ଘରଠାରୁ ଅଳ୍ପ ଦୂରରେ ନିଜ ପୋଖରୀରେ ମାଛ ଚାଷ କରିଥିଲେ। ପୋଖରୀରୁ ମାଛ ଚୋରି ହେଉଥିବାରୁ ଆଶୁତୋଷ ସନ୍ଧ୍ୟା ସମୟରେ ଯାଇ ଉକ୍ତ ପୋଖରୀକୁ ଜଗୁଥିଲେ। ସବୁଦିନ ଭଳି ଗୁରୁବାର ସନ୍ଧ୍ୟାରେ ସେ ପୋଖରୀ ଜଗିବାକୁ ଯାଇଥିଲେ। ମାତ୍ର ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ପୋଖରୀ ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ।



ତାଙ୍କ ମୁହଁକୁ ଛେଚି ବିକୃତ କରାଯାଇଥିଲା। ପୋଖରୀକୁ ମାଛ ଚୋରି କରିବାକୁ ଆସି ଦୁର୍ବୃତ୍ତମାନେ ପଥରରେ ଛେଚି ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶୁକ୍ରବାର ସକାଳେ ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତ ପରେ ଏହି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ୪ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମୃତଦେହ ଦେବଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବା ପରେ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଓ ଘଟଣାର ତଦନ୍ତ ପରେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି। ମାଛ ମାରିବାକୁ ଆସି ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ହେଉଥିଲେ ମଧ୍ୟ ଅନ୍ୟ କାରଣ ରହିଛି ବୋଲି ଏଠାରେ ଆଲୋଚନା ଜୋର ଧରିଛି । ଏନେଇ ରିଆମାଳ ଥାନାରେ ଏକ ମାମଲା ରୁଜୁ ହୋଇଛି ।



ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେଇଥିବା ପିଡିପି ରାଜ୍ୟ ସଭା ସଦସ୍ୟ ନାଜିର ଅହମଦ ଲଓ୍ୱେଙ୍କୁ ଶୁକ୍ରବାର ଦଳରୁ ବହିଷ୍କାର କରାଯାଇଛି। ଦଳବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ପ୍ରାଥମିକ ସଭ୍ୟ ପଦରୁ ବହିଷ୍କାର କରାଯାଇଥିବା ପିଡିପି ପକ୍ଷରୁ କୁହାଯାଇଛି।

## ବିଷାକ୍ତ ହେଉଛି ଦିଲ୍ଲୀ ବାୟୁ

# ଜନସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତି ଜାରି

- ୫ ଯାଏ ସ୍କୁଲ ଛୁଟି
- ନିର୍ମାଣ କାର୍ଯ୍ୟ ବନ୍ଦ

ନୂଆଦିଲ୍ଲୀ,୧।୧୧(ପି.ଟି.)

ଦିଲ୍ଲୀରେ ବାୟୁ ପ୍ରଦୂଷଣ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଜାନୁଆରୀରୁ ଇତିମଧ୍ୟରେ ପ୍ରଥମ ଥର ଲାଗି ଦିଲ୍ଲୀରେ ବାୟୁର ମାନ ଜରୁରିକାଳୀନ ବର୍ଗକୁ ହ୍ରାସ ପାଇଛି। ଶୁକ୍ରବାର ସକାଳୁ ଦିଲ୍ଲୀ ଆକାଶରେ ଧୂଳି ଧୂଆଁର ମୋଟା ଆସ୍ତରଣ ଦେଖିବାକୁ ମିଳିଥିଲା। ରାତିକ ମଧ୍ୟରେ ଜାତୀୟ ରାଜଧାନୀର ପ୍ରଦୂଷଣ ସ୍ତର ୫୦ ପଏଣ୍ଟ ବୃଦ୍ଧି ପାଇ ବାୟୁ ମାନ ସୂଚକାଙ୍କ ୪୫୯ରେ ପହଞ୍ଚିଛି। ଫଳରେ ପରିବେଶ ପ୍ରଦୂଷଣ ପ୍ରତିକାର ଓ ନିୟନ୍ତ୍ରଣ କର୍ତ୍ତୃପକ୍ଷ (ଇପିସିଏ) ଦିଲ୍ଲୀ-ଏନ୍‌ସିଆର ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିବା ସହ ନଭେମ୍ବର ୫ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଉପରେ ନିଷିଦ୍ଧାଦେଶ ଲଗାଇଛନ୍ତି। ଏଥିସହିତ ଦିଲ୍ଲୀର ସମସ୍ତ ସ୍କୁଲ୍‌କୁ ମଙ୍ଗଳବାର ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି।

ପ୍ରଦୂଷଣ ସ୍ତର ଗମ୍ଭୀର ସ୍ଥିତିରେ ପହଞ୍ଚିଥିବାରୁ ଶୀତଦିନେ ଆତସବାଜି ଫୁଟାଇବା ଉପରେ ପରିବେଶ ପ୍ରଦୂଷଣ ପ୍ରତିକାର ଓ ନିୟନ୍ତ୍ରଣ କର୍ତ୍ତୃପକ୍ଷ ନିଷିଦ୍ଧାଦେଶ ଜାରି କରିଛନ୍ତି। ଇପିସିଏ ଅଧ୍ୟକ୍ଷ ଭୁରେ ଲାଲ୍ ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଉତ୍ତରପ୍ରଦେଶର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖି ସତର୍କ କରାଇଦେଇଛନ୍ତି। ଗତ ରାତିରୁ ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ତର ଉତ୍କଟ ହୋଇଥିବାରୁ ଏହା ପିଲାମାନଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ସେଥିପାଇଁ ଜନସ୍ୱାସ୍ଥ୍ୟ ଜରୁରୀ ଅବସ୍ଥା ଘୋଷଣା କରିବାକୁ ପଡୁଥିବା ଇପିସିଏ ଅଧ୍ୟକ୍ଷ କହିଛନ୍ତି। ଏଭଳି ସ୍ଥିତିରେ ଦିଲ୍ଲୀ, ଫରିଦାବାଦ, ଗୁରୁଗ୍ରାମ, ଗାଜିଆବାଦ, ନୋଏଡା ଏବଂ ଗ୍ରେଟର ନୋଏଡାରେ ହଟ୍ ମିକ୍ସ ପ୍ଲାଣ୍ଟ, ଷ୍ଟୋନ୍ କ୍ରଶର ସମେତ ସମସ୍ତ ନିର୍ମାଣ କାର୍ଯ୍ୟକୁ ୫ ତାରିଖ ସକାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ କେବଳ ସନ୍ଧ୍ୟା ୬ରୁ ସକାଳ ୧୦ଟା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା।

ଏହାବ୍ୟତୀତ ଫରିଦାବାଦ, ଗୁରୁଗ୍ରାମ, ନୋଏଡା, ଗାଜିଆବାଦ, ବାହାଦୁରଗଡ଼, ଭିୱାଡି, ଗ୍ରେଟର ନୋଏଡା, ସୋନେପତ୍, ପାନିପତ୍‌ରେ କୋଇଲା ଓ ଅନ୍ୟ ଇନ୍ଧନରେ ଚାଲୁଥିବା ଶିଳ୍ପସଂସ୍ଥାକୁ ମଧ୍ୟ ୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଇପିସିଏ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଶିଳ୍ପସଂସ୍ଥା ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ନେଇ ନ ଥିବେ ସେମାନେ ଉତ୍ପାଦନ ବନ୍ଦ ରଖିବାକୁ କୁହାଯାଇଛି। ଦୀପାବଳି ପରେ ଦିଲ୍ଲୀର ବାୟୁ ପ୍ରଦୂଷଣ ମାତ୍ରା ଅତ୍ୟଧିକ ବଢ଼ିଯାଇଥିବାରୁ ଶୀତଋତୁ ତମାମ ବାଣ ଫୁଟାଇବା ନିଷିଦ୍ଧ କରାଯାଇଛି। ପ୍ରଦୂଷଣର ଉତ୍ସ ରୋକିବା ଲାଗି ଜରୁରୀ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ବର୍ଜ୍ୟ ସାମଗ୍ରୀ ପୋଡିବା ସହ ଧୂଳି ପ୍ରଦୂଷଣ ଉପରେ ତୀକ୍ଷ୍ଣ ନଜର ରଖିବା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୁପ୍ରିମକୋର୍ଟଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କମିଟି ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତି ଜାରି କରିବା ପରେ ଦିଲ୍ଲୀ ସରକାର ୫ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି କରିବାକୁ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ପଡୋଶୀ ରାଜ୍ୟଗୁଡ଼ିକରେ ଚାଷୀ କ୍ଷେତରେ ନଡ଼ା ଜାଳୁଥିବାରୁ ଏହା ପ୍ରଦୂଷଣ ସ୍ତରକୁ ବଢ଼ାଇ ଦେଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଗ୍ରାପ୍) କାର୍ଯ୍ୟକାରୀ କରିବାରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଇପିସିଏ ଅଧ୍ୟକ୍ଷଙ୍କୁ ଭେଟି ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପକ୍ଷରେ ବାୟୁ ପ୍ରଦୂଷଣକୁ ନେଇ କେଜ୍‌ରିୱାଲ ଅନ୍ୟ ଉପରେ ଦୋଷ ଲଦୁଥିବାରୁ ଏହାକୁ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ସମାଲୋଚନା କରିଛନ୍ତି। ବାୟୁ ପ୍ରଦୂଷଣ ସମସ୍ୟାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରାଜନୀତୀକରଣ କରିବାକୁ ଉଦ୍ୟମ କରୁଥିବା ଜାଭଡେକର କହିଛନ୍ତି। ରାଜଧାନୀରେ ଟ୍ରାଫିକ୍ ଜାମ୍ କମାଇବା ନିମନ୍ତେ ପ୍ରସ୍ତାବିତ ଇଷ୍ଟର୍ନ ପେରିଫେରାଲ ଏକ୍ସପ୍ରେସ୍‌ୱେ ପାଇଁ ଆମ୍ ଆଦମୀ ପାର୍ଟି ସରକାର ପାଣ୍ଠି ମଞ୍ଜୁର କରୁ ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି।




## ନଡ଼ା ପୋଡ଼ି ୪୧% କମିଛି

### ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ନୂଆଦିଲ୍ଲୀ,୧।୧୧(ଆଇଏଏନ୍ଏସ୍)

ଦିଲ୍ଲୀରେ ଉତ୍କଟ ବାୟୁ ପ୍ରଦୂଷଣ ପାଇଁ ପଡୋଶୀ ପଞ୍ଜାବ ଓ ହରିୟାଣାରେ ପର୍ଯ୍ୟାପ୍ତ ନଡ଼ା ପୋଡ଼ାଯିବାକୁ ଅଧିକାଂଶ ଦାୟୀ କରୁଛନ୍ତି। ତେବେ ପୂର୍ବ ୩ ବର୍ଷ ତୁଳନାରେ ଉପରୋକ୍ତ ଦୁଇ ରାଜ୍ୟରେ ନଡ଼ା ପୋଡ଼ାଯିବା ପାଖାପାଖି ୪୧ ପ୍ରତିଶତ ହ୍ରାସ ପାଇଥିବା କେନ୍ଦ୍ର ସରକାର ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ସାଟେଲାଇଟ ମ୍ୟାପିଙ୍ଗ୍‌ରୁ ଏହି ତଥ୍ୟ ସଂଗ୍ରହ ହୋଇଥିବା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୨୦୧୮ରେ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶରେ ନଡ଼ା ପୋଡିବା ପରିମାଣ ଯଥାକ୍ରମେ ୧୧, ୨୯.୫ ଏବଂ ୨୪.୫ ପ୍ରତିଶତ ହ୍ରାସ ପାଇଥିଲା ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ନଡ଼ା ପୋଡ଼ିବା ବଦଳରେ ଏହାକୁ ନଷ୍ଟ କରିବା ଲାଗି କୃଷକମାନଙ୍କୁ ମେଶିନ କିଣିବା ଲାଗି କେନ୍ଦ୍ର ସରକାର ସବ୍‌ସିଡି ଯୋଗାଇ ଦେଉଛନ୍ତି। ଚଳିତବର୍ଷ ଏବାବଦରେ ପଞ୍ଜାବକୁ ୨୬୯.୩୮ କୋଟି, ହରିୟାଣାକୁ ୧୩୭.୮୪ କୋଟି, ଉତ୍ତରପ୍ରଦେଶକୁ ୧୪୮.୬୦ କୋଟି ଏବଂ କେନ୍ଦ୍ରୀୟ ସଂସ୍ଥାକୁ ୨୮.୫୧ କୋଟି ଟଙ୍କା ଯୋଗାଇଦିଆଯାଇଥିବା ମନ୍ତ୍ରଣାଳୟ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛି।



# ଭାରତ-ଜର୍ମାନୀ ୨୦ ଚୁକ୍ତି

### ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ ପାଇଁ ସଂକଳ୍ପ

ନୂଆଦିଲ୍ଲୀ,୧।୧୧(ଆଇଏଏନ୍ଏସ୍)

ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଜର୍ମାନ୍ ଚାନ୍‌ସେଲର ଆଞ୍ଜେଲା ମର୍କେଲ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦୁଇଦେଶ ମଧ୍ୟରେ କୃଷି, କୃତ୍ରିମ ବୌଦ୍ଧିକତା, ସବୁଜ ସହରାଞ୍ଚଳ ପରିବହନ ସମେତ ୨୦ଟି ରାଜିନାମା ସ୍ୱାକ୍ଷର ହୋଇଛି। ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ ପାଇଁ ଦୁଇନେତା ସଂକଳ୍ପ ନେଇଛନ୍ତି। କୃତ୍ରିମ ବୌଦ୍ଧିକତା ଓ ଡିଜିଟାଲ ଟ୍ରାନ୍ସଫର୍ମେଶନ୍ କ୍ଷେତ୍ରରେ ସହଯୋଗକୁ ଅଧିକ ମଜଭୁତ କରିବା ଉପରେ ମିଳିତ ବିବୃତିରେ ଉଭୟ ନେତା ଗୁରୁତ୍ୱ ଦେଇଥିଲେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ଆତଙ୍କବାଦ ଓ ଉଗ୍ରବାଦ ବିରୋଧରେ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ସହଯୋଗ ବଢ଼ାଇବା ପାଇଁ ଭାରତ ଓ ଜର୍ମାନୀ ସଂକଳ୍ପ ନେଇଛନ୍ତି। ଏହା ବ୍ୟତୀତ ନୂତନ ତଥା ଆଧୁନିକ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଉଭୟ ପକ୍ଷ ଗୁରୁତ୍ୱ ଦେବା ସହ ଦକ୍ଷତା ବିକାଶ, ଶିକ୍ଷା, ସାଇବର ସୁରକ୍ଷା କ୍ଷେତ୍ରରେ ସହଯୋଗକୁ ପ୍ରାଧାନ୍ୟ ଦେଇଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଇ-ମୋବିଲିଟି, ଫୁଏଲ୍ ସେଲ୍ ଟେକ୍‌ନୋଲୋଜି, ସ୍ମାର୍ଟ ସିଟି, ଅନ୍ତର୍ଦ୍ଦେଶୀୟ ଜଳମାର୍ଗ, ଉପକୂଳ ପରିଚାଳନା, ନଦୀ ପରିଷ୍କରଣ ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ସହଯୋଗ ନେଇ ମଧ୍ୟ ଦୁଇଦେଶ ରାଜି ହୋଇଛନ୍ତି। ଉତ୍ତରପ୍ରଦେଶ ଓ ତାମିଲନାଡୁରେ ଥିବା ପ୍ରତିରକ୍ଷା କରିଡରରେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାଗନେବା ପାଇଁ ଜର୍ମାନୀକୁ ଆମନ୍ତ୍ରଣ କରାଯାଇଛି। ୨୦୨୨ ସୁଦ୍ଧା ନୂଆ ଭାରତ ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲାବେଳେ ଜର୍ମାନୀ ଭଳି ବୈଷୟିକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ର ଏ ଦିଗରେ ସହାୟକ ହୋଇପାରିବ। ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ଲାଗି ଦୁଇଦେଶ ସହଯୋଗ ଜାରି ରଖିବେ ବୋଲି ମୋଦି କହିଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ରରେ ଭାରତ-ଜର୍ମାନୀ ଭାଗୀଦାରିତାକୁ ଉଭୟ ନେତା ସ୍ୱାଗତ କରିଥିଲେ। ଆମ ସହଯୋଗର ଏହା ଏକ ବଡ଼ ଅଂଶ ବୋଲି ମର୍କେଲ କହିଥିଲେ।

ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀ ମୋଦି ଜର୍ମାନ୍ ଚାନ୍‌ସେଲରଙ୍କୁ ସ୍ୱାଗତ କରିଥିଲେ। ଭାରତ ଓ ଜର୍ମାନୀ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଥିବା ମର୍କେଲ କହିଛନ୍ତି। ପଞ୍ଚମ ଆନ୍ତଃସରକାର ପରାମର୍ଶ ଆଲୋଚନାରେ ଭାଗନେବା ଲାଗି ଭାରତ ଆସିଥିବାରୁ ସେ ବହୁତ ଖୁସି ବୋଲି କହିବା ସହିତ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଧନ୍ୟବାଦ ଜଣାଇଥିଲେ। ମର୍କେଲଙ୍କ ସହ ଜର୍ମାନୀର ବହିର୍ବ୍ୟାପାର, ବିଜ୍ଞାନ ଓ ଶିକ୍ଷା, ଖାଦ୍ୟ ଓ କୃଷିମନ୍ତ୍ରୀ ଏବଂ ଅଫିସରମାନଙ୍କ ଏକ ପ୍ରତିନିଧି ଦଳ ଭାରତ ଆସିଛନ୍ତି।



## ଇତିହାସର ଆଇନାରେ

### ନଭେମ୍ବର ୨ର ପ୍ରମୁଖ ଘଟଣା

୧୯୬୫ ନଭେମ୍ବର ୨ରେ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍ ଜନ୍ମଗ୍ରହଣ କରିଥିଲେ। ସେ ୮୦ରୁ ଊର୍ଦ୍ଧ୍ୱ ବଲିଉଡ୍ ଫିଲ୍ମରେ ନିଖୁଣ ଅଭିନୟ କରିବା ସହ ୧୪ଟି ଫିଲ୍ମ ଫେୟାର୍ ଆୱାର୍ଡ ପାଇଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ୨୦୦୫ ମସିହାରେ ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯାଇଛି।

୧୯୮୪ ନଭେମ୍ବର ୨ରେ ଆମେରିକାର ସିରିୟଲ୍ କିଲର ଭାବେ ପରିଚିତ ଭେଲ୍‌ମା ବର୍‌ଫିଲ୍ଡ ଏକ ହତ୍ୟାକାଣ୍ଡ ମାମଲାରେ ଜଡ଼ିତ ଥିବା ସ୍ୱୀକାର କରିବା ପରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ବର୍‌ଫିଲ୍ଡଙ୍କ କ୍ଷମା ନିବେଦନକୁ ସଂଘୀୟ କୋର୍ଟ ଖାରଜ୍ କରିଦେଇଥିଲେ।

# କର୍‌ତାରପୁର ଯିବା ଲାଗି ଭାରତୀୟ ଶିଖ୍‌ଙ୍କୁ ପାସ୍‌ପୋର୍ଟ ଦରକାର ନାହିଁ

ଇସ୍‌ଲାମାବାଦ,୧।୧୧(ପି.ଟି.)

କର୍‌ତାରପୁର ଦର୍‌ବାର ସାହିବ ଗୁରୁଦ୍ୱାର ଯିବା ଲାଗି ଭାରତୀୟ ଶିଖ୍ ତୀର୍ଥଯାତ୍ରୀମାନଙ୍କ କ୍ଷେତ୍ରରେ ପାସ୍‌ପୋର୍ଟ ଆବଶ୍ୟକ ନାହିଁ। ଏଥିସହିତ ସେମାନଙ୍କୁ ୧୦ଦିନ ପୂର୍ବରୁ ଆଗୁଆ ନାମ ପଞ୍ଜୀକରଣ କରିବାକୁ ମଧ୍ୟ ପଡ଼ିବନି। ତୀର୍ଥଯାତ୍ରୀମାନଙ୍କୁ କେବଳ ଏକ ବୈଧ ପରିଚୟପତ୍ର ସାଙ୍ଗରେ ନେବାକୁ ହେବ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଶୁକ୍ରବାର ଘୋଷଣା କରିଛନ୍ତି। ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ସଦିଚ୍ଛାମୂଳକ ପଦକ୍ଷେପ ସ୍ୱରୂପ ଇସ୍‌ଲାମାବାଦ ପକ୍ଷରୁ ଏଭଳି ଘୋଷଣା କରାଯାଇଛି। ୯ ତାରିଖ କର୍‌ତାରପୁର କରିଡର ଉଦ୍‌ଘାଟନ ଏବଂ ୧୨ ତାରିଖ ଶିଖ୍ ଗୁରୁଙ୍କ ଜନ୍ମବାର୍ଷିକୀ ଦିନ ଯେଉଁମାନେ ପାକିସ୍ତାନ ଆସିବେ ସେମାନଙ୍କ କ୍ଷେତ୍ରରେ ସେବା ଶୁଳ୍କ ମଧ୍ୟ ଲାଗିବ ନାହିଁ। ତେବେ ଅନ୍ୟ ଦିନଗୁଡିକରେ ଦରବାର ସାହିବ ଗୁରୁଦ୍ୱାର ଗଲେ ଭାରତୀୟ ତୀର୍ଥଯାତ୍ରୀଙ୍କୁ ୨୦ ଡଲାର ଶୁଳ୍କ ଦେବାକୁ ପଡିବ।


ଇମ୍ରାନ ଖାନ୍

## ହଲୋୱିନ୍ ନାଇଟ ପାଳନ ବେଳେ ଗୁଳି: ୪ ମୃତ

ଲସ୍ ଏଞ୍ଜେଲସ୍,୧।୧୧: କାଲିଫର୍ନିଆର ସାନ୍ ଫ୍ରାନ୍ସିସ୍‌କୋ ସହର ନିକଟରେ ହଲୋୱିନ ନାଇଟ୍ ପାଳନ ବେଳେ ଗୁଳିକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯ ଆହତ ହୋଇଛନ୍ତି। ଗୁରୁବାର ରାତିରେ ଓରିଣ୍ଡାର ଏକ ଭଡ଼ାଘରେ ଏହି ଗୁଳିକାଣ୍ଡ ଘଟିଛି। ହଲୋୱିନ ପାର୍ଟିରେ ଶତାଧିକ ଲୋକ ସାମିଲ ହୋଇଥିଲେ ବୋଲି ପୋଲିସ କହିଛି।

## ୨୦୦୮ ସିଆର୍‌ପିଏଫ୍ କ୍ୟାମ୍ପ୍ ଆକ୍ରମଣ ମାମଲା

# ୩ ପାକିସ୍ତାନୀ ସମେତ ୬ ଦୋଷୀ

ରାମପୁର(ଉତ୍ତରପ୍ରଦେଶ), ୧।୧୧(ଆଇଏଏନ୍ଏସ୍)

୧୨ ବର୍ଷ ତଳର ସିଆର୍‌ପିଏଫ୍ କ୍ୟାମ୍ପ ଆକ୍ରମଣ ଘଟଣାରେ ୮ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ରାମପୁରର ଅତିରିକ୍ତ ଜିଲା ଜଜ୍ କୋର୍ଟ ଦୋଷୀସାବ୍ୟସ୍ତ କରିଛନ୍ତି। ପ୍ରମାଣ ଅଭାବରୁ ଅନ୍ୟ ୨ ଜଣଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରାଯାଇଛି। ଦୋଷୀସାବ୍ୟସ୍ତ ୬ ଆତଙ୍କବାଦୀଙ୍କ ମଧ୍ୟରୁ ୩ ଜଣ ପାକିସ୍ତାନୀ ନାଗରିକ। ଶନିବାର ଦଣ୍ଡ ଶୁଣାଣି ହେବ ବୋଲି ଅଦାଲତ କହିଛନ୍ତି। ୨୦୦୮ ଜାନୁୟାରୀ ୧ ଭୋର ସମୟରେ ରାମପୁରସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପ୍ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୭ ଯବାନ ଶହୀଦ ହେବା ସହ ଜଣେ ରିକ୍ସାଚାଳକ ନିହତ ହୋଇଥିଲେ। ଅଭିଯୁକ୍ତମାନେ ଏବେ ଲକ୍ଷ୍ନୌ ଓ ବରେଲି ଜେଲ୍‌ରେ ଅଛନ୍ତି।

# ‘ମହାରାଷ୍ଟ୍ରକୁ ମିଳିବ ଶିବସେନା ମୁଖ୍ୟମନ୍ତ୍ରୀ’

ମୁମ୍ବାଇ,୧।୧୧

ମହାରାଷ୍ଟ୍ରରେ କ୍ଷମତା ଭାଗବଣ୍ଟାକୁ ନେଇ ଦୁଇ ସହଯୋଗୀଙ୍କ ମଧ୍ୟରେ ହିସାବ ଛିଣ୍ଡୁ ନ ଥିବାରୁ ସରକାର ଗଠନ ପ୍ରକ୍ରିୟା ବିଳମ୍ବିତ ହେବାରେ ଲାଗିଛି। ଏଭଳି ସମୟରେ ରାଜ୍ୟରେ ଜଣେ ଶିବସେନା ନେତା ହିଁ ମୁଖ୍ୟମନ୍ତ୍ରୀ ଆସନରେ ବସିବେ ବୋଲି ଦଳର ବରିଷ୍ଠ ନେତା ସଞ୍ଜୟ ରାଉତ୍ କହିଛନ୍ତି। ଏହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

୫୦:୫୦ ସୂତ୍ରରେ ମୁଖ୍ୟମନ୍ତ୍ରୀ ଚୌକିରେ ଭାଜପା ଓ ଶିବସେନା ବସିବେ ବୋଲି ଜିଦ୍‌ରେ ଶିବସେନା ଅଡ଼ିବସିଛି। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ପୁଅ ତଥା ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଆଦିତ୍ୟ ଠାକ୍‌ରେଙ୍କ ନେତୃତ୍ୱରେ ଗୁରୁବାର ଏକ ପ୍ରତିନିଧି ଦଳ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଭେଟିଥିଲା। ସେପଟେ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ସାକ୍ଷାତ କରିଥିଲେ। ଏହାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଶୁକ୍ରବାର ସଞ୍ଜୟ କହିଛନ୍ତି, ସରକାର ଗଠନ ପାଇଁ ଭାଜପା ସହ କିଛି ଆଲୋଚନା ହୋଇନାହିଁ। ସେମାନେ ବଡ଼ ଲୋକ। ତେଣୁ ଭାଜପାକୁ ମହଲତ ଦିଆଯାଇନାହିଁ। ଶିବସେନା ଚାହିଁଲେ ଆବଶ୍ୟକ ସଂଖ୍ୟା ଠୁଳକରି ଏକ ସ୍ଥିର ସରକାର ଗଠନ କରିପାରିବ। ରାଜ୍ୟବାସୀ ୫୦:୫୦ ଫର୍ମୁଲା ଅନୁସାରେ ଭୋଟ ଦେଇଛନ୍ତି। ମହାରାଷ୍ଟ୍ରରେ ଶିବସେନାରୁ ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ସଞ୍ଜୟ ସ୍ପଷ୍ଟ କରିଛନ୍ତି। ପାୱାରଙ୍କ ଦଳ ଏନ୍‌ସିପି ସ୍ଥିତି ଉପରେ ନଜର ରଖିଥିବାବେଳେ ଶିବସେନା ପ୍ରତି ଭାଜପା ବିଶ୍ୱାସଘାତକତା କରିଛି ବୋଲି କଂଗ୍ରେସ କହିଛି। ଏପରିସ୍ଥଳେ ଆସନ୍ତା ୭ ତାରିଖ ମଧ୍ୟରେ ମହାରାଷ୍ଟ୍ରରେ ନୂଆ ସରକାର ଗଠନ ନ ହେଲେ ରାଷ୍ଟ୍ରପତି ଶାସନ ଜାରି ହେବ ବୋଲି ରାଜ୍ୟର ଅର୍ଥମନ୍ତ୍ରୀ ତଥା ଭାଜପା ନେତା ସୁଧୀର ମୁଙ୍ଗାନ୍ତିୱର କହିଛନ୍ତି। କାରଣ ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୮ରେ ଶେଷ ହେଉଛି।


ସଞ୍ଜୟ ରାଉତ




ଦିଲ୍ଲୀ ପ୍ରଦୂଷଣ




# ହାଇକୋର୍ଟ ବାର୍ ଆସୋସିଏଶନ ଆନ୍ଦୋଳନ ସ୍ଥଗିତ

**କଟକ ଅଫିସ, ୧।୧୧**

**ସୋମବାରଠୁ କାର୍ଯ୍ୟରେ ଯୋଗଦେବେ ଆଇନଜୀବୀ**

ବିଭିନ୍ନ ଦାବିରେ ଅକ୍ଟୋବର ୧୪ରୁ ଚାଲିଥିବା କୋର୍ଟ ବର୍ଜନ ଆନ୍ଦୋଳନକୁ ଶୁକ୍ରବାର ସ୍ଥଗିତ ରଖିଛି ହାଇକୋର୍ଟ ବାର୍ ଆସୋସିଏଶନ। ବାର୍ ଆସୋସିଏଶନ ହଲ୍‌ରେ ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ସୋମବାରଠାରୁ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରେ ଯୋଗଦେବେ। ବାର୍ କାଉନସିଲ ଅଫ୍ ଇଣ୍ଡିଆର ଅନୁରୋଧ, ସଂଖ୍ୟାଧିକ ବରିଷ୍ଠ ଆଇନଜୀବୀଙ୍କ ପ୍ରସ୍ତାବ ଏବଂ କେନ୍ଦ୍ର ଆଇନମନ୍ତ୍ରୀଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତିକୁ ବିଚାରକୁ ନେଇ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। କିନ୍ତୁ ଆଇନଜୀବୀଙ୍କ ସ୍ୱାର୍ଥ ଏବଂ ସ୍ୱାଧୀନତା ରକ୍ଷା ପାଇଁ ବାର୍ ଆସୋସିଏଶନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ଫୋରମ୍‌ରେ ଦାବି ଉପସ୍ଥାପନ କରାଯିବ ବୋଲି ସଭାପତି ମହାନ୍ତି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଶା ହାଇକୋର୍ଟ ତଥା ରାଜ୍ୟର ଅନ୍ୟ ନିମ୍ନ ଅଦାଲତରେ ଖାଲି ପଡ଼ିଥିବା ବିଚାରପତି ପଦବୀ ପୂରଣ, ବିଚାରପତି ନିଯୁକ୍ତି ପାଇଁ ରହିଥିବା କଲେଜିୟମ ବ୍ୟବସ୍ଥାରେ ସୁଧାର ନିମନ୍ତେ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆସୋସିଏଶନ ପକ୍ଷରୁ ସେପ୍ଟେମ୍ବରରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଅକ୍ଟୋବର ୧୪ରେ ଆସୋସିଏଶନ ପକ୍ଷରୁ ହାଇକୋର୍ଟଙ୍କ ସମସ୍ତ କୋର୍ଟ ବର୍ଜନ କରାଯାଇଥିଲା। ଏହି ଆନ୍ଦୋଳନରେ ରାଜ୍ୟରେ ରହିଥିବା ଅନ୍ୟ ବାର୍ ଆସୋସିଏଶନ ମଧ୍ୟ ସାମିଲ ହୋଇଥିଲେ। ଏହାକୁ ନେଇ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି ହାଇକୋର୍ଟଙ୍କ ଫୁଲ୍ ବେଞ୍ଚ ଗତ ଅକ୍ଟୋବର ୧୫ରେ କରିଥିଲେ। ଏନେଇ ହାଇକୋର୍ଟ ବାର୍ ଆସୋସିଏଶନ ଓ ଅନ୍ୟ ୬୭ ବାର୍ ଆସୋସିଏଶନ ସହ ୧୩୩ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରାଯାଇଥିଲା। ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟରେ ଏକ ମାମଲାର ଶୁଣାଣି ବେଳେ ଉପରୋକ୍ତ ଆନ୍ଦୋଳନ ପ୍ରସଙ୍ଗ ଉତ୍ଥାପନ ହୋଇଥିଲା। ଏନେଇ ସୁପ୍ରିମ୍‌କୋର୍ଟ କ୍ଷୋଭ ପ୍ରକାଶ କରିବା ସହ ଓଡ଼ିଶା ବାର୍ କାଉନ୍‌ସିଲ ଅଧ୍ୟକ୍ଷ ଏବଂ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତିଙ୍କୁ ଆସନ୍ତା ୮ତାରିଖରେ ହେବାକୁ ଥିବା ଶୁଣାଣିରେ ବ୍ୟକ୍ତିଗତ ହାଜର ହେବାକୁ ନୋଟିସ୍ ଜାରି କରିଥିଲେ। ସେହିପରି ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ପକ୍ଷରୁ ମୋଟ୍ ୬୮ ବାର୍ ଆସୋସିଏଶନକୁ ତୁରନ୍ତ କୋର୍ଟ ବର୍ଜନ ଆନ୍ଦୋଳନରୁ ଓହରିବାକୁ କୁହା ଯାଇଥିଲା।

# ଯୁବକଙ୍କୁ ହତ୍ୟା କରି ଘର ସାମ୍ନାରେ ପକାଇ ଦେଲେ

**ଝାରବନ୍ଧ, ୧।୧୧ (ଡି.ଏନ.ଏ.)**

**ସନ୍ଦେହରେ ୩ ଅଟକ**

ବରଗଡ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ତୁର୍ଲା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ମୃତକ ହେଲେ ତୁର୍ଲା ଗ୍ରାମର ଲକ୍ଷ୍ମୀକାନ୍ତ କଲେତ (୪୫) । ଏ ନେଇ ଝାରବନ୍ଧ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି । ବରଗଡ ଏସ୍‌ପି ପଦ୍ମିନୀ ସାହୁ ଓ ପଦ୍ମପୁର ଏସ୍‌ଡିପିଓ ପ୍ରଦୀପ ସାହୁ ତୁର୍ଲା ଗ୍ରାମକୁ ଯାଇ ମୃତକଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିଛନ୍ତି । ଏ ନେଇ ଝାରବନ୍ଧ ଥାନାରେ ଦଫା ୩୦୨/୩୪ରେ ଏକ ହତ୍ୟା ମାମଲା (ନଂ.୧୦୬/୧୯) ରୁଜୁ ହୋଇଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଛି । ହତ୍ୟା ସନ୍ଦେହରେ ପୋଲିସ ତୁର୍ଲା ଗ୍ରାମର ୩ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି ।

ସୂଚନା ଅନୁସାରେ, ଗୁରୁବାର ରାତିରେ ଲକ୍ଷ୍ମୀକାନ୍ତ ଓ ତାଙ୍କ ସାଙ୍ଗମାନେ ଭୋଜିଭାତ ଆୟୋଜନ କରିଥିଲେ । ଲକ୍ଷ୍ମୀକାନ୍ତ ରାତି ପ୍ରାୟ ୮ଟାରେ ଘରୁ ଆସିଥିଲେ । ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଆଉ ଘରକୁ ଫେରି ନ ଥିଲେ। ଶେଷରେ ତାଙ୍କ କ୍ଷତବିକ୍ଷତ ମୃତଦେହ ଘର ସାମ୍ନାରେ ପଡିଥିବା ଦେଖିବାକୁ ମିଳିଥିଲା। ତାଙ୍କ ମୁଣ୍ଡ ଓ ବେକରେ ଗଭୀର କ୍ଷତ ଚିହ୍ନ ଥିଲା । ତେଣୁ ତାଙ୍କୁ କେହି ହତ୍ୟା କରିବା ପରେ ମୃତଦେହକୁ ଘର ସାମ୍ନାରେ ପକାଇ ଚାଲି ଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ହତ୍ୟାକାରୀଙ୍କୁ ଶୀଘ୍ର ଗିରଫ କରୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

# ଚାକିରି ସର୍ତ୍ତାବଳୀ ଉପରେ ପାଠ ପଢ଼ିବେ ସବୁ କଲେଜ ଅଧ୍ୟକ୍ଷ

- ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ନିଷ୍ପତ୍ତି
- ପର୍ଯ୍ୟାୟକ୍ରମେ ଦିଆଯିବ ପ୍ରଶିକ୍ଷଣ

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ):** ରାଜ୍ୟରେ ଥିବା ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ଦକ୍ଷତା ବିକାଶ କରାଯିବ। ସେମାନେ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଫେଲ୍ ମାରିବା ଯୋଗୁ ଏଭଳି ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନେ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟତଃ ଚାକିରି ସର୍ତ୍ତାବଳୀ ଏବଂ ଆର୍ଥିକ ବ୍ୟବସ୍ଥାର ସୁପରିଚାଳନା କରିବାରେ ଅଧ୍ୟକ୍ଷମାନେ ସେତେଟା ଜ୍ଞାନ ରଖି ନ ଥିବାରୁ ଅଧିକାଂଶ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ କଲେଜର ତଳିଆ କର୍ମଚାରୀମାନେ ଅଧ୍ୟକ୍ଷଙ୍କୁ ଭୁଲ୍ ତଥ୍ୟ ଦେଇ ଓଲଟା ଦିଗରେ ନେବାରେ ସଫଳ ହେଉଥିବା ଉଚ୍ଚଶିକ୍ଷା ବିଭାଗ ନଜରକୁ ଆସିଛି। ଏହାସହିତ ଅଧ୍ୟକ୍ଷମାନଙ୍କ ସେତେଟା ଜ୍ଞାନ ଚାକିରି ସର୍ତ୍ତାବଳୀ ଉପରେ ନ ରହିବା ଯୋଗୁ ପେନ୍‌ସନ କାମ, ଦରମା ସମସ୍ୟା ଆଦି ଭୁଲ୍ ଭଟକା ହେଉଛି।

ଉଚ୍ଚଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା କଥା, ଅଧ୍ୟକ୍ଷମାନେ କେବେହେଲେ ଆଇଏଏସ୍, ଓଏଏସ୍‌ଙ୍କ ଭଳି କୌଣସି ଟ୍ରେନିଂ ପାଇଲେ ନାହିଁ। ସେମାନେ କେବଳ ପାଠ ପଢାଇଲେ ତା'ପରେ ଅଧ୍ୟକ୍ଷ ହେଲେ, ସବୁ ଉପରେ ସେମାନଙ୍କ ଜ୍ଞାନ ରହିଲା ନାହିଁ। ତେଣୁ ଏସବୁ ଉପରେ ସେମାନଙ୍କୁ ପ୍ରଶିକ୍ଷଣ ହେବା ପାଇଁ ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ସ୍ଥିର କରାଯାଇଛି। ବୈଠକ ଅନୁଯାୟୀ, ରାଜ୍ୟର ସମସ୍ତ ୧୦୭୦ ଉଚ୍ଚଶିକ୍ଷା କଲେଜରେ ଅଧ୍ୟକ୍ଷମାନଙ୍କୁ ଏଥିପାଇଁ ପ୍ରଶିକ୍ଷଣ ଦିଆଯିବ। ଏକକାଳୀନ ସବୁ କଲେଜର ଅଧ୍ୟକ୍ଷଙ୍କୁ ପ୍ରଶିକ୍ଷଣ ଦେବା ସମ୍ଭବ ହେଉ ନ ଥିବାରୁ ପ୍ରତି ପର୍ଯ୍ୟାୟରେ ୩୦୦ କଲେଜ ଅଧ୍ୟକ୍ଷଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ । ପ୍ରଶିକ୍ଷଣ ଦିଆ ନ ଯିବା କାରଣରୁ ରୁଷା ଏବଂ ବିଶ୍ୱ ବ୍ୟାଙ୍କରୁ ଆସୁଥିବା ଅର୍ଥର ଉପଯୁକ୍ତ ଖର୍ଚ୍ଚ ମଧ୍ୟ କରାଯାଇପାରୁ ନାହିଁ, ଯେଉଁଥିପାଇଁ ରୁଷା ଏବଂ ବିଶ୍ୱବ୍ୟାଙ୍କ ଦେଉଥିବା ଅର୍ଥ ଅନେକ ସମୟରେ ବାଟମାରଣା ହେଉଥିବା ଲକ୍ଷ୍ୟ କରାଯାଉଛି। କଲେଜ ଅଧ୍ୟକ୍ଷମାନଙ୍କୁ ସଚେତନ କରିବା ସକାଶେ ଏକ ବୁକ୍‌ଲେଟ୍ ମଧ୍ୟ ତିଆରି ହେବ। କଲେଜରେ ୭୫ ପ୍ରତିଶତ ଉପସ୍ଥାନ ପରିଚାଳନା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ପ୍ରଶିକ୍ଷଣ ଶିବିରରେ ଟ୍ରେନିଂ ଦିଆଯିବ। କଲେଜ ଅଧ୍ୟାପକମାନେ ମନ୍ତ୍ରୀ ଏବଂ ସଚିବମାନଙ୍କ ପାଖକୁ ନେଇ ଆସୁଥିବା ଅଭିଯୋଗକୁ ଭିତ୍ତିକରି ଉଚ୍ଚଶିକ୍ଷା ବିଭାଗ ଏନେଇ ପଦକ୍ଷେପ ନେଉଥିବା ଜଣାପଡିଛି।

Taste the difference!
Vencobb FRESH CHICKEN
31.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 63 | 110 | 120 |
| CTC | 64 | 111 | 121 |
| DKL | 63 | 110 | 120 |
| BDK | 66 | 114 | 124 |
| BLS | 68 | 116 | 126 |
| ANG | 65 | 113 | 123 |
| BHM | 59 | 105 | 115 |

*Conditions Apply
Issued in the Interest of Consumers

# କଟକ ବାଲିଯାତ୍ରାକୁ ମିଳିବ ରାଜ୍ୟସ୍ତରୀୟ ମହୋତ୍ସବ ମାନ୍ୟତା

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ)**

ଐତିହାସିକ କଟକ ବାଲିଯାତ୍ରାକୁ ମିଳିବ ରାଜ୍ୟସ୍ତରୀୟ ମହୋତ୍ସବ ମାନ୍ୟତା। ଏଥିସହ ଏହି ସର୍ବବୃହତ ମୁକ୍ତାକାଶ ମେଳା କିଭଳି ଜାତୀୟ ସ୍ତରରେ ମାନ୍ୟତା ପାଇବ ସେଥିପାଇଁ ଉଦ୍ୟମ କରାଯିବ ବୋଲି ପଞ୍ଚାୟତିରାଜ, ପାନୀୟଜଳ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ କହିଛନ୍ତି।


ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅଧିକାରୀମାନେ।

ଉତ୍କଳର ଗୌରବମୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଓ ଐତିହ୍ୟ ବହନ କରୁଥିବା ଏହି ବାଲିଯାତ୍ରା ପ୍ରତିବର୍ଷ କଟକ ମହାନଦୀ କୂଳରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥାଏ। ଏହି ବାଲିଯାତ୍ରାକୁ ରାଜ୍ୟ ତଥା ଜାତୀୟସ୍ତରୀୟ ମାନ୍ୟତା ପାଇଁ ଦାବି ହୋଇ ଆସୁଥିବାବେଳେ ଏହା ଉପରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକରି ଏହାକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବା ପାଇଁ ସ୍ଥିର ହେବା ସହ ଜାତୀୟ ମେଳାର ମାନ୍ୟତା ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହୋଇଛି। ବାଲିଯାତ୍ରାରେ ଦୈନିକ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଜନସମାଗମ ହେଉଛି। ଚଳିତବର୍ଷ ଏହାକୁ ସୁବ୍ୟବସ୍ଥିତ ଓ ଅଧିକ ସରସସୁନ୍ଦର କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୈଠକରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ଥିଲେ। ହୋଇଥିବା ନିଷ୍ପତ୍ତି ଅନୁସାରେ, ମେଳା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବାର୍ଷିକ ୨୦ଲକ୍ଷ ଟଙ୍କାର ଅନୁଦାନ ଦେବ। ପର୍ଯ୍ୟଟନ ବିଭାଗ ମଧ୍ୟ ଏଥିପାଇଁ ବାର୍ଷିକ ୨୦ ଲକ୍ଷ ଟଙ୍କା ଦେବା ସହ ବିଭାଗୀୟ କ୍ୟାଲେଣ୍ଡରରେ କଟକ ବାଲିଯାତ୍ରାକୁ ସ୍ଥାନିତ କରିବ। ସେହିଭଳି ବାଲିଯାତ୍ରାର ଭିତ୍ତିଭୂମି ବିକାଶ ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରତିବର୍ଷ ୫୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଚଳିତବର୍ଷ ବାଲିଯାତ୍ରାରେ ପାନୀୟଜଳ ଓ ପରିମଳ ବିଭାଗ ପକ୍ଷରୁ ୧୦୦ ଅସ୍ଥାୟୀ ଶୌଚାଳୟ ଓ ବିଶୁଦ୍ଧ ପିଇବା ପାଣିର ବ୍ୟବସ୍ଥା ହେବ। ଏତଦ୍‌ବ୍ୟତୀତ ଜଳସମ୍ପଦ, ପୂର୍ତ୍ତ, ସେସୁ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ମଧ୍ୟ ସମସ୍ତ ପ୍ରକାର ଆନୁଷଙ୍ଗିକ ସହଯୋଗ ଯୋଗାଇ ଦିଆଯିବ। କଟକ-ଭୁବନେଶ୍ୱର କମିଶନରେଟ ପୋଲିସ ତରଫରୁ ଆଇନଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଏବଂ ଅଗ୍ନିଶମ, ଓଡ୍ରାଫ ଓ ଏନ୍‌ଡିଆରଏଫ୍ ପକ୍ଷରୁ ମଧ୍ୟ ସହଯୋଗ ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ କୃଷି, ପଶୁସମ୍ପଦ, ଶିଳ୍ପ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବୟନଶିଳ୍ପ ବିଭାଗ ଏହି ମେଳାରେ ଅଂଶଗ୍ରହଣ କରିବେ। ବୈଠକରେ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ସଚିବ ବିଶାଳ ଦେବ, କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ ସାମଲ, କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରେମ୍ କୁମାର ଝା, ଅଗ୍ନିଶମ ଅଧିକାରୀ, କଟକ ଡିସିପି, ସିଏମ୍‌ସି ଅଧିକାରୀଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

- ସଂସ୍କୃତି, ପର୍ଯ୍ୟଟନ ବିଭାଗ ବାର୍ଷିକ ଦେବ ୨୦ଲକ୍ଷ ଅନୁଦାନ
- ବାଲିଯାତ୍ରା ଭିତ୍ତିଭୂମି ବିକାଶ ପାଇଁ ପ୍ରତିବର୍ଷ ଦିଆଯିବ ୫୦ଲକ୍ଷ

# ସ୍ୱର୍ଗଦ୍ୱାରରୁ ହଟିବ ବିଜୁଙ୍କ ସମାଧି

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ)**

- ସ୍ମାରକୀ ଭାବେ ରହିବ ସ୍ମୃତି ଫଳକ
- ବିକାଶ ପାଇଁ ୫କୋଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ଶବ ବାହକଙ୍କ ପାଇଁ ରହିବ ସ୍ୱତନ୍ତ୍ର ବ୍ୟବସ୍ଥା
- ଫୋନିକ୍ସ ଫାଉଣ୍ଡେଶନକୁ ଦାୟିତ୍ୱ

ପୁରୀ ସ୍ୱର୍ଗଦ୍ୱାରରେ ଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମାଧିସ୍ଥଳ ହଟିବ। ତେବେ ସେଠାରେ କେବଳ ସ୍ମୃତିଫଳକ ରହିବ ବୋଲି ବିଜେଡି ଏକ ଖବରଦାତା ସମ୍ମିଳନୀ ଜରିଆରେ ଶୁକ୍ରବାର ଘୋଷଣା କରିଛି। ଉକ୍ତ ସ୍ଥାନ ସାଧାରଣ ଲୋକଙ୍କ ସେବାରେ ସମ୍ପୂର୍ଣ୍ଣ ସମର୍ପିତ ହେବ ବୋଲି ଦଳ ପକ୍ଷରୁ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବିଜୁ ପଟ୍ଟନାୟକଙ୍କ ସମାଧି ପାଇଁ ସ୍ୱର୍ଗଦ୍ୱାରରେ ଏକ ବୃହତ୍ ଅଂଶ ସରକାରଙ୍କ ଦଖଲରେ ରହିଥିଲା, ଯାହାକୁ ନେଇ ଅନେକ ସମୟରେ ବିରୋଧୀ ପ୍ରଶ୍ନ ଉଠାଇ ଆସୁଥିଲେ।

ଅପରପକ୍ଷରେ ସ୍ୱର୍ଗଦ୍ୱାର ବିକାଶ ପାଇଁ ରାଜ୍ୟ ସରକାର ଶୁକ୍ରବାର ଏକ ପ୍ୟାକେଜ ଘୋଷଣା କରିଛନ୍ତି। ସ୍ୱର୍ଗଦ୍ୱାର ବିକାଶ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି କହିଛନ୍ତି। ଏହି ଅର୍ଥ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଭରଣା କରାଯିବ। ଏହି କାର୍ଯ୍ୟକୁ ଫୋନିକ୍ସ ଫାଉଣ୍ଡେଶନ ସହଯୋଗରେ ରାଜ୍ୟ ସରକାର କରିବେ। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଫନୀ ପ୍ରଭାବରେ ସ୍ୱର୍ଗଦ୍ୱାରର ବହୁତ କ୍ଷତି ହୋଇଥିଲା। ଉକ୍ତ କ୍ଷତିକୁ ଭରଣା କରିବା ଲାଗି ଏହି ପ୍ୟାକେଜ ଘୋଷଣା କରାଯାଇଥିବା ରାଜ୍ୟ ସରକାର ଘୋଷଣା କରିଛନ୍ତି। ଉକ୍ତ ବିକାଶ କାର୍ଯ୍ୟ ଦ୍ୱାରା ଶବଦାହଠାରୁ ଆରମ୍ଭ କରି ଶବ ବାହକଙ୍କ ଲାଗି ଅତ୍ୟାଧୁନିକ ବ୍ୟବସ୍ଥା କରାଯିବ। ସବୁ ଋତୁରେ ଯେପରି ସୁରୁଖୁରୁରେ ଶବ ଦାହ କରାଯାଇପାରିବ ସେଥିନିମନ୍ତେ ସ୍ୱର୍ଗଦ୍ୱାରଠାରେ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଯେଉଁମାନେ ଶବ ବାହକ ଆସିବେ ସେମାନଙ୍କ ସୁବିଧା କରିବା ପାଇଁ ବିଶ୍ରାମ କକ୍ଷଠାରୁ ଆରମ୍ଭ କରି ବ୍ୟାପକ ବୃକ୍ଷ ରୋପଣ ମଧ୍ୟ କରାଯିବ। ଅସ୍ଥି ସଂଗ୍ରହ ଏବଂ ଏହାର ସଂରକ୍ଷଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାହେବ। ଏହି କାର୍ଯ୍ୟ ୬ ମାସ ମଧ୍ୟରେ ଶେଷ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱର୍ଗତ ବିଜୁ ପଟ୍ଟନାୟକ କୋଟିକୋଟି ଓଡିଆଙ୍କ ହୃଦୟରେ ଅଛନ୍ତି। ସ୍ୱର୍ଗଦ୍ୱାରରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ଯାହା କିଛିଥିଲା ସେସବୁ ରାଜ୍ୟବାସୀଙ୍କ ସେବାରେ ଲାଗିବ। ସ୍ୱର୍ଗଦ୍ୱାରକୁ ବିଶ୍ୱାସର ପବିତ୍ର ଭୂମିଭାବେ ବର୍ଣ୍ଣନା କରି ଏହାର ବିକାଶରେ ସମସ୍ତଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହି ଅବସରରେ ପଞ୍ଚାୟତିରାଜ ମନ୍ତ୍ରୀ, କ୍ରୀଡ଼ା ମନ୍ତ୍ରୀ, ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ଶାସନ ସଚିବ, ପୁରୀ ଜିଲାପାଳ ଏବଂ ଫୋନିକ୍ସ ଫାଉଣ୍ଡେଶନର ଅଧ୍ୟକ୍ଷ ଉପସ୍ଥିତ ଥିଲେ।



**ଆଜିର ମନ୍ତବ୍ୟ**
ମହାରାଷ୍ଟ୍ର ବିଧାନସଭାର ବିରୋଧୀ ଆସନରେ ବସିବେ ଏନ୍‌ସିପି-କଂଗ୍ରେସ। 
-ଅଜିତ୍ ପାୱାର, ବରିଷ୍ଠ ଏନ୍‌ସିପି ନେତା

**କିଛି ତଥ୍ୟ**
୨୦୧୭-୧୮ରେ ୯୧୫.୨ ନିୟୁତ ୟୁପିଆଇ ଭିତ୍ତିକ ନେଣଦେଣ ହୋଇଥିବା ବେଳେ ୨୦୧୮-୧୯ରେ ପ୍ରାୟ ୫.୩୫ ବିଲିୟନ ନେଣଦେଣ ରେକର୍ଡ କରାଯାଇଛି। – ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ


## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ..............................


ଅଭିଲାଷା
ପରିବାରବର୍ଗ


ଓମ୍
ପରିବାରବର୍ଗ


ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଝାଡ଼ଖଣ୍ଡରେ ନିର୍ବାଚନୀ ବିଗୁଲ୍

- ଭିଡ଼ହିଂସା, ଅପରାଧ ବୃଦ୍ଧି ରଘୁବରଙ୍କ ମୁଣ୍ଡବ୍ୟଥା
- ମହାମେଣ୍ଟରେ ଆସନ ଭାଗବଣ୍ଟାକୁ ନେଇ ମତଭେଦ
- ହେମନ୍ତଙ୍କୁ ନେତା ମାନିବାକୁ ବାବୁଲାଲ ନାରାଜ


ମୁଖ୍ୟମନ୍ତ୍ରୀ ରଘୁବର ଦାସ

# ରଘୁବରଙ୍କୁ ହଟାଇବା ବିରୋଧୀଙ୍କ ପାଇଁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ/ରାଞ୍ଚି,୧।୧୧

ଝାଡ଼ଖଣ୍ଡ ବିଧାନସଭା ଭୋଟ ପାଇଁ ଶୁକ୍ରବାର ନିର୍ବାଚନ କମିଶନଙ୍କ ତାରିଖ ଘୋଷଣା ସହ ବିଧିବଦ୍ଧ ଭାବେ ବିଗୁଲ ବାଜିଛି। ଏହି ଆଦିବାସୀ ଅଧ୍ୟୁଷିତ ରାଜ୍ୟର ୨.୨୬ କୋଟି ଭୋଟର ୫ଟି ପର୍ଯ୍ୟାୟରେ ପୁଣି ପାଞ୍ଚବର୍ଷ ପାଇଁ ସେମାନଙ୍କ ପ୍ରତିନିଧି ବାଛିବେ। ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନର ଫଳାଫଳ ଝାଡ଼ଖଣ୍ଡ ଭୋଟକୁ ପ୍ରଭାବିତ କରିବ ବୋଲି କୁହାଯାଉଥିବେଳେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ଅଣ୍ଟା ଭିଡୁଛି ବିରୋଧୀ ମହାମେଣ୍ଟ। କାରଣ ସଦ୍ୟ ସମାପ୍ତ ଦୁଇ ରାଜ୍ୟରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲେ ହେଁ ପୂର୍ବାପେକ୍ଷା ଏହାର ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ। ଏଥିଯୋଗୁ ଗୈରିକ ଦଳ ହରିୟାଣାରେ ଜନନାୟକ ଜନତା ପାର୍ଟି (ଜେଜେପି) ସମର୍ଥନରେ ସରକାର ଗଠନ କରିଥିବାବେଳେ ମହାରାଷ୍ଟ୍ରରେ ପୁନଃ କ୍ଷମତାସୀନ ହେବା ପଥ ପରିଷ୍କାର ହୋଇନାହିଁ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ ରାଜ୍ୟରେ ଏକ ସ୍ଥିର, ସ୍ୱଚ୍ଛ ଓ ବିକାଶୋନ୍ମୁଖୀ ସରକାର ପ୍ରଦାନ କରିଥିବା ଦାବି କରି ପୁଣିଥରେ ମଇଦାନକୁ ଓହ୍ଲାଇଛନ୍ତି। ତେବେ ମହାମେଣ୍ଟ ଗଠନ ହେବା ପୂର୍ବରୁ ନେତାଙ୍କ ମତଭେଦ ସେମାନଙ୍କ ସ୍ୱପ୍ନକୁ ଧୂଳିସାତ୍ କରିପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତଦେଇଛନ୍ତି।

୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ୨୦୧୪ରେ ମଧ୍ୟ ୫ଟି ପର୍ଯ୍ୟାୟରେ ହୋଇଥିଲା। ଏଥିରେ ଭାଜପା ୩୭ ଆସନ ଦଖଲ କରିଥିବାବେଳେ ଏହାର ସହଯୋଗୀ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ ୟୁନିୟନ୍ (ଏଜେଏସ୍‌ୟୁ)କୁ ୫ ଆସନରେ ସଫଳତା ମିଳିଥିଲା। ସଂଖ୍ୟାଗରିଷ୍ଠତା ପାଇଁ ୪୧ ଆସନ ଆବଶ୍ୟକ ଥିବାବେଳେ ଭାଜପା-ଏଜେଏସ୍‌ୟୁ ମେଣ୍ଟ ସରକାର ଗଠନ କରିଥିଲା। ଅନ୍ୟପକ୍ଷରେ ୧୭ ଆସନ ପାଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ମୁଖ୍ୟ ବିରୋଧୀ ଦଳର ମାନ୍ୟତା ଲାଭ କରିଥିଲା। ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା-ପ୍ରଜାତାନ୍ତ୍ରିକ (ଜେଭିଏମ୍-ପି) ୮ ଓ କଂଗ୍ରେସ ୬ ଆସନରେ ସନ୍ତୁଷ୍ଟ ହୋଇଥିଲେ। ୨୦୧୪ ଡିସେମ୍ବର ୨୮ରେ ରଘୁବର ଦାସ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ସରକାର ଗଠନ ହେବା ପରେ ୬ ଜେଭିଏମ୍-ପି ବିଧାୟକ ଭାଜପାରେ ଯୋଗଦେଇଥିଲେ। ୨୦୨୦ ଜାନୁୟାରୀ ୫ରେ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ।

୨୦୦୦ ନଭେମ୍ବର ୧୫ରେ ବିହାରରୁ ଅଲଗା ହୋଇ ଝାଡ଼ଖଣ୍ଡ ରାଜ୍ୟ ଗଠନ ହେବା ପରଠୁ ଏହା ହେଉଛି ଚତୁର୍ଥ ବିଧାନସଭା ନିର୍ବାଚନ। ଏହି ନିର୍ବାଚନରେ ଭାଜପା ଏକାକୀ ୬୫ ଆସନ ଦଖଲ କରି ସରକାର ଗଢ଼ିବ ବୋଲି ରଘୁବର ଦୃଢ଼ୋକ୍ତି ବାଢ଼ିଛନ୍ତି। ଅନ୍ୟପକ୍ଷରେ ବିରୋଧୀ କଂଗ୍ରେସ ଏବଂ ଜେଏମ୍‌ଏମ୍ ମେଣ୍ଟ ରଘୁବର ଦାସ ସରକାରଙ୍କୁ କ୍ଷମତାରୁ ହଟାଇବା ପାଇଁ ଅଣ୍ଟାଭିଡ଼ିଛନ୍ତି। ରାଜ୍ୟ ଗଠନ ହେବା ପରଠୁ ରଘୁବର ହେଉଛନ୍ତି ଏକମାତ୍ର ମୁଖ୍ୟମନ୍ତ୍ରୀ ଯିଏ ସମ୍ପୂର୍ଣ୍ଣ ୫ ବର୍ଷ ସରକାର ଚଳାଇବାରେ ସକ୍ଷମ ହୋଇଛନ୍ତି। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଉଭୟ ଶାସକ ଓ ବିରୋଧୀ ପ୍ରଚାର ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ନିକଟରେ ଜୋହର ଜନାଶୀର୍ବାଦ ଯାତ୍ରା ଶେଷ କରିଛନ୍ତି। ସେହିପରି ମତଦାତାଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ୍ ପରିବର୍ତ୍ତନ ଯାତ୍ରା କରିଥିବାବେଳେ ଜେଭିଏମ୍-ପି ମୁଖ୍ୟ ବାବୁଲାଲ ମାର୍ଣ୍ଡି ଜନାଦେଶ ଯାତ୍ରାର ଆୟୋଜନ କରିଛନ୍ତି। ମିଳିଥିବା ସୂଚନାନୁସାରେ ଜେଏମ୍‌ଏମ୍ ୪୩ରୁ ୪୫, କଂଗ୍ରେସ ୨୫ରୁ ୨୭ ଆସନରେ ଲଢ଼ିପାରନ୍ତି। ସେହିପରି ମହାମେଣ୍ଟ ପକ୍ଷରୁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ ବାମଦଳକୁ ୫ଟି ଲେଖାଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ଦିଆଯାଇପାରେ। ତେବେ ହେମନ୍ତଙ୍କୁ ମହାମେଣ୍ଟ ନେତା ଭାବେ ଗ୍ରହଣ କରିବାକୁ ବାବୁଲାଲ ପ୍ରସ୍ତୁତ ନ ଥିବା ଜଣାପଡ଼ିଛି। କାରଣ ଅନ୍ୟୁନ ୨୨ ଆସନରେ ଜେଭିଏମ୍-ପି ପକ୍ଷରୁ ପ୍ରାର୍ଥୀ ଦେବା ପାଇଁ ବାବୁଲାଲ ଚାହୁଁଛନ୍ତି। ୫ ମାସ ତଳେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ରାଜ୍ୟର ୧୪ ଆସନରୁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୧୨ଟି ଆସନ ଦଖଲ କରିଥିଲା। ଏଭଳି ସମୟରେ ୧୯୯୫ରୁ ୫ ଥର ବିଧାୟକ ହୋଇ ପ୍ରଥମ ଅଣଆଦିବାସୀ ନେତା ଭାବେ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ରଘୁବର ଦାସଙ୍କୁ ଗାଦିଚ୍ୟୁତ କରିବା ବିରୋଧୀଙ୍କ ପାଇଁ ଏକ ବିରାଟ ଚ୍ୟାଲେଞ୍ଜ ହୋଇଛି। ତେବେ ରାଜ୍ୟରେ ଅପରାଧ ବିଶେଷକରି ଭିଡ଼ହିଂସା ବୃଦ୍ଧିପାଇବା ରଘୁବରଙ୍କ ପାଇଁ ଚିନ୍ତାର କାରଣ ସାଜିଥିବାବେଳେ ବିଗତ ୫ ବର୍ଷ ଧରି ଶାସକ ଭାଜପାରେ ବଢୁଥିବା ଅସନ୍ତୋଷ ତାଙ୍କୁ ଅଡୁଆରେ ପକାଇପାରେ। ପ୍ରକାଶ ଯେ, ୨୦୦୦ରେ ଝାଡ଼ଖଣ୍ଡ ଗଠନ ହେବାଠାରୁ ଭାଜପା ଅଧିକାଂଶ ସମୟ କ୍ଷମତାରେ ରହିଛି। କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ୨୦୦୯ ଓ ୨୦୦୪ରେ ସରକାର ଗଢ଼ିଥିଲା। ୨୦୧୪ରେ ଭାଜପା କ୍ଷମତାକୁ ଫେରିବା ପରେ ରଘୁବର ଶାସନ ଡୋରି ଧରିଥିଲେ।

### ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ

| ମତଦାନ | ପ୍ରଥମ ପର୍ଯ୍ୟାୟ | ଦ୍ୱିତୀୟ ପର୍ଯ୍ୟାୟ | ତୃତୀୟ ପର୍ଯ୍ୟାୟ | ଚତୁର୍ଥ ପର୍ଯ୍ୟାୟ | ପଞ୍ଚମ ପର୍ଯ୍ୟାୟ |
|---|---|---|---|---|---|
| ମୋଟ ଆସନ ସଂଖ୍ୟା -୮୧ | ୧୩ | ୨୦ | ୧୭ | ୧୫ | ୧୬ |
| ବିଜ୍ଞପ୍ତି ପ୍ରକାଶ | ୬.୧୧.୨୦୧୯ | ୧୧.୧୧.୨୦୧୯ | ୧୬.୧୧.୨୦୧୯ | ୨୨.୧୧.୨୦୧୯ | ୨୬.୧୧.୨୦୧୯ |
| ନାମାଙ୍କପତ୍ର ଦାଖଲ ଶେଷ | ୧୩.୧୧.୨୦୧୯ | ୧୮.୧୧.୨୦୧୯ | ୨୫.୧୧.୨୦୧୯ | ୨୯.୧୧.୨୦୧୯ | ୦୩.୧୨.୨୦୧୯ |
| ଯାଞ୍ଚ | ୧୪.୧୧.୨୦୧୯ | ୧୯.୧୧.୨୦୧୯ | ୨୬.୧୧.୨୦୧୯ | ୩୦.୧୧.୨୦୧୯ | ୦୪.୧୨.୨୦୧୯ |
| ନାମାଙ୍କନପତ୍ର ପ୍ରତ୍ୟାହାର | ୧୬.୧୧.୨୦୧୯ | ୨୧.୧୧.୨୦୧୯ | ୨୮.୧୧.୨୦୧୯ | ୦୨.୧୨.୨୦୧୯ | ୦୬.୧୨.୨୦୧୯ |
| ଭୋଟ ଗ୍ରହଣ | ୩୦.୧୧.୨୦୧୯ | ୦୭.୧୨.୨୦୧୯ | ୧୨.୧୨.୨୦୧୯ | ୧୬.୧୨.୨୦୧୯ | ୨୦.୧୨.୨୦୧୯ |

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବା ସୂଚନା ରହିଛି। ଛୋଟ ଘଟଣାରେ ବନ୍ଧୁ ସମ୍ପର୍କ ଫିକା ପଡ଼ିଯିବ ଏବଂ ଯାନବାହନରେ ଅସୁବିଧାର ସମ୍ମୁଖୀନ ହେବେ। ଭଲ ସମ୍ପର୍କ ନ ଥିବା ହିତଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ। ପ୍ରଶାସନ,ପ୍ରକାଶନ, ଅଧ୍ୟୟନ, ଅଧ୍ୟାପନା ଓ ସାହିତ୍ୟ, ଗବେଷଣା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** ଅଧିକାଂଶ ସମୟ ମାନସିକ ଅସ୍ଥିରତା ସାଙ୍ଗକୁ ଅତି ନିଜର ବୋଲି ଚିନ୍ତା କରୁଥିବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ । କୌଣସି ବନ୍ଧୁଙ୍କ ସହାୟତାରେ ବାଣିଜ୍ୟ,ବ୍ୟବସାୟ,ଏଜେନ୍ସିପ୍, ଓ ପରିବହନ କ୍ଷେତ୍ରରୁ ଲାଭବାନ୍ ହେବେ। ଅବଶ୍ୟ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜିର ଯାତ୍ରା ସଫଳ ହେବ।

**ମିଥୁନ** ପରିବାରର ଆକସ୍ମିକ ଭାବରେ ଖର୍ଚ୍ଚଭାର ବୃଦ୍ଧିପାଇବା କାରଣରୁ ଚିନ୍ତାପ୍ରକଟ କରିବେ। ଯାହାକୁ କିଛି ସହାନୁଭୂତି ଆଶାରେ କହିବାକୁ ଯିବେ, ସେ ଓଲଟା କଥା କହିପାରନ୍ତି। ସମସ୍ୟା ବିଜଡ଼ିତ ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟା ଡାକି ଆଣିଲା ଭଳି କାମ କରିପାରନ୍ତି। ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ** ଅତ୍ୟଧିକ ଭାବପ୍ରବଣତା କାରଣରୁ କର୍ମକ୍ଷେତ୍ରରେ ସାଧାରଣ ସମସ୍ୟା ଆସିଲେ ମଧ୍ୟ ତାହାକୁ ଠିକ୍ ଭାବରେ ସାମ୍ନା କରିବାର ସାହସ ରହି ପାରିବ ନାହିଁ । ଅତୀତ କଥାକୁ ସ୍ମରଣକରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ ଧାରଣା ସମସ୍ୟା ସୃଷ୍ଟି କରିବ। କରଜଦାତାଙ୍କ ଚାପ ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ସିଂହ** ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଉନ୍ନତିମୂଳକ କାମ ସକାଶେ ବନ୍ଧୁମାନଙ୍କୁ ଗଠନମୂଳକ ପ୍ରସ୍ତାବଦେଇ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ବ୍ୟବସାୟ, ପରିବହନ ଶିଳ୍ପ, ବାଣିଜ୍ୟ, ସକାଶେ ଦିନଟି ବହୁତ ଭଲ।

**କନ୍ୟା** କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିବା ପାଇଁ ଯେତେ ପ୍ରକାର ଚେଷ୍ଟାକଲେ ମଧ୍ୟ ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ନିଜ ପରିସରରେ ପିଲାଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲ କରିପାରିବେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ବହୁ କାମ ହାତକୁ ନେଇ ବ୍ୟଥିତ ହେବେ। ସଭାସମିତିରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ସମ୍ମାନ ବୃଦ୍ଧିପାଇବ ।

**ବିଛା** ପରିବାରରେ ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା କାରଣରୁ ବିଚଳିତବୋଧ କରିପାରନ୍ତି। ଏଜେନ୍ସିପ୍, ରାଜନୀତି, ନୂତନ କର୍ମାରମ୍ଭ, କଳା ଓ ସାହିତ୍ୟ ପ୍ରଭୃତିରୁ ସୁଫଳ ପାଇବେ। କୌଣସି ନୂତନ ବନ୍ଧୁଙ୍କ ସହ ଆତ୍ମୀୟତା ବୃଦ୍ଧି ପାଇପାରେ। ଆଜିର ଯାତ୍ରା,ବନ୍ଧୁ ସମ୍ପର୍କ, ନୂତନ କର୍ମାରମ୍ଭ,ବ୍ୟବସାୟ ଓ ନିର୍ମାଣମୂଳକ କାମରେ ସୁଫଳ ପାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ରୋକ୍‌ଠୋକ୍ କଥା ବନ୍ଧୁଙ୍କ ମନରେ ଆଘାତ ସୃଷ୍ଟି କରିବ। ଯାତ୍ରା ସମୟରେ ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ, ପରିବାରରେ ଭାଇଭଉଣୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଜୋର କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ ଆଦାୟ କରିବାରେ ସଫଳ ହେବେ।

**ମକର** ଖର୍ଚ୍ଚାନ୍ତ ହୋଇ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। କର୍ମକ୍ଷେତ୍ରରେ ଜଣେ ବାନ୍ଧବୀଙ୍କ କାମରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ପାଖ ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲର ଅପଚେଷ୍ଟା କରିବା ସୂଚନା ରହିଛି।

**କୁମ୍ଭ** ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଲାଗି ରହିବା କାରଣରୁ ଚେଷ୍ଟା କରୁଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇ ନ ପାରେ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ।

**ମୀନ** ପରିବାରରେ କିମ୍ବା ଆନୁଷ୍ଠାନିକ କାମରୁ ଅଥବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। ସାମୟିକ ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ,ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ତଥାପି ବିବାଦୀୟ ଘଟଣାରେ ବିଜୟୀ ହେବେ।

ଆଜି କାର୍ତ୍ତିକ ଶୁକ୍ଳ ଷଷ୍ଠୀ ଶନିବାର, ନଭେମ୍ବର ୨ ତାରିଖ, ଭଜନ ସମ୍ରାଟ ଭିକାରୀ ବଳଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ୬।୩୬ମି. ମଧ୍ୟେ ଘ୭।୨୧ମି. ଗତେ, ଘ୯।୩୭ମି. ମଧ୍ୟେ ଘ୧୧।୫୨ମି. ଗତେ, ଘ୨।୫୩ମି. ମଧ୍ୟେ ଘ୩।୩୮ମି. ଗତେ, ଘ୫।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ୬।୧୦ମି. ଗତେ ଘ୮।୪୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୪୧ମି. ଗତେ ଘ୧୦।୦୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile

SALE

White Mahindra Scorpio SLX in excellent condition, 3 Lakhs. 7978214375. D-68021

real estate

SALE

Gharabari boundary plot Infocity-2 near 200ft. road side. Direct owner-8144391451. D-68403

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

Land at Dhenkanal Plot No 3759, Khata No.655/568, mouza Indipur, area 3ace640 decml. Contact No. 9937227262, 9090972244. D-15028

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-14726

Flats for sale at DHPL Crystal Raghunathpur. Contact: 9937059891, 8908292617. D-14725

ପାରାଦ୍ୱୀପ ଏସସର ପେଟ୍ରୋଲ ଟାଙ୍କି (କଟକ-ପାରାଦ୍ୱୀପ ରାସ୍ତା) ପାଖରେ ୨୫ ଡେସିମିଲ ଘରବାଡି ଜମି ପାଚେରି ଏବଂ ଗେଟ୍ ସହ ୫୫ ଲକ୍ଷରେ ବିକ୍ରି ହେବ । ଯୋଗାଯୋଗ: ୯୯୩୮୨୧୯୪୩୪, ୯୧୧୪୩୯୫୭୦୬ ଧ-୧୪୯୭୬

Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

NH16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ possession ଥାଇ 399/-ରେ ମିଳୁଅଛି। 7504861292. D-68410

Gharabari plots at Balianta, Bhingarpur and Bagalpur. Immediate possession & registration, contact-9437147826. D-14924

ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829. D-68412

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

3800sqft GA plot immediately sale at Surya nagar, Bhubaneswar, only buyer directly contact Deepak-9937329999. D-68024

2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak-9937329999. D-68025

New 1BHK, 2BHK, 3BHK, Apartment in a primary location at Bhubaneswar with good ambience, open space, club, Gym, terrace garden, Joging Track & other features, property has high appreciation value@2850/-(sqft). Contact: 9078263828. D-15024

construction

Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777. D-15025

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Rejuvenate and ayurvedic full body massage by smart therapist. 9114402304. D-68145

Kajal Ayurvedic Massage club fully relaxed by smart lady home service available-9937637219. D-66984

Refresh your mind and soul with best therapy at Orchid Salon/Spa. 9937287222. D-66991

Full body herbal massage with refreshment expert therapist. 7381239385, 06742540855. D-68146

Experience full body massage with us (expert). Call: 7377048581, 06742597822. D-68147

Herbal full body massage by smart / expert therapist. Contact: 8338067247. D-68148

Summer special mesmerizing offer expert therapeutic refreshing massage appointment. 9668374480. D-68149

Ayurvedic full body massage ladies & gents smart therapist. 9040900385. D-66992

Newly open full body massage by ladies, gents therapist. 8018656899 D-60847

Ayurvedic full body massage by ladies, gents therapist. 7008773793 D-60848

business

Start gold silver Ornaments Business with Rs.6000/- only. Contact: 7504579078. D-68153

astrology

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ୱେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14886

**AFFIDAVIT**

Affidavit before Notary, Bhubaneswar, I Sri Anil Das, S/o Abhay Kumar Das At- Shandhapalli, Po- Pattamundai, Dist.- Kendrapara, do hereby solemnly affirm my actual name is Anil Das as per Aadhar card, but unfortunately my name has been mentioned as Anil Kumar Das in my HSC Certificate. I do hereby declare that Anil Das and Anil Kumar Das same person. D-15021

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By an affidavit sworn before Executive Magistrate, Bhubaneswar dated 31.10.2019 I, Baburam Muduli, S/o- Shankar Muduli resident of village-Bodal, P.O.- Bodal, P.S.- Naugaon, Dist.- Jagatsinghpur, Odisha declare that Baburam Muduli, S/o- Shankar Muduli and Babu Charan Muduli, S/o- Gunanidhi Muduli stands for one and same person. D- 15027

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**

ଓମପ୍ରସାଦ ନାୟକ
ଖୋରଡ, ନିମାପଡା-ପୁରୀ
୮ମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛୁ।
ଶୁଭେଚ୍ଛା ସହ:
ଜେଜେବାପା, ଜେଜେ ମା', ଅଜା, ଆଈ, ବଡବାପା, ବଡ ମା', ମମି, ବାବା, ପିଉସା, ପିଉସୀ, ସୋନୁ ଭାଇ, ଲକି ଭାଇ, ସ୍ୱପ୍ନା ଦିଦି ଓ ପରିବାରବର୍ଗ।
ଧ-୬୩୭୯୭

**ଜନ୍ମଦିନ ଶୁଭେଚ୍ଛା**

ଅଭିଳାଷା ଖମାରୀ (ସୁକୀର୍ତ୍ତି)
ବୁଗବୁଗା (ବରଗଡ଼)
ତୋର ଚଲାପଥ କୁସୁମିତ ହେଉ। ଆଜି ତୋର ପଞ୍ଚମ ଜନ୍ମବାର୍ଷିକୀରେ ମା' ସମଲେଶ୍ୱରୀଙ୍କଠାରେ ଆମର ଏତିକି ପ୍ରାର୍ଥନା। ସତ୍ୟଜିତ୍, ଅଭିଜିତ୍, ଅଭିଲିପ୍‌ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍‌ସା
ଧ-୧୫୦୨୩

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**

ରୁଦ୍ର ପ୍ରସାଦ (କାର୍ତ୍ତିକ୍)
ଗ୍ରାମ: ଉତ୍ତରା ଶାସନ, ଖରିଜା ପାଟଣା
ଆଜି ତୋର ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ବନ୍ଧୁ ଓ ପରିବାରବର୍ଗ।
ଧ-୧୫୦୨୬

## ସଂକ୍ଷେପରେ

### ୨ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ପଦୋନ୍ନତି

**କଟକ ଅଫିସ, ୧।୧୧:** ଷ୍ଟେଟ୍ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ ବୋର୍ଡ ନିଷ୍ପତ୍ତିକ୍ରମେ ଓଡ଼ିଶା ପୋଲିସର ୨ଜଣ ବରିଷ୍ଠ ଅଧିକାରୀଙ୍କୁ ପଦୋନ୍ନତି ସହ ବଦଳି କରାଯାଇଛି। ଡିଜିପି ବିଜୟ କୁମାର ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏ ନେଇ ଶୁକ୍ରବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅତିରିକ୍ତ ଆଇଜି ଭାବେ କାର୍ଯ୍ୟରତ ବସନ୍ତ କୁମାର ପାଣିଗ୍ରାହୀଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ପି ଭାବେ ପଦୋନ୍ନତି ଦିଆଯାଇଛି। ତେବେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ କଟକ ପୋଲିସ ମୁଖ୍ୟାଳୟ ଅତିରିକ୍ତ ଆଇଜି (ଆଇନ ଏବଂ ଶୃଙ୍ଖଳା) ଭାବେ ଡେପୁଟେଶନରେ ରହିବେ। ସେହିପରି ଭୁବନେଶ୍ୱର ସ୍ପେଶାଲବ୍ରାଞ୍ଚ ପୂର୍ବତନ ଏସ୍‌ପି-୨ ଅଶୋକ କୁମାର ବିଶ୍ୱାଳଙ୍କୁ ପଦୋନ୍ନତି ଦିଆଯିବା ସହ କଟକ ଏସ୍‌ଆରପିରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏସ୍‌ଆରପିରେ କାର୍ଯ୍ୟରତ କେ.କେ. ଡୋଙ୍ଗାୟତଙ୍କ ନୂତନ ବଦଳି ନିର୍ଦ୍ଦେଶନାମା ବାହାରିବା ପର୍ଯ୍ୟନ୍ତ ସେ ପୋଲିସ ମୁଖ୍ୟାଳୟରେ ରିପୋର୍ଟ କରିବେ।

# ଦୁର୍ନୀତିର ମୂଳୋତ୍ପାଟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧।୧୧(ବ୍ୟୁରୋ)



କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

- ଶପଥ ନେଲେ ଅଧିକାରୀ, କର୍ମଚାରୀ
- ୪୧୮ ଜଣଙ୍କ ବିରୋଧରେ ଭିଜିଲାନ୍ସ ମାମଲା, ୧୫୯ ଗିରଫ
- ତାଲିକାରେ ୩୪ ପ୍ରଥମ ଶ୍ରେଣୀ ଅଧିକାରୀ

ଦୁର୍ନୀତି ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। 'ମୋ ସରକାର' କାର୍ଯ୍ୟକ୍ରମରେ ୫-ଟି ବ୍ୟବସ୍ଥା ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ସହ ସଂସ୍କାର ଆଣିବ। ଫଳରେ ଲୋକେ ଉନ୍ନତ ସେବା ପାଇପାରିବେ। ତେବେ ଦୁର୍ନୀତିର ମୂଳୋତ୍ପଟନ ପାଇଁ ସଚେତନତା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଆହ୍ୱାନ ଦେଇଛନ୍ତି। ସେ କହିଲେ, ସ୍କୁଲ, କଲେଜ, ଗ୍ରାମସଭା ସମେତ ସ୍ୱୟଂ ସହାୟକ ଗୋଷ୍ଠୀଓ ଗ୍ରାମପଞ୍ଚାୟତର ସଦସ୍ୟଙ୍କୁ ଏହି ସଚେତନା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ରାଜ୍ୟ ଭିଜିଲାନ୍ସ ଭଲ କାର୍ଯ୍ୟ କରୁଥିବାରୁ ଖୁସିର କଥା। ଭିଜିଲାନ୍ସକୁ ଆହୁରି ଦକ୍ଷ କରିବା ପାଇଁ ଅନେକ ପଦେକ୍ଷପ ନିଆଯାଉଛି। ରାଉରକେଲାରରେ ଭିଜିଲାନ୍ସର ଏକ ନୂଆ ଡିଭିଜନ କରାଯାଇଛି। ଭୁବନେଶ୍ୱର ରାଜ୍ୟ ଭିଜିଲାନ୍ସ ଏକାଡେମୀରେ ଉନ୍ନତମାନର ପ୍ରଶିକ୍ଷଣ ଦିଆଯାଉଛି। ଅଫିସରମାନେ ଏଠାରୁ ପ୍ରଶିକ୍ଷଣ ନେଇ ରାଜ୍ୟରୁ ଦୁର୍ନୀତି ରୋକି ପାରିବେ। ଦୁର୍ନୀତି ବିରୋଧରେ ସାମୂହିକ ସଂଘର୍ଷ କରି ଏହାକୁ ମୂଳପ୍ରୋଚନ କରିବାକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେବା ସହ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ।

ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ କହିଲେ, ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ୪୧୮ ଜଣଙ୍କ ବିରୋଧରେ ୨୫୦ ଫୌଜଦାରୀ ମାମଲା ରୁଜୁ କରାଯାଇଛି। ଏମାନଙ୍କ ମଧ୍ୟରେ ୩୪ଜଣ ପ୍ରଥମ ଶ୍ରେଣୀ ଓ ୨୪ଜଣ ୨ୟ ଶ୍ରେଣୀ ଅଧିକାରୀ ରହିଥିବାବେଳେ ୨୩୫ଜଣ ୩ୟ ଶ୍ରେଣୀ ଏବଂ ୫ଜଣ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ରହିଛନ୍ତି। ସେହିପରି ୨୮ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୯୨ଜଣ ଘରୋଇ ବ୍ୟକ୍ତି ରହିଛନ୍ତି। ୨୫୦ ମାମଲା ମଧ୍ୟରୁ ୫୨ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସଂକ୍ରାନ୍ତ ରହିଛି। ଏହି ସବୁ ମାମଲାରେ ୬୨ କୋଟି ୮୩ ଲକ୍ଷ ଟଙ୍କା ଜବତ କରାଯାଇଥିବାବେଳେ ୧୫୯ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେହିଭଳି ୧୧୪ଟି ଲାଞ୍ଚ ମାମଲା ରୁଜୁ କରାଯାଇ ୧୭ ଲକ୍ଷ ୩୬ ହଜାର ଟଙ୍କା ଜବତ ହୋଇଛି। ୨୧୩ ଜଣଙ୍କ ବିରୋଧରେ ୮୪ ଅର୍ଥ ଆତ୍ମସାତ୍ ମାମଲା ରୁଜୁ ହୋଇଛି। ୧୩ଜଣ ଘରୋଇ ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ୧୧୮ ମାମଲାର ତଦନ୍ତ ସରିଥିବାବେଳେ ୧୧୨ ମାମଲାରେ ୧୯୨ଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରାଯାଇଛି। ସେହିଭଳି ୧୪ଜଣଙ୍କ ଅବସର ପରେ ପେନ୍‌ଶନ ବନ୍ଦ କରାଯାଇଛି ବୋଲି ପାଣିଗ୍ରାହୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନ ସୁରେଶଚନ୍ଦ୍ର ମହାପାତ୍ର, ଭିଜିଲାନ୍ସ ଆଇଜି ପିଏସ୍ ରନ୍‌ପିସେ ପ୍ରମୁଖ ଯୋଗଦେଇଥିଲେ।

# ସମୁଦ୍ରରୁ ବିରଳ ମୟୂରଚୂଳା ମାଛ ଉଦ୍ଧାର


ଟ୍ରଲରରେ ଧରାପଡ଼ିଥିବା ମୟୂର ପ୍ରଜାତିର ମାଛ।

**ରାଜନଗର, ୧।୧୧(ଡି.ଏନ.ଏ.):** ବଙ୍ଗୋପସାଗରର ଗଭୀର ସମୁଦ୍ରରୁ ଏକ ବିରଳ ମୟୂରଚୂଳା ମାଛ ଧରାଯାଇଛି । କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ତାଳଚୁଆ ଅଞ୍ଚଳର ଏକ ଟ୍ରଲର ସମୁଦ୍ରକୁ ମାଛ ମାରିବାକୁ ଯାଇଥିଲା। ଗୁରୁବାର ରାତିରେ ଉକ୍ତ ଟ୍ରଲରରେ ଥିବା ମତ୍ସ୍ୟଜୀବୀମାନେ ଜାଲ ଉଠାଇବା ବେଳେ ସେଥିରୁ ଏହି ମାଛ ଧରିଥିଲେ। ୮ରୁ ୧୦ କେଜି ଓଜନର ଏହି ମାଛର ଉପରି ଭାଗ ମୟୂରଚୂଳ ଆକୃତିର ହୋଇଛି। ମତ୍ସ୍ୟଜୀବୀମାନେ ଏହାକୁ ଧରିବା ପରେ ଶୁକ୍ରବାର ସକାଳେ ତାଳଚୁଆ ଜେଟିରେ ପହଞ୍ଚିଥିଲେ। ସେଠାରେ ମାଛକୁ ଦେଖିବା ପାଇଁ ଦେଖଣାହାରୀଙ୍କ ଭିଡ ଜମିଥିଲା। ଏହି ମାଛ ଧରି ମତ୍ସ୍ୟଜୀବୀ ଓ ସ୍ଥାନୀୟ ଲୋକେ ସେଲ୍‌ଫି ନେଇଥିଲେ। ଏହାକୁ ଦିଘା ମାଛ ଗଦିରେ ବିକ୍ରି କରାଯିବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି ।

### ସ୍ମିତାରାଣୀଙ୍କ ପରିବାରକୁ ସୁରକ୍ଷା ଦେବା ପ୍ରସଙ୍ଗ

# ଓଏଚ୍‌ଆରସିଙ୍କୁ ଭେଟିଲା କଂଗ୍ରେସ ଟିମ୍

ଭୁବନେଶ୍ୱର, ୧।୧୧(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟମୟ ମୃତ୍ୟୁ ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ରାଜ୍ୟ ସରକାର ଓ ଯାଜପୁର ଜିଲା ପ୍ରଶାସନ ଏପରି ସ୍ପର୍ଶକାତର ଘଟଣା ପ୍ରତି ଆନ୍ତରିକତାର ସହ ତଦନ୍ତ ପ୍ରକ୍ରିୟାକୁ ଆଗେଇ ନେଇ ନ ଥିବାରୁ ପରିବାରବର୍ଗ, ଜିଲା ତଥା ରାଜ୍ୟବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ବିଶେଷ କରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ବିବୃତି ତଦନ୍ତକାରୀ ଅଧିକାରୀଙ୍କ ଉପରେ ଚାପ ପ୍ରୟୋଗ କରିବା ଏବଂ ତଦନ୍ତ ପ୍ରକ୍ରିୟାରେ ଡୋରି ବାନ୍ଧିବା ସଦୃଶ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଏଭଳିସ୍ଥଳେ ସ୍ମିତାରାଣୀଙ୍କ ମାତାପିତା ନିଜକୁ ସୁରକ୍ଷିତ ନ ମଣି ରାଜ୍ୟ ଛାଡ଼ିବାକୁ ନିଷ୍ପତ୍ତି ନେବା ଗଣମାଧ୍ୟମର ଶିରୋନାମା ପାଲଟିଛି। ତେଣୁ ସ୍ମିତାରାଣୀଙ୍କ ପରିବାରକୁ ସୁରକ୍ଷା ଏବଂ ନ୍ୟାୟ ମିଳିବା ପ୍ରସଙ୍ଗ ନେଇ ରାଜ୍ୟ କଂଗ୍ରେସର ଏକ ଟିମ୍ ଗୁରୁବାର ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆରସି)ଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି। ତଦନୁଯାୟୀ ସ୍ମିତାରାଣୀଙ୍କ ପରିବାରକୁ କେଉଁ ପ୍ରକାର ସୁରକ୍ଷା ଯୋଗାଇ ଦିଆଯାଇଛି, ତାହା ଜଣାଇବାକୁ କମିଶନ ଅଧ୍ୟକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ ଏବଂ ସଭ୍ୟ ଅସୀମ ଅମିତାଭ ଦାସ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ନିର୍ଦ୍ଦେଶ ଦେଇଥିବା କଂଗ୍ରେସ କହିଛି।

## ଆଜି କ'ଣ କେଉଁଠି

**ଦେବଗଡ଼**

- କାଳିପୂଜା ଉପଲକ୍ଷେ ମନୋରଞ୍ଜନ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପେରା, କାଳିପୂଜା ମଣ୍ଡପ, ବାରକୋଟ, ରାତି ୯ଟା।
- ଧନଲକ୍ଷ୍ମୀ ପୂଜା ଉପଲକ୍ଷେ କ୍ଷୀରି ପ୍ରସାଦ ବଣ୍ଟନ, କାରଗିଲ ଛକ, ଦେବଗଡ଼, ସନ୍ଧ୍ୟା ୭ଟା।

**ସମ୍ବଲପୁର**

- ଜିଲା କୃଷକ ସୁରକ୍ଷା ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳଙ୍କ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।
- ସକ୍ଷମ ଯୋଜନାର ଉଦ୍‌ଘାଟନୀ ଉତ୍ସବ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା ।
- ସୌରେନ୍ଦ୍ରୀ ନାୟକ ସ୍ମାରକୀ ହାଇସ୍କୁଲ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ହାୱା ମଇଦାନ, ଅପରାହ୍ନ ସାଢ଼େ ୨ଟା ।
- ଶ୍ରୀରଙ୍ଗ ସମାଗମ ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. NO. 245 of 2019**

**State Bank of India, Stressed Assets Recovery Branch (SARB), Sambalpur,** At: Ainthapali, Husain House, PO/Dist.: Sambalpur-768004 .....**Applicant**

**Versus**

**Smt. Poonam Singh** .....**Defendants**

To,
1. **Smt. Poonam Singh,** W/o- Sri Harbans Kumar Singh, At: Ranibagicha, Taralapara, Balibandha, PO: Jhaduapara, Dist.: Sambalpur-768001.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 245 of 2019** in the Court of Debts Recovery Tribunal, Cuttack for a recovery of **Rs.27,30,157.40** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **12th day of December, 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **17th day of October, 2019.**

**Sd/- (Manoj Kumar Patnaik)**
**Registrar**
**Debts Recovery Tribunal**

## ଜିଲା ଚିଠି
## ଝାରସୁଗୁଡ଼ା



# ନିଯୁକ୍ତି ବାଟ ଫିଟୁନି

ଝାରସୁଗୁଡ଼ା ଏକ ଶିଳ୍ପ ବହୁଳ ଜିଲା । ଏଠାରେ ପ୍ରାୟ ୧୧ଟି ବୃହତ୍ ଓ ମଧ୍ୟମ ଶ୍ରେଣୀର ଶିଳ୍ପାନୁଷ୍ଠାନ ରହିଛି। ମାତ୍ର ସରକାରଙ୍କ କୋହଳ ନୀତି ଯୋଗୁ ଅଞ୍ଚଳର ବେକାର ଯୁବତୀ ଯୁବକଙ୍କ ନିଯୁକ୍ତି ପାଇଁ ବାଟ ଫିଟି ପାରୁନାହିଁ। ଏବେ ମଧ୍ୟ ଜିଲାର ଶହ ଶହ ଶିକ୍ଷିତ ଯୁବତୀ ଯୁବକ ନିଯୁକ୍ତି ଅନ୍ୱେଷଣରେ ଗୋଟିଏ ଶିଳ୍ପାନୁଷ୍ଠାନରୁ ଆଉ ଗୋଟିଏ ଶିଳ୍ପାନୁଷ୍ଠାନକୁ ବାୟୋଡ଼ାଟା ଧରି ଘୂରି ବୁଲୁଛନ୍ତି। ବହୁ ଶିକ୍ଷିତ ଯୁବତୀ ଯୁବକ ଜିଲାରେ ଚାକିରି ଆଶା ଛାଡ଼ି ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ନିଜର ଭବିଷ୍ୟତ ତଥା ପରିବାର ପେଟପାଟଣା ପାଇଁ ଅନ୍ୟ ରାଜ୍ୟକୁ ଯାଇ ଛୋଟ ଛୋଟ ଶିଳ୍ପ ସଂସ୍ଥାରେ ଚାକିରି କରିବା ପାଇଁ ବାଧ ହେଉଛନ୍ତି। ବହୁ ଅଶିକ୍ଷିତ ଯୁବକ ଏବେ ମଧ୍ୟ ବିଭିନ୍ନ ଠିକା ସଂସ୍ଥାରେ କାମ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଗତ ସେପ୍ଟେମ୍ବର ମାସ ସୁଦ୍ଧା ନିଯୁକ୍ତି ଆଶା ରଖି ୧୮ ହଜାର ଯୁବତୀ ଯୁବକ ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିଛନ୍ତି। ହେଲେ ସେମାନଙ୍କୁ କୌଣସି ସ୍ଥାନରେ ଚାକିରି ମିଳୁନି। କର୍ମ ନିୟୋଜନ ବିଭାଗ ପକ୍ଷରୁ ବର୍ଷକୁ ଥରେ ଦି ଥର ନିଯୁକ୍ତି ମେଳାର ଆୟୋଜନ କରାଯାଉଛି। ଅନେକ ଶିଳ୍ପ ସଂସ୍ଥା ଏହି ମେଳାକୁ ଉପେକ୍ଷା କରି ଚାଲିଛନ୍ତି। ଯଦିଓ କିଛି ସଂସ୍ଥାର ପ୍ରତିନିଧି ମେଳାକୁ ଆସୁଛନ୍ତି ସେମାନେ ପ୍ରାର୍ଥୀମାନଙ୍କ ଅଭିଜ୍ଞତା ନ ଥିବା କହି କିମ୍ବା ଶିଳ୍ପସଂସ୍ଥାରେ ଆବଶ୍ୟକତା ନ ଥିବା ଦର୍ଶାଇ ଯୁବତୀ ଯୁବକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। କେବଳ କେତେଜଣ ଯୁବକଙ୍କୁ ଠିକାସଂସ୍ଥାରେ ନିଯୁକ୍ତି ଦେଇ ଶିଳ୍ପସଂସ୍ଥାଗୁଡ଼ିକ ବାହାବା ସାଉଁଟି ଚାଲିଛନ୍ତି। ବାସ୍ତବରେ ଅଧିକାଂଶ ଶିଳ୍ପାନୁଷ୍ଠାନରେ ନେତା ଓ ଅଧିକାରୀଙ୍କ ସଲାସୁତରାରେ ଭିତିରି ନିଯୁକ୍ତି ଚାଲିଛି। ମାତ୍ର ଏ କ୍ଷେତ୍ରରେ ପ୍ରଶାସନ ଓ ସରକାର ନୀରବ ରହିଛନ୍ତି। ସବୁଠାରୁ ବଡ଼ ସମସ୍ୟା ଜିଲାରେ ନିଯୁକ୍ତି ଆଶାଥିବା ତଥା ବନ୍ଦ ପଡ଼ିଥିବା ଶିଳ୍ପାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର ହୋଇପାରୁନି। ଉଦାହରଣ ସ୍ୱରୂପ ବ୍ରଜରାଜନଗରର ସର୍ବ ପୁରାତନ ଶିଳ୍ପାନୁଷ୍ଠାନ ଓରିଏଣ୍ଟ କାଗଜ କଳ ୧୯୯୯ ମସିହାରୁ ବନ୍ଦ ପଡିଛି । ମରାକୁଟା ଗାଁ ନିକଟରେ ଥିବା ଏମ୍‌ଏସ୍‌ପି ମେଟାଲିକ ପ୍ଲାଣ୍ଟ ୨୦୧୬ ଫେବୃୟାରୀରୁ ଲକ୍‌ଆଉଟ ହେଲା ପରେ ଶତାଧିକ ଯୁବକ କର୍ମସଂସ୍ଥାନ ହରାଇଛନ୍ତି। ଜିଲାର ସାହାଜବାହାଲଠାରେ ସ୍ଥାପିତ ଶିଳ୍ପସଂସ୍ଥା ଇଣ୍ଡବରାଥ ଏନର୍ଜି ଉତ୍କଳ ଲିମିଟେଡ ମଧ୍ୟ ନିର୍ମାଣାଧୀନ ଅବସ୍ଥାରେ ଗତ ୩ ବର୍ଷ ପୂର୍ବରୁ ବନ୍ଦ ହୋଇରହିଛି। ସରକାରଙ୍କ ନିଯୁକ୍ତି ନୀତିର କାର୍ଯ୍ୟାନ୍ୱୟନ ଅଭାବ ଯୋଗୁ ମହାନଦୀ କୋଇଲା ଖଣି ଅଧୀନ ଇବ୍ କୋଇଲା କ୍ଷେତ୍ର ଓ ଲଖନପୁର କୋଇଲା କ୍ଷେତ୍ରରେ ମଧ୍ୟ ସ୍ଥାନୀୟ ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହୋଇଯାଇଛି।

– ରଞ୍ଜନ କୁମାର ମହାପାତ୍ର

**COLLEGE OF ENGINEERING & TECHNOLOGY (Autonomous)**
**NAAC 'A'**
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India

**No.2952/CET** **Date: 01.11.2019**

**SELECTION OF CANDIDATES FOR CoE-AI**

College of Engineering and Technology, Bhubaneswar is to establish a Center of Excellence in Artificial Intelligence (CoE-AI) in collaboration with Tech Mahindra through Biju Patnaik University of Technology(BPUT), Odisha. This CoE-AI will cater to the need of various Industries in solving real time problems. For this applications are invited from interested students having M.Tech degree, pursuing final semester M.Tech or final semester integrated and/ or master's programmes in subjects like mathematics, agriculture, natural sciences, computer application in the State Universities of Odisha. Candidates intending to do Ph.D. and/or continuing Ph.D. in the area of AI can also apply. They should have minimum 50% or more marks in all the examinations passed. Students are expected to have background on the topics/ Subjects as, **Fundamentals on Mathematics, Statistics, Science and Engineering, C Programming, Python, SQL, Operating system Linux, Windows, Software Process Engineering, Software Testing, Cloud computing.** The students will undergo a written test with technical questions and coding abilities. The students who qualify the written test will be interviewed for the final selection. The evaluation process includes career, written test and interview. The students can apply with their latest resume with valid e-mail id, phone number and a color photograph along with a Demand Draft of Rs.200.- in favour of Principal, CET payable at Bhubaneswar. Applications should reach through speed post or registered post by 18th Nov 2019 addressed to Dr. J.Mishra, Coordinator, CoE-AI College of Engineering and Technology, Ghatikia, P.O .- Mahalaxmi Vihar, Bhubaneswar-751029. The selected candidates will work as interns in the CoE-AI for a period of 1 year. They have to complete full 1-year term in order to get the certificate from BPUT. The selected students may be provided with stipend for a period of one year. The tentative date of written test is 23rd November 2019 at CET, Bhubaneswar.

**Sd/-**
**PRINCIPAL**

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଭାଗଗ୍ରାହୀ ବରାଳ


ପ୍ରୀତିଛନ୍ଦା ମିଶ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର




## ଚିଦାମ୍ବରମଙ୍କ ଜାମିନ ଆବେଦନ ଖାରଜ

**ନୂଆଦିଲ୍ଲୀ, ୧।୧୧ (ପି.ଟି.):** ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇ ତିହାର ଜେଲ୍‌ରେ ଥିବା ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଏମ୍ସ ମେଡିକାଲ ବୋର୍ଡ ରିପୋର୍ଟ ଦେବା ପରେ ତାଙ୍କର ଅନ୍ତରୀଣ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। କ୍ରୋହନ୍ସ ରୋଗରେ ପୀଡିତ ଚିଦାମ୍ବରମଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାରୁ ହସ୍ପିଟାଲରେ ଭର୍ତ୍ତି ହେବା ଆବଶ୍ୟକ ନାହିଁ ବୋଲି ଏମ୍ସ ମେଡିକାଲ ବୋର୍ଡ କହିଥିଲା। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉକ୍ତ ରିପୋର୍ଟକୁ କୋର୍ଟରେ ପଢ଼ିଥିଲେ।

**ଭଦ୍ରକ ଶାଖା,** ମୋହନ ପ୍ଲାଜା, ରାଜଘାଟ ଛକ, ଭଦ୍ରକ, ଓଡ଼ିଶା-୭୫୬୧୦୦, ଫୋନ୍ ନଂ.: ୦୬୭୮୪ ୨୪୦୫୩୦,
Email- bhadrk@bankofbaroda.com

ବୈଂକ ଑ଫ଼ ବଡ଼ୌଦା Bank of Baroda | विजया बैंक VIJAYA BANK | देना बैंक DENA BANK

**ଡିମାଣ୍ଡ୍ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନଲିଖିତ ରଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ରଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା ।

| ରଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ନୋଟିସ୍ ଫେରସ୍ତ କାରଣ | ରଣ ପରିମାଣ (ଟଙ୍କାରେ) | ସୁଧ ହାର | ୧୩.୦୯.୨୦୧୯ ସୁଦ୍ଧା ବକେୟା ପରିମାଣ (୨୮.୦୬.୨୦୧୯ ପର୍ଯ୍ୟନ୍ତ ସୁଧ ଅର୍ନ୍ତଭୁକ୍ତ) |
|---|---|---|---|---|
| ରଣଗ୍ରହୀତାମାନେ: ୧) **ଶ୍ରୀ ବିଜୟ କୁମାର ନାୟକ,** ପିତା: ଜନାର୍ଦ୍ଦନ ନାୟକ, ଗ୍ରାମ: ମାଧବ ନଗର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୮୧, ୨) **ସବିତା ଦିପ୍ତୀରେଖା ନାୟକ,** ପିତା: ବିଜୟ କୁମାର ନାୟକ, ଗ୍ରାମ: ମାଧବ ନଗର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୮୧ | ୨୯.୦୬.୨୦୧୯/ ଏପରି ଠିକଣା ନାହିଁ ଏବଂ ଜଣାନାହିଁ | ଟ.୧୦,୦୦,୦୦୦/- | ଏମ୍‌ସିଏଲ୍‌ଆର୍+ ଏସ୍‌ପି+ ୦.୨୫%ବାର୍ଷିକ | ଟ.୮,୬୧,୯୮୨/- ଯୁକ୍ତ ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ : ଶ୍ରୀ ବିଜୟ କୁମାର ନାୟକଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୮୨୧/୪୬୯୭ (ଘରବାରୀ), ପ୍ଲଟ୍ ନଂ.: ୯୯୯/୬୦୩୫, କ୍ଷେତ୍ର: ଏକର୦.୦୬୦ଡିସିମିଲି, ମୌଜା: ସମରାଇପୁର, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚରିପାର୍ଶ୍ୱରେ ପୂର୍ବ: ଘରୋଇ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୯୯୯ର ଅବଶିଷ୍ଟ ଜମି, ଉତ୍ତର: ପ୍ଲଟ୍ ନଂ.: ୯୯୯ର ଅବଶିଷ୍ଟ ଜମି, ଦକ୍ଷିଣ: ଘରୋଇ ଜମି

ଉପର ସାରଣୀରେ ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ରଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସଂପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଉପଧାରା ୧୩ ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ ପ୍ରକାଶନ ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

**ସ୍ଥାନ: ଭଦ୍ରକ, ତାରିଖ: ୦୧.୧୧.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା**

ଯାହାସବୁ ତୁମକୁ ଭଗବାନଙ୍କ ଆଡକୁ ଯିବାକୁ ସାହାଯ୍ୟ କରେ- ସେଗୁଡିକ ଗ୍ରହଣ କର। ଏବଂ ଯାହା କିଛି ତୁମକୁ ଭଗବାନଙ୍କଠାରୁ ଦୂରେଇ ନିଏ- ସେଗୁଡିକୁ ତୁରନ୍ତ ବର୍ଜନ କର।
-ଶ୍ରୀମା

# ବଦଳିରୁ ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୧୯୯୫ ବ୍ୟାଚର ଆଇଏଏସ୍ ଅଫିସର ପ୍ରତୀକ ହାଜେଲାଙ୍କୁ ୭ ଦିନ ମଧ୍ୟରେ ମଧ୍ୟପ୍ରଦେଶକୁ ବଦଳି କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ଓ ଆସାମ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଜେଲା ଭାରତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ସଂଯୋଜକ ଥିଲେ। ୧୯ ଲକ୍ଷ ଆବେଦନକାରୀଙ୍କ ନାମକୁ ବାଦ ଦେଇ ଏନ୍‌ଆର୍‌ସିର ଚୂଡାନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ତୀବ୍ର ବିବାଦ ପରିଲକ୍ଷିତ ହୋଇଥିଲା। ହାଜେଲା ଏହି ବୃହତ୍ ତଥା ସମ୍ବେଦନଶୀଳ କାର୍ଯ୍ୟକ୍ରମର ନିରୀକ୍ଷଣ କରୁଥିଲେ। ସୂତ୍ର ମୁତାବକ ,ହାଜେଲାଙ୍କୁ ଆସାମରୁ ବାହାରକୁ ନେବାର କାରଣ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରି ନ ଥିଲେ ମଧ୍ୟ ଏହି ବାବୁ ଜଣକ ଯଦି ରାଜ୍ୟରେ ରହନ୍ତି ତେବେ ତାଙ୍କ ଜୀବନ ପ୍ରତି ବିପଦ ଥିବାର କୋର୍ଟ ଅନୁଭବ କରି ଏହା କରିଥିବା ବୁଝାପଡେ। ତେବେ ବାବୁ ଭୁଲ୍ ଏନ୍‌ଆର୍‌ସି କରି ଆସାମର ଲୋକମାନଙ୍କ ଭାବାବେଗ ସହ ଖେଳିବା କାରଣରୁ ତାଙ୍କୁ ଦୋଷ ଦିଆଯାଇଛି। କିନ୍ତୁ କିଭଳି ଗୋଟିଏ ଗୋଟିଏ ପଇସା ଏ ବାବଦରେ ଖର୍ଚ୍ଚ କରାଯାଇଛି ତା'ର ହିସାବ ଯେ ପର୍ଯ୍ୟନ୍ତ ଏନ୍‌ଆର୍‌ସି ସଂଯୋଜକ ନ ଦେଇଛନ୍ତି, ସେ ଯାଏ ତାଙ୍କୁ ବଦଳି କରିବା ଉଚିତ ନୁହେଁ ବୋଲି କେତେକ ରାଜନେତା ଜୋର୍ ଦେଇଛନ୍ତି।

### ଘରୋଇ ଟ୍ରେନ୍‌ର ଟେକ୍‌ନିକାଲ ଝଟକା

ଦିଲ୍ଲୀ –ଲକ୍ଷ୍ନୌ ମଧ୍ୟରେ ଦେଶର ପ୍ରଥମ କର୍ପୋରେଟ ସଂଚାଳିତ ଟ୍ରେନ୍ ଉତ୍ସାହର ସହ ଆରମ୍ଭ କରାଯାଇଥାଇପାରେ, କିନ୍ତୁ ଏହାର ଭଡ଼ା ଶତାବ୍ଦୀ ଏକ୍ସପ୍ରେସ୍ ସମେତ ଅନ୍ୟ ଟ୍ରେନ୍‌ଠାରୁ ବେଶି ରହିଛି ବୋଲି ରେଲ୍‌ବାବୁମାନେ ସଙ୍କେତ ଦେବା ସହ ଏହା ଆଇନ୍ ଉଲ୍ଲଂଘନ ହୋଇଥିବା ଦର୍ଶାଇଛନ୍ତି। ଘରୋଇ ଭାବେ ଦେଶରେ ଚାଲିବାକୁ ଥିବା ୧୫୦ଟି ଟ୍ରେନ୍ ମଧ୍ୟରେ ଏହା ପ୍ରଥମ ଟ୍ରେନ୍। ଏହି ଟ୍ରେନ୍ ଆଇଆର୍‌ସିଟିସି ଦ୍ୱାରା ପରିଚାଳିତ ହେଉଛି। ଆଇଆର୍‌ସିଟିସି ରେଳବାଇର ଏକ ଖାଦ୍ୟ ବିତରକ ଓ ବାଣିଜ୍ୟିକ ଶାଖା। ରେଲୱେ ଅଧିନିୟମ ୧୯୮୯ ଅନୁଯାୟୀ କେବଳ କେନ୍ଦ୍ର ସରକାରଙ୍କ ଭଡ଼ା ସ୍ଥିର କରିବା ପାଇଁ ଅଧିକାର ରହିଛି, କିନ୍ତୁ ଆଇଆର୍‌ସିଟିସି ନୁହେଁ ବୋଲି ଅଧିକାରୀମାନେ କହିଛନ୍ତି। ବିଶେଷସୂତରୁ ଜଣାଯାଏ, ଯାତ୍ରୀ ଓ ମାଲ୍‌ଭଡ଼ା କେବଳ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିର କରାଯାଇପାରିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଏହା ଘରୋଇ ସଂଚାଳିତ ଟ୍ରେନ୍‌କୁ ସ୍ୱୀକୃତି ଦେଇନାହିଁ। ପୁନଶ୍ଚ ସରକାର ଘରୋଇ ଟ୍ରେନ କର୍ତ୍ତୃପକ୍ଷଙ୍କୁ ଭଡ଼ା ସ୍ଥିର କରିବା ପାଇଁ ଅଧିକାର ଦେବା ଉପରେ କୌଣସି ନିର୍ଦ୍ଦେଶନାମା ବି ଜାରି କରିନାହାନ୍ତି। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତଙ୍କ ଦ୍ୱାରା ଦେଶର ୫୦ଟି ଷ୍ଟେସନକୁ ବିଶ୍ୱସ୍ତରୀୟ କରିବା ଓ ଘରୋଇ ସଂଚାଳକଙ୍କୁ ୧୫୦ଟି ଟ୍ରେନ୍ ଚଳାଇବାର ଅନୁମତି ଦେବା ପାଇଁ ସଚିବମାନଙ୍କର ଏକ ଗ୍ରୁପକୁ ନେଇ ରେଲୱେ ବୋର୍ଡ ଗଠନ କରାଯିବା ପରେ ଏହି ଘଟଣା ସାମ୍ନାକୁ ଆସିଛି।

### ପ୍ରତ୍ୟାବର୍ତ୍ତନ ପାଇଁ ପାକଯୋଗ

ମୋଦି ସରକାର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନସ୍ଥ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗର ସଚିବ ରୀନା ରାୟଙ୍କୁ ବାଧ୍ୟତାମୂଳକ ଭାବେ ତାଙ୍କ ମୂଳ ୟୁଟି କ୍ୟାଡର୍‌କୁ ପଠାଇଛନ୍ତି। କାର୍ମିକ ମନ୍ତ୍ରଣାଳୟର କ୍ୟାବିନେଟ ନିଯୁକ୍ତି କମିଟି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ୧୯୮୪ ବ୍ୟାଚର ଆଇଏଏସ୍ ଅଫିସର୍ ରାୟଙ୍କୁ ତାଙ୍କ ମୂଳ କ୍ୟାଡର୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ପାନେଲ ଅନୁମୋଦନ କରି ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଏଥିରେ କୁହାଯାଇଛି। ଏହାସହ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅମିତ ଖାରେଙ୍କୁ ସ୍କୁଲ ଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ରୀନା ରାୟଙ୍କର ଏପରି ପ୍ରତ୍ୟାବର୍ତ୍ତନ ଅନେକଙ୍କୁ ବିସ୍ମିତ କରିଛି। କିନ୍ତୁ ଏସମ୍ପର୍କରେ ଯେଉଁମାନେ ଅବଗତ ସେମାନେ କୁହନ୍ତି, ରୀନା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ବିଶ୍ୱସନୀୟତା ହରାଇଛନ୍ତି। ତାଙ୍କ ପ୍ରଦର୍ଶନ ଓ ବ୍ୟବହାର ସମ୍ବନ୍ଧିତ ଘଟଣାରେ ପିଏମ୍‌ଓ ସନ୍ତୁଷ୍ଟ ନ ଥିଲା। ଚଳିତବର୍ଷ ଆରମ୍ଭରେ ଗ୍ରାମାଞ୍ଚଳରେ ମଧ୍ୟାହ୍ନଭୋଜନ ବିତରଣ ଘରୋଇ ସଂସ୍ଥା ଦ୍ୱାରା ସେଣ୍ଟ୍ରାଲାଇଜଡ୍ କିଚେନ୍ସ (କେନ୍ଦ୍ରୀକୃତ ରୋଷେଇଘର) ମାଧ୍ୟମରେ ଚଳାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିବା ଯୋଗୁ ବରିଷ୍ଠ ଆଇଏଏସ୍ ଅଫିସର୍ ରୀନାଙ୍କୁ ପଦଚ୍ୟୁତି ବା ବଦଳି କରାଯାଇଥିବା ଅନୁମାନ କରାଯାଏ। ରାୟ ଜୁଲାଇ ୨୦୧୮ରେ ସଚିବ ଭାବେ ଦାୟିତ୍ୱ ନେବାପରେ ସେଣ୍ଟ୍ରାଲାଇଜଡ୍ କିଚେନ୍ସ ପାଇଁ ଦିଆଯାଇଥିବା ଅନୁମତି ଉପରେ ସମୀକ୍ଷା କରିଥିଲେ। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ ଏହି ବ୍ୟବସ୍ଥାକୁ ଘରୋଇସଂସ୍ଥା ପରିଚାଳନା କରିବା କେତେଦୂର ଯୁକ୍ତିଯୁକ୍ତ ତା' ସମ୍ପର୍କରେ ବି ପ୍ରଶ୍ନ ଉଠାଇଥିଲେ। ତାଙ୍କର ଏଭଳି ଉତ୍ସାହରେ କିଏ ଆଘାତ ପାଇଲେ ତାହା ଯେ କେହି ଅନୁମାନ କରିପାରୁଥିବେ।

Email: dilipcherian@gmail.com

### ଚିରନ୍ତନୀ

ନୟନ-ଶିଶିର ତାର
ଲାଗେ ତିନି ଭୁବନେ
ଲାଗିଅଛି ରିକ୍ତ ମୋ ଜୀବନେ!
ଲାଗିଅଛି ଫୁଲେ ଫୁଲେ
ଆକାଶ ଧରଣୀ ତୁଳେ
ତରୁ-ଲତା-ଗିରି-ନୀଳ ବସନେ
ଲାଗିଅଛି ରିକ୍ତ ମୋ ଜୀବନେ!
(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | 3 | | | | 2 | | | 6 | | | | D | |
| 9 | | 5 | 1 | C | | | | | | | | | 2 | |
| | | | | 5 | E | | | | | | | 6 | 4 | |
| 0 | | | D | | 7 | | | 5 | | | | C | | A |
| | 8 | C | | | | | | | | D | B | | | 9 |
| 7 | | | | | | 6 | | 8 | E | 9 | | | | C |
| | C | A | | | | E | | | 4 | | | | 3 | 6 |
| | | E | 2 | | | | C | | 0 | | 1 | B | | |
| 8 | | | A | 7 | 6 | D | 4 | 1 | | | | | | E |
| | | 1 | | | | | | | | | | | 8 | 7 |
| | | | 4 | | 3 | | | 7 | 5 | E | 8 | | A | 2 |
| C | | | 8 | | | | | 9 | | 4 | D | | 7 | |
| | A | | | D | | | 2 | 3 | 7 | | 0 | | E | 5 |
| 6 | | | 5 | 2 | 9 | | | | | | | | | 8 |
| 4 | | | | B | | E | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | B | A | 1 | 4 | 0 | 3 | 5 | E | C | 7 | 2 | 8 | 6 |
| 3 | 5 | A | C | 7 | 9 | E | D | 2 | 1 | 8 | 6 | B | 4 | 0 |
| 1 | 6 | 2 | 3 | 8 | E | 4 | B | 7 | 5 | D | 0 | C | A | 9 |
| 8 | 0 | E | B | 2 | D | 9 | C | 6 | 4 | A | 3 | 5 | 1 | 7 |
| 4 | 7 | C | 0 | 6 | 5 | 8 | A | 1 | 9 | 2 | B | 3 | E | D |
| 7 | D | 8 | 9 | 4 | 2 | 1 | 0 | A | C | 3 | 5 | E | 6 | B |
| 9 | E | 0 | 7 | 3 | B | D | 8 | C | 6 | 1 | 2 | 4 | 5 | A |
| C | 4 | 1 | D | 5 | 0 | 6 | 2 | B | 8 | E | A | 9 | 7 | 3 |
| 5 | 2 | 3 | 1 | A | 6 | 7 | 9 | E | 0 | B | 4 | D | C | 8 |
| A | B | 6 | E | C | 8 | 5 | 4 | 3 | D | 7 | 9 | 1 | 0 | 2 |
| E | 3 | 9 | 4 | B | C | A | 5 | D | 7 | 0 | 8 | 6 | 2 | 1 |
| 0 | A | 5 | 2 | D | 7 | B | E | 4 | 3 | 6 | 1 | 8 | 9 | C |
| B | 1 | 7 | 8 | E | A | 3 | 6 | 9 | 2 | 4 | C | 0 | D | 5 |
| 6 | C | 4 | 5 | 0 | 1 | 2 | 7 | 8 | B | 9 | D | A | 3 | E |
| 2 | 8 | D | 6 | 9 | 3 | C | 1 | 0 | A | 5 | E | 7 | B | 4 |

ଗତକାଲିର ଉତ୍ତର

# ବ୍ୟଥିତ ଭାରତ



ଉପେନ୍ଦ୍ର ବିଶ୍ୱାଳ

ବିଶ୍ୱ ଆଜି ଦେଖୁଛି ଭାରତକୁ, ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିର ଦେଶ ବା ଭଲ ଅର୍ଥ ବ୍ୟବସ୍ଥାର ଭୂଖଣ୍ଡ ଭାବେ। ବିଶ୍ୱର ଦ୍ୱିତୀୟ ବୃହତ୍ତମ ଖାଦ୍ୟଶସ୍ୟ ଉତ୍ପାଦନର ଦେଶ ଭାରତ। କୋଟିପତିଙ୍କ ସଂଖ୍ୟାରେ ବିଶ୍ୱରେ ଆମେ ଆଜି ଅଷ୍ଟମ ସ୍ଥାନରେ। ବିଶ୍ୱର ୪ର୍ଥ ଶକ୍ତିଶାଳୀ ଦେଶ ଭାରତ। ଜି-୭, ଜି-୨୦, ନାଟୋ ଆଦି ଶକ୍ତିଶାଳୀ ଓ ଅଗ୍ରଣୀ ରାଷ୍ଟ୍ରମାନଙ୍କ ସଂଗୋଷ୍ଠୀରେ ସମ୍ମାନଜନକ ସଦସ୍ୟ ଭାବେ ଭାରତ ମଧ୍ୟ ସାମିଲ। ଆଜିର ଦିନରେ ଭାରତର ଖ୍ୟାତି ଓ ଖାତିର ବିଶ୍ୱବିଦିତ। ପୁଣି ମହାକାଶ ଅଭିଯାନ, ଚନ୍ଦ୍ରୟାନ-୨ର ଅଭିଯାନ ଆଦି ବିଶ୍ୱବକ୍ଷରେ ଭାରତର ଗୌରବକୁ ବଢ଼ାଇ ଚାଲିଥିଲାବେଳେ ଏବେ ବେଇଜ୍ଜତ ହେବାକୁ ପଡ଼ିଛି 'ଭୋକିଲା-ଭାରତ'କୁ ନେଇ। ଏଇମାତ୍ର ପ୍ରକାଶିତ ହୋଇଛି ବିଶ୍ୱର କ୍ଷୁଧାତୁର ଦେଶ ସୂଚକାଙ୍କ (ଗ୍ଲୋବାଲ ହଙ୍ଗ୍ରି ଇନ୍‌ଡେକ୍ସ)ର ତାଲିକା। ଯେଉଁଥିରେ ସର୍ବେଭୁକ୍ତ ୧୧୯ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ଅତି ନିମ୍ନରେ। ଅର୍ଥାତ୍ ଭୋକିଲା ଲୋକଙ୍କ ଭିଡ଼ର ଦେଶ ଭାରତ ବୋଲି ଅପନିନ୍ଦିତ। ଏପରି କି ପାକିସ୍ତାନ ଓ ନେପାଳଠାରୁ ଅଧିକ କ୍ଷୁଧାତୁର ଲୋକଙ୍କ ଗହଳି ଏଠାରେ ଦେଖିବାକୁ ମିଳେ ବୋଲି ରିପୋର୍ଟ କହୁଛି। ୨୦୧୭ ମସିହାରେ ୧୧୭ଟି ଦେଶ ମଧ୍ୟରୁ ଭାରତ ୯୭ତମ ସ୍ଥାନରେ ଥିବାବେଳେ ୨୦୧୮ରେ ୧୦୩ ସ୍ଥାନରେ। ଅର୍ଥାତ୍ ଦିନକୁ ଦିନ ଭୋକିଲା ଲୋକଙ୍କ ସଂଖ୍ୟା ଏଠାରେ ବଢ଼ି ବଢ଼ି ଚାଲିଛି। ତାଲିକାରେ ଆମେ ନାଇଜେରିଆ, ଉଗାଣ୍ଡା, ଜିମ୍ବାୱେ, ପାକିସ୍ତାନ ପରି ଦେଶର ପାଖାପାଖି ରହିବା କେବଳ ଉଦ୍‌ବେଗର ବିଷୟ ନୁହେଁ, ଅତ୍ୟନ୍ତ ଲଜ୍ଜାର ବିଷୟ ମଧ୍ୟ। ଗୋଟିଏ ପଟେ ବିଶ୍ୱବକ୍ଷରେ ବିଶାଳ ଭାରତର ଭବ୍ୟ ବନ୍ଦନା ତ ଅନ୍ୟପଟେ ଭୋକାତୁରଙ୍କ ବ୍ୟଥା ଓ ବେଦନା। ଗୋଟିଏ ପଟେ ଚହଟ ଚମକର ଚିତ୍ରପଟ ତ ଅନ୍ୟପଟେ ଭିକ ଓ ଭୋକର ଭୂଗୋଳ। ପୁଣି ରିପୋର୍ଟ ଅନୁଯାୟୀ ନଗଡ଼ାର ନଗ୍ନଚିତ୍ର ପରି କୁପୋଷଣ ମାମଲାରେ ଯେଉଁ ଭାରତ ବିଶ୍ୱରେ ପ୍ରଥମ ସେଇଠି କୋଟିପତିଙ୍କ ସଂଖ୍ୟାରେ ଆମେ ଆଗରେ। ଏହିପରି ଭୟଙ୍କର ଭୋକ ଜ୍ୱାଳାରେ ବିଶ୍ୱରେ ପ୍ରାୟ ୮୩ କୋଟି ଲୋକ ଶଢ଼ୁଥିଲାବେଳେ ଅନ୍ୟପଟେ ୨୦୦କୋଟି ଲୋକ ଖାଇ ଖାଇ ମୋଟାପଣର ଶିକାର ହୁଅନ୍ତି। ଆଉ ସେଇ ମୋଟାପଣରୁ ରକ୍ଷା ପାଇବା ପାଇଁ ହଜାର ହଜାର, ଲକ୍ଷ ଲକ୍ଷ ଟଙ୍କା ବି ଖର୍ଚ୍ଚ କରିଥାଆନ୍ତି। ଅର୍ଥାତ୍ କିଛି ଲୋକ ଖାଇବାକୁ ନ ପାଇ ମୃତ୍ୟୁମୁଖରେ ପଡୁଥିଲାବେଳେ ଆଉ କିଛି ଲୋକ ଖାଇ ଖାଇ ରୋଗରେ ପଡ଼ି ଅକାଳରେ ମରନ୍ତି। ଗୋଟିଏ ପଟେ ଶହ ଶହ ସଂଖ୍ୟାରେ କୋଟିପତି ତ ଅନ୍ୟପଟେ କୋଟି କୋଟି ସଂଖ୍ୟାର କୁପୋଷିତଙ୍କ କଙ୍କାଳର କାୟା। ଗୋଟିଏ ପଟେ କୁବେରଙ୍କ ଭିଡ଼ ତ ଅନ୍ୟପଟେ ଆହାର ଗଣ୍ଡେ ପାଇଁ ହାହାକାର। ଗୋଟିଏ ପଟେ ଖାଦ୍ୟାଭାବ, ଅପପୁଷ୍ଟିର ଶିକାର ହୋଇ ଅସ୍ଥିସାରଙ୍କ ଭିଡ଼ ତ ଅନ୍ୟପଟେ ଢୋଲ, ମାଦଳ ସମ ପୃଥୁଳକାୟ ପେଟର ପଟୁଆର।

ଭୟଙ୍କର ଦୁର୍ଭିକ୍ଷ ଯୋଗୁ ଫ୍ରାନ୍ସର ଲୋକେ କ୍ଷୁଧା ତୃଷ୍ଣାରେ ଉହଳ ବିକଳ ହେଉଥିଲାବେଳେ ସମ୍ରାଟ ଚତୁର୍ଦ୍ଦଶ ଲୁଇ ସ୍ତ୍ରୀମାନଙ୍କ ସହତ ନୃତ୍ୟ-ବାଦ୍ୟ-ସଙ୍ଗୀତରେ ବୁଡ଼ି ରହି ବେଶ୍ ଭୋଗ-ଉପଭୋଗରେ ବ୍ୟସ୍ତ ରହୁଥିଲେ, ଯେଉଁଥିପାଇଁ ୧୬୯୨-୯୪ ମଧ୍ୟରେ ଫ୍ରାନ୍ସରେ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକେ କ୍ଷୁଧାମୃତ୍ୟୁ ଲଭିଥିଲେ। ଆମେ ବି ଆଜି ସେମିତି ଜଣେ ଜଣେ ଚତୁର୍ଦ୍ଦଶ ଲୁଇ, ସଉକର ସମ୍ରାଟ। କୋଟି କୋଟି ଲୋକ ଦାରୁଣ ଦୁଃସ୍ଥିତିର ସହିତ ଯାବତୀୟ ଯନ୍ତ୍ରଣାରେ ଛଟପଟ ହେଉଥିଲାବେଳେ, ଆମେ କିନ୍ତୁ ସମ୍ପୂର୍ଣ୍ଣ ଉଦାସୀନ। ବିଶ୍ୱର ଭାଗେ ବ୍ୟକ୍ତି ଭୋକ ଭୁଞ୍ଜି ଶୂନ୍ୟ ଉଦରରେ ଶୋଇବାକୁ ଯାଉଥିଲାବେଳେ ଆମ ଭଳି ବାକି ୮ଭାଗ ବ୍ୟକ୍ତି ଖୁବ୍ ଶାନ୍ତିରେ ଶୋଇ ସୁଖସ୍ୱପ୍ନରେ ବିଭୋର ହେଉ। ସଉକକୁ ସାଥୀ କରି ମଉଜ-ମଜଲିସ୍‌ରେ ଜୀବନ ଅତିବାହିତ କରୁ। ବନ୍ୟାକ୍ରାନ୍ତ ଦୁର୍ଗତଙ୍କ ସେବା କରି କ୍ଲାନ୍ତ-ଶ୍ରାନ୍ତ ଦେହ ନେଇ ଦାସେ ଆପଣେ ପହଞ୍ଚିଛନ୍ତି ବନ୍ଧୁଙ୍କ ଘରେ। ମୁଠାଏ ଅନ୍ନ ନ ପାଇ ଭୋକରେ ଆଉଟୁ ପାଉଟୁ ହେଉଥିବା ଦୁଃସ୍ଥଜନଙ୍କ ପୀଡ଼ାକୁ ଏଇମାତ୍ର ଅଙ୍ଗେ ନିଭାଇ ଫେରିଛନ୍ତି ସେ। ଅତି ସରାଗରେ ଗୋପବନ୍ଧୁଙ୍କୁ ଭୂରି ଭୋଜନରେ ଆପ୍ୟାୟିତ କରିବାକୁ ଯାଇ ଅନ୍ନ ସହିତ ବନ୍ଧୁପତ୍ନୀ ପରଷିଛନ୍ତି ୫ ପ୍ରକାର ବ୍ୟଞ୍ଜନ। ଏହା ଦେଖିଲାକ୍ଷଣି ଦାସେ ଆଜ୍ଞାଙ୍କ ଆଖିରୁ ଝରିପଡ଼ିଲା ଝର ଝର ହୋଇ ଲୁହର ଧାର। ଗ୍ରହଣ କରି ପାରି ନ ଥିଲେ ସେଇ ଭୋଜନକୁ ସେଦିନ ସେ। ଅନ୍ୟଜଣେ ବନ୍ଧୁଙ୍କ ଘରେ ଆଉ ଦିନେ ମଧ୍ୟାହ୍ନଭୋଜନରେ ବସି ଭାତ ଗୁଣ୍ଡେ ପାଟିକୁ ନେଲାବେଳକୁ ଶୁଭିଲା ''ମା' ଗଣ୍ଡେ ଖାଇବା ମିଳୁ''। ଦାଣ୍ଡ ଦୁଆରକୁ ଦୌଡ଼ି ଆସି ଜୀର୍ଣ୍ଣଦେହୀ ଭୋକାତୁରା ଝିଅଟିକୁ ଦେଖି ଭୋ ଭୋ ହୋଇ କାନ୍ଦି କାନ୍ଦି ନିଜ ପାଇଁ ବଢ଼ା ଅନ୍ନ ବ୍ୟଞ୍ଜନକୁ ନିଜ ହାତରେ ଖୋଇଦେଇଛନ୍ତି ସେ। ସେଇ ଗୋପବନ୍ଧୁ-ଗାନ୍ଧୀଙ୍କ ଉତ୍ତରଦାୟାଦ ଆମ୍ଭେମାନେ ଆଜି ସମ୍ଭ୍ରାନ୍ତ ଜୀବନଶୈଳୀକୁ ନେଇ ବ୍ୟସ୍ତ। ଆଭିଜାତ୍ୟର ଅହଂକାର ଆମକୁ ଅନ୍ଧ କରି ଦେଇଛି ଆଜି। ବିବାହ ଭୋଜି ଆଦିରେ ପାଣି ପରି ଟଙ୍କା ବୁହାଇ ଦେବାକୁ କୁଣ୍ଠାବୋଧ କରୁନା। ତିନିଭାଗରୁ ଏକଭାଗ ଖାଦ୍ୟାନ୍ନ, ଶସ୍ୟସାମଗ୍ରୀ ଆଜି ନଷ୍ଟ ହୋଇ ଫିଙ୍ଗାଯାଏ। ବ୍ୟକ୍ତିପିଛା ଆମେ ଭାରତୀୟମାନେ ବାର୍ଷିକ ହାରାହାରି ୫୧କି.ଗ୍ରା. ଖାଦ୍ୟ ନଷ୍ଟ କରିଥାଉ। ଆହୁରି ବି ପାପରୁ ମୁକ୍ତି ଓ ପୁଣ୍ୟ ପ୍ରାପ୍ତିର ପ୍ରଚଣ୍ଡ ଲାଳସାରେ ମନ୍ଦିର, ମସଜିଦ, ଗୀର୍ଜା ଆଦିରେ ଅଜାଡ଼ି ଦେଉ ଅଜସ୍ର ଅର୍ଥ। ଦାମିକା ରତ୍ନ ଅଳଙ୍କାରରେ ଭରି ଦେଉ ମନ୍ଦିର ବାକ୍ସ ସବୁ। ଭାରତରେ ବଡ଼ ବଡ଼ ଛ'ଟି ମନ୍ଦିର ଏମିତି ଅଛି ଯେଉଁଠି ଦାନ ଆକାରରେ ଦୈନିକ ହାରାହାରି ୧୦ କୋଟିରୁ ଊର୍ଦ୍ଧ୍ୱ ଧନ ସଂଗ୍ରହ ହୋଇଥାଏ। ଏହିସବୁ ଦାନ ମୁଖ୍ୟତଃ ଅର୍ପଣ କରିଥାନ୍ତି ନାମୀଦାମୀ ସେଲିବ୍ରିଟି, ଧନାଢ଼୍ୟ ବ୍ୟକ୍ତି, ନେତା-ମନ୍ତ୍ରୀ, ଶିଳ୍ପପତି, କଳାଧନର ସୌଦାଗର ତଥା ଉଚ୍ଚ ପାହ୍ୟାର ପ୍ରଶାସକମାନେ। କେବଳ ତିରୁପତିମାଲାର ସମ୍ପତ୍ତି କୁଆଡ଼େ ୧.୦୩ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ, ଯାହାକି ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ଠାରୁ ବି ଅଧିକ। ଦାମୀପଣିଆ ଦେଖାଉଥିବା ଏଭଳି ବ୍ୟକ୍ତିମାନେ ଭାବିଥାଆନ୍ତି ଦାନ କଲାବେଳେ ମନ୍ଦିରରେ ଥିବା ଭଗବାନ ଦେଖୁଛନ୍ତି ବୋଲି। ମାତ୍ର ସେମାନେ ହୁଏତ ଭୁଲି ଯାଇଥାଆନ୍ତି ଯେ ଭଗବାନ କେବଳ ବନ୍ଧା ପଡ଼ି ନ ଥାଆନ୍ତି ମନ୍ଦିର ଗର୍ଭ ଗୃହ ଭିତରେ, ବ୍ରାହ୍ମଣ-ପୂଜକଙ୍କ ହାତରେ। ସର୍ବ ବିଦ୍ୟମାନ ଭଗବାନ ଚକା ଆଖିରେ ଆମର ପ୍ରତିଟି କର୍ମକୁ ଦେଖୁଛନ୍ତି ଅପଲକ ନୟନରେ। ପୁଣି ଭଗବାନ ଯିଏ ଆମର ପରମଦାତା, ସକଳ ସୃଷ୍ଟି ଓ ସମ୍ଭାରର ମାଲିକ, ତାଙ୍କୁ ଆମେ କ'ଣ ବା ଦାନ ଦେଇ ତୋଷିପାରିବୁ। ଭଗବାନ କ'ଣ ଆମ ପରି ପ୍ରଲୋଭିତ ହୁଅନ୍ତି ଏଇ ଟଙ୍କା-ପଇସା, ଧନ-ସମ୍ପତ୍ତିରେ? ମହୀଶୂରସ୍ଥ ବାଲାଜୀ ମନ୍ଦିର ପରି ଅନେକ ମନ୍ଦିରରେ ତ ଟଙ୍କାଟିଏ ବି ଦାନ-ଦକ୍ଷିଣା ଗ୍ରହଣ କରାଯାଏ ନାହିଁ, ବରଂ ସମାଜର ଦୁଃଖୀ-ରଙ୍କୀ, ପୀଡ଼ିତଜନଙ୍କ ସେବା-ସହାୟତା ପାଇଁ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ସେଠି ପ୍ରେରିତ କରା ଯାଇଥାଏ। ବିଭୁଦତ୍ତ ବିଭୂତି ବା ଧର୍ମାତ୍ମା ବ୍ୟକ୍ତିଟି ସିଏ, ଯିଏ ତା' ଚତୁର୍ପାର୍ଶ୍ୱରେ ଥିବା ମଣିଷମାନଙ୍କୁ ଭଲ ପାଇ ଚାଲେ। ବଞ୍ଚିତଜନ, ବୁଭୁକ୍ଷୁମାନଙ୍କ ମୁହଁରେ ଯିଏ ହସ ଭରିପାରେ। ନିଃସ୍ୱ, ନିଷ୍ପେଷିତ ଜନଙ୍କୁ ଭଲପାଇବା ତ ଈଶ୍ୱରଙ୍କୁ ଭଲପାଇବା। ଦୁଃଖୀ ଦରିଦ୍ରଙ୍କ ପ୍ରତି ଦୟାଭାବ ପୋଷଣ, ଦୁର୍ଗତବର୍ଗଙ୍କ ସେବାରେ ଯେଉଁ ପୁଣ୍ୟପଣ ନିହିତ ତାହା ତ ଅନ୍ୟ କେଉଁଠି ନାହିଁ। ଏକଦା ନ୍ୟୁୟର୍କର ପ୍ରସିଦ୍ଧ ମେୟର ଲାଗାର୍ଡିଆ, ନ୍ୟାୟାଧୀଶ ଦାୟିତ୍ୱରେ ବି ଥିଲେ, ତାଙ୍କ ମହାନଗରୀରେ। ଗୋଟିଏ ହୋଟେଲରୁ ରୁଟି ଚୋରି ଅଭିଯୋଗରେ ତାଙ୍କ ଦରବାରରେ ଉପସ୍ଥିତ କରାହେଲା ଜଣେ ବ୍ୟକ୍ତିକୁ। ଲୋକଟି ଚୋରି ସ୍ୱୀକାର କରି କହିଲା ''ନିଜର ତଥା ଘର ଲୋକଙ୍କ ଭୋକ-ଜ୍ୱାଳା ଅସହ୍ୟ ହେବାରୁ ଅତିଷ୍ଠ ହୋଇ ବାଧ୍ୟ ହେଲି କେଇଖଣ୍ଡ ରୁଟି ଚୋରି କରିବାକୁ।'' ସ୍ତବ୍ଧ ଓ ଲଜ୍ଜିତ ହେଲେ ନ୍ୟାୟାଧୀଶ। ଆଇନାନୁଯାୟୀ ଚୋରି ଅପରାଧରେ ଲୋକଟି ଉପରେ ୧୦ ଡଲାର ଜରିମାନା ଦଣ୍ଡ ବିଧାନ କରାଗଲା ସେଦିନ। ମାତ୍ର ରାୟ ଘୋଷଣା କରି ନ୍ୟାୟାଧୀଶ କହିଲେ- ''ଆମ ପାଖରେ ଏମିତି ଜଣେ ଭୋକଶୋଷରେ ଅତ୍ୟନ୍ତ ଦୟନୀୟ ଜୀବନ ବିତାଉଥିଲାବେଳେ ଆମେ ସମସ୍ତେ ଶାନ୍ତିରେ ଓ ଆରାମରେ ନିଦ୍ରା ଯାଉ। ନିଜ ନିଜ ସ୍ୱାର୍ଥ ପୂର୍ତ୍ତିରେ ବ୍ୟସ୍ତ ରହି ଅନ୍ୟମାନଙ୍କୁ ଉପେକ୍ଷା କରିଚାଲୁ, ଯାହାକି ନିନ୍ଦନୀୟ ଓ ଦଣ୍ଡନୀୟ ମଧ୍ୟ। ଲୋକଟିର ଚୋରିରେ ଆମେ ମଧ୍ୟ ଭାଗୀଦାର। ସର୍ବପ୍ରଥମ ଅପରାଧୀ ହେଉଛନ୍ତି ନ୍ୟୁୟର୍କର ମେୟର ଓ ତା'ପରେ ଆପଣମାନେ। ଏଣୁ ସମସ୍ତେ ମିଶି ଜରିମାନା ଅର୍ଥ ଭରଣା କରିବା ଉଚିତ।'' ନିଜେ ମେୟର ଦୁଇଡଲାର ଦେବା ସହିତ ଅନ୍ୟମାନଙ୍କଠାରୁ କିଛି କିଛି ଆଦାୟ କରି ଜରିମାନା ଅର୍ଥକୁ ଭରଣା କରିଥିଲେ। ତା'ପରେ ଲୋକଟି ପାଇଁ ବିହିତ ବ୍ୟବସ୍ଥା କରିବାକୁ ମହାନଗରୀକୁ ନିର୍ଦ୍ଦେଶ ଦେଇଥିଲେ।

ଅତଏବ ଶଯ୍ୟାରେ ଶୋଇବା ପୂର୍ବରୁ ଆସନ୍ତୁ ସେଇମାନଙ୍କୁ ଟିକେ ସ୍ମରଣ କରିବା। ଯନ୍ତ୍ରଣାଭରା ଜୀବନ ନେଇ ଯେଉଁମାନେ ଏମିତି ଜିଇ ଚାଲିଛନ୍ତି ଆସନ୍ତୁ ସାମାନ୍ୟ ହେଲେ ବି ତାଙ୍କ ପାଇଁ କିଛି କରିବାକୁ ପ୍ରୟାସ କରିବା। ଏହା ହେଲେ ୨୦୩୦ ମସିହା ସୁଦ୍ଧା କ୍ଷୁଧାହୀନ ବସୁଧାଟିଏ ଦେଖିବାକୁ ୨୦୧୬ ମସିହାରେ ଜାତିସଂଘର ସହନୀୟ ବିକାଶ ବିଭାଗ ଦ୍ୱାରା ପାରିତ ହୋଇଥିବା ସଂକଳ୍ପନାମା ହୁଏତ ସଫଳ ହୋଇ ପାରନ୍ତା।

ଗୋଡ଼ିଶୂଳ, ସଜନାଗଡ଼, ବାଲେଶ୍ୱର,
ମୋ- ୯୪୩୭୪୩୬୦୭୩

# ବିପଦରେ ବଣ୍ଡା ସଂସ୍କୃତି



ଦ୍ୱିତୀ ଚନ୍ଦ୍ର ସାହୁ

ଘୋଡେଇ ହୋଇଛି ମାଛକାତିଆ ଆକାଶ। ନୀଳ ଓ ଧଳାର ଅପୂର୍ବ ସମନ୍ୱୟରେ ଆକାଶ ଆହୁରି ଆକର୍ଷଣୀୟ ହୋଇଉଠିଛି ଶରତର ପହିଲି ଛୁଆଁରେ। ସବୁ ନୀରବତାକୁ ଭାଙ୍ଗି ଶୁଣିବାକୁ ବାଧ୍ୟ କରୁଛି ପାହାଡି ଝରଣାର ମୂର୍ଚ୍ଛନା। ପାହାଡ ଉପରେ ମାଡି ବସିଛି ହଳଦିଆ ରଙ୍ଗ ଠାଏ ଠାଏ। ମାଣ୍ଡିଆ ଫସଲ ପାଚି ଆସୁଥିବାର ସଂକେତ। ମଝିରେ ଲମ୍ବିଛି କଳା ମଚ ମଚ ନୂଆ ରାସ୍ତା ପାହାଡ ଉପରକୁ ଉଠିବାକୁ। ରାସ୍ତା ମଝିରେ ଠିଆ ହେଲେ ଲାଗିବ ଏହା ଘାଟି ନୁହେଁ, ସ୍ୱର୍ଗକୁ ଚଢିବାକୁ ଆମନ୍ତ୍ରଣ। ଏମିତି ଏକ ଆକର୍ଷଣରେ ଚଢୁଥିଲା ଆମ ଗାଡି ଖଇରପୁଟରୁ ମୁଦୁଲିପଡାକୁ। ମୁଦୁଲିପଡା ବଣ୍ଡା ଦେଶର ରାଜଧାନୀ। ଘାଟି ଉପର ଇଲାକା ହେଉଛି ବଣ୍ଡା ଦେଶ। ଘାଟି ତଳର ଲୋକଙ୍କ ପାଇଁ ବଣ୍ଡା ରାଇଜ। ପ୍ରାକୃତିକ ଶୋଭାରାଜିରେ ତିନି ହଜାର ଫୁଟ ଉଚ୍ଚତାରେ ଥିବା ବଣ୍ଡା ଦେଶ ଆଗନ୍ତୁକଙ୍କ ଲାଗି ଗୋଟିଏ ଆକର୍ଷଣ। ଦୁଇ ତିନିଟା ମୋଡ ଉଠିବା ପରେ ଗାଡି ଅଟକାଇବାକୁ ବିବଶ କରିବ ପାହାଡ ତଳର ଦୃଶ୍ୟ, କ୍ୟାମେରାରେ ଧରି ରଖିବାକୁ। ପ୍ରତି ମୋଡରେ ପାହାଡ ତଳର ସେଇ ଏକା ଦୃଶ୍ୟ ବଦଳିବା ଭଳି ଲାଗେ କୋଉ ସିନେମାର ଦୃଶ୍ୟପଟ ପରି। ଏମିତି ଅଦ୍ଭୁତ ଅନୁଭବ ଭିତରେ ଯେତେ ଉପରକୁ ଉଠୁଥିଲୁ ସେତିକି ସେତିକି ଉଦ୍‌ବେଳନ ବଢୁଥିଲା ବଣ୍ଡା ଦେଶର କାହାଣୀକୁ ସାଉଁଟିବାକୁ। ବ୍ୟଗ୍ର ହୋଇପଡୁଥିଲା ମନ ବଣ୍ଡା ଗାଁରେ ବୁଲି ବଣ୍ଡାଙ୍କ ସହ ଗପିବାକୁ। ବାଟରେ ଗୋଟିଏ ମୋଡରେ ଡାଲଖାଇ। ଡାଲ ଦେଇ ପୂଜା କରାଯାଏ। ଘାଟି ଚଢି କିଛି ଦୂର ତଳକୁ ଓହ୍ଲାଇଲା ପରେ ଦେଖାଗଲା ମୁଦୁଲିପଡା। ବଣ୍ଡା ଦେଶର ପ୍ରଥମ ଗାଁ। ବାଟରେ ଥିବା ଆବାସିକ ବିଦ୍ୟାଳୟ ସମସ୍ତଙ୍କୁ ସ୍ୱାଗତ ଜଣାଏ। ବଣ୍ଡା ପିଲାମାନେ ସଭ୍ୟ ଶିକ୍ଷିତ ହେବାର କାରଖାନା। ବର୍ଷ ବର୍ଷ ଧରି ପିଢି ପରେ ପିଢି ବଣ୍ଡା ପିଲାମାନେ ଏଠି ନିଜକୁ ଭିନ୍ନ ରୂପରେ ଗଢିଛନ୍ତି। ସାମାନ୍ୟ ଦୂରରେ ବଣ୍ଡାଙ୍କ ଉନ୍ନତି ଲାଗି ସ୍ୱତନ୍ତ୍ର ପ୍ରକଳ୍ପର କାର୍ଯ୍ୟାଳୟ। କିନ୍ତୁ ବଣ୍ଡା ଗାଁରେ ବୁଲିଲା ପରେ ସବୁ କିଛି ପାଣିଚିଆ ଲାଗିଲା। ମଣିଷଗଢା କାରଖାନାରୁ ବାହାରୁଥିବା ଅଧିକାଂଶ ପିଲା ପରିବାରର ବୋଝ। ପାରମ୍ପରିକ ଚାଷରେ ନିଜର ଭାଗିଦାରିତା ଦେଇପାରୁନାହାନ୍ତି। ଅଧାପାଠୁଆ ହୋଇଥିବାରୁ ଚାକିରି ପାଇଁ ଯୋଗ୍ୟ ହୋଇପାରୁ ନାହାନ୍ତି। ଅଥଚ ସଭ୍ୟ ହୋଇଥିବାର ନିଆରା ଅନୁଭବ ଭିତରେ ସେମାନଙ୍କ ନିଜ ନିଜର ଆବଶ୍ୟକତା କାହିଁରେ କେତେ ବଢିଯାଇଛି। ଯେଉଁମାନେ ଚାକିରି କରୁଛନ୍ତି ସେମାନେ ପୁଣି ବଣ୍ଡା ଘାଟିକୁ ଆସି ମାଟି ଘର, ଅସ୍ୱାସ୍ଥ୍ୟକର ଗାଁ ପରିବେଶ, ଝରଣା ପାଣିର ଜଳକୁ ନେଇ ବଞ୍ଚିବା କଷ୍ଟକର ହୋଇପଡୁଛି। ସେମାନେ ଜରୁରୀ ସମୟ ବ୍ୟତୀତ ଅନ୍ୟ ସମୟରେ ଗାଁର କିମ୍ବା ଜାତିର ଉନ୍ନତି ବିଷୟରେ ଚିନ୍ତା କରୁ ନ ଥିବା ଗାଁରେ ଥିବା ଅଧାପାଠୁଆ ବଣ୍ଡା ପିଲାଙ୍କ ସହ କଥା ଛଳରେ ଜାଣି ହେଲା। ଜଗତୀକରଣର ମହାସ୍ରୋତରେ ସାମିଲ ହୋଇ ବଣ୍ଡା ଯୁବ ପିଢିଙ୍କ ଭେକ ଓ ଭିକ ବଦଳିଯାଇଛି। ବଣ୍ଡା ରମଣୀ ପାରମ୍ପରିକ ଅଳଙ୍କାର ଆଉ ପିନ୍ଧୁ ନାହିଁ। ଗାଁରେ ଥିବା କାଁ ଭାଁ ବୟସ୍କା ମହିଳାମାନେ କେବଳ ନିଜ ପାଖରେ ଥିବା ପାରମ୍ପରିକ ଅଳଙ୍କାରକୁ ପିନ୍ଧୁଛନ୍ତି। ବଣ୍ଡାଙ୍କ ଭିତରେ ଚେତନା ଜାଗ୍ରତ ହେବା ଭଲ କଥା। ବଣ୍ଡା ଦେଶରେ ବୈପ୍ଳବିକ ସାମାଜିକ ପରିବର୍ତ୍ତନ ହୋଇଛି। ପାରମ୍ପରିକ ଖୋଦେଇ ଦ୍ୱାର ସହ ନୁଆଁଣିଆ ଚାଳଘର କେତୋଟି ପ୍ରାଚୀନତାକୁ ବାନ୍ଧି ରଖିଛି ସତ। ବାକି ଘରଗୁଡିକ ଟିଣ ଓ ଟାଇଲରେ ସଜେଇ ହୋଇ ନୂତନତାକୁ ଆବୋରିଛି। ଗାଁ ପାଖ ପାହାଡ ସବୁ ନଣ୍ଡା ହୋଇଗଲାଣି। ଚାଷବାସରେ ସେଭଳି ଆଖିଦୃଶିଆ ଫରକ ନାହିଁ। ସେଇ ପାରମ୍ପରିକ ମାଣ୍ଡିଆ, କାଙ୍ଗୁଲ, ସୁଆଁ, ମକା, କଦଳୀ ଚାଷ ଭିତରେ ସୀମିତ। ଏସବୁ ପରିବାରର ପେଟକୁ ନିଅଣ୍ଟ। ଏଣେ ଯୁବପିଢି ଆଧୁନିକତାର ସ୍ପର୍ଶରେ ମତୁଆଲା। ବୃତ୍ତି ଓ ପ୍ରବୃତ୍ତି ବଦଳିଛି। ବଢୁଛି ସେମାନଙ୍କ ଆବଶ୍ୟକତା। ପରିବାରର ବଞ୍ଚିବା ଚିନ୍ତା ସହ ଯୁବପିଢିଙ୍କ ମୌଳିକ ଆବଶ୍ୟକତା ମେଣ୍ଟାଇବାକୁ ପରିବାର ନିକଟରେ ଅର୍ଥର ଅଭାବ। ଅର୍ଥ ଲାଗି ନିଜ ଦେଶ ଛାଡୁଛନ୍ତି ଏବେ ବଣ୍ଡା। ବଣ୍ଡା ରମଣୀ ସବୁବେଳେ ପରିଶ୍ରମୀ। ପୁରୁଷର ହାତ ଟେକାକୁ ତା'ର ଅପେକ୍ଷା ନାହିଁ। ଡଙ୍ଗର ଭଲ ତ ସେ ଭଲ। ତା'ଠାରୁ ବୟସରେ କମ୍ ହୋଇଥିଲେ ବି ପୁରୁଷ ଚାଷବାସରେ ବଣ୍ଡା ରମଣୀଠାରୁ ବହୁ ପଛରେ। ହେଲେ ସେମାନଙ୍କର ବଦଳିଛି ମିଜାଜ। ଏବେ ସେ ଯାଉଛି ଦାଦନ ଖଟିବାକୁ। ବଣ୍ଡା ଓ ବଣ୍ଡା ରମଣୀ ମିଶି ଆନ୍ଧ୍ରକୁ ନିର୍ମାଣ ଶ୍ରମିକ ଭାବେ ବହୁ ସଂଖ୍ୟାରେ ଭିଟାମାଟି ଛାଡୁଥିବା ଶୁଣିଲା ପରେ ସବୁତକ ଆବେଗ ଓ ଆକର୍ଷଣ ଯେମିତି ଗୋଟିଏ ବିନ୍ଦୁରେ ଆସି ଠୁଳ ହୋଇଗଲା। ବଣ୍ଡାଙ୍କ ଭିତରେ ଏଇ ପରିବର୍ତ୍ତନ ଗୋଟେ ଗଣ୍ଠିମୁକ୍ତ, ସରଳ ଅଥଚ ଦୁର୍ଦ୍ଧର୍ଷ ଜାତିକୁ ବିଲୁପ୍ତି ଆଡକୁ ଟାଣି ନେଉଥିବା ଅନୁଭବ ହେଲା। ଅଚିରେ ଗୋଟିଏ ଜାତିର ମହାନ ସଂସ୍କୃତି ଲୋପ ପାଇଯିବାର ଆଶଙ୍କା ପ୍ରକାଶ ପାଇଲା। ଏଇ ସମୟରେ ଗାଁ ଭିତରେ ପ୍ରବେଶ କରୁଥିଲା ଚକଚକିଆ ଦାମୀ ଗାଡି। ଶ୍ରମିକ ଯୋଗାଡ ଲାଗି ଆସିଥିବା ଦଲାଲକୁ ଦେଖି କ୍ରମଶଃ ଭିଡ ଜମାଉଥିଲେ ବଣ୍ଡା ଯୁବତୀଯୁବକ। ଆଶଙ୍କାକୁ ସତ୍ୟ ପ୍ରମାଣିତ କରିବା ଲାଗି ପ୍ରମାଣର ଆଉ ଆବଶ୍ୟକତା ନ ଥିଲା। ପାରମ୍ପରିକ ବେଶଭୁଷାରେ ଥିବା ବଣ୍ଡା ମହିଳାଙ୍କ ଫୋଟୋଟିଏ ଲାଗି ମନ କିନ୍ତୁ ଆହୁରି ବିକଳିଆ ହୋଇପଡୁଥିଲା।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ- ୯୫୫୬୨୮୭୭୭୫

### ଏଇ ଭାରତରେ

ସମାଜରେ ହିନ୍ଦୁ ଓ ମୁସଲମାନ ଏକାଠି ବିଭିନ୍ନ ପର୍ବ ପାଳନ କରୁଥିବାର ଦୃଷ୍ଟାନ୍ତ ରହିଥିବାବେଳେ ବିହାରର ଏକ ଗାଁ ଏଥିରୁ ବାଦ୍‌ପଡିନି। ଗାଁର ନାମ ବଥୁଆ ବୁଜୁର୍ଗ। ସମସ୍ତିପୁର ଜିଲା ଅନ୍ତର୍ଗତ ସରାୟରଞ୍ଜନ ବ୍ଲକ୍‌ର ଏହି ଗାଁ ଛଟ୍ ଅବସରରେ ଧର୍ମର ପାଚେରିକୁ ଭାଙ୍ଗିଦେଇ ସଦ୍‌ଭାବନାର ବାର୍ତ୍ତା ଦେଇଛନ୍ତି। ଏଠାରେ ମୁସଲମାନଙ୍କର ଛଟ୍ ପ୍ରତି ଅଗାଧ ଶ୍ରଦ୍ଧା ରହିଛି ଓ ସେମାନେ ହିନ୍ଦୁମାନଙ୍କ ସହ ଏକାଠି ଏହାକୁ ପାଳନ କରୁଛନ୍ତି। ବଥୁଆ ବୁଜୁର୍ଗରେ ଏହି ପରମ୍ପରା ଶହ ଶହ ବର୍ଷ ଧରି ଚଳିଆସୁଛି। ପ୍ରଥମେ ଗାଁରେ ରହୁଥିବା ତିନୋଟି ମୁସଲମାନ ପରିବାର ଏହି ବ୍ରତ ଆରମ୍ଭ କରିଥିଲେ। ଏବେ ସେମାନଙ୍କ ପରିବାର ସଂଖ୍ୟା ୧୫ରେ ପହଞ୍ଚିଲାଣି। ଉକ୍ତ ଗାଁରେ ଥିବା ଏକ ପୁଷ୍କରିଣୀ ଘାଟରେ ଉଭୟ ହିନ୍ଦୁ ଓ ମୁସଲମାନ ସମୁଦାୟର ମହିଳାମାନେ ଏକାଠି ସୂର୍ଯ୍ୟଦେବଙ୍କ ପୂଜା କରିଥାନ୍ତି। କେବଳ ଏତିକି ନୁହେଁ ସ୍ଥାନୀୟ ପଞ୍ଚାୟତ ଓ ତା' ପାଖ ପଞ୍ଚାୟତର ମୁସଲମାନମାନେ ଏମାନଙ୍କ ସହ ଏହି ପୁଷ୍କରିଣୀ କୂଳରେ ଛଟ୍ ପାଳନ କରୁଛନ୍ତି। ଉଭୟ ସମ୍ପ୍ରଦାୟର ଲୋକେ ପେସାରେ ବୁଣାକାର ଏବଂ ସେମାନଙ୍କ ମଧ୍ୟରେ ସମ୍ପର୍କ ଭଲ ଥିବାରୁ ଛଟ୍ ପ୍ରତି ମୁସଲମାନମାନେ ଆକୃଷ୍ଟ ହୋଇଛନ୍ତି। ଛଟ୍ ପାଳନ କରିବା ଦ୍ୱାରା କେତେଜଣ ମୁସଲମାନଙ୍କର ମନସ୍କାମନା ପୂର୍ଣ୍ଣ ହେବାପରେ ଏହାପ୍ରତି ସେମାନଙ୍କର ଗଭୀର ବିଶ୍ୱାସ ଆସିଛି। ଆସ୍ଥା ଓ ଶ୍ରଦ୍ଧାର ସହ ଏହି ପର୍ବ ପାଳନ କରିବା ଲାଗି ପ୍ରେରଣା ମିଳିଛି ବୋଲି କୁହନ୍ତି ମୁସଲମାନ ମହିଳାମାନେ।

### ୨୫ ବର୍ଷ ତଳର ଧରିତ୍ରୀ

୨ ନଭେମ୍ବର ୧୯୯୪

- ଆମେରିକାର ମାଡେଲାଇନ ଆଲବ୍ରାଇଟ ଜାତିସଂଘ ନିରାପତ୍ତା ପରିଷଦର ଅଧ୍ୟକ୍ଷ ନିଯୁକ୍ତ।
- ଭିଏତ୍‌ନାମର ଡେଲ୍‌ଟା ପ୍ରଦେଶରେ ଆସିଥିବା ବନ୍ୟାରେ ୩୮ ଜଣଙ୍କର ପ୍ରାଣହାନି।
- ଆମେରିକାର ଏକ ଯାତ୍ରୀବାହୀ ବିମାନ କୃଷିକ୍ଷେତ୍ରରେ ଖସିପଡିବା ଫଳରେ ୬୮ ଯାତ୍ରୀଙ୍କ ମୃତ୍ୟୁ।
- ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ସହର ନିକଟରେ ଏକ ଯାତ୍ରୀବାହୀ ବସ ଦୁର୍ଘଟଣାରେ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଚାଲ ଏବେ କନା ବ୍ୟାଗ ଧରି ବଜାର ଯିବା

ମହାଶୟ,

ସରକାର ଏବେ ପ୍ଲାଷ୍ଟିକ, ସୋଲ, ଜରି, ପଲିଥିନ, ପାଣି ପାଉଚ, ପ୍ଲାଷ୍ଟିକ ପାଣି ଓ ଫଳରସ ବୋତଲ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିଥିବାରୁ ଗ୍ରାହକମାନେ ବହୁ ଅସୁବିଧାରେ ପଡୁଛନ୍ତି। ବିଶେଷକରି ଛୋଟ ପିଲାମାନେ ବିସ୍କୁଟ, ପାଉଁରୁଟି, କୁରୁକୁରୀ ଓ ମାଜା ଆଦି କିଣି ଖାଇ ସାରିବା ପରେ ସେଗୁଡିକୁ ରାସ୍ତାଘାଟରେ ଫିଙ୍ଗିଦେଉଛନ୍ତି ଯାହା ଅଳିଆ, ଆବର୍ଜନା ହୋଇ ଏଣେତେଣେ ପଡିରହୁଛି। ଅବଶ୍ୟ ସଚେତନ ନାଗରିକମାନେ ବଜାରକୁ ଗଲେ ହାତରେ ବ୍ୟାଗଟିଏ ଧରି ଯିବା ପାଇଁ ବାଧ୍ୟ ହେବେ ନଚେତ ପନିପରିବା ଓ ଅନ୍ୟାନ୍ୟ ଆବଶ୍ୟକ ଜିନିଷପତ୍ର ଆଣିବା ପାଇଁ ଅସୁବିଧାରେ ପଡିବେ। ଯେଉଁ କମ୍ପାନୀ ସବୁ ଏଭଳି ନିଷିଦ୍ଧ ପଦାର୍ଥ ତିଆରି କରୁଛନ୍ତି ସେମାନଙ୍କ ଉପରେ ପ୍ରଥମେ ଲଗାମ ଲଗାଯାଉ। ନଚେତ ଲୁଚାଛପା ଏସବୁର ବ୍ୟବହାର ଲାଗିରହିବ। ସୁତରାଂ ସଚେତନ ଜନସାଧାରଣ ଚାଲ, ଏବେ ବ୍ୟାଗ ଧରି ବଜାର ଯିବା ସ୍ଲୋଗାନକୁ ମନେପକାଇ କାର୍ଯ୍ୟ କରିପାରିଲେ ଆମ କଳ୍ପିତ ସ୍ୱଚ୍ଛ ଭାରତ ଅଧିକ ସ୍ୱଚ୍ଛତା ଆଣିପାରିବ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ବର୍ଷା ଯାଉନି, ଚାଷୀ ମାଛ ପାଉନି

ବେଳ ଗଡିଯିବା ସତ୍ତ୍ୱେ ଏବର୍ଷ ଆଉ ଯଦି ଅଧିକ ଦିନ ବର୍ଷା ଲାଗିରହେ ଚାଷୀ କାନ୍ଦିବାଟା ସୁନିଶ୍ଚିତ। ବିଳମ୍ବରେ ଆସିବା ଓ ଶେଷ ସମୟରେ ଅନବରତ ବର୍ଷିବା ଯୋଗୁ ରାଜ୍ୟର ବହୁ ସ୍ଥାନରେ ମରୁଡି ପରିସ୍ଥିତି ଟଳିଯାଇଛି। ଏହା ମଧ୍ୟ ଉତ୍ତର ଓଡ଼ିଶା ଯା ଭିତରେ ପ୍ରମୁଖ ଅଞ୍ଚଳ ଭାବେ ମରୁଡିର ଥିଲା, ହେଲେ ପାଗଯୋଗ ବେଳାବେଳି ଭଲରେ ନ ଭିଡିବାରୁ ବଡ ଚାଷୀ ନିଜର ସବୁତକ ଜମି ଚାଷ କରିବାରେ ବିଫଳ ହୋଇଛନ୍ତି। ରାଜ୍ୟରେ କାଳିଆ ଯୋଜନାରେ ଯେଉଁ ଅଣଚାଷୀ ଟଙ୍କା ହଡପ କରିଛନ୍ତି କିଭଳି ଚାଷୀଟିଏହେବେ ଏବେ ଠୁ ଆଉଟୁ ପାଉଟୁ ହେଲେଣି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଆଉ ମାଛର ମହକ ବର୍ଷାଦିନିଆ ନାହିଁ। ଜମିରୁ ବିଷ ଖାଇ ଦେଶୀ ମାଛମରି ଯାଇଥିବା ବେଳେ ମୁହାଣରୁ ଦେଶ ବିଦେଶକୁ ସାମୁଦ୍ରିକ ମାଛ ବ୍ଲକ୍ ହୋଇ ଯାଉଛି। ଚାଷୀର ମାଛ ସହିତ ସମ୍ପର୍କ କଟିଗଲାଣି। ଚାଷୀ ଘରୁ ଖଇଁଚି ଓ ଅନ୍ଧୁଣୀକୁ ଘୁଣ ଖାଇଗଲାଣି। ବର୍ଷାଦିନେ ଇଲିଶି ମାଛ ଅନେକ ପରିବାରରେ ଅତୀତର କାହାଣୀ ହୋଇଯାଇଛି। ଦିନ ଆସିବ ରାଶନ କାର୍ଡ ଭଳି ଲୋକଙ୍କୁ ମାଛ ମିଳିବ ଧାଡିବାନ୍ଧି।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ମହିଳା ଜନପ୍ରତିନିଧି ସମ୍ମିଳନୀ

ବାରକୋଟ, ୧।୧୧ (ଡି.ଏନ.ଏ)- ଦେବଗଡ ଜିଲା ବାରକୋଟ ବ୍ଲକ ପ୍ରକୃତିପଲ୍ଲି କାର୍ଯ୍ୟାଳୟ ଗୁରୁସଙ୍ଗଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିତା ପକ୍ଷରୁ ମହିଳା ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଦେବଗଡ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ଯୋଗଦେଇଥିଲେ । ବାରକୋଟ ବ୍ଲକ ଅଧକ୍ଷା ସୁବାସିନୀ ସାହୁ, ବିଡିଓ ଟୁନୁ ମେହେର, ଜାତୀୟ ମହିଳା ଗୋଷ୍ଠୀ ସଦସ୍ୟା ବିଶାଖା ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ମହିଳା ପଞ୍ଚାୟତ ପ୍ରତିନିଧିଙ୍କ ଗ୍ରାମ ପଞ୍ଚାୟତର ସକ୍ରିୟ ଭୂମିକା ଗ୍ରହଣ ଉପରେ ଆଲୋଚନା ହୋଇଥିଲା । ମହିଳା ପ୍ରତିନିଧି କିପରି ଅଧିକରୁ ଅଧିକ ସଂଘବଦ୍ଧ ହୋଇ ନିଜର ଦାବି ଉପସ୍ଥାପନ କରିପାରିବେ ସେ ସମ୍ପର୍କରେ ବିଶାଖା ଭଞ୍ଜ ବିଷଦ ଭାବରେ ବୁଝାଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତି ପଞ୍ଚାୟତରୁ ମହିଳାମାନେ ଆଣିଥିବା ଅଭିଯୋଗ ଶୁଣିବା ସହିତ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିତାର ଜନମିଶନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଦୁର୍ଗମ ଅଞ୍ଚଳରେ ଝରଣା ପାଣି ପିଉଥିବା ଲୋକଙ୍କପାଇଁ ପାଣିର ବ୍ୟବସ୍ଥା ଉପରେ ଜିତା ତରଫରୁ ସିମାଞ୍ଚଳ ପଣ୍ଡା ପିଡିଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମର ବାରକୋଟ ବ୍ଲକର ୨୪ ଗୋଟି ଗ୍ରାମ ପଞ୍ଚାୟତର ମହିଳା ପ୍ରତିନିଧିମାନେ ଯୋଗଦେଇଥିଲେ । ଜିତାର ସମ୍ପାଦିକା ଅନୁପମା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶ୍ରଦ୍ଧାରାଣୀ ସାହୁ, ହୀରାମଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ ।

### ଉଦେପୁର ଛକରେ ଦୁର୍ଘଟଣା

ଅତାବିରା, ୧।୧୧ (ଡି.ଏନ.ଏ) ସୋନପୁର ପଟରୁ ଗୋଡଭଗା ଆଡକୁ ଦ୍ରୁତବେଗରେ ଆସୁଥିବା ଏକ କାର୍ (ନଂ. ଓଡି୦୯ଜେ/୫୫୫୦) ଭାରସାମ୍ୟ ହରାଇବାରୁ ଗୁରୁବାର ରାତିରେ ହୋଟେଲ କାନ୍ଥରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଗାଡିର ଆଗପଟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ଏହି ଦୁର୍ଘଟଣାରେ ୩ଜଣ ଗୁରୁତର ଆହତ ହୋଇଥିବା କୁହାଯାଉଛି । ତେବେ ଆହତମାନଙ୍କୁ କେଉଁଠି ଚିକିତ୍ସା କରାଯାଉଛି ସେ ନେଇ କୌଣସି ସୂଚନା ମିଳିନାହିଁ ବୋଲି ରୁସୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତଙ୍କୁ ପଚରାଯିବାରୁ କହିଥିଲେ ।

# ଅନଶନରେ ବସିଲେ ଚାଷୀ

ବରଗଡ଼ ଅଫିସ୍,୧।୧୧

ବରଗଡ଼ ଜିଲାରେ ଧାନ କିଣାବିକାରେ ହେଉଥିବା ଅନିୟମିତତା କାହାକୁ ଅଜଣା, ଅଛପା ହୋଇ ରହିନାହିଁ। ଏଠାରେ ଧାନର ଅଭାବୀ ବିକ୍ରି ସାଧାରଣରେ ପରିଣତ ହୋଇଥିବାବେଳେ ଧାନକ୍ରୟ ସଂସ୍ଥା ଗୁଡ଼ିକରେ ଚାଲିଥିବା ଅନିୟମିତତା ସୀମା ଟପି ଯାଇଛି। ଏଭଳି ଅନିୟମିତତାର ଠୋସ୍ ପ୍ରମାଣ ମିଳିବା ସତ୍ତ୍ୱେ ସମ୍ପୃକ୍ତ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏଥିରୁ ଜିଲାରେ ଚାଲିଥିବା ଧାନ କିଣାବିକାର ସ୍ୱଚ୍ଛତା ପଦାରେ ପଡ଼ିଯାଇଛି । ସେହିପରି ଏଭଳି ଅନିୟମିତତାରେ ପ୍ରଶାସନର ନିରବତାକୁ ନେଇ ସାଧାରଣରେ ନାନା ସନ୍ଦେହ ପ୍ରକାଶ ପାଇଛି। ଏହାକୁ ନେଇ ଜିଲାରେ ଚାଷୀ ଆନ୍ଦୋଳନ ତେଜିବାରେ ଲାଗିଛି। ଆସନ୍ତା ୧୦ତାରିଖରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଗୁରୁବାର ପ୍ରଶାସନ ନିଷ୍ପତ୍ତି ନେଇଥିବାବେଳେ ବିଗତ ବର୍ଷର ଧାନ କିଣାବିକା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ଶୁକ୍ରବାରଠାରୁ ଝାରବନ୍ଧ ବ୍ଲକ ଡଭା ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳ ଅଫିସ ଆଗରେ ତମ୍ବୁ ପକାଇ




ଝାରବନ୍ଧ ବ୍ଲକ ଡଭା ପ୍ୟାକ୍ସରେ ଦୁର୍ନୀତିର ତଦନ୍ତ ଦାବିରେ ଜିଲାପାଳଙ୍କ ଅଫିସ ଆଗରେ ଚାଷୀମାନେ ଅନଶନରେ ବସିଛନ୍ତି ।

**ଝାରବନ୍ଧ ବ୍ଲକ**

- ପ୍ୟାକ୍ସ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି
- ଅନଶନରେ ୫ମହିଳାଙ୍କ ସମେତ ୨୧ ସାମିଲ
- ନୂତନ ସମ୍ପାଦକ ନିଯୁକ୍ତି ଦାବିକଲେ ଚାଷୀ
- ସରପଞ୍ଚ, ନାଏବ ସରପଞ୍ଚ ମଧ ସମର୍ଥନ ଜଣାଇଲେ

ଅନଶନ ଆରମ୍ଭ ହୋଇଛି । ଅନଶନରେ ୨୧ଜଣ ବସିଥିବାବେଳେ ବହୁସଂଖ୍ୟକ ଚାଷୀ ପ୍ରତିନିଧି ସମର୍ଥନ ଜଣାଇ ସେଠାରେ ଉପସ୍ଥିତ ଅଛନ୍ତି । ଡଭା ପ୍ରାଥମିକ ସମବାୟ ସମିତି(ପ୍ୟାକ୍ସ)ରେ ଧାନ କିଣାବିକାଠାରୁ ଆରମ୍ଭ କରି ଋଣ ପ୍ରଦାନ ଆଦି କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ସ୍ଥାନୀୟ ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ବାରମ୍ବାର ସମବାୟ ବିଭାଗ ସମେତ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର ପ୍ରଶାସନିକ ଅଧିକାରୀଙ୍କଠାରୁ ଆଶ୍ୱାସନା ଛଡ଼ା ଅନ୍ୟ କିଛି ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳ ଅଫିସ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଆରମ୍ଭ ହୋଇଥିବା ଚାଷୀ ପ୍ରତିନିଧିମାନେ କହିଛନ୍ତି। ଆଞ୍ଚଳିକ କୃଷକ ସଙ୍ଗଠନର ସମ୍ପାଦକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଛୋଟଅନକି ସରପଞ୍ଚ ଉର୍ମିଳା କନ୍ଧ, ନାଏବ ସରପଞ୍ଚ ରୂପେଇ କୈବର୍ତ୍ତଙ୍କ ସମେତ ୨୧ଜଣ ଅନଶନରେ ବସିଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ମହିଳା ଅଛନ୍ତି। ଡଭା ପ୍ୟାକ୍ସରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଥା ଭିଜିଲାନ୍ସ ତଦନ୍ତ, ଯୋଗ୍ୟତା ଭିତ୍ତିରେ ନୂତନ ସମ୍ପାଦକ ନିଯୁକ୍ତି, ଫସଲବୀମା ସହାୟତା ପ୍ରଦାନ ସମୟରେ ଏସିଏଫ ଉଚ୍ଛେଦ, ଧାନ କିଣାବିକା ସମୟରେ କଟନୀଛଟନୀ ବନ୍ଦ ଆଦି ଦାବିରେ ସେମାନେ ଅନଶନରେ ବସିଛନ୍ତି । ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝି, ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁ ପ୍ରମୁଖ ଅନଶନସ୍ଥଳକୁ ଆସି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ଫଳରେ ଅନଶନ ଜାରି ରହିଛି। ସେହିପରି ଜୟ କିଶାନ ଆନ୍ଦୋଳନର ଜିଲା ଆବାହକ ରମେଶ ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଆମ ଆଦମୀ ପାର୍ଟି ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଶୁଦ୍ରମୁକ୍ତି ଅଭିଯାନ ଆବାହକ ପବିତ୍ର ଦେହେରୀ, ବାଲକିଶୋର ଛତର ପ୍ରମୁଖ ଅନଶନସ୍ଥଳକୁପହଞ୍ଚିସମର୍ଥନ ଜଣାଇଥିଲେ ।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ସୋହେଲା,୧।୧୧(ଡି.ଏନ.ଏ)

ପଶ୍ଚିମ ଓଡିଶା ସ୍ୱାଧିନତା ସ୍ମୃତି ସମିତି ତରଫରୁ ଗୁରୁବାର ସ୍ଥାନୀୟ ସଂସ୍କୃତି ଭବନରେ ସମିତି ସଭାପତି ପ୍ରକାଶ ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଏକତା ଦିବସ ଓ ଜାତୀୟ ସଂହତି ଦିବସ ପାଳିତ ହୋଇ ଯାଇଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ରୀୟ ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ବଲପୁର ବିକାଶ କଲେଜର ଓଡିଆ ବିଭାଗ ଅଧ୍ୟାପକ ବିପିନ ମହାନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ଗାନ୍ଧୀ ଆଲୋଚନାଚକ୍ରରେ ଡା, ଶିଶିର କୁମାର ସାହୁ, ଦେଶବନ୍ଧୁ ପ୍ରଧାନ, ମୁକ୍ତେଶ୍ୱର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସ୍ୱାଧୀନତା ସ୍ମୃତି ସମିତିର ସମ୍ପାଦକ ଅଧ୍ୟାପକ ଟେକଚାନ୍ଦ ଦୁଆନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗ୍ରାମୀ ପୀଠ ପାଣିମୋରା ଗ୍ରାମର ଗାନ୍ଧୀ ପ୍ରାର୍ଥନା ମଣ୍ଡଳୀ, ସର୍ବୋଦୟ ସମାଜ ତଥା ସୋହେଲା ନାଗରିକ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଦେବଗଡ଼ ଜିଲା ବିଜେଡିର ଜନସମ୍ପର୍କ ପଦଯାତ୍ରା

ଦେବଗଡ,୧।୧୧(ଡି.ଏନ.ଏ)

ଦେବଗଡ ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଗତ ଅକ୍ଟୋବର ୨ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ ତିଥିରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ବିଜେଡି ନେତା ଓ କର୍ମୀ ବିଭିନ୍ନ ସ୍ଲୋଗାନସହ ନଗର ପରିକ୍ରମା କରି ଟାଉନ ହଲଠାରେ ପହଞ୍ଚିଥିଲେ । ଆୟୋଜିତ ଉଦ୍‌ଯାପନୀ ସଭାରେ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଇଂ. ଚିତରଞ୍ଜନ ପ୍ରଧାନ, ଇଂ.ସୁଜିତ କୁମାର ପ୍ରଧାନ, ପୂର୍ବତନ ଜିଲାପରିଷଦ ଅଧକ୍ଷା ସୁଷମା ବେହେରା ଓ ପୂର୍ବତନ ପୌରପରିଷଦ ଅଧକ୍ଷା ଅନିତା ପାତ୍ର, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଉପସଭାପତି ପୁଷ୍ପାଞ୍ଜଳି ସାମଲଙ୍କ ସମେତ ଆଇନଜୀବୀ ରଞ୍ଜନ କୁମାର ସାହୁ,ଜ୍ଞାନେନ୍ଦ୍ର ବିଶ୍ୱାଳ, ସଞ୍ଜୁକ୍ତା ମିଶ୍ର,ପୂର୍ବତନ କାଉନଶିଲର ମାନସ ପ୍ରଧାନ,ଆହିଁସା ନାୟକ ଓ କୁଳ ଚନ୍ଦ୍ରମା ହସ୍ତୀ ପ୍ରମୁଖ ମଞ୍ଚାସୀନ ରହି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବାସହ ବିଜେଡି ଦଳ ତଥା ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ସରକାରର ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେବଗଡ ଜିଲା ବିଜୁ ଜନତା ଦଳର ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଇଂ. ଚିତରଞ୍ଜନ ପ୍ରଧାନ, ଇଂ.ସୁଜିତ କୁମାର ପ୍ରଧାନ, ଇଂ.ବିଷ୍ଣୁ ପ୍ରସାଦ ଅମାତ୍ୟ, କାମାକ୍ଷା ଗଙ୍ଗଦେବ, ପୂର୍ବତନ ଜିଲାପରିଷଦ ଅଧକ୍ଷା ସୁଷମା ବେହେରା ଓ ପୂର୍ବତନ ପୌରପରିଷଦ ଅଧକ୍ଷା ଅନିତା ପାତ୍ର ଓ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଉପସଭାପତି ପୁଷ୍ପାଞ୍ଜଳି ସାମଲ, ଆଲୋକ କୁମାର ଅମାନ୍ତ, ଦିଲ୍ଲୀପ କୁମାର ପାତ୍ର, ରଜତକାନ୍ତ ପ୍ରଧାନ, ମନୋଜ କୁମାର ଆଚାର୍ଯ୍ୟ, ହିମାଂଶୁ ଶେଖର ବଡପଣ୍ଡା, ଶୁକଦେବ ଭଞ୍ଜ.ପପୁନ ଦେବଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ ।



ବିଜେଡି ନେତା ଓ କର୍ମୀମାନେ ଜନସମ୍ପର୍କ ପଦଯାତ୍ରାରେ ନଗର ପରିକ୍ରମା କରୁଛନ୍ତି ।

# ଜିଲାସ୍ତରୀୟ ଭିଜିଲାନ୍ସ ସପ୍ତାହ ପାଳିତ



ଦୁର୍ନୀତି ନିବାରଣ ସଚେତନତା ଶପଥପାଠ କରୁଛନ୍ତି ।

ଦେବଗଡ,୧।୧୧(ଡି.ଏନ.ଏ) ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଭିଜିଲାନ୍ସ ଡି.ଏସ୍.ପି.ପରମେଶ୍ୱର କିଷାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୁଧାଂଶୁ ସାମଲ, ସମ୍ମାନିତ ଅତିଥି ଭାବେ ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ଓ ମୁଖ୍ୟବକ୍ତା ଭାବେ ପବ୍ଲିକ ପ୍ରୋସିକ୍ୟୁଟର ରଞ୍ଜନ କୁମାର ସାହୁ ଯୋଗଦେଇ ଚଳିତବର୍ଷର ଆଲୋଚ୍ୟ ବିଷୟ ବସ୍ତୁ 'ସଚ୍ଚୋଟତା-ଏକ ଜୀବନଶୈଳୀ'ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ପାଇଁ ସମସ୍ତେ ବ୍ରତୀ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜିଲାପାଳ ସାମଲ ଉପସ୍ଥିତ ସରକାରୀ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ମାନଙ୍କୁ ଦୁର୍ନୀତି ବିରୁଦ୍ଧରେ ଶପଥପାଠ କରାଇଥିଲେ। ଶେଷରେ ଭିଜିଲାନ୍ସଇନ୍ସପେକ୍ଟର ସୁଧିର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନକଆଉଟ ଫୁଟବଲ ଟୁର୍ନାମେଣ୍ଟ: ବାବୁପାଲି ଚାମ୍ପିୟନ

**ଭେଡ଼େନ,୧।୧୧(ଡ଼ି.ଏନ.ଏ):**ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ ଖେଳ ପଡ଼ିଆରେ ପାଞ୍ଚଦିନ ଧରି ଚାଲିଥିବା ନକଆଉଟ ଫୁଟବଲ ଟୁର୍ନାମେଣ୍ଟରେ ବାବୁପାଲି ଦଳ ଚାମ୍ପିୟନ ହୋଇଛି। ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରତିଯୋଗିତାର ଶୁକ୍ରବାର ଅପରାହ୍ନରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ବିଜୟୀ ଦଳ ଜାଣ୍ଡୋଲ ଦଳକୁ ଟାଇବ୍ରେକର ଯୋଗେ ୮-୭ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ପୂର୍ବରୁ ହୋଇଥିବା ସେମିଫାଇନାଲ ଖେଳରେ ଜାଣ୍ଡୋଲ ଦଳ ବୁଗବୁଗାକୁ ୧-୦ ଗୋଲ ଏବଂ ବାବୁପାଲି ଦଳ ଟିଣ୍ଡିକୁ ଟାଇବ୍ରେକରରେ ୪-୩ ଗୋଲରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ। ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଭେଡ଼େନ ଥାନା ଆଇଆଇସି ହେମନ୍ତ ରାଓ ମୁଖ୍ୟ ଅତିଥି, ରବିନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବିଜୟୀ ଦଳର କିଶୋର ନାଗଙ୍କୁ ମ୍ୟାନ ଅଫ ଦି ଫାଇନାଲ, କିଶୋର ସେଠଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ, ଜାଣ୍ଡୋଲ ଦଳର ସୁନୀଲଙ୍କୁ ବେଷ୍ଟ ସ୍କୋରର ଏବଂ ବଜରଙ୍ଗ ଧରାଇଙ୍କୁ ବେଷ୍ଟ ଗୋଲ କିପର ଭାବେ ପୁରସ୍କୃତ କରାଯାଇଥିଲା। ହେମାନନ୍ଦ ମେହେର ଧାରା ବିବରଣୀ ପ୍ରଦାନ କରିଥିଲେ। ରେଫରୀ ନୀଳରଞ୍ଜନ ପଣ୍ଡା, ସୁରେଶ ମେହେର ଓ ରାଜେଶ ମେହେର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ଦିବସରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ବିରେନ୍ଦ୍ର ଭୋଇ, ଜାଦବ ପ୍ରଧାନ, ଉମାକାନ୍ତ ମେହେର, ଠାକୁର ଦଲେଇଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ ।



## ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

No.DSPL-138 :- ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। କୃଷିଜୀବିଙ୍କ ଆୟବୃଦ୍ଧି ଓ ଜୀବିକାନିର୍ବାହରେ ଗୋ-ପାଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମ ଖାଦ୍ୟ, ଉପଯୁକ୍ତ ଲାଳନପାଳନ, ଉଚିତ ସମୟରେ ପ୍ରଜନନ ଓ ରୋଗ ନିରାକରଣର ବ୍ୟବସ୍ଥା କଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇପାରିବ ଏବଂ କୃଷକମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଘଟିବ । ଆମ ରାଜ୍ୟରେ ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଅକ୍ଟୋବର ୨୯ତାରିଖଠାରୁ ନଭେମ୍ବର ୪ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହା ଗିରିଗୋବର୍ଦ୍ଧନ ପୂଜାଠାରୁ ଗୋପାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପି ପାଳିତ ହେବ। ଏହି ଅବସରରେ ପ୍ରତି ଜିଲ୍ଲାରେ ଗୋ-ଚିକିତ୍ସା ଶିବିର, ଗୋ-ବତ୍ସା ପ୍ରଦର୍ଶନୀ, ଗୋ-ସମ୍ବର୍ଦ୍ଧନା ସମାବେଶ, କୃଷକ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବା ସାଙ୍ଗକୁ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଜଗତ୍‌ସିଂହପୁରଠାରେ ନଭେମ୍ବର ୪ ତାରିଖରେ ଆୟୋଜିତ ହେବ। ଏ ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସରକାରୀ ସୁବିଧାସୁଯୋଗର ସୁବିନିଯୋଗ କରିବାକୁ ରାଜ୍ୟର ସମସ୍ତ ଗୋ-ପାଳକ ଭାଇଭଉଣୀମାନଙ୍କୁ ଅନୁରୋଧ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରି ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ସ୍ୱା./- ଡ଼. ଅରୁଣ କୁମାର ସାହୁ
ମନ୍ତ୍ରୀ
କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା, ଓଡ଼ିଶା

06014/13/0009/1920

ଖାମଖିଆଲୀ ମନୋଭାବ ଯୋଗୁ ପରୀକ୍ଷା ପରିଚାଳନାରେ ବିଭ୍ରାଟ

# ପ୍ରଶ୍ନପତ୍ର ଅଭାବରୁ ହୋଇପାରିଲାନି ପରୀକ୍ଷା

ଦେବଗଡ,୧।୧୧(ଡି.ଏନ.ଏ)

ଜିଲା ଶିକ୍ଷା ବିଭାଗ ପକ୍ଷରୁ ଦେବଗଡ ଜିଲାରେ ଚାଲିଥିବା ସମାପ୍ତି ସୂଚକ ଆକଳନ-୧(ଷାଣ୍ମାସିକ)ପରୀକ୍ଷାରେ ଗୁରୁତର ବିଭ୍ରାଟ ସହିତ ଅବ୍ୟସ୍ଥା ଦେଖାଦେଇଛି । ଫଳରେ ଛାତ୍ରୀ ଛାତ୍ର ମାନେ କ୍ଷତିଗ୍ରସ୍ତ ହେବାର ଅଶଙ୍କା ଦେଖାଦେଇଛି । ଖବର ମୁତାବକ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ଏକକାଳୀନ ପରୀକ୍ଷା ଆୟୋଜନ ହେଉଛି । ସମଗ୍ର ରାଜ୍ୟରେ ଗତ ୨୯ ତାରିଖଠାରୁ ସମାପ୍ତି ସୂଚକ ଆକଳନ-୧(ଷାଣ୍ମାସିକ)ପରୀକ୍ଷା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିଲା । ମାତ୍ର ଠିକ ସମୟରେ ପ୍ରଶ୍ନପତ୍ର ପ୍ରସ୍ତୁତ ହୋଇ ନ ପାରିବାରୁ ସରକାର ୨୯ରୁ ଆରମ୍ଭ ହେବାକୁ ଥିବା ପରୀକ୍ଷାକୁ ଘୁଞ୍ଚାଇଦେଇ ୧ ତାରିଖ ଶୁକ୍ରବାରଠାରୁ ପରୀକ୍ଷା ଆରମ୍ଭ ପାଇଁ ନିଷ୍ପତି ନେଇଥିଲେ । ଏହି କ୍ରମରେ ସମଗ୍ର ରାଜ୍ୟରେ ଏକକ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ପରିଚାଳନାଗତ ତ୍ରୁଟି ହେଉ କିମ୍ବା ଆବଶ୍ୟକ ସଂଖ୍ୟକ ପ୍ରଶ୍ନପତ୍ରର ଅଭାବ ଯୋଗୁ ଦେବଗଡ ଜିଲାର ଅର୍ଦ୍ଧାଧିକ ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇପାରି ନ ଥିବା ବେଳେ କାଁଭାଁ କେତେକ ବିଦ୍ୟାଳୟରେ ଏହି ପରୀକ୍ଷା ଜେରକ୍ସ କପି ପ୍ରଶ୍ନପତ୍ର ଓ କଳାପଟାରେ ପ୍ରଶ୍ନ ଲେଖାଯାଇ କାମଚଳା ଭାବେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ସହରାଞ୍ଚଳର ବିଭିନ୍ନ ସ୍କୁଲରେ ଜେରକ୍ସ କପି ପ୍ରଶ୍ନପତ୍ର ଜରିଆରେ ପରୀକ୍ଷା ପରିଚାଳନା କରାଯାଇଥିବାବେଳେ ଗ୍ରାମାଞ୍ଚଳର ବିଭିନ୍ନ ସ୍କୁଲରେ ୫ଜଣ ପିଲାଙ୍କୁ ଗୋଟିଏ ସେଟ ଜେରକ୍ସ କପି ପ୍ରଶ୍ନପତ୍ର ପ୍ରଦାନ କରାଯାଇ ପରୀକ୍ଷା ପରିଚାଳନା କରାଯାଇଥିଲା। ଫଳରେ ପିଲାଏ ବାଧହୋଇ ମିଳିମିଶି ଏକାଠି ବସି ପରୀକ୍ଷା ଦେଇଥିବା ଜଣାପଡିଛି। ଅନୁରୂପ ଭାବେ ଶୁକ୍ରବାର ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କର ଡ୍ରଇଂ ପରୀକ୍ଷା ରହିଥିବା ବେଳେ ପ୍ରଶ୍ନପତ୍ର ଅଭାବରୁ ଅନେକ ବିଦ୍ୟାଳୟରେ ଡ୍ରଇଂ ପରୀକ୍ଷା ମଧ ହୋଇପାରିନଥିବା ଜଣାପଡିଛି । ତେବେ କେବଳ ଏତିକି ନୁହେଁ, ଶନିବାର ସକାଳ ୭ ଟାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କର ଇଂରାଜୀ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର ରାତି ପର୍ଯ୍ୟନ୍ତ ସମସ୍ତ ସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚି ପାରିନାହିଁ। ତେବେ ପରୀକ୍ଷାରେ ଦେଖାଦେଇଥିବା ବିଭ୍ରାଟ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ କୁହନ୍ତି, ଦେବଗଡ ଜିଲାକୁ ଧାର୍ଯ୍ୟ ପ୍ରଶ୍ନପତ୍ର ଠାରୁ ହୋଇଥିବା ୨୦ ପ୍ରତିଶତ କମ ପ୍ରଶ୍ନପତ୍ର ଆସିଥିବାରୁ କେତେକ ସ୍ଥାନରେ ଜେଲକ୍ସ କପି ପ୍ରଶ୍ନପତ୍ର ଦ୍ୱାରା ପରୀକ୍ଷା କରାଯାଇଥିବା କହିଥିଲେ। ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।



ଦେବଗଡ଼କୁ ଆସିଥିବା ଅଳ୍ପସଂଖ୍ୟକ ପ୍ରଶ୍ନପତ୍ର ।



ଅନ୍ୟର ସମ୍ପତ୍ତି ପ୍ରତି ଲୋଲୁପ ଦୃଷ୍ଟି ନ ପକାଇଲେ, ତୁମ ସମ୍ପତ୍ତି ବୃଦ୍ଧି ପାଇବାର ସୁଯୋଗ ପାଇବ। - ପ୍ଲାଟୋ



## ସଂକ୍ଷେପରେ

### ପୀଡିତାଙ୍କୁ କ୍ଷତିପୂରଣ ପ୍ରଦାନ

ସମ୍ବଲପୁର, ୧।୧୧ (ବ୍ୟୁରୋ)

ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜଣେ ବଳାତ୍କାର ପୀଡିତାଙ୍କୁ ୧ଲକ୍ଷ ଟଙ୍କା କ୍ଷତି ପୂରଣ ରାଶି ପ୍ରଦାନ କରାଯାଇଛି । ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ୍ ସନ୍ତୋଷ କୁମାର ଜେନା ଚେକ୍ ପ୍ରଦାନ କରିଥିଲେ । ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗତ ଜୁଲାଇ ମାସରେ ସମ୍ପୃକ୍ତ ପୀଡିତା ବଳାତ୍କାରର ଶିକାର ହୋଇଥିଲେ।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ଧନୁପାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି । ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ଘର ମାଲିକ ଟିନପିଟୁ ବାଗଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ୪୩୯/୧୯ରେ ଏକ ମାମଲା ରୁଜୁ କରାଯାଇଛି । ଅଭିଯୋଗକ୍ରମେ ଘରେ ନାବାଳିକା ଝିଅ ଏକାକି ଥିଲେ। ଏହି ସମୟରେ ଅଭିଯୁକ୍ତ ଟିନପିଟୁ ଆସି ବଳାତ୍କାର ଉଦ୍ୟମ କରିଥିଲେ। ଝିଅ ବାପାଙ୍କୁ କହିବା ପରେ ଥାନାରେ ଅଭିଯୋଗ ହୋଇଛି।

### ଖୁଣ୍ଟପାଲିଠାରେ ନାଗେନ ଚଉଠି

ସମ୍ବଲପୁର, ୧।୧୧ (ବ୍ୟୁରୋ)

ଖୁଣ୍ଟପାଲିଠାରେ ନାଗେନ ଚଉଠି ପାଳିତ ହୋଇଯାଇଛି। ଏହି ଅବସରରେ ଖୁଣ୍ଟପାଲି ମହାବୀର ଯୁବକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ହୋଇଥିଲା । ଏଥିସହ ଖୁଣ୍ଟପାଲି ଓ ଟାମ୍ପରକେଲା ପଞ୍ଚାୟତ ଅନ୍ତର୍ଗତ ଅଞ୍ଚଳର ଭକ୍ତମାନେ ନାଗ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ । ଓର୍‌ମାସ ସହକାରୀ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା ମୁଖ୍ୟଅତିଥି, ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା, ଡା. ଆନନ୍ଦ ଚନ୍ଦ୍ର ସାହୁ, ଶିକ୍ଷାବିତ ଧନୁଧର ମହାପାତ୍ର, କୃଷ୍ଣ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାନେଶ୍ୱର ମାନଧାତା ବାବା କଲେଜ ଅଧାପକ ତୁଷାରରଞ୍ଜନ ବାରିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଜଗଦୀଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମହାବୀର ଯୁବକ ସଂଘ ସମ୍ପାଦକ ଅଚ୍ୟୁତାନନ୍ଦ ବାଗ, ଉପଦେଷ୍ଟା ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ଜିଏମ୍‌ୟୁ ପ୍ରଫେସର ଲମ୍ବୋଦର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ସମ୍ବଲପୁର, ୧।୧୧ (ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ସନ୍ତୋଷ କୁମାର ରଥ ଏଥିରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଲମ୍ବୋଦର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡ. ଶ୍ରୀବନ୍ତ ଦାଶ, ଡ. ନବୀନ ଜାଲ ପ୍ରଫେସର ନମିତା ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ରୋଶନ ଭୋଇ ଧନ୍ୟବାଦ ଦେଇଥିଲେ । ବିଭାଗର ସମସ୍ତ ଛାତ୍ରୀଛାତ୍ର ଓ ଅଧାପିକା, ଅଧାପକମାନେ ଉପସ୍ଥିତ ଥିଲେ।

### ବାର୍‌ହା ଖାଇଗଲେ ୧୫ ଏକରର ଫସଲ

ଧମା, ୧।୧୧ (ଡି.ଏନ.ଏ.)

ମୁଣ୍ଡ ଝାଳ ତୁଣ୍ଡରେ ମାରି ତଥା ବହୁ ପରିଶ୍ରମ କରି ଚାଷୀ ବିଲରେ ଫସଲ ରୁପକ ସୁନା ଫଳାଏ। ହେଲେ ବନ୍ୟା, ବାତ୍ୟା, ମରୁଡ଼ି ଓ ରୋଗପୋକ ଲାଗି ଫସଲ ଉଜୁଡ଼ିଯାଏ। ହାତୀ, ବାର୍‌ହା ଭଳି ବନ୍ୟ ଜନ୍ତୁ ମଧ ଫସଲ ନଷ୍ଟ କରନ୍ତି। ଫଳରେ ଚାଷୀ ଭାଙ୍ଗି ପଡ଼େ। ଧମା ରେଞ୍ଜ ଅନ୍ତର୍ଗତ ସୁବନପୁର ଗ୍ରାମରେ ଏଭଳି ଦେଖାଦେଇଛି। ଏଠାରେ ବର୍‌ହାପଲ ୧୫ ଏକରର ଧାନ ଖାଇ ମାଡିଦଳି ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି । ଚାଷୀ କୃଷ୍ଣ ବିଶ୍ୱାଳ, ସଂକୀର୍ତ୍ତନ ଜାଲ, ଗୌର ବେହେରା, ସମ୍ପତ୍ତି ବିଶ୍ୱାଳ, ଶତ୍ରୁଘନ ଜାଲ ପ୍ରମୁଖଙ୍କ ଅମଳକ୍ଷମ ଧାନ ଚାଷ ଉଜୁଡି ଯାଇଛି। ଏ ବାବଦରେ ସେମାନେ ସ୍ଥାନୀୟ ବନବିଭାଗ ଅଧିକାରୀଙ୍କୁ ଜଣାଇଛନ୍ତି। ହେଲେ ଜମିପଟ୍ଟା, ନଷ୍ଟ ହୋଇଥିବା ଧାନର ଫଟୋ ଓ ଆଧାର କାର୍ଡ ସହ ଲିଖିତ ଅଭିଯୋଗ କରିବାକୁ ରେଞ୍ଜର କହିଛନ୍ତି ।

■ କୋଲ୍ ଇଣ୍ଡିଆର ୪୫ତମ ସ୍ଥାପନା ଦିବସ

# ଦୌଡିଲେ ଏମ୍‌ସିଏଲ୍ କର୍ମଚାରୀ, ଅଧିକାରୀ, ଛାତ୍ରୀଛାତ୍ର

ସମ୍ବଲପୁର, ୧।୧୧ (ବ୍ୟୁରୋ)

କୋଲ ଇଣ୍ଡିଆର ୪୫ତମ ସ୍ଥାପନା ଦିବସ ଶୁକ୍ରବାର ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଣଦୌଡ ହୋଇଥିଲା। ଆନନ୍ଦବିହାର ଖେଳ ପଡିଆରୁ ଏମ୍‌ସିଏଲ୍ ଜାଗୃତୀ ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଆୟୋଜିତ ଗଣଦୌଡରେ ଏମସିଏଲ କର୍ମଚାରୀ, ଅଧିକାରୀ, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବୈଷୟିକ ନିର୍ଦ୍ଦେଶକ ଓପି ସିଂ, ବିତ୍ତ ତଥା କାର୍ମିକ ନିର୍ଦ୍ଦେଶକ କେଆର ବାସୁଦେବ, ମୁଖ୍ୟ ସତର୍କତା ଅଧିକାରୀ ବିପି ଶର୍ମା, ନିର୍ଦ୍ଦେଶକ ଏସପି ସିଂ, ବିଏମ ନାଗ, ଏକେ ସିଂ, ଏକେ ତିୱାରୀ, ଏସସି ପାଢ଼ୀ, ଜିଡି ଗୁଲାଫ, ଫୁଲମଣୀ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, କେକେ ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜାଗୃତୀ ମହିଳା ମଣ୍ଡଳ ଅଧକ୍ଷା ମଞ୍ଜୁଳା ଶୁକ୍ଲା, ଉପାଧକ୍ଷା ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ ଅତିଥି ଥିଲେ । ଗଣଦୌଡରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



ଏମ୍‌ସିଏଲ୍ ପକ୍ଷରୁ ଆୟୋଜିତ ଗଣଦୌଡରେ ଅଧିକାରୀ ଓ କର୍ମଚାରୀମାନେ ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସୁନ୍ଦରୀକୁ ବର ମିଳେନି**
**ଅତି ଘରଣୀକୁ ଘର ମିଳେନି ।**

ନିଜକୁ ସବୁଠୁ ସୁନ୍ଦରୀ ବୋଲି ମନେକରୁଥିବା କନ୍ୟା ଓ ଅତିବଡ଼ ଘରର ବା ଧନୀ ଘରର କନ୍ୟା ସଦାସର୍ବଦା ନିଜ ରୂପ ତଥା କୁଳ, ଆଭିଜାତ୍ୟକୁ ନେଇ ଉଚ୍ଚ ଆଶାପୋଷଣ କରିବସିଥାନ୍ତି। ଏନେଇ ମନରେ ତାଙ୍କର ଅହେତୁକ ଗର୍ବଭାବନା ଆସିଯିବା ସ୍ୱାଭାବିକ ହୋଇଥାଏ। ଫଳରେ ଭଲ ବର ଓ ଘର ବାଛିବା ନେଇ ସର୍ବଦା ଦ୍ୱନ୍ଦ୍ୱରେ ପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି। ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଫୁଲା କାଇଁଶ ଫୁଲୁ କାହିଁକି**
**ଆଉ ଫୁଲିବାକୁ ଦିନ ନାହିଁକି ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଅନ୍‌ଲାଇନ୍‌ରେ ମିଳିବ ଏସ୍‌ଏଚ୍‌ଜି ଉତ୍ପାଦିତ ସାମଗ୍ରୀ


ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧିକାରୀମାନେ ।

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଡିଆଡିଏ ସମ୍ମିଳନୀ କକ୍ଷରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। ଏସ୍‌ଚ୍‌ଜି ମହିଳାମାନେ ତିଆରି କରୁଥିବା ହସ୍ତତନ୍ତ ସାମଗ୍ରୀ ଏବେ ଅନ୍‌ଲାଇନ୍‌ରେ ବିକ୍ରି କରିପାରିବେ। ଜିଲା ପ୍ରଶାସନ ଏଥିପାଇଁ ସହଯୋଗ କରିବ। ଏବେ ଅନ୍‌ଲାଇନ୍ ଉପରେ ବଜାର ନିର୍ଭର କରୁଛି। ଏଣୁ ପ୍ରଶାସନ ଏହି ବ୍ୟବସ୍ଥାକୁ ଆପଣାଇଛି ବୋଲି ଅଧିକାରୀମାନେ କହିଥିଲେ। ଅନ୍ୟପକ୍ଷେ ପଲ୍ଲିଶ୍ରୀ ମେଳାରେ ଏସ୍‌ଏଚ୍‌ଜି ମହିଳାମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଯେଭଳି ବିକି ପାରିବେ ସେ ନେଇ ଷ୍ଟଲ୍ ସୁବିଧା ଯୋଗାଇ ଦିଆଯିବ ବୋଲି ମଧ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଓର୍‌ମାସ୍ ଜିଲା ସଂଯୋଜକ ଶ୍ରୀମନ୍ତ ହୋତା, ଏପିଡି ମହେନ୍ଦ୍ର ମହାପାତ୍ର, ପ୍ରିୟମ୍ବଦା ଗୁରୁ, ପୁଷ୍ପଶ୍ରୀ ନାଏକ ଏଥିରେ ଉପସ୍ଥିତ ଥିଲେ ।

### ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ଭାରତୀ ଗଠିତ

ହୀରାକୁଦ, ୧।୧୧ (ଡି.ଏନ.ଏ.)

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୮ଜଣ ମା’ଙ୍କୁ ନେଇ ମାତୃଭାରତୀ ଗଠନ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରତାପ ନାୟକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମଧୁସ୍ମିତା ହୋତା ନିର୍ଦ୍ଦେଶନା, ପ୍ରଧାନ ଆଚାର୍ଯ୍ୟ ସଂଯୋଜକ, ଆଚାର୍ଯ୍ୟା ନିବେଦିତା ମହନ୍ତ ସଂଯୋଜିକା, ଆଚାର୍ଯ୍ୟା ମମତା ଗଉଡ ସହ ସଂଯୋଜିକା ଦାୟିତ୍ୱରେ ରହିବେ। ସେଫାଲି ସେଠୀ ଅଧକ୍ଷା, ରଶ୍ମିତା ମୁଦୁଲି ଉପାଧକ୍ଷା, ପୁଷ୍ପାଞ୍ଜଳି ସାହୁ ମନ୍ତ୍ରୀ, ଅପରାଜିତା ମହନ୍ତ ଉପମନ୍ତ୍ରୀ ରହିବେ ଅନ୍ୟାନ୍ୟ ପଦବୀରେ ସୁନୀତା ସାହୁ, କୁନି ସାମଲ, ବିଜୟଲକ୍ଷ୍ମୀ ପଣ୍ଡା, ପୁଷ୍ପା ବରାଡ, ପଦ୍ମାବତୀ ଲେଙ୍କା, ସଂଯୁକ୍ତା ଲେଙ୍କା, ସୁଷମାରାଣୀ ହୋତା, ମଧୁମିତା ସୁନା, ଦୀପିକା ସୁନା, ସୌଭାଗିନୀ ପାତ୍ର, ଇତିଶ୍ରୀ ବେହେରା, ସସ୍ମିତା ସ୍ୱାଇଁ, ବିଜୟଲକ୍ଷ୍ମୀ ସାହୁ, ସୁନିତା ପୃଷ୍ଟି ଦାୟିତ୍ୱ ନିର୍ବାହ କରିବେ।

# ବୋହୂ, ନାତି ଘରୁ ବାହାର କରିଦେଇଛନ୍ତି

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦର ରାମମତି ସାହୁ (୭୫) ନାମ୍ନୀ ଜଣେ ବୃଦ୍ଧାଙ୍କୁ ତାଙ୍କ ବୋହୂ ଓ ନାତି ମାଡ ମାରି ଦୀପାବଳି ଦିନ ଘରୁ ତଡି ଦେଇଛନ୍ତି। ସେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଜିଲାପାଳଙ୍କ ଅଫିସରେ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ଭେଟି ସମ୍ପୃକ୍ତ ବୃଦ୍ଧା ଏଭଳି ଅଭିଯୋଗ କରିଛନ୍ତି। ହେଲେ ଏ ସମ୍ପର୍କରେ ହୀରାକୁଦ ଥାନା ଅଧିକାରୀ ଏଲ. ଷଣ୍ଢ କହିଛନ୍ତି ଯେ, ମାମଲା ରୁଜୁ ହୋଇଛି । ତଦନ୍ତ କରାଯାଉଛି। ଏଥିରେ ଜମି ବାଡି ଓ ପାରବାରିକ ସମସ୍ୟା ରହଛି।


ବୃଦ୍ଧା ରାମମତି ସାହୁ ତାଙ୍କ ଝିଅଙ୍କ ସହ ପ୍ରଶାସନକୁ ଅଭିଯୋଗ କରିବାକୁ ଆସିଛନ୍ତି।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS BUSINESS

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

FINANCE FINANCE

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
9716592470
Brahma Sahi, Nayagarh

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

ଋଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
1980ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି,
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ଘରେ କାଠ ପଟା ଗଚ୍ଛିତ ରଖି ଗିରଫ

**ନାକଟିଦେଉଳ/ରେଢ଼ାଖୋଲ,୩୧।୧୦( ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରୀ ପଞ୍ଚାୟତର ବିନ୍ଧପୁର ଗ୍ରାମରେ ଜଣେ ବ୍ୟକ୍ତି ବନ ବିଭାଗର ଅନୁମତି ନ ନେଇ ନିଜ ବାଡିରେ ନଇଁ ପଡିଥିବା ଏକ ଶାଳ ଗଛ କାଟିବା ମହଙ୍ଗା ପଡିଛି। ସେ ହେଲେ ଶିବ ମୋହନ ପ୍ରଧାନ (୬୧)। ନାକଟିଦେଉଳ ବନ ବିଭାଗ ସ୍ଥାନୀୟ ପୋଲିସ ସହାୟତାରେ ଚଢାଉ କରି ତାଙ୍କୁ ଗୁରୁବାର ଗିରଫ କରିଥିଲା। ଶୁକ୍ରବାର ରେଢାଖୋଲ କୋର୍ଟରେ ହାଜର କରାଯାଇଥିଲା। ହେଲେ ଶନିବାର ଜାମିନ ପାଇଁ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିବାରୁ ଜେଲ୍ ପଠାଇ ଦିଆ ଯାଇଛି। ସୂଚନାଯୋଗ୍ୟ, ଶିବଙ୍କ ଜମିରେ ଏକ ଶାଳ ଗଛ ବିପଦପୂର୍ଣ୍ଣ ଭାବେ ନଇଁ ରହିଥିଲା। ଏଣୁ ଏହାକୁ ସେ କାଟିବା ପରେ ସେଥିରୁ ୧୪ ଖଣ୍ଡ ପଟା ଓ ୧୨ ଖଣ୍ଡ ସାଇଜ୍ କାଠ ପ୍ରସ୍ତୁତ କରି ରଖିଥିଲେ। ହେଲେ ଏ ନେଇ ଡିଏଫଓଙ୍କୁ କେହି ଅଭିଯୋଗ କରିବା ପରେ ତାଙ୍କ ଘରେ ଚଢାଉ କରାଯାଇ କାଠପଟା ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା ବୋଲି ଫରେଷ୍ଟର ଛବିଳ ପ୍ରଧାନ କହିଛନ୍ତି।

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରେଙ୍ଗାଲି, ୧।୧୧ (ଡି.ଏନ.ଏ.):** ରେଙ୍ଗାଲି ରେଳ ଷ୍ଟେଶନରୁ ୩ କିଲୋମିଟର ଦୂର ଲପଙ୍ଗା ଷ୍ଟେଶନ ପଟକୁ ଯିବା ବେଳେ ଶୁକ୍ରବାର ପୂର୍ବାହ୍ନ ୧୧ଟା ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଦଶପଡା ଗ୍ରାମର ସ୍ୱର୍ଗତ ରାମଜୀ ପ୍ରଧାନଙ୍କ ପୁଅ ଅକ୍ଷୟ ପ୍ରଧାନ (୩୦) । ସମ୍ବଲପୁର ଜିଆରପି ପୋଲିସ ମୃତଦେହ ଉଦ୍ଧାର କରିଛି। ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜିଆରପି ପୋଲିସ ପ୍ରକାଶ କରିଛି।

### ରେଙ୍ଗାଲିରେ ଶ୍ରଦ୍ଧାଞ୍ଜଳି ସଭା

**ରେଙ୍ଗାଲି, ୧।୧୧ (ଡି.ଏନ.ଏ.):** ରେଙ୍ଗାଲି ଟ୍ରକ ମାଲିକ ସଂଘର ପୂର୍ବତନ ଉପସଭାପତି ରାଧେଶ୍ୟାମ ଶର୍ମାଙ୍କ ବିୟୋଗରେ ସଂଘ କାର୍ଯ୍ୟାଳୟଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସଭାପତି ପ୍ରଶାନ୍ତ ପଣ୍ଡାଙ୍କ ସଂଯୋଜନାରେ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା । ରଞ୍ଜିତ ଠାକୁର, ବଜରଙ୍ଗ ଅଗ୍ରୱାଲଙ୍କ ସହ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

### ଗୁଦ୍‌ଗୁଦା ଜଳ ପ୍ରପାତ ଅଞ୍ଚଳରେ ସଫେଇ

**କୁଚିଣ୍ଡା, ୧।୧୧ (ଡି.ଏନ.ଏ.):** କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ-ପାର୍ବତୀ କଲେଜ ପକ୍ଷରୁ ଶୁକ୍ରବାର ଗୁଦ୍‌ଗୁଦା ଜଳ ପ୍ରପାତ ଅଞ୍ଚଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଛି। ଅଧାପକ ତରୁଣ କୁମାର ପୃଷ୍ଟେଠ, ଅଧାପକ ଶିବସୁନ୍ଦର ମଲ୍ଲିକ, ପଦାର୍ଥ ବିଜ୍ଞାନ ସନତ କୁମାର ସାହୁ, ରାଜନୀତି ବିଜ୍ଞାନ ଅଧାପକ କୁନା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଛାତ୍ରମାନେ ଜଳ ପ୍ରପାତ ଅଞ୍ଚଳରେ ଲୋକଙ୍କ ବ୍ୟବହାର ପାଇଁ ଏକ ପଥର ସେତୁ ନିର୍ମାଣ କରିଥିଲେ। ଜଳପ୍ରପାତକୁ ପ୍ରବେଶ କରିବାର ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ଥିବା ଅନାବନା ଗଛ ସହ ପଡିରହିଥିବା ଅଳିଆ ଆବର୍ଜନାକୁ ସଫା ସୁତୁରା କରିଥିଲେ।

ନାକଟିଦେଉଳ ସ୍ନାତକ କଲେଜରେ ଶିଳ୍ପ ସଚେତନତା ଶିବିର

# ‘ଚାକିରି ନୁହେଁ, ସ୍ୱାବଲମ୍ବୀ ହୁଅ’

**ନାକଟିଦେଉଳ,୧।୧୧(ଡି.ଏନ.ଏ.)**



ନାକଟିଦେଉଳ ସ୍ନାତକ କଲେଜରେ ଆୟୋଜିତ ଶିଳ୍ପ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ନାକଟିଦେଉଳ ସ୍ନାତକ କଲେଜରେ ଆଞ୍ଚଳିକ ଶିଳ୍ପକେନ୍ଦ୍ର ସମ୍ବଲପୁର ପକ୍ଷରୁ ଏକ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ନାତକ କଲେଜର ଅଧ୍ୟକ୍ଷ ସୁଧୀର କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବାଟଗାଁ ବନପାଳ ଛବିଳ କୁମାର ପ୍ରଧାନ ବକ୍ତା ଭାବେ ଯୋଗ ଦେଇଥିଲେ। ପାଠପଢା ସରିଲା ପରେ ଛାତ୍ରଛାତ୍ରୀ ଚାକିରି ପଛରେ ନ ଗୋଡ଼ାଇ କିପରି ନିଜକୁ ସ୍ୱାବଲମ୍ବୀ କରିପାରିବେ ଏବଂ ସମସ୍ୟା ବହୁଳ ଜୀବନରେ ନିଜକୁ ପ୍ରତିଷ୍ଠିତ କରାଇପାରିବେ ସେ ସମ୍ପର୍କରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ସ୍ୱତନ୍ତ୍ର ଶିକ୍ଷା ଦିଆଯିବାର ଆବଶ୍ୟକତା ସମ୍ପର୍କରେ ବନପାଳ ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପ୍ରବନ୍ଧକ ପ୍ରଫୁଲ୍ଲ କୁମାର ନାୟକ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନୋତ୍ତର ମାଧ୍ୟମରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ଉପାଦାନ, କୌଶଳ, ସମସ୍ୟାର ସମାଧାନ ଓ ପଦ୍ଧତି ସମ୍ପର୍କରେ ଆଲୋଚନା କରି ମତ ରଖିଥିଲେ । ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ‘ମୁଁ ଚାକିରି କରିବି ନାହିଁ’ ଶୀର୍ଷକ କବିତା ପାଠ କରି ନିଜକୁ ଜଣେ ସଫଳ ଉଦ୍ୟୋଗୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ବିନୋଦ ବିହାରୀ ପ୍ରଧାନ, ଦେବେଶ ବିଶ୍ୱାଳ, ଶେଷଦେବ ବିଶ୍ୱାଳ, ଅଧାପିକା ପୁଷ୍ପାଞ୍ଜଳି ରବଣା ପ୍ରମୁଖ ଯୋଗଦେଇ ଶିଳ୍ପ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନାକଟିଦେଉଳ ଶିଳ୍ପ ବିକାଶ ଅଧିକାରୀ ଶାନ୍ତନୁ କୁମାର ଭୋଇ ଶିବିରକୁ ପରିଚାଳନା କରି ସ୍ୱଚ୍ଛ ଭାରତ ଅଭିଯାନ କିପରି କ୍ଷୁଦ୍ର ଶିଳ୍ପ ପାଇଁ ବାଟ ଦେଖାଇଛି ସେ ସମ୍ପର୍କରେ ମତ ରଖିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପକ୍ଷରୁ ଛାତ୍ରଛାତ୍ରୀଙ୍କୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସମ୍ପର୍କୀତ ଫର୍ମ ଏବଂ ପୁସ୍ତିକା ବଣ୍ଟନ କରାଯାଇଥିଲା। ଏହି ଶିବିରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଉପସ୍ଥିତ ଥିଲେ।



ଚରଢ଼ପଶିସ୍ଥିତ ଗୀର୍ଜାଘରର ବାର୍ଷିକ ଉତ୍ସବରେ ଅତିଥିମାନେ।

## ଚରଢ଼ପଶି ଗୀର୍ଜା ଘରର ବାର୍ଷିକ ଉତ୍ସବ

**ନାକଟିଦେଉଳ,୧।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ ପଞ୍ଚାୟତର ଚରଢ଼ପଶିସ୍ଥିତ ଗୀର୍ଜାଘରର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇ ଯାଇଛି । ବେନେଦିକ ଲାକ୍ରା ଏଥିରେ ସଭାପତିତ୍ୱ କରିଥିଲେ। ବଡ଼ମାଳ ସେଣ୍ଟ ଆଣ୍ଟୋନି ଚର୍ଚ୍ଚର ଫାଦର ଯୁଗଳ କିଶୋର ହରୋ, ସହାୟକ ଫାଦର ରୁପୁଷ, ସିଷ୍ଟର ମେରୀ ମାଥୁର ଏବଂ ମେରୀ ରୋଜ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖ୍ରୀଷ୍ଟିଆନ ଭାଇଭଉଣୀଙ୍କର ଏକତା, ସଂହତି ଏବଂ ପରମ୍ପରାକୁ ବଜାୟ ରଖିବା ସହ ଭାଇଚାରାର ସମ୍ପର୍କକୁ ଦୃଢୀଭୁତ କରିବା ଦିଗରେ ଆଲୋକପାତ କରିଥିଲେ। ଏହି ଅବସରରେ ସରିତା ଇସ୍ମାଇଲ ଏକ୍କାଙ୍କ ଅନୁଦାନରେ ଚର୍ଚ୍ଚ ପରିସରରେ ନବ ନିର୍ମିତ ମାଆ ମେରୀଙ୍କ ନୂତନ ଗୃହର ପ୍ରତିଷ୍ଠା କରାଯାଇଥିଲା। ଫିଲମନ ଲାକ୍ରା, ଚରଢ଼ପଶି ମଣ୍ଡଳିର ସଭାପତି ଜନ କୁଲୁ, ପ୍ରଚାରକ ସିଲବେଷ୍ଟା କୁଲୁ ପ୍ରମୁଖ ସହଯୋଗ କରିଥି। ଆଖ ପାଖ ଅଞ୍ଚଳର ବହୁ ଖ୍ରୀଷ୍ଟିଆନ ସଂପ୍ରଦାୟ ଯୋଗଦେଇ ଈଶ୍ୱର ବିଶ୍ୱାସୀ ହେବା ସହ ଜଗତ ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ।



ଜମନକିରା ବ୍ଲକ କଟଙ୍ଗପାଣି ଗାଁରେ ବିଜେଡ଼ିର ପଦଯାତ୍ରାରେ ଦଳୀୟ କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଛନ୍ତି।

## ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ୍

**ରେଢାଖୋଲ,୧।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଥାନା କଦଳୀଗଡ-ବୀରମହାରାଜପୁର ପୂର୍ତ୍ତ ବିଭାଗ ରାସ୍ତା ତଥା ସୀମାବର୍ତ୍ତୀ ଗରିଆମୁଣ୍ଡା ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ବେଳେ ଏକ ଫାଇନାନ୍ସ କମ୍ପାନୀର ୩ ଜଣ କର୍ମଚାରୀଙ୍କଠାରୁ ୩୦ ହଜାରରୁ ଅଧିକ ଟଙ୍କା ଲୁଟ୍ ହୋଇଛି। ଖବର ପାଇ ରେଢାଖୋଲ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ହେଲେ ଏ ନେଇ ରାତି ୯ଟା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ସୋନପୁର ଜିଲା ବିରମହାରାଜପୁର ଓ ସୁବଳୟା ଅଞ୍ଚଳରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କଠାରୁ ଋଣ ବାବଦ ଅର୍ଥ ସଂଗ୍ରହ କରି ସମ୍ପୃକ୍ତ ଫାଇନାନ୍ସ କମ୍ପାନୀର ୩ ଜଣ କର୍ମଚାରୀ ୨ଟି ମୋଟର ସାଇକେଲ ଯୋଗେ ଏହି ରାସ୍ତା ଦେଇ ବୌଦ୍ଧକୁ ଫେରୁଥିଲେ। ତାଙ୍କୁ ଅନୁସରଣ କରି ପଛରୁ ଏକ ବାଇକରେ ଆସୁଥିବା ୩ ଜଣ ବ୍ୟକ୍ତି ଗରିଆମୁଣ୍ଡା ଗ୍ରାମ ନିକଟରେ ଅଟକାଇଥିଲେ। ମାରଣାସ୍ତ୍ର ଦେଖାଇ ଭୟଭିତ କରି ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ତେବେ ରେଢାଖୋଲ ଓ ଚାରମାଲ ଥାନା ଅଞ୍ଚଳରେ ଗତ କିଛି ମାସ ହେବ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା ବୃଦ୍ଧି ପାଉଛି। ହେଲେ ଏହି ଲୁଟ୍ ଘଟଣାର ସୂଚନା ଦେବାକୁ ପୋଲିସ ଅମଙ୍ଗ ହେଉଛି। କିନ୍ତୁ କୌଣସି ପ୍ରକାରେ ଅଭିଯୁକ୍ତଙ୍କୁ ଯଦି ଗିରଫ କରୁଛି ତେବେ ବାହାବା ନେବାକୁ ଖବରଦାତାଙ୍କୁ ସୂଚନା ଦେବାର ସୁଯୋଗ ହାତ ଛଡା କରୁନି।

## ବସି ପାରିଲାନି ରୋଗୀ କଲ୍ୟାଣ ସମିତି ବୈଠକ

**ବାମରା, ୧।୧୧ (ଡି.ଏନ.ଏ.)**

ବାମରା ବ୍ଲକ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ବୈଠକ ଆରମ୍ଭ ହେବା କ୍ଷଣି ପାଟିତୁଣ୍ଡ ହୋଇଛି। ଶେଷରେ ବୈଠକ ବନ୍ଦ କରି ଦିଆ ଯାଇଥିଲା। ଆସନ୍ତା ୭ ତାରିଖ ପୁଣି ଥରେ ଏହି ବୈଠକ ବସିବା ପାଇଁ ନିଷ୍ପତ୍ତି ହୋଇଛି। ବିଇଓ ନରେନ୍ଦ୍ର ପଟେଲ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀ, ସିଡିପିଓ ଅନୁପସ୍ଥିତ ଥିବା ଜାଣି ବିଧାୟକ ତଥା ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ କିଶୋରଚନ୍ଦ୍ର ନାଏକ ତାଗିଦ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଆକାଉଣ୍ଟାଣ୍ଟ ମନୋଜ କୁମାର ପଟେଲ ମଧ୍ୟ ଅନୁପସ୍ଥିତ ଥିବାରୁ ବିଲ୍, ଭାଉଚର, ଆୟବ୍ୟୟ ତଥା ଅନ୍ୟାନ୍ୟ ହିସାବ କିତାବ ଆଦୌ ମିଳି ନ ଥିବାରୁ ପାଟିତୁଣ୍ଡ ହୋଇଥିଲା। ଗତ ବର୍ଷର ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ନ ହୋଇ ପଡି ରହିଥିବାରୁ ସମିତିର କେତେକ ପୁରାତନ ସଭ୍ୟ ଓ ବିଧାୟକଙ୍କ ମଧ୍ୟରେ ତର୍କ, ବିତର୍କ ହୋଇଥିଲା। ପାଣ୍ଠି ବିନିଯୋଗ ନ ହୋଇ ପଡି ରହିଥିବା ବେଳେ ଏଥିପାଇଁ ପୁରୁଣା ପରଚେଜ୍ କମିଟି ଦାୟି ବୋଲି କହିବାରୁ ବରିଷ୍ଠ ନାଗରିକ ଜଗନ୍ନାଥ ପ୍ରସାଦ ଚୌଧୁରୀ, ଅବସରପ୍ରାପ୍ତ ରେଞ୍ଜର ପ୍ରଶାନ୍ତ ଶତପଥୀ ଓ ମହାବୀର ଖଣ୍ଡେଲୱାଲ ଉଠି ପଳାଇଥିଲେ। ତେବେ ଗତ ୫ ବର୍ଷର ହିସାବ କିତାବକୁ ଅଡିଟ କରିବା, ଆକାଉଣ୍ଟାଣ୍ଟଙ୍କ ବିରୋଧରେ ଅଭିଯୋଗ ଦାଖଲ କରିବା, ବକେୟା ୫ ଲକ୍ଷ ଟଙ୍କାକୁ ରୋଗୀସେବାରେ ଲଗାଇବାକୁ ବିଧାୟକ ମତ ଦେଇଥିଲେ ।

### ବୋଲେରୋ ଧକ୍କାରେ ବୃଦ୍ଧ ମୃତ

**ଧମା, ୧।୧୧ (ଡି.ଏନ.ଏ.)**

ଧମା ଥାନା ଅନ୍ତର୍ଗତ ଦେଓଗାଁଠାରେ ଏକ ବୋଲେରୋ ଧକ୍କାରେ ଜଣେ ବୃଦ୍ଧଙ୍କର ଶୁକ୍ରବାର ଅପରାହ୍ନ ୩ଟାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦେଓଗାଁର ବିଶ୍ୱନାଥ ବାଗ (୬୦)। ସେ ଗାଧୋଇବାକୁ ଯାଇ ସାଇକଲରେ ଘରକୁ ଫେରୁଥିଲେ। ଏତିକିବେଳେ ସୋନପୁରରୁ ସମ୍ବଲପୁର ଅଭିମୁଖେ ଯାଉଥିବା ବୋଲେରୋ (ନଂ. ଓଡି ୦୨ ବିଏଫ- ୦୪୩୦)ଟି ଦେଓଗାଁ ଛକରେ ତାକୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଗାଡିକୁ ଛାଡି ଡ୍ରାଇଭର ସେଠାରୁ ଫେରାର ମାରିଥିଲେ। ଖବର ପାଇ ଧମା ପୋଲିସ ପହଞ୍ଚି ଗୁରୁତର ଆହତ ବିଶ୍ୱନାଥଙ୍କୁ ସମ୍ବଲପୁର ସଦର ଡାକ୍ତରଖାନା ପଠାଇଥିଲା। ହେଲେ ତାଙ୍କ ଅବସ୍ଥା ସଂକଟାପନ୍ନ ହେତୁ ସେଠାରୁ ପରେ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଥିଲା। ଭିମ୍‌ସାରରେ ତାଙ୍କର ମୃତ୍ୟୁ ଘଟିଛି।



ଅତିଥି ଓ ଆୟୋଜକଙ୍କ ସହ ଫୁଟବଲ ପ୍ରତିଯୋଗିତାର ଖେଳାଳିମାନେ।

ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

## ଖଇରଡିହିକୁ ହରାଇ ବାଣ୍ଟୁପଡ଼ା ବିଜୟୀ

**କୁଚିଣ୍ଡା, ୧।୧୧ (ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତ ଅଧୀନ କୁର୍ମିମୁଣ୍ଡାରେ ଅଞ୍ଚଳର ୧୬ଟି ଦଳକୁ ନେଇ ଦ୍ୱି ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଫାଇନାଲ ମ୍ୟାଚ ବାଣ୍ଟୁପଡା ଓ ଖଇରଡିହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇବ୍ରେକର ମାଧ୍ୟମରେ ଖଇରଡିହିଠାରୁ ବାଣ୍ଟୁପଡା ବିଜୟୀ ହୋଇଛି। ବିଜୟ ବାଣ୍ଟୁପଡା ଦଳକୁ ଅତିଥି ନଗଦ ୧୫ ହଜାର ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ଉପବିଜେତା ଖଇରଡିହିକୁ ୧୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ଶୁକ୍ରବାର ଏହା ଉଦ୍‌ଯାପିତ ହୋଇଛି। କହ୍ଲେଇପାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡିଲେଶ୍ୱର ବେହେରା ଦିଲୀପ କୁମାର ନାଏକ, ଶ୍ରୁତିଧର ଚୌଧୁରୀ, ପ୍ରମୋଦ ପଟେଲ, ଭଗିନ୍ଦର କିସାନ, ଶ୍ୟାମସୁନ୍ଦର ପ୍ରଧାନ ଓ ବେଦବ୍ୟାସ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ଖେଳକୁ ରେଫରୀ ଜୀବନ ବୁଦଲା, ଶ୍ୟାମ, ରାଜେଶ ଓ ହେମ ବାବୁ ପରିଚାଳନା କରିଥିଲେ।

## ୨ଟି ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରି ୪ ଗିରଫ

**ରେଙ୍ଗାଲି, ୧।୧୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ବାବୁଚକୁଲି ଗ୍ରାମର ଦୁଇଟି ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରି ୪ ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ବାବୁଚକୁଲି ଗ୍ରାମର ପ୍ରତାପ ପଧାନ (୨୧), ବଳରାମ ଧରୁଆ (୩୫), ପବିତ୍ର କୁଅଁର (୩୬), ଗୁରୁଦେବ ଧରୁଆ (୨୦)। ଏମାନେ ପ୍ରଥମେ ଗୋଟିଏ ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରି ହନୁମାନ ମନ୍ଦିର ପଛପଟେ ଫିଙ୍ଗି ଦେଇଥିଲେ। ଆଉ ଗୋଟିଏ ଟ୍ରାକ୍ଟରର ବ୍ୟାଟେରି ଚୋରି କରିବାକୁ ଯାଉଥିବା ବେଳେ ଗ୍ରାମବାସୀଙ୍କ ହାବୁଡରେ ପଡିଥିଲେ । ଗ୍ରାମବାସୀ ଚାରି ଚୋରଙ୍କୁ କାବୁକରି ରେଙ୍ଗାଲି ପୋଲିସ ଜିମା ଦେଇଥିଲେ । ରେଙ୍ଗାଲି ପୋଲିସ ଏକ ଚୋରି ମାମଲା ରୁଜୁ କରି ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି।



ବ୍ୟାଟେରି ଚୋରି କରି ଗିରଫ ହୋଇଥିବା ୪ ଅଭିଯୁକ୍ତ।







ବାଟଗାଁ ଓ ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟରେ ଜାତୀୟ ଏକତା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର ଓ ଅଧାପକ।

## ସମସ୍ତଙ୍କ ଭିତରେ ଜାତୀୟ ଏକତା ଭାବ ଉଦ୍ରେକ ହେଉ

**ନାକଟିଦେଉଳ,୧।୧୧(ଡି.ଏନ.ଏ.)**

ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟରେ ଜାତୀୟ ଏକତା ଦିବସ ପାଳନ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କର ତିରୋଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ କନ୍ଦର୍ପ ରାଉଳ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଧାପକ ଦୀପେନ କୁମାର ପଟ୍ଟନାୟକ, ସରଶୀରାଣୀ ନାୟକ, ମନୋରଂଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଜାତୀୟ ଏକତାର ଗୁରୁତ୍ୱ , ଦେଶ ଗଠନରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଭୂମିକା ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶର ସମସ୍ତଙ୍କ ଭିତରେ ଏକତାର ଭାବ ଉଦ୍ରେକ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ର ଶୁଭଜିତ ଦେହୁରୀ, ଛାତ୍ରୀ ଦୀପାଞ୍ଜଳି ବିଶି, ତେଜସ୍ମିତା ସାହୁ, ଜସ୍ମିନ ପ୍ରଧାନ, ଯଶୋମତି ବେହେରା ପ୍ରମୁଖ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ତ୍ୟାଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବଲେ ସରୋଜ କୁମାର ଭୁଏ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପ୍ରଥମ ବର୍ଷ ଛାତ୍ରୀ କାଦମ୍ବିନୀ ବେହେରା, ସୀମା ନାଏକ, ଯଶୋବନ୍ତୀ ବେହେରା ଏବଂ କରିଶ୍ମା ପ୍ରଧାନ ଦେଶ ପ୍ରେମ ଉପରେ ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ। ସେହିଭଳି ବାଟଗାଁ ମହାବିଦ୍ୟାଳୟରେ ମଧ୍ୟ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଓ ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ରମେଶ ଅଗ୍ରୱାଲା ଏଥିରେ ସଭାପତିତ୍ୱ କରିଥିଲେ। ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧାପକ ଶରତ କୁମାର ଶତପଥୀ ଏବଂ ଅଧାପିକା ସୁବାଷୀନୀ ବେହେରା ପ୍ରମୁଖ ଯୋଗଦେଇ ଦେଶ ଗଠନ ଏବଂ ଏକତା ଦିଗରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଓ ତ୍ୟାଗ ସମ୍ପର୍କରେ ଆଲୋଚନା କରିଥିଲେ । ଅପର ପକ୍ଷରେ ଭାରତର ଏକତା, ଅଖଣ୍ଡତା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଦିଗରେ ଛାତ୍ରଛାତ୍ରୀ ବକ୍ତବ୍ୟ ରଖିଥିଲେ । ଅଧାପକ ମହେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

ଲଖନପୁର,୧।୧୧(ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା କଣ୍ଢେଇକେଲା ଫାଣ୍ଡି ଅଧୀନ ପିଥିଣ୍ଡା ପଞ୍ଚାୟତ ଦେହେରୀଢ଼ପା ଗ୍ରାମର ଜନୈକା ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୋଲିସ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜୟ କୁମାର ଦେହେରୀ(୫୬)। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଏନେଇ ପୀଡ଼ିତା ମହିଳା କଣ୍ଢେଇକେଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ରେଙ୍ଗାଲି ପୋଲିସ କେସ୍ (ନଂ୧୪୮/୧୯)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ୨୦୦୮ ମସିହାରେ ମଧ୍ୟ ଜୟକୁମାର ଜନୈକା ମହିଳାଙ୍କୁ ଦୁର୍ବ୍ୟବହାର କରି ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ଏହା ଜନୈକା ମହିଳାଙ୍କୁ ଜୟକୁମାରଙ୍କ ୨ୟ ଥର ଦୁର୍ବ୍ୟବହାର ବୋଲି ପୋଲିସ କହିଛି।

# ଶିମିଳିପାଳ ବୁଲିଲେ ଜମ୍ମୁ-କଶ୍ମୀର ପର୍ଯ୍ୟଟକ

ବାରିପଦା ଅଫିସ,୧।୧୧

ବର୍ଷା ଋତୁ ପାଇଁ ୬ ମାସ ବନ୍ଦ ରହିବା ପରେ ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ ଶୁକ୍ରବାରଠାରୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିଛି। ଏହା ଖୋଲିବାର ପ୍ରଥମ ଦିନରେ କେବଳ ମୟୂରଭଞ୍ଜ ନୁହେଁ ରାଜଧାନୀ ଭୁବନେଶ୍ୱର ସମେତ ଜମ୍ମୁ -କଶ୍ମୀରରୁ ମଧ୍ୟ ୩ ଜଣ ପର୍ଯ୍ୟଟକ ଆସି ଶିମିଳିପାଳର ସୌନ୍ଦର୍ଯ୍ୟ ଉପଭୋଗ କରିଛନ୍ତି। ଯଶିପୁର ପଟୁ ୫ଟି ଗାଡ଼ିରେ ୩୦ ଜଣ ଓ ଲୁଲୁଙ୍ଗ ପଟୁ ୧୬ଟି ଗାଡ଼ିରେ ୧୦୪ ଜଣ ପର୍ଯ୍ୟଟକ ଭିତରକୁ ଯାଇଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସେମାନଙ୍କୁ ଗୋଲାପ ଫୁଲ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଥମ ଦିନରେ ଚଳିତ ବର୍ଷର ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ଅଭୟାରଣ୍ୟ ବୁଲି



ଗୋଲାପ ଫୁଲ ଦେଇ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଉଛି।

- ଗୋଲାପ ଫୁଲ ଦେଇ ସ୍ୱାଗତ କଲେ କର୍ତ୍ତୃପକ୍ଷ
- ପ୍ରଥମ ଦିନରେ ୧୩୪ ପର୍ଯ୍ୟଟକ

ଦେଖିଥିବା କର୍ତ୍ତୃପକ୍ଷ କହିଛନ୍ତି। ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ, ସରୀସୃପ, ବିରଳ ପକ୍ଷୀ ଓ ଜୈବ ବିବିଧତା ପାଇଁ ଏହି ଅଭୟାରଣ୍ୟ ସମଗ୍ର ବିଶ୍ୱରେ ବିଖ୍ୟାତ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରକୃତିର ମନଲୋଭା ଦୃଶ୍ୟ ସାଙ୍ଗକୁ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି। ଏଥିପାଇଁ ଶିମିଳିପାଳ ଅଭୟାରଣ୍ୟର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏଠାକୁ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଇଛି। ଏଥି ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ମଧ୍ୟ ଗଠନ କରାଯାଇଛି।

# ବେଦାନ୍ତ ପକ୍ଷରୁ ଗଣଦୌଡ

ସମ୍ବଲପୁର, ୧।୧୧ (ବ୍ୟୁରୋ)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ଅବସରରେ ଝାରସୁଗୁଡାସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ଗଣଦୌଡ ତଥା ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଗଣଦୌଡରେ ୪୫୦ ଜଣ ଭାଗ ନେଇଥିଲେ । ପାୱାର ସିଓଓ ଭାସ୍କର ଚାଟାର୍ଜୀ, ମାନବ ସମ୍ବଳ ମୁଖ୍ୟ ଏମ୍ ଶକ୍ତିଭେଲ, ଏଚଏସସି ମୁଖ୍ୟ ଚୋ ଚାନ୍, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସବିତା ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଛତିଶଗଡସ୍ଥିତ ବାଲ୍କୋ, ଲାଞ୍ଜିଗଡ ୟୁନିଟ ଓ ପଞ୍ଜାବସ୍ଥିତ ଟିଏସପିଏଲ୍‌ରେ ମଧ୍ୟ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଆୟନ ପୋବି, ରହୁଲ ସେନାପତି, ସିପ୍ରା ପଲ, କୃତିବାସ ଶବର, ରାଣୀ ଦଲେଇ, ରାହୁଲ ସେଗଲ, ବିଦ୍ୟା ଘୋଷ ଓ ଏସ.ପି. ଘୋଷ ବିଜୟୀ ହୋଇଥିଲେ।



ଝାରସୁଗୁଡା ବେଦାନ୍ତ କମ୍ପାନୀ ପକ୍ଷରୁ ଆୟୋଜିତ ଗଣଦୌଡରେ ପିଲାମାନେ ସାମିଲ ହୋଇଛନ୍ତି।

# 'ସ୍ୱାସ୍ଥ୍ୟସେବା ସଜାଡ଼'

ସମ୍ବଲପୁର,୧।୧୧(ବ୍ୟୁରୋ)

ରାଜ୍ୟ ସରକାର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଯୋଜନା କରୁଛନ୍ତି। ବାସ୍ତବରେ ଲୋକମାନେ କିନ୍ତୁ ସୁବିଧା ପାଉନାହାନ୍ତି। ବୁର୍ଲା ଭିମ୍‌ସାର, ଜିଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ପିଏଚ୍‌ସି, ସିଏଚ୍‌ସିରେ ଡାକ୍ତର, ନର୍ସ କର୍ମଚାରୀ ଅଭାବ ରହିଛି । ଭିମ୍‌ସାର ଉପରେ ଓଡିଶା ସମେତ ପଡ଼ୋଶୀ ରାଜ୍ୟର ଲୋକେ ଚିକିତ୍ସା ଲାଗି ନିର୍ଭର କରନ୍ତି। ହେଲେ ସେଠି ଅଧାରୁ ଅଧିକ ଡାକ୍ତର ପଦ ଖାଲି ପଡିଛି । ସରକାର ସେଠାର ନିର୍ଦ୍ଦେଶକ ପଦ ପୂରଣ କରି ପାରୁନାହାନ୍ତି। ଲୋକମାନେ ବାଧ୍ୟ ହୋଇ ଘରୋଇ ମେଡିକାଲରେ ଚିକିତ୍ସିତ ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଶୁକ୍ରବାର ଜିଲାପାଳଙ୍କ ଅଫିସ



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭାଜପା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସମ୍ମୁଖରେ ଭାଜପା ନେତା ଓ କର୍ମକର୍ତ୍ତା ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଆନ୍ଦୋଳନ କରିବା ଅବସରରେ ରାଜ୍ୟ ସରକାରଙ୍କ ଉପରେ ଏଭଳି ଅଭିଯୋଗ କରି ବର୍ଷିଛନ୍ତି। ରେଙ୍ଗାଲି ବିଧାୟକ ନାଉରୀ ନାଏକ, ପୂର୍ବତନ ବିଧାୟକ ରବି ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଗିରିଷ ପଟେଲ, ସମୀର ବାବୁ, ମାନସ ବକ୍ସିଙ୍କ ସମେତ ଶତାଧିକ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମେ କଚେରି ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରୁ ଏକ ରାଲି ବାହାରି ଜିଲାପାଳଙ୍କ ଅଫିସ ପାଖରେ ପହଞ୍ଚି ଥିଲା। ସେଠାରେ ମୁଖ୍ୟ ଗେଟ୍‌ରେ ପୋଲିସ ଓ ଭାଜପା କମକର୍ତ୍ତାଙ୍କ ଭିତରେ ଧସ୍ତାଧସ୍ତି ହୋଇଥିଲା। ପ୍ରାୟ ଅଧ ଘଣ୍ଟା ପରେ ପୋଲିସ ମୁଖ୍ୟ ଗେଟ୍ ଖୋଲି ଦେଇଥିଲା। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଡାକ୍ତର ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳ କେନ୍ଦ୍ରକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା, ଡାକ୍ତରଖାନାଗୁଡିକରେ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ଦାବି ହୋଇଛି।

# ରାଜସ୍ୱ ଗ୍ରାମକୁ ନେଇ ବିବାଦ ପ୍ରଶାସନର ଦ୍ୱାରସ୍ଥ

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଝାଙ୍କବାହାଲି ଗ୍ରାମକୁ ସରକାର ରାଜସ୍ୱ ଗ୍ରାମ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି । ହେଲେ ଏହାକୁ ବଦୁଆପାଲି ଗ୍ରାମବାସୀ ବିରୋଧ କରୁଛନ୍ତି। ପୂର୍ବରୁ ଝାଙ୍କରବାହାଲି ବଦୁଆପାଲି ଗ୍ରାମରେ ମିଶି ରହିଥିଲା । ବଦୁଆପାଲି ଗ୍ରାମବାସୀଙ୍କ ସହ ବୈଠକ କରି ଆପୋଷ ବୁଝାମଣା କରିବାକୁ ଆଲୋଚନା କରାଯାଇଥିଲା। ହେଲେ ସେମାନେ ରାଜି ହେଉ ନାହାନ୍ତି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଝାଙ୍କରବାହାଲି ଗ୍ରାମବାସୀ ।

ଝାଙ୍କବାହାଲିର ଦୁଇଟି ପଡାରେ ମୋଟ ୧୨୦ ପରିବାରର ୫୪୬ ଲୋକ ରହିଛନ୍ତି । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରଯାଉ ବୋଲି ଦାବି କରି ଶୁକ୍ରବାର ଝାଙ୍କରବାହାଲି ଗ୍ରାମବାସୀ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# କନ୍ଧମାଳରେ ପୁଣି ଲଜ୍ଜା: ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

ବାଲିଗୁଡା,୧।୧୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡା ଥାନା ଅଞ୍ଚଳରେ ପୁଣି ଲଜ୍ଜା। ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ଗୁରୁବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୀଡିତାଙ୍କ ପରିବାର ପକ୍ଷରୁ ବାଲିଗୁଡା ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୪୮/୧୯ରେ ଏକ ମାମଲା ରୁଜୁ କରି ଜଣେ ନାବାଳକ (୧୪)ଙ୍କୁ ଶୁକ୍ରବାର ବାଳସୁଧାର ଗୃହକୁ ପଠାଇଛି। ସୂଚନା ପ୍ରକାରେ, ଶିଶୁକନ୍ୟା ଜଣକ ଗୁରୁବାର ଘର ପାଖରେ ଖେଳୁଥିଲେ। ନାବାଳକ ଜଣକ ତାଙ୍କୁ ନିକଟରେ ଥିବା ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏନେଇ ନାବାଳିକା ଘରେ ଜଣାଇବା ପରେ ଅପରାହ୍ନରେ ଘଟଣା ସମ୍ପର୍କରେ ପରିବାର ଲୋକେ ବାଲିଗୁଡା ଥାନାରେ ଏତଲା ଦେଇଥିଲେ। ପୋଲିସ ନାବାଳିକାଙ୍କୁ ଡାକ୍ତରୀ ମାଇନା କରାଇବାପରେ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନାବାଳଙ୍କୁ ଧରି ଫୁଲବାଣୀ ଜୁଭେନାଇଲ କୋର୍ଟରେ ହାଜର କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

## 'ସିଲ୍କ ଇଣ୍ଡିଆ ଏକ୍ସପୋ-୨୦୧୯' ଆରମ୍ଭ

# ଗୋଟିଏ ସ୍ଥାନରେ ଉତ୍କୃଷ୍ଟ ସିଲ୍କ ଉତ୍ପାଦ

ଭୁବନେଶ୍ୱର,୧।୧୧(ବ୍ୟୁରୋ)

ଆର୍ଟିଜାନ୍ସ ଆଣ୍ଡ୍ ୱେଭର୍ସ ୱେଲଫେୟାର୍ ଆସୋସିଏଶନ୍ 'ହସ୍ତଶିଳ୍ପୀ' ଦ୍ୱାରା ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ସିଲ୍କ ଇଣ୍ଡିଆ ଏକ୍ସପୋ-୨୦୧୯ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ୧୧ଦିନ ଧରି ଚାଲିବାକୁ ଥିବା ଏହି ଏକ୍ସପୋକୁ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଅମ୍ରିତା ମିଶ୍ର ଉଦ୍‌ଘାଟନ କରିଥିଲେ । ସମଗ୍ର ଦେଶର ବିଭିନ୍ନ ରାଜ୍ୟରୁ ଉତ୍କୃଷ୍ଟ ସିଲ୍କ ଉତ୍ପାଦ ଏଠାରେ ଉପଲବ୍ଧ ହେଉଛି । ୬୫ଟି ଷ୍ଟଲ୍‌ରେ ହ୍ୟାଣ୍ଡ୍ ବ୍ଲକ୍ ପ୍ରିଣ୍ଟ ଶାଢ଼ି, ସାଲୱାର୍ ସୁଟ୍ ଏବଂ ସିଲ୍କ୍ ବେଡ୍ କଭର୍, ଡିଜାଇନର୍ ୱେର୍ ଏବଂ ବର୍ଡର ଆଦି ମିଳୁଛି। ଏହାବ୍ୟତୀତ କୁର୍ତ୍ତା, ହାତବୁଣା ମଟ୍‌କା ଏବଂ ଆସାମ ମୁଗା ଫ୍ୟାବ୍ରିକ୍, ଅପୂର୍ବା ସିଲ୍କ ଶାଢ଼ି, ବାଲୁଚରୀ ଶାଢ଼ି, ଏମ୍ବ୍ରୋଡରି ଡିଜାଇନ୍ ସିଲ୍କ ଶାଢ଼ି ଏବଂ ଡ୍ରେସ୍ ମ୍ୟାଟେରିଆଲ୍, ଭାଗଲପୁରୀ ସୁଟ୍, ପ୍ରିଣ୍ଟେଡ୍ ସିଲ୍କ ଶାଢ଼ି, ରେଶମୀ ପ୍ଲେନ୍ ଏବଂ ବୁଟି ଶାଢ଼ି, କର୍ଣ୍ଣାଟକା ସିଲ୍କ ଶାଢ଼ି, ମାହେଶ୍ୱରୀ, ଚନ୍ଦେରୀ ସିଲ୍କ ଶାଢ଼ି ଏବଂ ସୁଟ୍, କୋଟା ସିଲ୍କ, ମଲବେରି ସିଲ୍କ ସହିତ ଟେମ୍ପୁଲ୍ ବର୍ଡର, ବନାରସ୍ ଜାମଦାନୀ, ବିଭିନ୍ନ ରାଜ୍ୟର ହାତବୁଣା ଶାଢ଼ି ଏବଂ ସୁଟ୍ ଆଦି ଏଠାକାର ଅନ୍ୟାନ୍ୟ ଆକର୍ଷଣ। ବିଭିନ୍ନ ରାଜ୍ୟରୁ ଆସିଥିବା ପାରମ୍ପରିକ ଶାଢ଼ି ମଧ୍ୟରେ ମହୀଶୂର ସିଲ୍କ ଶାଢ଼ି, କ୍ରେପ ଓ ଜର୍ଜେଟ୍ ସିଲ୍କ ଶାଢ଼ି,



ଅଭିନେତ୍ରୀ ଅମ୍ରିତା ମିଶ୍ର ସିଲ୍କ ଇଣ୍ଡିଆ ଏକ୍ସପୋକୁ ଉଦ୍‌ଘାଟନ କରିବା ପରେ ଏକ ଷ୍ଟଲରେ ଶାଢ଼ି ଦେଖୁଛନ୍ତି। ନିକଟରେ ଅଛନ୍ତି ଏକ୍ସପୋର ଆୟୋଜକ ଅଭିନନ୍ଦ।

ସିଫନ୍ ସିଲ୍କ ଶାଢ଼ି, ଟସର ସିଲ୍କ ଶାଢ଼ି ଏବଂ ସୁଟ୍, କାଞ୍ଚିପୁରମ୍ ସିଲ୍କ ଶାଢ଼ି ଏବଂ ଡିଜାଇନର୍ ଫ୍ୟାନ୍ସି ଶାଢ଼ି, ଧର୍ମାଭରମ୍ ସିଲ୍କ ଶାଢ଼ି, ଝୋଟ ସିଲ୍କ ଶାଢ଼ି, ଢାକା ସିଲ୍କ ଶାଢ଼ି, ହାତବୁଣା ସିଲ୍କ କଟନ ଶାଢ଼ି, ସିଲ୍କ ବ୍ଲେଣ୍ଡ୍ ଶାଢ଼ି, ଗଡ୍‌ୱାଲ୍ ସିଲ୍କ ଶାଢ଼ି ଆଦି ରହିଛି। ସେହିଭଳି ଗ୍ରାହକମାନେ ଏଠାରୁ ୱେଡିଂ ଶାଢ଼ୀ, ସିଲ୍କ ଓ ଟସର କଞ୍ଚାମାଲ, ଷ୍ଟୋଲ୍, ସିଲ୍କ ଯୁକ୍ତ ଫ୍ୟାବ୍ରିକ୍/ଫର୍ନସିଂ, ଉତ୍ପାଦ ଇତ୍ୟାଦି ପାଇପାରିବେ। ସିଲ୍କ୍ ଇଣ୍ଡିଆ ଏକ୍ସପୋର ଆୟୋଜକ ଅଭିନନ୍ଦ ଏହି ଅବସରରେ କହିଛନ୍ତି, ଏକ୍ସପୋରେ ଚଳିତବର୍ଷ ଦେଶର ବିଭିନ୍ନ ପ୍ରାନ୍ତର ସିଲ୍କ ଶାଢ଼ି ବୁଣାକାର, ହସ୍ତଶିଳ୍ପ ବିଭାଗ ଏବଂ ସିଲ୍କ କୋ-ଅପରେଟିଭ ସୋସାଇଟି ପକ୍ଷରୁ ସେମାନଙ୍କର ଉତ୍ପାଦ ବିକ୍ରିବଟା କରିବାର ବ୍ୟବସ୍ଥା କରାଯାଇଛି। ହାତୁବଣା ତଥା ହସ୍ତତନ୍ତ ଉତ୍ପାଦକୁ ବୁଣାକାର ଏବଂ ନିପୁଣ କାରିଗରଙ୍କ ଦ୍ୱାରା ବିନା କୌଣସି ମଧ୍ୟସ୍ଥରେ ସିଧାସଳଖ ଭାବେ ଗ୍ରାହକମାନଙ୍କ ନିକଟରେ ପହଞ୍ଚାଇବା ଏହି ଏକ୍ସପୋର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। 'ଧରିତ୍ରୀ' ଏହି ଏକ୍ସପୋର ମିଡିଆ ପାର୍ଟନର ରହିଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

We Are Hiring !!
Direct sales Executives / Officers required, attractive pay and excellent career progression ! Give your career a kick start.
Mail - uttam.maity@propello.in
Ph.- 9875630881

ଭୁବନେଶ୍ୱରରେ ଏକ ଲଣ୍ଡ୍ରି କମ୍ପାନୀରେ କାମ କରିବା ନିମନ୍ତେ ଆବଶ୍ୟକ
1) Washing କାରିଗର
2) ଆଇରନ୍ କାରିଗର
3) ଡାଲା ଅଟୋ ଡ୍ରାଇଭର
4) ଡେଲିଭରି ବୟ
Contact : 7609893102 8280082800

EXPERIENCE RESTAURANT STAFF REQUIRED
Captain - 4nos (10-12k)
Waiter - 8nos (8k)
Housekeeping - 8nos (6k)
Kitchen helper - 4nos (8k)
Odia cook - 2nos
Indian cook - 2nos
Manager - 2nos
Salary negotiable, fooding & accommodation includes
Contact : 9090880077 9090220077

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9938809488

ନିଃଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 5 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot No : 551, Samantarapur
Chhak, Behind Reliance Fresh, BBSR
Ph : 7992848615

'Z' ASSOCIATES required for 25 Marketing Persons.
Candidates come with their biodata on 02.11.2019 & 06.11.2019.
Contact: 9439653561, 8480697808, 9078445582
at N-1-39, IRC Village Main Road.

DIRECT JOIN JOB
JOB LOCATION BBSR+CTC
• CUSTOMER CARE
• RECEPTIONIST
• BACK OFFICE
• DATA ENTRY
Mob : 9114090108

WALK-IN-INTERVIEW ON 03.11.2019 (11am-5pm)
Plumber: 5 Nos.
Team Leader (Marketing) : 1No.
Marketing Executive: 10 Nos.
(Salary 10,000-20,000 PM+Perks)
CLEAN & FINE SERVICES
At-Banguari, Near Pahala Sweets Market, Bhubaneswar, Mob.: 9040064133

RECRUITMENT
For a reputed Jewellery Company *Area Managers* required. Persons having MBA with 5 to 6 yrs experinece in start-ups, Franchise development, FMCG, Mobile Handset selling are encourged for ***Bhubaneswar***, ***Balasore***, ***Berhampur*** & ***Cuttack***. Only shortlisted candidates will be called for interview.
Contact-7978691619
email- psunilpanda@yahoo.com

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍,
ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

Career Opportunity in Retail
An established training provider working with government of India invites ready to go GRADUATES To workin established Retail Brands Pan India. Onspot Registration. Date 1st & 4th Nov. 19 at Canara Bank Building, Block Chaka, SAKHIGOPAL, Puri.
CONTACT : 9777791182/9668841656

ଆୟା ଆବଶ୍ୟକ
(1) ଦୁଇ ମାସ ଶିଶୁର ଯତ୍ନ ନେବା ପାଇଁ ଆୟା ଆବଶ୍ୟକ।
(2) ଘରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଦରମା: Rs. 5,000/- + ରହିବା, ଖାଇବା ସୁବିଧା ଅଛି।
ଯୋଗାଯୋଗ
9348267623, 9583125591

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

TUNNELING & MINING ENGINEERS
MINING ENGINEERS
Diploma (Mining) | Mine Foreman / Mates/ Blaster. Exp. in open & UG works
TUNNEL ENGINEERS
(BE Civil / Diploma) | Billing Engrs, QS, QC. Atleast one tunnel exp. reqd
SURVEYORS
(Diploma / ITI (survey) Exp. in atleast 1 tunnel, AutoCad.
Location: Pune / Mumbai
SAMMON INFRACORP
9420878517 / 9422565012
jobs@sammoninfra.com
sammoninfra@gmail.com

JOB VACANCY
NEXGEN Renaissance Private Limited
Call Center Executive Required
BENGALI Speaking Candidate.
Qualification: Minimum +2 or Above.
Contact: 9615969596 / 9439800100
Work Based at Bhubaneswar, Patia

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



"ସଫଳତା ଲୋକଙ୍କ ଚିନ୍ତାଧାରା ବଦଳାଇ ଦେଇ ସେମାନଙ୍କୁ ଭିନ୍ନ ଭାବେ ଗଢ଼ି ତୋଳିଥାଏ।
-ରାଜ୍‌କୁମାର ରାଓ, ବଲିଉଡ୍ ଅଭିନେତା

# ଗିନିଜ୍ ବୁକ୍ ରେକର୍ଡରେ ଦାନ୍ତ

**ବର୍ଲିନ:** ଥରେ ଭାବି ଦେଖନ୍ତୁ ତ, ଜଣେ ସୁସ୍ଥସବଳ ମଣିଷର ଦାନ୍ତର ଲମ୍ବ କେତେ ହୋଇପାରେ ? ଚିକିତ୍ସା ବିଜ୍ଞାନ ଅନୁଯାୟୀ ଦାନ୍ତର ହାରାହାରି ଲମ୍ବା ମାଢ଼ିଠାରୁ ୮.୭୦ ମିଲିମିଟର ଏବଂ ମୂଳଠାରୁ ୧୫.୫୧ ମିମି । ଯଦି କୁହାଯାଏ ଜଣେ ବ୍ୟକ୍ତିଙ୍କ ଦାନ୍ତ ୧.୪୬ ଇଞ୍ଚ (ହାରାହାରି ୩.୭ ସେମି) ବିଶିଷ୍ଟ, ହୁଏତ ଏହାକୁ ଅନେକ ବିଶ୍ୱାସ କରି ନ ପାରନ୍ତି । ହେଲେ ଏପରି ଏକ ବଡ଼ ଦାନ୍ତ ଏବେ ସ୍ଥାନିତ ହୋଇଛି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ । ପୂର୍ବରୁ ଏହି ରେକର୍ଡ ଭାରତୀୟଙ୍କ ନାମରେ ଥିବାବେଳେ ଏବେ ଏହି ତାଲିକାରେ ଶୀର୍ଷସ୍ଥାନ ହାତେଇଛନ୍ତି କ୍ରୋଏସିଆର ମୂଳବାସିନ୍ଦା ମିଜୋ ଭୋଡୋପିଜା । ମିଜୋ ହେଉଛନ୍ତି କ୍ରୋଏସିଆ ନିବାସୀ । ସେ କିଛିବର୍ଷ ହେଲା ଜର୍ମାନୀରେ ରହି ଆସୁଛନ୍ତି । ଗତବର୍ଷ ସେପ୍ଟେମ୍ବରରେ ତାଙ୍କ ଦାନ୍ତରେ ଗଭୀର ଯନ୍ତ୍ରଣା ହେବାରୁ ସେ ଡାକ୍ତର ମେକ୍ସ ଲୁକାସଙ୍କ ସହାୟତା ଲୋଡ଼ିଥିଲେ । ଡାକ୍ତରଙ୍କ କହିବା କଥା, ଡାକ୍ତରଖାନା ଆସିବା ବେଳକୁ ମିଜୋଙ୍କ ଦାନ୍ତମୂଳ ଏବଂ ପାଟିରେ ଗଭୀର ସଂକ୍ରମଣ ହୋଇଥିଲା । ଏପରି ସ୍ଥିତିରେ ଦାନ୍ତକୁ ବାହାର କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ହେଲେ ଏତେ ବଡ଼ ଦାନ୍ତକୁ ମୂଳରୁ ଉପାଡ଼ିବା ଚ୍ୟାଲେଞ୍ଜ ପାଲଟିଥିଲା । ତଥାପି ଏକ ଡାକ୍ତରୀ ଦଳ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି ସର୍ଜରି କରିଥିଲେ । ହେଲେ ଯେତେବେଳେ ମିଜୋଙ୍କ ଦାନ୍ତ ବାହାରିଲା ସମେତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କାରଣ ଡାକ୍ତରଙ୍କ ଚିକିତ୍ସା ଜୀବନ କାଳରେ ସେମାନେ ଏପରି ବଡ଼ ମଣିଷ ଦାନ୍ତ କେବେ ଦେଖି ନ ଥିଲେ । ଏହାକୁ ଗିନିଜ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ କରିବାକୁ ମେକ୍ସ ଆବେଦନ କରିଥିଲେ । ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ କର୍ତ୍ତୃପକ୍ଷ କହିଛନ୍ତି, ଏହି ରେକର୍ଡ ପୂର୍ବରୁ ଗୁଜରାଟର ଉର୍ବିଲ ପଟେଲଙ୍କ ନାମରେ ଥିଲା । ୨୦୧୭ରେ ତାଙ୍କ ଦାନ୍ତ ବାହାର କରାଯାଇଥିଲା, ଯାହାର ଲମ୍ବା ଥିଲା ୧.୪୪ ଇଞ୍ଚ (୩.୬ ସେମି) । ମିଜୋଙ୍କ ଦାନ୍ତକୁ ରେକର୍ଡଭୁକ୍ତ କରିବା ପ୍ରକ୍ରିୟା ଶେଷ ହେଉ ହେଉ ବର୍ଷେ ଲାଗିଗଲା ।



# ବିଶ୍ୱର ବୃହତ୍ ବରଗଛ



**କୋଲକାତା:** ଭାରତରେ ରହିଛି ବିଶ୍ୱର ବୃହତ୍ ବରଗଛ। କୋଲକାତାର ଆଚାର୍ଯ୍ୟ ଜଗଦୀଶ୍ ଚନ୍ଦ୍ର ବୋଷ ବଟାନିକାଲ୍ ଗାର୍ଡେନରେ ଏକ ବିଶାଳକାୟ ବରଗଛ ରହିଛି । ଯାହାର ନାମ ଦ ଗ୍ରେଟ୍ ବାନିୟନ ଟ୍ରି। ଏହି ଗଛକୁ ବହୁ ପର୍ଯ୍ୟଟକ ଦେଖିବାକୁ ଆସିଥାନ୍ତି । ଏହି ଗଛଟି ୨୫୦ ବର୍ଷ ତଳର । ଏହାର ବିଶାଳକାୟ ଆକାର ଓ ଅସାଧାରଣ ସଂଖ୍ୟାରେ ଶାଖା ଡିରା ମେଲିଥିବା ଦେଖାଯାଏ । ୧୮୬୪ ମସିହା ଓ ୧୮୬୭ ମସିହାରେ ଦୁଇ ଦୁଇଟି ବିଶାଳକାୟ ବାତ୍ୟାକୁ ସାମ୍ନା କରିଛି ଏହି ଗଛ । ବର୍ତ୍ତମାନ ଏହା ଶୀର୍ଷ ପରିଧିର ବୃକ୍ଷ ଭାବେ ୪୮୬ ମିଟର ଯାଏ ରହିଛି । ଏହାର ବିଶାଳ ଶାଖାର ଉଚ୍ଚତା ୨୪.୫ ମିଟର ।

# ବିଦ୍ୟୁତ୍ ଜମୱାଲ

## 'ଆକ୍ସନ ଓ ଷ୍ଟଣ୍ଟ୍‌କୁ ମୁଁ ଭଲପାଏ'



**ମୁମ୍ବାଇ:** ବଲିଉଡ ଇଣ୍ଡଷ୍ଟ୍ରିର ଫିଟ୍ ଆକ୍ଟର୍ସଙ୍କ ମଧ୍ୟରେ ଜଣେ ହେଉଛନ୍ତି ବିଦ୍ୟୁତ୍ ଜମୱାଲ । ସେ ନିଜର ଆକ୍ସନ ଏବଂ ଷ୍ଟଣ୍ଟ ଜରିଆରେ ଦର୍ଶକଙ୍କ ମନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ସେ ଦେଇଥିବା ଏକ ଇଣ୍ଟରଭ୍ୟୁରେ ଅକ୍ଷୟ କୁମାରଙ୍କୁ ନେଇ ନିଜର ମନ କଥା କହିଛନ୍ତି । ଖିଲାଡି କୁମାରଙ୍କ ବଡ଼ ପ୍ରଶଂସକଙ୍କ ମଧ୍ୟରେ ସେ ଜଣେ ବୋଲି କହିଛନ୍ତି । ବ୍ୟାଙ୍କକ୍‌ରେ ଜଣେ କୁକ୍‌ରୁ ମୁମ୍ବାଇର ଜଣେ ସାଧାରଣ କଳାକାର ଭାବେ କ୍ୟାରିୟର ଆରମ୍ଭ କରିଥିବା ଅକ୍ଷୟ ବର୍ତ୍ତମାନର ଜଣେ ସଫଳ ସୁପରଷ୍ଟାରଙ୍କ ମଧ୍ୟରେ ଗଣାଯାଉଛନ୍ତି । ତାଙ୍କର ଏହି ଯାତ୍ରା ବେଶ୍ ପ୍ରେରଣାଦାୟକ ବୋଲି ସେ କହିଛନ୍ତି । ଯଦି ଆଗାମୀ ଭବିଷ୍ୟତରେ ଅକ୍ଷୟଙ୍କ ଜୀବନୀକୁ ନେଇ ବାୟୋପିକ ନିର୍ମାଣ କରାଯାଏ, ତେବେ ଅକ୍ଷୟଙ୍କ ଭୂମିକାକୁ କରିବାକୁ ଇଚ୍ଛା ପ୍ରକାଶ କରବେ ବୋଲି ବିଦ୍ୟୁତ କହିଛନ୍ତି । ଏଥିସହିତ ସେ କହିଛନ୍ତି ଯେ, ଅକ୍ଷୟ ଓ ତାଙ୍କ କ୍ୟାରିୟରେ ବହୁ ସମାନତା ରହିଛି । ଅକ୍ଷୟଙ୍କ ପରି ବିଦ୍ୟୁତ୍ ମଧ୍ୟ ଛୋଟ ମୋଟ ଭୂମିକାରୁ କ୍ୟାରିୟର ଆରମ୍ଭ କରିଛନ୍ତି । ସେହିପରି ଫିଲ୍ମର ଆକ୍ସନ ସିନ୍‌ଗୁଡ଼ିକ ଦୁହେଁ ନିଜେ କରିବାକୁ ପସନ୍ଦ କରନ୍ତି । ବିଦ୍ୟୁତଙ୍କ ଆଗାମୀ ପ୍ରୋଜେକ୍ଟ କଥା କହିବାକୁ ଗଲେ, ପାନୋରମା ଷ୍ଟୁଡିଓଜ୍ ପ୍ରଡକ୍ସନରେ ନିର୍ମିତ ହେଉଥିବା ନୂଆ ଫିଲ୍ମ 'ଖୁଦା ହାଫିଜ୍'ରେ ସେ ଆସୁଛନ୍ତି । ଏହା ଏକ ରୋମାଣ୍ଟିକ ଆକ୍ସନ ଥ୍ରୀଲର ଫିଲ୍ମ ଅଟେ । ଫାରୁକ କୁମାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟି ଆସନ୍ତାବର୍ଷ ପ୍ରାରମ୍ଭରେ ମୁକ୍ତିଲାଭ କରିବାର ଯୋଜନା ରହିଛି । ଫିଲ୍ମଟିର ସୁଟିଂ ଉଜ୍‌ବେକିସ୍ତାନରେ ଆରମ୍ଭ ହୋଇଥିବାବେଳେ କୁମାର ମଙ୍ଗତ୍ ପାଠକ ଏବଂ ଅଭିଷେକ ପାଠକ ମିଳିତ ଭାବେ ଏହାର ପ୍ରଯୋଜନା ସମ୍ଭାଳୁଛନ୍ତି । ଏଥିସହିତ ବିଦ୍ୟୁତଙ୍କ ଅଭିନୀତ 'କମାଣ୍ଡୋ-୩' ନଭେମ୍ବର ୨୯ରେ ରିଲିଜ ଅପେକ୍ଷାରେ ରହିଛି । ଏଥିରେ ତାଙ୍କ ଅପୋଜିଟ୍‌ରେ ଅଦା ଶର୍ମା ଅଭିନୟ କରିଛନ୍ତି । ଏହି ଦୁଇ ଫିଲ୍ମ ବ୍ୟତୀତ ଏସ୍. ଶଙ୍କରଙ୍କ ଦ୍ୱାରା ନିର୍ଦ୍ଦେଶିତ ତାମିଲ ଫିଲ୍ମ 'ଇଣ୍ଡିଆନ-୨'ରେ ମଧ୍ୟ ବିଦ୍ୟୁତ୍ ନଜର ଆସିବେ ।

# ୯୦ ବର୍ଷ ବୟସରେ ପୁଲ୍-ଅପ୍‌ସ

## ଚର୍ଚ୍ଚାରେ ଅବସରପ୍ରାପ୍ତ ଏୟାର ମାର୍ଶାଲ



**ନୂଆଦିଲ୍ଲୀ:** ନିଜକୁ ଫିଟ୍‌ରଖିବା ଲାଗି ସମସ୍ତେ ଚାହାନ୍ତି । ହେଲେ ସମୟ ଅଭାବରୁ ଅଧିକାଂଶ ଜିମ୍ ଯିବା କିମ୍ବା ଶାରୀରିକ ପରିଶ୍ରମ କରିବା ପସନ୍ଦ କରି ନ ଥାନ୍ତି । ଫଳରେ ନାନା ରୋଗ ଅକାଳରେ ମାଡ଼ିବସେ । ବର୍ତ୍ତମାନ ସମୟରେ ଏକ ସାଧାରଣ ବ୍ୟାୟାମ କରିବା ଯୁବକମାନଙ୍କ ପାଇଁ କଷ୍ଟକର ହୋଇପଡୁଛି । ପୁଣି ୯୦ ବର୍ଷ ବୟସରେ ପୁଲ୍-ଅପ୍‌ସ କରିବା କଥା କିଏ ବା ଚିନ୍ତା କରିପାରିବେ । ହେଲେ ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଏୟାର ମାର୍ଶାଲ୍ ପିଭି ଆୟାର ୯୦ ବର୍ଷ ବୟସରେ ଜିମ୍‌ରେ ପୁଲ୍-ଅପ୍‌ସ୍ କରୁଥିବା ଦେଖିବାକୁ ମିଳିଛି । ଇଣ୍ଡିଆନ୍ ଏୟାରଫୋର୍ସ ପକ୍ଷରୁ ଶେୟାର୍ କରାଯାଇଥିବା ଏହି ଭିଡିଓ ଏବେ ଅନେକଙ୍କ ପାଇଁ ପ୍ରେରଣା ସାଜିଛି । ବୟସ କେବଳ ଏକ ସଂଖ୍ୟା ମାତ୍ର, ତାହା ଆୟାର ପ୍ରମାଣିତ କରିଛନ୍ତି । ଏହାସହ ସେ ନିଜ ୫୦ ବର୍ଷର ଚାକିରି ଜୀବନ ମଧ୍ୟରେ ମୋଟ ୧ଲକ୍ଷ ୨୦ହଜାର କିମି ଦୌଡ଼ି 'ରନିଂ ଏୟାର୍ ମାର୍ଶାଲ୍' ଅଫ୍ ଇଣ୍ଡିଆନ୍ ଏୟାର୍‌ଫୋର୍ସ ଭାବେ ପରିଚିତ ବୋଲି ଭାରତୀୟ ବାୟୁସେନା ପକ୍ଷରୁ ଉଲ୍ଲେଖ କରାଯାଇଛି । ତାଙ୍କର ଏ ବୟସରେ ମଧ୍ୟ ସ୍ୱାସ୍ଥ୍ୟକୁ ନେଇ ରହିଥିବା ସଚେତନତା ଓ ଉତ୍ସାହ ଯୁବବର୍ଗଙ୍କ ପାଇଁ ପ୍ରେରଣା ନିଶ୍ଚୟ ।

# ସୋସିଆଲ ମିଡିଆରେ 'ପାକିସ୍ତାନୀ ରୁଟି'



**ନୂଆଦିଲ୍ଲୀ:** ସାଧାରଣତଃ ଆପଣମାନେ ରୁମାଲ ରୁଟି ବା ତନ୍ଦୁରି ରୁଟି କଥା ଶୁଣିଥିବେ ଏବଂ ଖାଇଥିବେ । ହେଲେ କେବେ ଚାଦର ରୁଟି କଥା ଶୁଣିଛନ୍ତି କିମ୍ବା ଖାଇଛନ୍ତି କି ? ଶୁଣିଲା ବେଳକୁ କଥାଟା ଅଡୁଆ ଲାଗୁଥିବ, ହେଲେ କଥାଟି ସତ । ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଭିଡଓ ଭାଇରାଲ ହୋଇଛି । ଯେଉଁଥିରେ ରୁଟିର ଆକାରକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ଏହି ଗୋଟିଏ ରୁଟିରେ ପୂରା ପରିବାରର ପେଟ ଭର୍ତ୍ତି ହୋଇଯିବ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ତାହା ପୁଣି ଗୋଟିଏ ପାକିସ୍ତାନୀ ପରିବାରର ବୋଲି କୁହାଯାଇଛି । ଦେଢ଼ ମିନିଟ୍‌ର ଏହି ଭିଡିଓକୁ ବ୍ୟବସାୟୀ ହର୍ଷ ଗୋଏଙ୍କା ଶେୟାର କରିଛନ୍ତି । ଶେୟାରର କିଛି ସମୟ ଭିତରେ ଏହାକୁ ୫୦ହଜାରରୁ ଊର୍ଦ୍ଧ୍ୱ ୟୁଜର୍ସ ଦେଖିବା ସହ ବହୁ ମଜାଳିଆ କମେଣ୍ଟ ମଧ୍ୟ ଦେଇଛନ୍ତି । ଉକ୍ତ ଭିଡିଓଟିରେ ଜଣେ ବ୍ୟକ୍ତି ନିଜ ହାତରେ ଅତି କୌଶଳତାର ସହ ରୁଟି କରୁଥିବାର ଦେଖିବାକୁ ମିଳିଛି । ଏହି ରୁଟି ଘରର ଖଟ ଆକାରର ହୋଇଥିବାରୁ ଏହାକୁ ଚାଦର ରୁଟି ବୋଲି କୁହାଯାଉଛି । ଏହାକୁ ଦେଖି ଜଣେ ୟୁଜର୍ସ ଲେଖିଛନ୍ତି, ରୁଟିକୁ ଦେଖିବା ପରେ ଭୋକ ମେଣ୍ଟି ଗଲାଣି ।

# ୪୬ରେ ପାଦଥାପିଲେ ବିଶ୍ୱସୁନ୍ଦରୀ



**ମୁମ୍ବାଇ:** ବିଶ୍ୱ ସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ଶୁକ୍ରବାର ୪୬ ବର୍ଷରେ ପାଦ ଥାପିଛନ୍ତି । ଏହି ଜନ୍ମଦିନ ଅବସରରେ ତାଙ୍କ ସ୍ୱାମୀ ତଥା ବଲିଉଡ୍ ଅଭିନୋ ଅଭିଷେକ ବଚ୍ଚନ ତାଙ୍କ ପାଇଁ ଏକ ସୁଇଟ୍ ମେସେଜ୍ ସହ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି । ଦୁହେଁ ୨୦୦୭ ଜାନୁୟାରୀରେ ବିବାହ କରିଥିଲେ । ଏବେ ଐଶ୍ୱର୍ଯ୍ୟା ଇଟାଲୀରେ ଅଛନ୍ତି । ୨୦୦୩ରେ ବାଂଲା ଫିଲ୍ମ କରିବା ପରେ ବଲିଉଡ୍‌ରେ ନିଜର ଦବ୍‌ଦବା ଜାହିର କରିଥିଲେ । 'ହମ୍ ଦିଲ୍ ଦେ ଚୁକେ ସନମ୍', 'ଯୋଦ୍ଧା ଆକବର' ଭଳି ଅନେକ ସୁପରହିଟ୍ ଫିଲ୍ମ ଦେଇ ଦର୍ଶକଙ୍କ ମନ କିଣିନେଇଛନ୍ତି ସେ । ୧୯୯୪ରେ ମିସ୍ ୱାର୍ଲ୍ଡ ମୁକୁଟ ପିନ୍ଧିବା ପରେ ପଦ୍ମଶ୍ରୀ, ଫିଲ୍ମଫେୟାର ଆୱାର୍ଡ ମଧ୍ୟ ସେ ହାସଲ କରିଥିଲେ । କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ଜୁରୀ ସଦସ୍ୟ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

# 'ରାଧେ'ର ଶୁଟିଂ ଆରମ୍ଭ

**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍‌ଙ୍କ ଆଗାମୀ ଫିଲ୍ମ 'ରାଧେ'ର ଶୁଟିଂ ଆରମ୍ଭ ହୋଇଛି । ଏହି ଫିଲ୍ମ ଆସନ୍ତା ବର୍ଷ ଇଦ୍ ଅବସରରେ ମୁକ୍ତିଲାଭ କରିବ । ସଲମାନ୍ ଶୁକ୍ରବାର ନିଜ ଟୁଇଟର ପେଜ୍‌ରେ ଫିଲ୍ମର ମହୁରତ୍ ବେଳର ଫଟୋ ଶେୟାର କରିଛନ୍ତି । ଫିଲ୍ମରେ ମୁଖ୍ୟ ଭୂମିକାରେ ସଲ୍‌ମାନଙ୍କ ସହ ଦିଶା ପଟାନୀଙ୍କୁ ଦେଖିବାକୁ ମିଳିବ । 'ଭାରତ' ପରେ ସଲମାନ୍ ଓ ଦିଶା ଦ୍ୱିତୀୟ ଥର ପାଇଁ ଏହି ଫିଲ୍ମରେ ଏକାଠି ନଜର ଆସିବେ । ଭାଇଜାନ୍‌ଙ୍କ ସାନଭାଇ ସୋହେଲ ଖାନ୍ ଫିଲ୍ମ ପ୍ରଯୋଜନା କରୁଥିବା ବେଳେ ନିର୍ଦ୍ଦେଶନା ଦେବେ ପ୍ରଭୁଦେବା । ପୂର୍ବରୁ ସଲମାନ୍ ଓ ପ୍ରଭୁଦେବା 'ୱାଣ୍ଟେଡ୍'ରେ ଏକାଠି କାମ କରିଛନ୍ତି । ସଲମାନଙ୍କ 'ଦବଙ୍ଗ-୩'ରେ ମଧ୍ୟ ପ୍ରଭୁଦେବା ନିର୍ଦ୍ଦେଶନା ଦେଇଛନ୍ତି । ଉଲ୍ଲେଖଥାଉ କି, ଆସନ୍ତାବର୍ଷ ଇଦ୍‌ରେ ସଲ୍‌ମାନ୍ ଓ ଆଲିୟାଙ୍କ ଫିଲ୍ମ 'ଇନ୍‌ସଆଲ୍ଲା' ରିଲିଜ୍ ହେବାର ଥିଲା । କିନ୍ତୁ ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁଶାଲୀ ଏହାର ଶୁଟିଂ ଅଧାରୁ ବନ୍ଦ କରିଦେଇଥିଲେ । ୨୦୨୦ ଇଦ୍‌ରେ ସଲମାନ୍‌ଙ୍କ 'ରାଧେ' ଓ ଅକ୍ଷୟ କୁମାରଙ୍କ 'ଲକ୍ଷ୍ମୀବମ୍ବ' ଏକାଠି ବଡ଼ ପରଦାରେ ମୁକ୍ତିଲାଭ କରିବ । ଏହି ଫିଲ୍ମରେ ଅକ୍ଷୟ କୁମାର ଜଣେ କିନ୍ନର ଭୂମିକାରେ ନଜର ଆସିବେ । ତାଙ୍କ ବିପକ୍ଷରେ 'କବୀର ସିଂ' ଆକ୍ଟ୍ରେସ୍ କିଆରା ଆଡଭାନୀ ଅଭିନୟ କରିଛନ୍ତି ।




## ୨୦୨୦ ଇଦ୍‌ରେ ଅକ୍ଷୟ-ସଲ୍‌ମାନ୍ ଟକ୍କର

# ମେଡିକାଲ କଲେଜ ନିକଟରେ ସେକ୍ସ ର୍ୟାକେଟ

**ବଲାଙ୍ଗୀର ଅଫିସ,୧।୧୧**

■ମହିଳା ଦଲାଲଙ୍କ ସମେତ ୪ ଗିରଫ
■ସମସ୍ତଙ୍କୁ କୋର୍ଟ ଚାଲାଣ କଲା ପୋଲିସ
■ମହିଳା ଚଳାଉ ଥିଲେ ସେକ୍ସ ର୍ୟାକେଟ୍
■ବେଶ୍ୟାଳୟ ଘୋଷଣା କରି ଘର ଜବତ କରାଯିବ: ପୋଲିସ

ବଲାଙ୍ଗୀର ସହର ଭୀମଭୋଇ ମେଡିକାଲ କଲେଜ ନିକଟରୁ ଗୁରୁବାର ଟାଉନ୍ ଥାନା ପୋଲିସ ଏକ ସେକ୍ସ ର୍ୟାକେଟ୍ ଠାବ କରିଛି। ପୋଲିସ ଜଣେ ମହିଳା ଓ ଯୁବତୀଙ୍କ ସହ ୩ ଯୁବକଙ୍କୁ ଧରିଛି। ସେକ୍ସ ର୍ୟାକେଟ୍ ସମ୍ପର୍କରେ ଶୁକ୍ରବାର ଟାଉନ୍ ଥାନାରେ ସଦର ପୋଲିସ ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଖବରଦାତା ସମ୍ମିଳନୀ କରି ସୂଚନା ପ୍ରଦାନ କରିଛନ୍ତି। ମେଡିକାଲ କଲେଜ ନିକଟରେ ଥିବା ଏକ ଘରେ ପାଟଣାଗଡ଼ ଥାନା ଅନ୍ତର୍ଗତ ଅଇଁଲାତୋରା ଗ୍ରାମର ଜଣେ ମହିଳା ଦେହ ବ୍ୟବସାୟ ଚଲାଉଥିଲେ । ମହିଳା ଜଣକ ସେକ୍ସ ର୍ୟାକେଟ୍‌ର ମୁଖ୍ୟ ଦଲାଲ ବୋଲି ପୋଲିସ କହିଛି। ଗତ ୬ ମାସରୁ ଊର୍ଦ୍ଧ୍ୱ ହେବ ଏଠାରେ ସେ ଦେହ ବ୍ୟବସାୟ ଚଲାଇ ଥିବା ପୋଲିସ କହିଛି। ସେ ମେଡିକାଲ କଲେଜ ରାସ୍ତାରେ ଥିବା ଉକ୍ତ ଘର କିଣି ସେକ୍ସ ର୍ୟାକେଟ୍ ଚଲାଉଥିଲେ। ମେଡିକାଲ କଲେଜ ଅଞ୍ଚଳରେ ସେକ୍ସ ର୍ୟାକେଟ୍ ଚାଲିଥିବା ସମ୍ପର୍କରେ କିଛିଦିନ ତଳେ ସ୍ଥାନୀୟ ସର୍କିଟ ହାଉସଠାରେ ବିଧାୟକ ନରସିଂହ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ । ଏନେଇ ଧରିତ୍ରୀ ସମେତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । ଏନେଇ ଟାଉନ୍ ଥାନା ପୋଲିସ ସେକ୍ସ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା । ଗୁରୁବାର ଉକ୍ତ ଘରେ ମହିଳାଙ୍କ ସହ ଅନ୍ୟ ଜଣେ ଯୁବତୀ ଏବଂ ୩ ଯୁବକ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ପୋଲିସକୁ ଖବର ମିଳିଥିଲା । ଏନେଇ ଟାଉନ୍ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରିଥିଲା। ପୋଲିସ ଟିମ୍ ଚଢାଉ ବେଳେ ମହିଳାଙ୍କ ସହ ଯୁବତୀ ଓ ୩ ଜଣ ଯୁବକ ଆପତ୍ତିଜନକ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲା। ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଗିରଫ ୩ ଯୁବକ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ବଡଯୋର ଗ୍ରାମର ଭଗବାନ ନାଏକ(୨୨), ପୁଇଁତଲା ଥାନା ସିଲେଟପଡା ଗ୍ରାମର ଭୋଜରାଜ କାଲସାଏ (୩୧) ଓ ଅଶୋକ ନାଏକ (୪୪)। ମହିଳା ସେକ୍ସ ଦଲାଲଙ୍କ ସହ ଗିରଫ ୩ ଯୁବକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ଉଦ୍ଧାର କରିଥିବା ଯୁବତୀଙ୍କୁ କୋର୍ଟରେ ହାଜର କରିଥିଲା। ସେକ୍ସ ର୍ୟାକେଟ୍‌ରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି। ପୋଲିସ ଗିରଫ ଯୁବକଙ୍କଠାରୁ ଟଙ୍କା ଓ ମୋବାଇଲ ଫୋନ ସହ ବହୁ ଆପତ୍ତିଜନକ ସାମଗ୍ରୀ ମିଳିଛି। ଯେଉଁ ଘରେ ଏହି ଦେହ ବ୍ୟବସାୟ ଚାଲିଥିଲା ସେ ଘରକୁ ବେଶ୍ୟାଳୟ ଘୋଷଣା କରାଯାଇ ଜବତ କରାଯିବାର ପ୍ରକ୍ରିୟା ଆରମ୍ଭ କରିବ ବୋଲି ଏସ୍‌ଡିପିଓ ବାରିକ କହିଛନ୍ତି।



ପୋଲିସ ଚଢ଼ାଉ ବେଳେ ଜବତ କରିଥିବା ସାମଗ୍ରୀ ।

# ଏକକ ଷାଣ୍ମାସିକ ପରୀକ୍ଷାରେ ବିଭ୍ରାଟ ବ୍ଲାକବୋର୍ଡରେ ଲେଖାଗଲା ପ୍ରଶ୍ନ

**ଭୁବନେଶ୍ୱର (ବ୍ୟୁରୋ)/ ପୁରୀ ଅଫିସ/ ଗୋପ, (ଡି.ଏନ.ଏ)୧।୧୧:** ରାଜ୍ୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଏକକ ଷାଣ୍ମାସିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କିନ୍ତୁ ପ୍ରଥମ ଦିନରେ ବିଭ୍ରାଟ ଦେଖାଯାଇଛି। ବିଭିନ୍ନ ସ୍କୁଲରେ ପ୍ରଶ୍ନପତ୍ର ଅଭାବ ହେବାରୁ କେଉଁଠି ଜେରକ୍ସ ତ ଆଉ କେଉଁଠି ବ୍ଲାକବୋର୍ଡରେ ଇତିହାସ, ଭୂଗୋଳ ପ୍ରଶ୍ନ ଲେଖି ବିଦ୍ୟାଳୟ କର୍ତ୍ତୃପକ୍ଷ ପରୀକ୍ଷା ପରିଚାଳନା କରିଛନ୍ତି। ଏପରିକି କିଛି ସ୍କୁଲରେ ବିଳମ୍ବରେ ପ୍ରଶ୍ନପତ୍ର ପହଞ୍ଚିଛି। ପୁରୀ ଜିଲାର ବ୍ରହ୍ମଗିରି, ଅସ୍ତରଙ୍ଗ, ପିପିଲି, କାକଟପୁର, ଗୋପ ଅଞ୍ଚଳ ସମେତ କଳାହାଣ୍ଡି, କେନ୍ଦ୍ରାପଡ଼ାର ଅନେକ ସ୍ଥାନରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପୁରୀ ସହର ଉପକଣ୍ଠସ୍ଥ ସର୍ବୋଦୟ ନଗର ତ୍ରିଲୋଚନ ଆଦର୍ଶ ପ୍ରକଳ୍ପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ପିପିଲିର ପୀତବାସ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଶ୍ନପତ୍ର ନିଅଣ୍ଟ ପଡ଼ିବାରୁ ବ୍ଲାକବୋର୍ଡରେ ପ୍ରଶ୍ନ ଲେଖାଯାଇଥିଲା। ପୁରୀର ଦଣ୍ଡତୋଟା ପ୍ରାଥମିକ ବିଦ୍ୟାଳୟ ଓ ଗୋପ ବ୍ଲକର ଷୋଳପୁରସ୍ଥିତ ମା' ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟ ସମେତ କେତେକ ସ୍କୁଲରେ ପ୍ରଶ୍ନପତ୍ର ଜେରକ୍ସ କରି ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିଲା। ଏପରି କି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ମଧ ଚର୍ଚ୍ଚା ହୋଇଥିଲା। ନିର୍ଦ୍ଧାରିତ ସମୟରେ ପ୍ରଶ୍ନପତ୍ର ନ ପହଞ୍ଚିବାରୁ ଷୋଳପୁର ବିଦ୍ୟାଳୟରେ ସପ୍ତମଶ୍ରେଣୀ ଛାତ୍ରୀଛାତ୍ର ପ୍ରାୟ ଦେଢଘଣ୍ଟା ବିଳମ୍ବରେ ପରୀକ୍ଷା ଦେଇଥିଲେ। ଶିକ୍ଷା ଅଭିଯାନ ପୁରୀ ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ କହିଛନ୍ତି, ଯଦି କୌଣସି ବିଦ୍ୟାଳୟରେ ପ୍ରଶ୍ନପତ୍ର ନିଅଣ୍ଟିଆ ରହିବ ତେବେ ଜେରକ୍ସ କରି ପିଲାଙ୍କୁ ଦେବା ପାଇଁ ସମ୍ପୃକ୍ତ ବିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନେ ତାଙ୍କ ହେପାଜତରେ ଜେରକ୍ସ କରିବେ ବୋଲି କୁହାଯାଇଥିଲା। ବ୍ଲାକ୍‌ବୋର୍ଡରେ ପ୍ରଶ୍ନପତ୍ର ଲେଖାଯିବା ପାଇଁ କାହାକୁ କୁହାଯାଇ ନ ଥିଲା। ପ୍ରଶ୍ନପତ୍ର ପ୍ରଘଟ ହେବା ନେଇ କୌଣସି ଅଭିଯୋଗ ଆମ ପାଖକୁ ଆସିନାହିଁ। ଯଦି ଏପରି କିଛି ହୋଇଥିବ ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ପରୀକ୍ଷା ୨୯ତାରିଖରୁ ଆରମ୍ଭ ହେବାର ଥିଲା। କିନ୍ତୁ ବର୍ଷା କାରଣରୁ ସମସ୍ତ ସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚି ପାରି ନ ଥିବାରୁ ପରୀକ୍ଷାକୁ ଘୁଞ୍ଚାଯାଇଥିଲା। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ କାର୍ଯ୍ୟକ୍ରମ(ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ୨୮ତାରିଖ ଦିନ ସମସ୍ତ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ଲେଖିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ରାଜ୍ୟର ସମସ୍ତ ସ୍କୁଲ ନିଜ ନିଜ ସମୟରେ ପିଲାଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା କରୁଥିଲେ। ତେବେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣି ଚଳିତବର୍ଷରୁ ସମସ୍ତଙ୍କ ପାଇଁ ଏକକ ପରୀକ୍ଷା କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ହେଲେ ପରୀକ୍ଷା ପରିଚାଳନାରେ ତ୍ରୁଟିକୁ ବିଭାଗ ସ୍ୱୀକାର କରିବା ସହ ଆସନ୍ତାବର୍ଷରୁ ଏଥିରେ ସୁଧାର ଆସିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରତିଶ୍ରୁତି ଦେଇଛନ୍ତି।


ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ସୌଜନ୍ୟମୂଳକ ସାକ୍ଷାତ୍ ଅବସରରେ।

# ରହସ୍ୟଘେରରେ ଯୁବତୀ-ଯୁବକଙ୍କ ମୃତ୍ୟୁ

**ଚନ୍ଦାହାଣ୍ଡି,୧।୧୧(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଫଟକି ଗ୍ରାମରୁ ଯୁବତୀ, ଯୁବକଙ୍କ ମୃତଦେହ ମିଳିଛି। ଯୁବତୀ ଜଣଙ୍କ ମୁସଲମାନ ସମ୍ପ୍ରଦାୟର ହୋଇଥିବାବେଳେ ଯୁବକ ଜଣଙ୍କ ବିବାହିତ। ଏହା ଆତ୍ମହତ୍ୟା କିମ୍ବା ହତ୍ୟା, ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ମୃତଦେହ ଉଦ୍ଧାର କରି ତଦନ୍ତ ଚଳାଇଛି। ତେବେ ପ୍ରେମ ସମ୍ପର୍କରୁ ଏଭଳି ପରିଣତି ହୋଇଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଫଟକି ଗାଁର ନର୍ତ୍ତମ ନାୟକ ବିବାହିତ ଓ ତାଙ୍କର ଗୋଟିଏ ପୁଅ ରହିଛି। ଗୁରୁବାର ବିଳମ୍ବିତ ରାତିରେ ପରିସ୍ରା କରିବାକୁ ଯାଉଛି କହି ନର୍ତ୍ତମ ଘରୁ ବାହାରକୁ ଯାଇଥିଲେ। କିଛି ସମୟ ପରେ ଘରେ ଥିବା ତାଙ୍କ ମୋବାଇଲ୍‌କୁ ଏକ କଲ୍ ଆସିଥିଲା। ନର୍ତ୍ତମଙ୍କ ସ୍ତ୍ରୀ ଫୋନ ଉଠାଇବା ପରେ ଅନ୍ୟପଟେ ଥିବା ଲୋକ ଜଣକ 'ତୁମ ସ୍ୱାମୀଙ୍କୁ ମାରିଦେବି' କହି କଲ୍ କାଟି ଦେଇଥିଲେ। ନର୍ତ୍ତମଙ୍କ ସ୍ତ୍ରୀ ଏଥିରେ ଡରିଯାଇ ପରିବାରକୁ ସବୁକଥା ଜଣାଇବା ପରେ ସମସ୍ତେ ତାଙ୍କୁ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶୁକ୍ରବାର ସକାଳୁ ଗାଁ ନିକଟସ୍ଥ ଏକ ଗଛରେ ନର୍ତ୍ତମ ଓ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଗ୍ରାମବାସୀ ଦେଖିଥିଲେ। ନର୍ତ୍ତମଙ୍କ ସ୍ତ୍ରୀ ଏହି ଘଟଣା ଜାଣିବା ପରେ ତାଙ୍କ ସ୍ୱାମୀଙ୍କୁ ମୃତ ଯୁବତୀଙ୍କ ଘରଲୋକେ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଚନ୍ଦାହାଣ୍ଡି ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି କେସ୍ ନଂ. ୧୨୯/୧୯ରେ ମାମଲା ରୁଜୁ କରିଛି।

## ଜୀବବିଜ୍ଞାନ ପ୍ରତିଷ୍ଠାନର ୧୮ତମ ବାର୍ଷିକ ଅଧିବେଶନ

# ଦକ୍ଷ ହେବେ ସ୍କୁଲ୍, କଲେଜ ବିଜ୍ଞାନ ଶିକ୍ଷକ

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ବିଜ୍ଞାନ ଶିକ୍ଷକଙ୍କୁ ଅଧିକ ଦକ୍ଷ କରିବା ଲାଗି ସ୍ୱତନ୍ତ୍ର ତାଲିମ ଦେବେ ରାଜ୍ୟ ସରକାର। ରାଜ୍ୟରେ କାର୍ଯ୍ୟରତ ସ୍କୁଲ ଓ କଲେଜର ବିଜ୍ଞାନ ଶିକ୍ଷକ ଓ ଅଧ୍ୟାପକଙ୍କୁ ଉଚ୍ଚତର ତଥା ଗୁଣାତ୍ମକ ତାଲିମ ଦେବା ନିମନ୍ତେ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ। ବେଙ୍ଗାଲୁରୁସ୍ଥିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଓଡ଼ିଶାର ବିଜ୍ଞାନ ଶିକ୍ଷକଙ୍କୁ ଏହି ତାଲିମ ପ୍ରଦାନ କରିବ। ଏ ନେଇ ପ୍ରାରମ୍ଭିକ ଆଲୋଚନା ଶେଷ ହୋଇଥିବା ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ର ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦ ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ଓଡ଼ିଶା ଜୀବବିଜ୍ଞାନ ପ୍ରତିଷ୍ଠାନର ୧୮ତମ ବାର୍ଷିକ ସାଧାରଣ ଅଧିବେଶନରେ ଯୋଗଦେଇ ମନ୍ତ୍ରୀ ପଣ୍ଡା କହିଲେ, ବିଜ୍ଞାନ ଶିକ୍ଷା ଓ ଗବେଷଣାକୁ ଆହୁରି ବ୍ୟାପକ କରିବା ନିମନ୍ତେ କେନ୍ଦ୍ର ସରକାର ଅଧିକ ପ୍ରୋତ୍ସାହନମୂଳକ ପଦକ୍ଷେପ ହାତକୁ ନେବା ଆବଶ୍ୟକ। ରାଜ୍ୟଗୁଡ଼ିକରେ ଅଧିକ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ କେନ୍ଦ୍ର ପ୍ରଯତ୍ନ ହେବାକୁ ସେ କହିଥିଲେ। ରାଜ୍ୟ ସରକାର ଜୀବବିଜ୍ଞାନ ପ୍ରତିଷ୍ଠାନର ଇନ୍‌କ୍ୟୁବେଶନ ସେଣ୍ଟର ପ୍ରତିଷ୍ଠା ନିମନ୍ତେ ୨ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ଉତ୍ତର-ପୂର୍ବାଞ୍ଚଳର ବୈଜ୍ଞାନିକ ତଥା ବୈଷୟିକବିତ୍‌ଙ୍କ ନିମନ୍ତେ ତାଲିମ ପ୍ରତିଷ୍ଠାନର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ମନ୍ତ୍ରୀ ପଣ୍ଡା ସୂଚନା ଦେଇଥିଲେ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଜ୍ଞାନ ଓ କାରିଗରୀ ତଥା ଭୂବିଜ୍ଞାନ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଏହି ଅଧିବେଶନରେ ପୌରୋହିତ୍ୟ କରିଥିଲେ। ମନ୍ତ୍ରୀ ପଣ୍ଡା କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଓଡ଼ିଶା ଜୀବବିଜ୍ଞାନ ପ୍ରତିଷ୍ଠାନର କାର୍ଯ୍ୟଧାରାକୁ ଅଧିକ ସକ୍ରିୟ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଥିଲେ। ପରିଚାଳନା ପରିଷଦର ବିଗତ ବୈଠକଗୁଡ଼ିକରେ ଆଗତ ପ୍ରସ୍ତାବଗୁଡ଼ିକ ମଧ୍ୟ ଏଠାରେ ଗୃହୀତ ହୋଇଥିଲା। କେନ୍ଦ୍ର ବିଜ୍ଞାନ ଓ କାରିଗରୀ ମନ୍ତ୍ରଣାଳୟର ବାୟୋଟେକ୍ନୋଲୋଜି ବିଭାଗ ସଚିବ ତଥା ଭୁବନେଶ୍ୱରସ୍ଥିତ ଜୀବବିଜ୍ଞାନ ପ୍ରତିଷ୍ଠାନର ପରିଚାଳନା ମଣ୍ଡଳୀ ଅଧ୍ୟକ୍ଷ ଡ. ରେଣୁ ସ୍ୱରୂପ ବିବରଣୀ ପ୍ରଦାନ କରିଥିଲେ। ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା ଧନ୍ୟବାଦ ଦେଇଥିଲେ।


ଅଧିବେଶନରେ କେନ୍ଦ୍ର ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

# ପ୍ରଧାନଶିକ୍ଷକଙ୍କ ମାଡ଼ରେ ଛାତ୍ର ଆହତ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୧।୧୧(ଡି.ଏନ୍.ଏ.)**

■ଘଟଣାକୁ ନେଇ ଥାନାରେ ମାମଲା
■ସିଡବ୍ଲ୍ୟୁସି, ଚାଇଲ୍ଡଲାଇନର ତଦନ୍ତ ଆରମ୍ଭ
■ଘଟଣାକୁ ପ୍ରଧାନଶିକ୍ଷକଙ୍କ ଅସ୍ୱୀକାର

ସ୍କୁଲ ପରିସର ଦଣ୍ଡମୁକ୍ତ ବୋଲି ସରକାର ଘୋଷଣା କରିଛନ୍ତି। କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଦଣ୍ଡ ଦେଇପାରିବେ ନାହିଁ। ହେଲେ ଅଧିକାଂଶ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଇନ ଉଲ୍ଲଂଘନ କରି ହରଡଘଣାରେ ପଡୁଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡ଼ା ପୌରାଞ୍ଚଳ ଅଧୀନ ବାଲିଯୋରୀ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଉକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ମାଡ଼ରେ ଜଣେ ୫ମ ଶ୍ରେଣୀ ଛାତ୍ର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆହତ ଛାତ୍ର ଜଣଙ୍କ ବାଲିଯୋରୀ ଗ୍ରାମର ରାଜେନ୍ଦ୍ର ଧୁରୁଆଙ୍କ ପୁଅ ଶିବ ବୋଲି ଜଣାପଡ଼ିଛି। ପ୍ରଧାନଶିକ୍ଷକଙ୍କ ମାଡ଼ରେ ଛାତ୍ରଙ୍କ ଗାଲ, ଆଖିପତା ଓ କାନରେ ଆଘାତ ଲାଗିଛି। ପରିବାର ଲୋକ ଶିବଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏନେଇ ଆହତ ଛାତ୍ରଙ୍କ ବାପା ରାଜେନ୍ଦ୍ର ଶୁକ୍ରବାର ଝାରସୁଗୁଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡ଼ା ଟାଉନ ଥାନାରେ କେସ୍ (ନଂ.୭୦୩/୧୯, ଦଫା ୩୪୧,୩୨୩ ଆଇପିସି/୭୫ଜେଜେ)ରେ ମାମଲା ରୁଜୁହୋଇଛି। ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲ୍ୟୁସି) ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ, ମମତା ତ୍ରିପାଠୀ, ଅହଲ୍ୟା ନାୟକ, ଚାଇଲ୍ଡ ଲାଇନ୍ ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡା ପ୍ରମୁଖ ଅଧିକାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡାକ୍ତର ଏମ୍.ଏମ୍. ପଣ୍ଡାଙ୍କ ସହିତ ଆଲୋଚନା କରିଛନ୍ତି। ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲୁସି) ଓ ଜିଲା ଚାଇଲ୍ଡ ଲାଇନ ତରଫରୁ ମିଳିତ ତଦନ୍ତ ଆରମ୍ଭ ହୋଇଛି। ଏହିପରି ଜିଲା ଶିକ୍ଷା ବିଭାଗ ତରଫରୁ ମଧ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏନେଇ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ମିତ୍ରଭାନୁ କଚ୍ଛପ ସ୍କୁଲରେ ପହଞ୍ଚି ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଜିଲା ଶିକ୍ଷା ଅଧିକାରୀ(ଡିଇଓ)କଚ୍ଛପ କହିଛନ୍ତି ଯେ, ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ଘଟଣା ସମ୍ପର୍କରେ ପୋଲିସ ତାର ତଦନ୍ତ କରିବ। ଶିକ୍ଷା ବିଭାଗ ତରଫରୁ ତଦନ୍ତ ଭାର ବିଇଓଙ୍କୁ ଦିଆଯାଇଛି ବୋଲି ସେ କହିଛନ୍ତି। ଏନେଇ ସ୍କୁଲ ପ୍ରଧାନଶିକ୍ଷକ ନିର୍ମଳ ନାୟକ ଉକ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିବା ହେଲା ଗତ ଗୁରୁବାର ସ୍କୁଲ ଛୁଟି ସମୟରେ ଛାତ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେ ଛାତ୍ର ଶିବଙ୍କୁ ମାଡ଼ ମାରିନାହାନ୍ତି। ଗ୍ରାମର କେତେଜଣ ଲୋକ ମୋତେ ବିରୋଧ କରି ଫସାଇବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି। ଆହତ ଛାତ୍ରଙ୍କ ବାପା ସରୋଜ ଓ ମାଆ ଲକ୍ଷ୍ମୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପୁଅ ଶିବଙ୍କୁ ଥରେ ନୁହେଁ ପୂର୍ବରୁ ମଧ ଅନେକଥର ପ୍ରଧାଶିକ୍ଷକ ନାୟକ ମାଡ ମାରିଛନ୍ତି। ହେଲେ ଭୟରେ ପୁଅ ଘରେ କିଛି କହିନାହିଁ। ଏଥର ଗୁରୁତର ହେବାରୁ ପୂର୍ବ ଘଟଣା ସବୁ ଜଣାପଡୁଛି। ଆହତ ଛାତ୍ରଙ୍କ କହିବା ହେଲା ଯେ, ସ୍କୁଲରେ ସାଙ୍ଗମାନେ ଝଗଡ଼ା ହେଉଥିଲୁ। ଏହି ସମୟରେ ପ୍ରଧାନଶିକ୍ଷକ ଆସି ଅନ୍ୟ ସାଙ୍ଗମାନଙ୍କୁ ମାଡ଼ ନ ମାରି ମୋ ଗାଲରେ ଚାପୁଡ଼ା ମାରିଥିଲେ। ଆହତ ଅବସ୍ଥାରେ ସେ ଘରେ ପହଞ୍ଚି ମା'ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରେ ଛାତ୍ର ଜଣକ ଅସୁସ୍ଥ ହୋଇ ଘରେ ବାନ୍ତି କରିଥିଲେ। ପୁଅର ଏଭଳି ଅବସ୍ଥା ଦେଖି ପରିବାର ଲୋକେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।


ଚିକିତ୍ସାଧୀନ ଛାତ୍ର ଶିବ ଧୁରୁଆ।

# ଛାତ୍ରୀଛାତ୍ରଙ୍କୁ ଗଣିତ ପଢ଼ାଇଲେ କ୍ରୀଡ଼ା ମନ୍ତ୍ରୀ

**କାକଟପୁର, ୧।୧୧(ଡି.ଏନ୍.ଏ.):** କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁକ୍ରବାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ଗ୍ରାମସ୍ଥିତ ବାସୁଳେଇ ବିଦ୍ୟାପୀଠ ଯାଇ ଦଶମଶ୍ରେଣୀ ଛାତୀଛାତ୍ରଙ୍କ ପାଠ ପଢ଼ାଇଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ମନ୍ତ୍ରୀ ଗଣିତ ପଢ଼ାଇଥିଲେ। ଛାତ୍ରୀଛାତ୍ରମାନେ ମଧ ଜଣେ ଆଇଆଇଟି ଶିକ୍ଷାପ୍ରାପ୍ତ ମନ୍ତ୍ରୀଙ୍କଠାରୁ ପାଠ ପଢ଼ି ଉତ୍ସାହିତ ଥିବା ଲକ୍ଷ୍ୟ କରାଯାଇଥିଲା। ଗଣିତ ପାଠ କଷ୍ଟ ନୁହେଁ ଅଭ୍ୟାସ କଲେ ଏହା ସହଜ ହୋଇଯାଏ ଏଣୁ ଗଣିତ ପାଠକୁ ନିୟମିତ ଅଭ୍ୟାସ କରିବାକୁ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ପରେ ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ମନ୍ତ୍ରୀ ଛାତ୍ରୀଛାତ୍ର ଓ ପ୍ରଧାନ ଶିକ୍ଷକଙ୍କଠାରୁ ପଚାରି ବୁଝିଥିଲେ। ଗୁରୁବାର ଥିଲା ବିଜେଡି ଜନସମ୍ପର୍କ ପଦଯାତ୍ରାର ଶେଷଦିନ। ଏହି ଅବସରରେ କାକଟପୁର ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ କରାଯାଇଥିବା ଜନସମ୍ପର୍କ ପଦଯାତ୍ରା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଶେଷ ହୋଇଥିଲା। ଶେଷ ଦିନରେ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।


କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି।

# ବିଧାୟକଙ୍କ ଘରେ ନିଆଁ ଲଗାଇବାକୁ ଉଦ୍ୟମ

**ତାଳଚେର,୧।୧୧(ନି.ପ୍ର.)**

ଅନୁଗୋଳ ଜିଲା କଲିଯାରୀ ଥାନା ହାଣ୍ଡିଧୂଆଁ ଗ୍ରାମରେ ଥିବା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ପୈତୃକ ବାସଭବନରେ ଗୁରୁବାର କେହି ଦୁର୍ବୃତ୍ତ ନିଆଁ ଲଗାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପୋଲିସ ଶୁକ୍ରବାର ସକାଳେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ବିଧାୟକଙ୍କ ଭାଇ ରାଜକିଶୋର ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତିକରି କଲିୟାରୀ ଥାନାରେ ନଂ.୩୮୪/୧୯ ରେ ଏକ ମାମଲା ରୁଜୁ କରାଯାଇଛି।

# କେରଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଏସ୍‌ଡିଏ ଅଧ୍ୟକ୍ଷ

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଶୁକ୍ରବାର କେରଳ ସ୍ୱାସ୍ଥ୍ୟ ମନ୍ତ୍ରୀ କେ.କେ. ଶୈଳଜା ଟିଚରଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ ସମୟରେ ଓଏସ୍‌ଡିଏ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଶୈଳଜା ବୁଝିଥିଲେ। ସମଗ୍ର ଦେଶରେ ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇଛି। ଆଗାମୀ ଦିନରେ ଦକ୍ଷତା ବିକାଶ କ୍ଷେତ୍ରରେ ଥିବା ସୁଯୋଗ ଉପରେ ଉଭୟଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା।

କେରଳ ସ୍ୱାସ୍ଥ୍ୟ ମନ୍ତ୍ରୀ ଶୈଳଜା କହିଥିଲେ ଯେ, କେରଳ ସରକାର ମହିଳାଙ୍କ ସଶକ୍ତୀକରଣକୁ ସର୍ବାଧିକ ପ୍ରାଥମିକତା ଦେଇଥାଆନ୍ତି। ସେଠାକାର ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ଅଧୀନରେ ଜେଣ୍ଡର ପାର୍କ ଭଳି କାର୍ଯ୍ୟକ୍ରମର ପଦକ୍ଷେପ ନିଆଯାଇଛି। ଏଥିରେ ମହିଳାଙ୍କ ବିକାଶ ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥାଏ। ଓଏସ୍‌ଡିଏ ଦ୍ୱାରା ପରିଚାଳିତ ନାନୋ ୟୁନିକର୍ନ ଯୋଜନା ସମ୍ପର୍କରେ ଜାଣିବା ପାଇଁ କେରଳ ସରକାର ଆଗ୍ରହୀ। ଏହା ମାଧ୍ୟମରେ ତୃଣମୂଳସ୍ତରରେ ଅନେକ କ୍ଷୁଦ୍ର ବ୍ୟବସାୟୀ ଉପକୃତ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ୟୁଏନ୍ ଓମେନ୍ ସହାୟତାରେ କେରଳରେ 'ଇଣ୍ଟରନ୍ୟାଶନାଲ ଓମେନ୍ସ ଟ୍ରେଡ୍ ସେଣ୍ଟର' ଖୋଲାଯିବ ବୋଲି କେରଳ ସ୍ୱାସ୍ଥ୍ୟ ମନ୍ତ୍ରୀ ସୂଚନା ଦେଇଥିଲେ। ଅପରପକ୍ଷରେ ଓଡ଼ିଆ ଯୁବକ ଦକ୍ଷତା ବିକାଶ ପାଇଁ କେରଳ ସହ ରାଜିନାମା ସ୍ୱାକ୍ଷର ପାଇଁ ଓଏସ୍‌ଡିଏ ଅଧ୍ୟକ୍ଷ ପ୍ରସ୍ତାବ ଦେଇଥିଲେ। ବିଭିନ୍ନ ବିଷୟରେ ଦକ୍ଷତା ଅର୍ଜନ କରୁଥିବା ଯୁବତୀଯୁବକଙ୍କ ନିଯୁକ୍ତି ଉପରେ ମଧ ବାଗ୍‌ଚୀ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଶେଷଭାବେ ବର୍ତ୍ତମାନ ବାଙ୍ଗାଲୋରରେ ପଞ୍ଚକର୍ମ ବିଦ୍ୟା ଶିକ୍ଷା କରୁଥିବା ଯୁବବର୍ଗର ନିଯୁକ୍ତି ସମ୍ପର୍କିତ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ସେହିଭଳି କେରଳ ରାଜ୍ୟରେ କାର୍ଯ୍ୟରତ ଓଡ଼ିଶାର କୁଶଳୀ କାରିଗରଙ୍କୁ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ବାଗ୍‌ଚୀଙ୍କ ପକ୍ଷରୁ ଶୈଳଜାଙ୍କୁ ଅନୁରୋଧ କରାଯାଇଥିଲା।


କେରଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଓଏସ୍‌ଡିଏ ଅଧ୍ୟକ୍ଷ ଓ ଅନ୍ୟମାନେ।

# 'ଉଜ୍ଜ୍ୱଳା ଲାଭାର୍ଥୀଙ୍କ ଆବଶ୍ୟକତାକୁ ପୂରଣ କରିବ ବଟ୍‌ଲିଂ ପ୍ଲାଣ୍ଟ'

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

## ଜାମସେଦପୁରରେ ବିଭିନ୍ନ ପ୍ଲାଣ୍ଟର ଶିଳାନ୍ୟାସ, ଉଦ୍‌ଘାଟନ

ଝାଡଖଣ୍ଡର ଜାମସେଦପୁରଠାରେ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନା ଅଧୀନରେ ପ୍ରାକୃତିକ ଗ୍ୟାସ ପାଇପଲାଇନ (ପିଏନ୍‌ଜି) ଏବଂ ସିଏନଜି ଷ୍ଟେଶନର ଉଦ୍‌ଘାଟନ କରିଛନ୍ତି। ଏହାସହ ସେ ୧୬୧.୫୦ କୋଟି ଟଙ୍କା ବ୍ୟୟରେ ଏଚ୍‌ପିସିଏଲ ଦ୍ୱାରା ନିର୍ମିତ ହେବାକୁ ଥିବା ଏଲପିଜି ବଟଲିଂ ପ୍ଲାଣ୍ଟର ଶିଳାନ୍ୟାସ କରିଛନ୍ତି। ସେହିପରି ଗେଲ୍ ଇଣ୍ଡିଆ ଦ୍ୱାରା ନିର୍ମାଣ ହେବାକୁ ଥିବା ୧୨୫ କିମି ଲମ୍ବା ପୁରୁଲିଆ-ଜାମସେଦପୁର ସ୍ପରଲାଇନ କାର୍ଯ୍ୟର ମଧ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଏଚ୍‌ପିସିଏଲ୍‌ର ବଟଲିଂ ପ୍ଲାଣ୍ଟ ଜାମସେଦପୁର ଏବଂ ଆଖପାଖ ଅଞ୍ଚଳର ଉଜ୍ଜ୍ୱଳା ଯୋଜନା ଲାଭାର୍ଥୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସିଏନ୍‌ଜି ଓ ପିଏନ୍‌ଜି ଦ୍ୱାରା ପରିବେଶ ସୁରକ୍ଷିତ ରହିବା ସହ ଲୋକଙ୍କୁ ଶସ୍ତା ଇନ୍ଧନ ଉପଲବ୍ଧ ହେବ। ଲୋକଙ୍କ ଘରେ ପାଇପ ସାହାଯ୍ୟରେ ରନ୍ଧନ ଗ୍ୟାସ ପହଞ୍ଚିବା ସହ ସିଏନ୍‌ଜି ଗ୍ୟାସ ଦ୍ୱାରା ଅଟୋ ଚାଳକମାନେ ଲାଭବାନ ହୋଇପାରିବେ। ସେହିପରି ଜାମସେଦପୁରର ବିଭିନ୍ନ ଉଦ୍ୟୋଗରେ ଗ୍ୟାସ ଆଧାରିତ ଇନ୍ଧନ ପହଞ୍ଚିବା ପାଇଁ ୨୨୧ କୋଟି ଟଙ୍କା ବ୍ୟୟରେ ବ୍ୟବସ୍ଥା କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ସଂକ୍ଷେପରେ

### ୯୫,୩୮୦ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ




**ନୂଆଦିଲ୍ଲୀ,୧-୧୧:** ଉନ୍ନତ ପାର୍ବଣ ଚାହିଦା ସତ୍ତ୍ୱେ ଚଳିତ ବର୍ଷ ଅକ୍ଟୋବରରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ ୧ ଲକ୍ଷ କୋଟି ଟଙ୍କା ନିମ୍ନରେ ରହିଛି। ଏହି ସମୟରେ ଜିଏସ୍‌ଟି ବାବଦକୁ ସରକାର ୯୫,୩୮୦ କୋଟି ଟଙ୍କା ଆଦାୟ କରିଥିବା ଜଣାପଡିଛି। ସେପ୍ଟେମ୍ବର ମାସରେ ସରକାର ୯୧,୯୧୬ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ କରିଛନ୍ତି। ଗତ ବର୍ଷ ଅକ୍ଟୋବରେ ୧ ଲକ୍ଷ କୋଟି ଟଙ୍କା ପରୋକ୍ଷ ଟିକସ ସରକାର ସଂଗ୍ରହ କରିଥିଲେ। ଚଳିତ ବର୍ଷ ସମାନ ସମୟରେ ଏଥିରେ ୫.୨୯% ହ୍ରାସ ଘଟିଥିବା ଜଣାପଡିଛି। ଲଗାତର ଭାବେ ତୃତୀୟ ମାସ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କାରୁ କମ୍ ରହିଛି। ଅକ୍ଟୋବରର ମୋଟ୍ ଜିଏସ୍‌ଟି ମଧ୍ୟରୁ କେନ୍ଦ୍ର ଜିଏସ୍‌ଟି ବାବଦ ୧୭,୫୮୨ କୋଟି ଟଙ୍କା, ରାଜ୍ୟ ଜିଏସ୍‌ଟି ବାବଦ ୨୩,୬୭୪ କୋଟି ଟଙ୍କା, ସମନ୍ୱିତ ଜିଏସ୍‌ଟି ବାବଦ ୪୬,୫୧୭ କୋଟି ଟଙ୍କା ଏବଂ ୭୬୦୭ କୋଟି ଟଙ୍କା ସେସ୍ ସାମିଲ ରହିଛି। ଏହି ସମୟରେ ୭୩.୮୩ ଲକ୍ଷ ଜିଏସ୍‌ଟି ଆର୍ ୩ବି ରିଟର୍ନ ଫାଇଲ କରାଯାଇଛି।

> ଡିଜିଟାଲ କାରବାର ଦ୍ରୁତ ହେବାରୁ ୟୁପିଆଇ ଅକ୍ଟୋବରରେ ୧୦୦ କୋଟି ଟ୍ରାଞ୍ଜାକ୍‌ଶନ ସୀମା ଟପିଛି। ଏହାକୁ ନେଇ ଅନେକ ମାତ୍ରାରେ ଉତ୍ସାହିତ ଅଛୁ।
> – ଦୀଲିପ ଆସ୍‌ବେ, ଏନ୍‌ପିସିଆଇ ଏମ୍‌ଡି



> ଆସନ୍ତା ଆର୍ଥିକ ବର୍ଷରେ କୋଲ୍ ଇଣ୍ଡିଆ ୭୫୦ ନିୟୁତ କୋଇଲା ଉତ୍ତୋଳନ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ୧୦ ହଜାର ନୂଆ ନିଯୁକ୍ତି ପ୍ରଦାନ କରାଯିବ।
> – ପ୍ରହ୍ଲାଦ ଜୋଷୀ, କେନ୍ଦ୍ର କୋଇଲା ମନ୍ତ୍ରୀ



# ୬ ବର୍ଷରେ କମିଛି ୯୦ ଲକ୍ଷ ନିଯୁକ୍ତି

ନୂଆଦିଲ୍ଲୀ,୧-୧୧

୨୦୧୧-୧୨ଠାରୁ ୨୦୧୭-୧୮ ମଧ୍ୟରେ ସାରା ଦେଶରେ ୯୦ ଲକ୍ଷ ନିଯୁକ୍ତି କମିଛି। ଅଜୀମ ପ୍ରେମଜୀ ବିଶ୍ୱବିଦ୍ୟାଳୟର ସେଣ୍ଟର ଅଫ୍ ସଷ୍ଟେନେବୁଲ ଏମ୍ପ୍ଲଏମେଣ୍ଟ ପକ୍ଷରୁ ପ୍ରକାଶିତ ଏକ ନୂଆ ଏକାଡେମିକ ପେପରରେ ଏଭଳି ବିଷୟ ଉଲ୍ଲେଖ ରହିଛି। ଜବାହର ଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ ମେହେରୋତ୍ରା ଏବଂ ପଞ୍ଜାବ ସେଣ୍ଟ୍ରାଲ ୟୁନିଭର୍ସିଟି ପ୍ରଫେସର ଯଯାତି କେ. ପରିଡାଙ୍କ ଦ୍ୱାରା ଉକ୍ତ ପେପର ପ୍ରସ୍ତୁତ ହୋଇଥିବା ବେଳେ ଏଭଳି ନିଯୁକ୍ତି ହ୍ରାସ ଦେଶର ସ୍ୱାଧୀନତା ପରଠାରୁ ପ୍ରଥମ ବୋଲି କୁହାଯାଇଛି। ନିଯୁକ୍ତି ଏବଂ ଅଣକୃଷି ଉଦ୍ୟୋଗଗୁଡିକୁ ନେଇ ଜାତୀୟ ସାମ୍ପୁଲ ସର୍ଭେ ଅଫିସ(ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ହୋଇଥିବା ସର୍ଭେ ବିଭିନ୍ନ ସର୍ଭେକୁ ଆଧାର କରି ଏହି ପେପର ପ୍ରସ୍ତୁତ କରାଯାଇଛି।

୨୦୧୧-୧୨ରେ ଦେଶରେ ୪୭୪.୨ ନିୟୁତ ନିଯୁକ୍ତି ରହିଥିବା ବେଳେ ଏହା ୨୦୧୭-୧୮ରେ ୪୬୫.୧ ନିୟୁତକୁ ଖସି ଆସିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏନ୍‌ଏସ୍‌ଏସ୍‌ଓ

### ବେକାରି ହାର ୮.୬%କୁ ବୃଦ୍ଧି

ଚଳିତ ବର୍ଷ ଅକ୍ଟୋବରରେ ଦେଶର ବେକାରି ହାର ତିନି ବର୍ଷର ସର୍ବାଧିକ ସ୍ତର ୮.୬%କୁ ବୃଦ୍ଧି ଘଟିଛି। ଏହା ୨୦୧୬ ପରଠାରୁ ସର୍ବାଧିକ ବୋଲି ଜଣାପଡିଛି। ଚଳିତ ବର୍ଷ ସେପ୍ଟେମ୍ବରରେ ଏହି ହାର ୭.୨% ରହିଥିବା ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ) ପକ୍ଷରୁ ଶୁକ୍ରବାର ପ୍ରକାଶ ପାଇଥିବା ତଥ୍ୟରୁ ଏହା ସାମ୍ନାକୁ ଆସିଛି। ମାନ୍ଦାବସ୍ଥା ପ୍ରଭାବ ଅର୍ଥନୀତି ଉପରେ ରହିଥିବାରୁ ଏଭଳି ସ୍ଥିତି ଉପୁଜିଥିବା ରିପୋର୍ଟରେ ପ୍ରକାଶ ପାଇଛି।




#### ସେଣ୍ଟର ଅଫ୍ ସଷ୍ଟେନେବୁଲ ଏମ୍ପ୍ଲଏମେଣ୍ଟ ରିପୋର୍ଟ

ପକ୍ଷରୁ ହୋଇଥିବା ଲେବର ଫୋର୍ସ ସର୍ଭେରେ ଦେଶରେ ବେକାରି ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଥିବା କୁହାଯାଇଛି। ଯାହାକୁ ନେଇ ଦେଶ ମଧ୍ୟରେ ଅନେକ ତର୍କ ବିତର୍କ ହୋଇଛି। ଦୁଇ ପ୍ରଫେସରଙ୍କ ପକ୍ଷରୁ ନିଯୁକ୍ତି ନେଇ କରାଯାଇଥିବା ଏହି ଅଧ୍ୟୟନର ଫଳାଫଳ ନିକଟରେ ଆଉ ଏକ ସର୍ଭେକୁ ବିରୋଧାଭାସ କରୁଥିବା ଜଣାପଡିଛି। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ଦ୍ୱାରା କରାଯାଇଥିବା ଅଧ୍ୟୟନରେ ନିଯୁକ୍ତି ନେଇ ଭିନ୍ନ ସୂଚନା ଦିଆଯାଇଛି। ଏହି ଅଧ୍ୟୟନ ଲଭେସ ଭଣ୍ଡାରି ଏବଂ ଅମରେଶ ଦୁବେଙ୍କ ପକ୍ଷରୁ କରାଯାଇଛି। ୨୦୧୧-୧୨ରେ ନିଯୁକ୍ତି ୪୩୩ ନିୟୁତ ଥିବା ବେଳେ ଏହା ୨୦୧୭-୧୮ରେ ୪୫୭ ନିୟୁତକୁ ବଢିଥିବା ଉଲ୍ଲେଖ କରାଯାଇଛି।

ମେହେରୋତ୍ରା ଏବଂ ପରିଡାଙ୍କ ପକ୍ଷରୁ ହୋଇଥିବା 'ଇଣ୍ଡିଆସ ଇକୋନୋମିକ କ୍ରାଇସିସ,ରାଇଜିଂ ଏଜୁକେଶନ ଲେଭଲ,ଫଲିଂ ନନ୍-ଏଗ୍ରିକଲଚରାଲ ଜବ ଗ୍ରୋଥ' ଶୀର୍ଷକ ଏକାଡେମିକ ପେପରରେ ମୁଖ୍ୟତଃ ୪ଟି ଦିଗ ଉପରେ ଫୋକସ୍ କରାଯାଇଛି। ପ୍ରଥମତଃ କୃଷି କ୍ଷେତ୍ରରେ ନିରନ୍ତର ଭାବେ ନିଯୁକ୍ତି କ୍ଷତିଗ୍ରସ୍ତ ହେଉଥିବା ଏଥିରେ ଉଲ୍ଲେଖ କରାଯାଇଛି। ଏକ୍ଷେତ୍ରରେ ବାର୍ଷିକ ହାର ୪.୫ ନିୟୁତ ରହିଛି। ସେହିଭଳି ଗତ ୬ ବର୍ଷରେ ମାନୁଫାକଚରିଂ କ୍ଷେତ୍ରରେ ୩.୫ ନିୟୁତ ନିଯୁକ୍ତି ହ୍ରାସ, ଯୁବକମାନଙ୍କ ଶ୍ରମ ଶକ୍ତିରେ ଯୋଗଦାନ ହାର(ଏଲ୍‌ଏଫ୍‌ପିଆର୍) ୪୪.୬%ରୁ ୩୮.୩%କୁ ହ୍ରାସ, ୱାର୍କ ପାର୍ଟିସିପେଶନ ରେଟ ବା କାର୍ଯ୍ୟଯୋଗଦାନ ହାର(ଡବ୍ଲ୍ୟୁପିଆର୍) ୪୨%ରୁ ୩୧.୪%କୁ ଖସିଥିବା ରିପୋର୍ଟରେ କୁହାଯାଇଛି। ସେହିଭଳି ଶିକ୍ଷିତ ବେକାରିଙ୍କ ସଂଖ୍ୟା ବଢିଥିବା ରିପୋର୍ଟରୁ ଜଣାପଡିଛି। ୨୦୧୭-୧୮ ସୁଦ୍ଧା ନିରକ୍ଷରଙ୍କ ମଧ୍ୟରେ ବେକାରି ହାର ୭.୧%, ପ୍ରାଥମିକ ଶିକ୍ଷା ଲାଭ କରିଥିବା ଲୋକଙ୍କ କ୍ଷେତ୍ରରେ ଏହା ୮.୧%, ଉଚ୍ଚ ପ୍ରାଥମିକ କ୍ଷେତ୍ରରେ ୧୩.୭%, ମାଧ୍ୟମିକ ୧୪.୪%, ଉଚ୍ଚ ମାଧ୍ୟମିକ ୨୪%, ସ୍ନାତକଙ୍କ କ୍ଷେତ୍ରରେ ୨୫.୮% ଏବଂ ସ୍ନାତକୋତ୍ତର କ୍ଷେତ୍ରରେ ବେକାରି ହାର ୩୬.୨% ରହିଥିବା ଅଧ୍ୟୟନରେ କୁହାଯାଇଛି।




## ଫିନୋଲେକ୍ସ ପକ୍ଷରୁ ଡିଲର ସମ୍ମିଳନୀ

ଭୁବନେଶ୍ୱର,୧-୧୧(ବ୍ୟୁରୋ)

ପ୍ରମୁଖ ପିଭିସି ପାଇପ ନିର୍ମାତା ଫିନୋଲେକ୍ସ କମ୍ପାନୀର ଅଧିକୃତ ବିତରକ ଏରାଇଜ ମାର୍କେଟିଂ ଭୁବନେଶ୍ୱରର ଆନୁକୂଲ୍ୟରେ ଏକ ମେଗା ଡିଲରମିଟ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ଡେପୁଟି ମ୍ୟାନେଜର ରଜନୀକାନ୍ତ ବିଶ୍ୱାଳ, ଆସିଷ୍ଟାଣ୍ଟ ମ୍ୟାନେଜର ଦୁର୍ଗା ଶଙ୍କର ପତି, ଏରାଇଜ ମାର୍କେଟିଂ ପ୍ରୋପ୍ରାଇଟର ଉଦୟ ଶଙ୍କର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଫିନୋଲେକ୍ସର ନୂଆ ପ୍ରଡକ୍ଟ ଏବଂ ଭିଜନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ୭୫ ଜଣ ଡିଲର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ଡିଲରଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ବିକ୍ରି କ୍ଷେତ୍ରରେ ସଫଳ ଡିଲରଙ୍କୁ ଦୁବାଇ ଏବଂ ଥାଇଲାଣ୍ଡ ଭ୍ରମଣର ସୁଯୋଗ ମଧ୍ୟ ପ୍ରଦାନ କରାଯାଇଛି। ଏରାଇଜ ମାର୍କେଟିଂ ପକ୍ଷରୁ ୨ଟି ନୂଆ ବୁଲେଟ ଗାଡି ପ୍ରଦାନ କରାଯାଇଛି। ଗ୍ରାହକଙ୍କୁ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଏସ୍‌ଏଫ୍‌ଆଇଓକୁ ଡିଏଚ୍‌ଏଫ୍‌ଏଲ୍ ତଦନ୍ତ ଭାର

**ନୂଆଦିଲ୍ଲୀ,୧-୧୧:** ଦେୱାନ ହାଉସିଂ ଫାଇନାନ୍ସ ଲିମିଟେଡ (ଡିଏଚ୍‌ଏଫ୍‌ଏଲ୍)ଆର୍ଥିକ ଅନିୟମିତତା ମାମଲାର ତଦନ୍ତ ଭାର ସିରିୟସ ଫ୍ରଡ ଇନଭେଷ୍ଟିଗେଶନ ଅଫିସ (ଏସ୍‌ଏଫ୍‌ଆଇଓ)କୁ ସରକାର ପ୍ରଦାନ କରିଛନ୍ତି। ଏହି ମାମଲାରେ ଅର୍ଥ ହେରଫେର ନେଇ ସୁରାକ ପାଇବା ପରେ ଏଭଳି ନିର୍ଦ୍ଦେଶ ସରକାର ଦେଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି କମ୍ପାନୀ ବିରୋଧରେ ୩୧,୦୦୦ କୋଟି ଟଙ୍କାର ବେଆଇନ ଅର୍ଥ କାରବାର ମାମଲା ସାମ୍ନାକୁ ଆସିଛି। ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ ପ୍ରଥମେ ଏହି ଘଟଣା ଉପରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟକୁ ସୂଚାଇଥିଲା। ସେହିଭଳି କେପିଏମ୍‌ଜି ପକ୍ଷରୁ ହୋଇଥିବା ଏକ ଫୋରେନସିକ ଅଡିଟରୁ ପ୍ରମୋଟରଙ୍କ ଅର୍ଥ ହେରଫେର ଘଟଣା ସାମ୍ନାକୁ ଆସିଥିଲା।

# ଅକ୍ଟୋବରରେ ଯାନ ବିକ୍ରି କମିଲା

ନୂଆଦିଲ୍ଲୀ,୧-୧୧

ମାନ୍ଦାବସ୍ଥା ଯୋଗୁ ଦେଶର ଅଟୋ ମୋବାଇଲ କମ୍ପାନୀଙ୍କ ବିକ୍ରି ଅକ୍ଟୋବରରେ ବିଶେଷ ହ୍ରାସ ହୋଇଥିବା ଦେଖାଯାଇଛି। ଏହି ସମୟରେ ପ୍ରମୁଖ ଯାନ ନିର୍ମାତା ଅଶୋକ ଲେଲାଣ୍ଡର ବିକ୍ରି ୩୫% ଖସିଛି। ଏହି କମ୍ପାନୀ ୯,୮୫୭ ୟୁନିଟ ଯାନ ବିକ୍ରି କରିଛି। ହିନ୍ଦୁଜା ଗ୍ରୁପର ଉକ୍ତ ଫାର୍ମ ଗତବର୍ଷ ସମାନ ସମୟରେ ୧୫,୧୪୯ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ସେହିଭଳି ଟିଭିଏସ୍‌ର ବିକ୍ରି ୧୮.୮% କମିଛି। ୨୦୧୯ ଅକ୍ଟୋବରରେ କମ୍ପାନୀ ୩.୨୩ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ଏହା ଗତବର୍ଷ ସମାନ ସମୟରେ ୩.୯୮ ଲକ୍ଷ ୟୁନିଟ ରହିଥିଲା। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା (ଏମ୍ ଆଣ୍ଡ ଏମ୍)ର ଟ୍ରାକ୍ଟର ବିକ୍ରି ୪% କମି ୪୭,୩୭୬ ୟୁନିଟ ରହିଛି। ଗତବର୍ଷ ସମାନ ମାସରେ କମ୍ପାନୀ ଏହି ବର୍ଗରେ ୪୫,୪୩୩ ୟୁନିଟ ଯାନ ବିକି ଥିଲା। ମହିନ୍ଦ୍ରାର ମୋଟ ବିକ୍ରି ୧୧% ଖସି ୫୧,୮୯୬ ୟୁନିଟ ରହିଛି। ଗତବର୍ଷ ଏହା ୫୮,୪୧୬ ୟୁନିଟ ରହିଥିଲା। ଏହାବାଦ ଟୟୋଟା କିର୍ଲୋସ୍କାର ମୋଟର୍ସ ବିକ୍ରି ୫% କମ୍ ରହିଛି। କମ୍ପାନୀ ୧୨,୬୧୦ ୟୁନିଟ ଯାନ ବିକ୍ରି କରିଛି। ଏହା ଗତବର୍ଷ ୧୩,୨୪୫ ୟୁନିଟ ରହିଥିଲା। ଭଲଭୋ ଗ୍ରୁପ ଏବଂ ଏଚର ମୋଟର୍ସର ଯୌଥ କମ୍ପାନୀ ଭିଇ କମର୍ସିଆଲ ଭେଇକିଲର ବିକ୍ରି ୩୭% ଖସି ୩,୭୫୫ ୟୁନିଟ ଯାନ ରହିଛି। ଏହାବାଦ ବଜାଜ ଅଟୋ ଲିମିଟେଡର ବିକ୍ରି ୯% କମି ୪.୬୩ ଲକ୍ଷ ୟୁନିଟ ରହିଛି। ସୁଜୁକି ମୋଟର ସାଇକେଲ ବିକ୍ରି ୧୪% ବଢିଥିବା ବେଳେ ହୋଣ୍ଡା କାର୍‌ସ ବିକ୍ରି ୨୯% ଖସିଛି। ସେହିଭଳି ଟାଟା ମୋଟର୍ସର ଯାନ ବିକ୍ରି ୩୪% କମିଥିବାବେଳେ ହ୍ୟୁଣ୍ଡାଇର ୨%, ରୟାଲ ଏନ୍‌ଫିଲ୍ଡର ୨%, ହିରୋର ୧୮.୪୩% ଏବଂ ହୋଣ୍ଡା ମୋଟର ସାଇକେଲ ବିକ୍ରି ଅପେକ୍ଷାକୃତ କମିଥିବା ସୂଚନା ମିଳିଛି।

### ମାରୁତି ସୁଜୁକି ବିକ୍ରି ୪.୫% ବୃଦ୍ଧି

ଚଳିତ ବର୍ଷ ଅକ୍ଟୋବରରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍‌ଏସ୍‌ଆଇ)ର ଯାନ ବିକ୍ରି ୪.୫% ବଢିଛି। ଏହି ସମୟରେ କମ୍ପାନୀ ମୋଟ ୧.୫୩ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିବା ଶୁକ୍ରବାର ସୂଚନା ଦେଇଛି। ଗତ ବର୍ଷ ଏହି ସମୟରେ କମ୍ପାନୀର ବିକ୍ରି ୧.୪୬ ଲକ୍ଷ ୟୁନିଟ ଥିଲା।

### ଅଟୋଶିଳ୍ପ ମାନ୍ଦାବସ୍ଥାର ତର୍ଜମା ହେବ

ଦେଶର ଅଟୋମୋବାଇଲ ଶିଳ୍ପରେ ଆସିଥିବା ମାନ୍ଦାବସ୍ଥାର ତର୍ଜମା ଶିଳ୍ପ ସଂକ୍ରାନ୍ତ ସଂସଦୀୟ କମିଟି କରିବ। ଏହି ଶିଳ୍ପରେ ସ୍ଥିତାବସ୍ଥା ଲାଗି ସରକାର କିଭଳି ବ୍ୟବସ୍ଥା ଗ୍ରହଣ କରିଛନ୍ତି ତାହା କମିଟି ତଦାରଖ କରିବ। ବିଭିନ୍ନ ପ୍ରସଙ୍ଗ ମଧ୍ୟରୁ ବିଭିନ୍ନ ବିଭାଗ ସହ ଜଡିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟୟନ କରିବା ସହ ଅଂଶୀଦାରଙ୍କ ସହ ଆଲୋଚନା ମଧ୍ୟ କରିବ। ଏଥିରୁ ବାହାରିଥିବା ନିର୍ଯ୍ୟାସକୁ ରିପୋର୍ଟ ଭାବେ ସଂସଦରେ ଉପସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। ଲଘୁ ଉଦ୍ୟୋଗ ମନ୍ତ୍ରଣାଳୟ ଏ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟ ଲାଗି ଫର୍ମାଟ ପ୍ରସ୍ତୁତ କରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଦିଗ ଉପରେ ଏହି କମିଟି ବିଚାର କରିବ। ପ୍ରଥମ କେତୋଟି ବୈଠକରେ ଅଟୋ ଶିଳ୍ପର ମାନ୍ଦାବସ୍ଥା ଓ ଏହାର ପୁନରୁଦ୍ଧାର ଉପରେ ବିଚାର କରାଯିବ। ପ୍ରଥମ ବୈଠକରେ ଲଘୁ ଉଦ୍ୟୋଗ ମନ୍ତ୍ରଣାଳୟର ସଚିବ ସଂସଦୀୟ କମିଟି ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ରଖିବେ।


**OFFICE OF THE DIRECTOR**
**ACHARYA HARIHAR REGIONAL CANCER CENTRE, CUTTACK**
No. 4976/ AHRCC, Cuttack, Dated the 31.10.19
E-68/2016-19

**NOTICE**

**No. E-465:-** In pursuance of Hon'ble High Court order dt.18.09.2019 regarding W.P. (C) No. 3504 of 2018, tender call notice No. 5138, dt.08.12.2017 for cleaning and sanitation services on outsourcing basis for AHRCC is hereby cancelled. All bidders who had applied for the said tender are requested to come to this office for refund of EMDs from 01.11.2019 onwards.

10052/11/0007/1920 *Sd./- Director*

**NATIONAL INSTITUTE OF FASHION TECHNOLOGY, BHUBANESWAR**
(Ministry of Textile, Govt. of India)
NIFT Campus, IDCO Plot No.24, Chandaka Industrial Estate, Patia, Bhubaneswar-751024, Ph: 0674-2305700 Fax : 2305710,
Website: www.nift.ac.in/bhubaneswar

**E-TENDER NOTICE**

Sealed E-Tenders are invited by NIFT Bhubaneswar for renewal, supply and installation of Antivirus, last date for receipt of E-Tender is **25.11.2019 till 2 PM.**

**Director**

**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, Pin- 756089
No. FMU-Purchase-RUSA-390/2019/7449
Date: 01.11.2019

**TENDER CALL NOTICE**

Sealed tenders are invited from the different agencies for Spare and Service Maintenance Agreement/ AMC of different range and brand of Water Cooler-cum-Purifier/ Storage Cooler-cum-Purifier in Old and New Campus of F.M. University, Balasore. The last date of receipt of tender on 19.11.2019 at 5.00 PM and shall be opened on 21.11.2019 at 3.00 PM. The University authority reserves the right to cancel any or all tender without assigning any reason thereof. For details, visit our website: www.fmuniversity.nic.in.

**Sd./- Registrar**

**OFFICE OF THE DISTRICT AAHAR SOCIETY, MALKANGIRI**
REGISTRATION NO-3665/XXX-10 of 15-16
Lt. No 2636/2019 Dated 31.10.2019

**TENDER CALL NOTICE**

Sealed tenders are invited from the authorized Dealers/Firms / Suppliers/ Traders for supply of 1. Utensils and other Materials, 2. Catering Equipments, 3. Computer, Printer, CCTV, Exhaust Fan, LED TV and furniture to District Aahar Society for Aahar Centre at DHH & Bus Stand of Malkangiri District. The tenderers are required to submit the attested photocopy of PAN/GST registration certificate along with the tender paper. The EMD of Rs. 10000/- and paper cost of Rs. 2000/-_for each item should be deposited separately in shape of Bank Draft/Bankers Cheque from any Nationalized bank in favour of the Executive Officer, Malkangiri Municipality. The tender without EMD, Paper Cost and other relevant documents shall be rejected. The tender duly filled in should reach the office of the Executive Officer, Malkangiri Municipality on or before 13.11.2019 by 5.00 PM by registered post/speed post and shall be opened on 14.11.2019 at 4.00 PM in presence of the tenderers or their authorized representatives. This office will not be responsible for any postal delay and non receipt of the tender on or before due time as mentioned above. The successful tenderer should supply all the materials within 10 days from the date of receipt of the supply order. If the successful tenderer fail to supply the materials in the approved rate and time, then the EMD amount will be forfeited. The tender papers may be downloaded only from the Dist. website **www.malkangiri.nic.in**.

The undersigned reserves the right to reject any or all the tenders without assigning any reason thereof.

**Sd./- Collector, Malkangiri & President DAS, Malkangiri**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, SONEPUR (R&B) DIVISION, SONEPUR**
No.B-255:- **E-procurement Notice**
**BID IDENTIFICATION No: EE/R&B/SNPR/ 10 / 2019-20**
**E-mail – eepwdsnpr@gmail.com Phone -06654-221081**
**No. 3474/ Dated. 29.10.2019**

| | | | |
|---|---|---|---|
| 1. | The Executive Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Single Cover System in ONLINE MODE for construction of Building and Road works as detailed in the DTCN from the eligible Class of Contractors. | | |
| 2. | No. of work | : | 01 (One) |
| 3. | Tender Cost | : | Rs. 6,000/- For Serial No.1 |
| 4. | Class of Contractor | : | MV / HT Electricals. For Serial No.1 |
| 5. | Date and time available in Web site & receipt of Bids | : | From 10.00 A.M. of 11.11.2019 to 5.00 P.M. of 22.11.2019. |
| 6. | Date of Opening of Tender | : | 23.11.2019 at 11.30 A.M. |
| 7. | The Bidders have to participate in ONLINE bidding only. Further details can be seen from the Web Site. | | |
| 8. | Any Corrigendum / Addendum will be displayed in the website www.tendersodisha.gov.in only. | | |

**Sd./- Executive Engineer Sonepur (R&B) Division, Sonepur**
34081/11/0007/1920

No. A-346:

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer, Drainage Circle, Balasore**

**"e" PROCUREMENT NOTICE NO.- SEDCBLS - 06/2019-20**

| | | |
|---|---|---|
| 1 | Name of work:- | Drainage Projects (Under D.I.P. Scheme) |
| 2 | Total No. of Projects:- | 04 nos. individual work. |
| 3 | Estimated cost of individual works:- | From Rs.1,02,63,390/- to Rs.2,26,16,378/- (excluding G.S.T.) |
| 4 | Period of completion:- | 11 (Eleven ) Calendar months |
| 5 | Bid Identification Number | SEDCBLS/ DDJPR - 06/2019-20 |
| 6 | Date & Time of availability & Receipt of Bid document in the Portal | From Dt.05.11.2019 at 10.00 hours to Dt.21.11.2019 at 17.00 hours |
| 7 | Date of Opening of technical bid | Dt.22.11.2019 at 11.30Hrs in the O/O The S.E.D.C. Balasore |
| 8 | Date of Opening of financial bid | Dt.03.12.2019 at 11.30Hrs in the O/O The S.E.D.C. Balasore |
| 9 | Date of lottery (if required) | **Dt.06.12.2019 at 11.30Hrs in the O/O The S.E.D.C. Balasore.** |
| 10 | Procurement Officer/ Name & address of the officer inviting Bids. | Superintending Engineer, Drainage Circle, Balasore. |

**Further details can be seen from the Govt. Web site www.tendersorissa.gov.in**

**Superintending Engineer Drainage Circle, Balasore.**
32190/11/0006/1920

See Career Appointment on every Wednesday & Saturday

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

OFFICE OF THE SR. MANAGER(EDUCATION)
EXPRESSION OF INTEREST

REF.NO. EDU/2019/433 (2) Date: 2810.2019

INVITING APPLICATIONS FROM REPUTED SCHOOL / TRUST/SOCIETY / EDUCATIONAL BODY / COACHING INSTITUTES / NGO HAVING MINIMUM 03 YEARS OF EXPERIENCE IN THE FIELD OF EDUCATION

Sealed proposals are invited from the reputed school / Trust / Educational body / Society / Coaching Institutes / NGO's having minimum 03 years of experience in the field of imparting education / taking classes through teachers, for providing Short Term Teachers for the academic session 2020-2021 (01/07/2020 to 30/04/2021) for Ispat English Medium Schools, Sector-18, 20 & 22 and Ispat Vidyamandir, Sector-19. The interested institute / agency may apply in the requisite format along with terms and conditions, duly signed on each page and stamped, which will be available in the office of the Sr. Manager(Education), IVM, Sector-19 OR Principal, IEMS, Sector-20 till 28.11.2019.

The proposal to be submitted in sealed envelope should contain the details as per the terms and conditions, institution / agency contact number, Email-ID, Address, Proof of experience, PF & ESI Registration Number and GSTIN (if available).

The last date of receipt of application is 30.11.2019 by 4.00 PM through Registered Post or Speed Post or by hand in the office of the Sr. Manager(Education), IVM, Sec-19 OR in the office of Principal, IEMS, Sector-20.

The RSP management reserves the right to cancel any or all the applications without assigning any reason thereof.

Sr. Manager(Edn), IVM, Sector-19

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

**DIRECTORATE OF PUBLIC HEALTH, ODISHA, BHUBANESWAR: (STATE TB CELL)**
2nd Floor, Heads of the Department Building, Unit – IV, Bhubaneswar - 751001
Phone/Fax:-0674-2390395, Email- stoor@tbcindia.nic.in & stoor@rntcp.org, (www.tbcindia.nic.in)
No. E-462

**CORRIGENDUM**

Ref: Adv. No. E-415 Dated. 18.10.2019

Hereby it is informed to all concerned that the time for receiving the tender documents for branding of vinyl sticker activity on city bus panel has been extended by 15 days from the date of publication of this advertisement with the revised Terms of Reference (TOR). The said revised TOR shall be obtained from the office of the Additional Director (TB), Odisha within the office hour (10am to 5.30pm) or may be downloaded from the DPH, Odisha website i.e., **www.dphodisha.nic.in** All other terms and conditions published on the above reference No. E-415, dated.18.10.2019 shall remain unchanged. The authority reserves the right to reject any/all tenders without assigning any reason thereof. 10036/11/0006/1920

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**P.H. DIVISION, BARIPADA** C-289
**Phone No : 06792-252682 E mail Id : eephbaripada2016@gmail.com**
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**Identification No._EEPHBPD-16/2019-20 Dt.31.10.2019**

| SN | Name of Work | Bid Identi-fication No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | Repair and Rehabilitation of 1.00 lakh Gallon capacity RCC ESR at Belgodia and 75000 Gallon capacity RCC ESR at Station Bazar including chemical treatment to damaged concrete structures in Baripada Municipality under State Plan (BASUDHA) | EEPHBPD - 16/ 2019-20 | 28.41 | 04 (Four) Months | 11.00 Hrs. of 08.11.2019 | 17.00 Hrs. of 23.11.2019 |

❖ Name & Address of Officer Inviting Bid: **Executive Engineer, P.H. Division, Baripada Phone # 06792-252682 mail:eephbaripada2016@gmail.com**
❖ Further details can be seen from the e-Procurement portal **"https://www.tendersodisha.gov.in".**
❖ **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

13016/11/0005/1920 **Executive Engineer, P.H. Division, Baripada**

"ଦିବାରାତ୍ର ଟେଷ୍ଟରେ କେବଳ ପିଙ୍କ୍ ବଲ୍ ଖେଳାଳିଙ୍କ ଲାଗି ଚ୍ୟାଲେଞ୍ଜ ହେବ। ଭାରତୀୟ ବ୍ୟାଟିଂ ଲାଇନ୍ ଅପ୍ ପାଇଁ ଏହା ସମସ୍ୟା ସୃଷ୍ଟି କରି ନ ପାରେ।
—ଚେତେଶ୍ୱର ପୂଜାରା, ଭାରତୀୟ କ୍ରିକେଟର



"ଦଳରେ ବାରମ୍ବାର ଖେଳାଳି ଅଦଳ ବଦଳକୁ ଯଦିଓ ମୁଁ ପସନ୍ଦ କରେନି, ଆସନ୍ତା ଟି୨୦ ବିଶ୍ୱକପ୍ ପାଇଁ ନୂଆ ଖେଳାଳି ଚିହ୍ନଟ ପ୍ରକ୍ରିୟା ଜାରି ରହିବ।
—ବିକ୍ରମ ରାଠୋର, ଭାରତୀୟ ବ୍ୟାଟିଂ କୋଚ୍



## କଳିଙ୍ଗ କର୍ନର

### କଳିଙ୍ଗ ଇତିହାସରେ ନୂଆ ଫର୍ଦ୍ଦ

ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)- କଳିଙ୍ଗ ଷ୍ଟାଡିୟମ ହକି ଇତିହାସରେ ଯୋଡ଼ି ହୋଇଛି ଏକ ନୂଆ ଫର୍ଦ୍ଦ। ପୂର୍ବରୁ ଏଠାରେ ହକି ବିଶ୍ୱକପଠାରୁ ଆରମ୍ଭ କରି ପୁରୁଷ ବିଭାଗର ଅନେକ ମ୍ୟାଚ ଆୟୋଜନ ହୋଇଥିବାବେଳେ ଶୁକ୍ରବାର ପ୍ରଥମଥରପାଇଁ ମହିଳା ବିଭାଗରେ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ ସମ୍ଭବ ହୋଇଛି। ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଭାରତ-ଆମେରିକା ମ୍ୟାଚ ଏହି ଇତିହାସର ମୁକସାକ୍ଷୀ ପାଲଟିଛି। ପୂର୍ବ ଭଳି ଓଡ଼ିଶାର ଦର୍ଶକ ଖେଳକୁ ଭଲପାଇବା ଜାରି ରଖିଛନ୍ତି। ଷ୍ଟାଡିୟମରେ ଉପସ୍ଥିତ ରହି ସେମାନେ ସେମାନଙ୍କ ପ୍ରିୟ ଦଳ ଭାରତକୁ ଉତ୍ସାହିତ କରିଛନ୍ତି। ଦର୍ଶକଙ୍କ ଦର୍ଶକଙ୍କ ସମର୍ଥନରେ ଭାରତୀୟ ଦଳ ପ୍ରଥମାର୍ଦ୍ଧରେ ଚମତ୍କାର ପ୍ରଦର୍ଶନ ମଧ କରିଥିଲା। ମ୍ୟାଚର ୨୮ତମ ମିନିଟରେ ଲିଲିମା ମିଞ୍ଜ ପ୍ରଥମ ଗୋଲ ଦେବାପରେ ଦର୍ଶକମାନେ ଛିଡ଼ା ହୋଇ ତାଙ୍କୁ ସମ୍ମାନ ଜଣାଇଥିଲେ।

### ରିଜିଜୁ କଲେ ଶୁଭାରମ୍ଭ

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚର ଶୁଭାରମ୍ଭ କରିଛନ୍ତି। ସେ ଉଭୟ ଭାରତ ଓ ଆମେରିକା ଦଳର ଅଧିନାୟିକାଙ୍କ ସହ କରମର୍ଦ୍ଦନ କରିବା ପରେ ଜାତୀୟ ସଙ୍ଗୀତ ଗାନ ହୋଇଥିଲା ଏବଂ ମ୍ୟାଚ ଆରମ୍ଭ ହୋଇଥିଲା। ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ହକି ଇଣ୍ଡିଆ ମୁଖ୍ୟ କାଯର୍ୟନିର୍ବାହୀ ଏଲିନା ନର୍ମାନ ଉପସ୍ଥିତ ଥିଲେ।

### ୱାନ୍ ଟିମ୍ ୱାନ୍ ଡ୍ରିମ୍

କଳିଙ୍ଗ ଷ୍ଟାଡିୟମରେ ପୂର୍ବରୁ ସମସ୍ତ ଟୁର୍ନାମେଣ୍ଟରେ ୱାନ ଟିମ୍ ୱାନ୍ ଡ୍ରିମ୍ ଦଳର ସଦସ୍ୟମାନେ ଉପସ୍ଥିତ ହୋଇ ଭାରତୀୟ ଦଳକୁ ଉତ୍ସାହିତ କରିଥାନ୍ତି। ଏଥର ମଧ ତାହାର ପୁନରାବୃତ୍ତି ଘଟିଥିଲା। ମ୍ୟାଚ ଆରମ୍ଭର ବେଶ୍ କିଛି ସମୟ ପୂର୍ବରୁ ସେମାନେ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ଷ୍ଟାଡିୟମରେ ପ୍ରବେଶ କରିଥିଲେ ଏବଂ ଭାରତ ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେଇ ମ୍ୟାଚ ଉପଭୋଗ କରିଥିଲେ।





କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକିର ଉଦ୍ଘାଟନୀ ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ। ଅତିଥି ଓ ଖେଳାଳିମାନେ।

# ରୁଷିଆକୁ ୪-୨ରେ ହରାଇଲା ଭାରତ

ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)

ମନଦୀପ ସିଂଙ୍କ ଡବଲ ଗୋଲ ବଳରେ ଭାରତୀୟ ପୁରୁଷ ଦଳ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚରେ ରୁଷିଆକୁ ୪-୨ ଗୋଲରେ ପରାସ୍ତ କରିଛି। ଫଳରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ଦିଗରେ ଏକପାଦ ଅଗ୍ରସର ହୋଇଛି। ଶନିବାର ହେବାକୁଥିବା ଦ୍ୱିତୀୟ ମ୍ୟାଚରେ ଭାରତ ବିଜୟୀ ହେଲେ ଅଲିମ୍ପିକ୍ସ ଯୋଗ୍ୟତା ପାଇବ। ରୁଷିଆ ଯଦି ସମାନ ଗୋଲ ବ୍ୟବଧାନରେ ଭାରତକୁ ପରାସ୍ତ କରେ ତେବେ ପେନାଲ୍ଟି ଶୁଟ୍ଆଉଟ୍ରେ ଫଳାଫଳ ନିର୍ଣ୍ଣୟ ହେବ। ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ମନଦୀପ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ମ୍ୟାଚ ଆରମ୍ଭରୁ ଭାରତ ଗେମ୍କୁ ନିଜ ନିୟନ୍ତ୍ରଣକୁ ନେବାକୁ ଚେଷ୍ଟା କରିଥିଲା। ବଲ୍କୁ ରୁଷିଆ ହାଫ୍ରେ ରଖି ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ କରିଥିଲା। ୫ମ ମିନିଟରେ ଦଳକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ତାରକା ଡିଫେଣ୍ଡର ହରମନପ୍ରୀତ ସିଂ ଶଟ୍ ମାରୁଥିବାବେଳେ ରୁଷିଆ ଖେଳାଳିମାନେ ବିପଜ୍ଜନକଭାବେ ତାଙ୍କୁ ପ୍ରତିରୋଧ କରିଥିଲେ। ଫଳରେ ରୁଷିଆକୁ ଦଣ୍ଡ ସ୍ୱରୂପ ଅମ୍ପାୟର ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ଦେଇଥିଲେ। ହରମନପ୍ରୀତ ତାହାକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ର୍ୟାଙ୍କିଙ୍ଗ୍ରେ ଭାରତ(୫ମ)ଠାରୁ ରୁଷିଆ(୨୨ତମ) ତଳେ ଥିବାରୁ ମ୍ୟାଚ ଏକପାଖିଆ ହେବ ବୋଲି ଆଶା କରାଯାଉଥିଲା। ଗତ ଜୁନ୍ରେ ଏଠାରେ ଅନୁଷ୍ଠିତ ଏଫଆଇଏଚ୍ ସିରିଜରେ ଭାରତ ୧୦-୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ତେଣୁ ଏଥର ମଧ ତା'ର ପୁନରାବୃତ୍ତି ଘଟିବ ବୋଲି ମଧ ଆକଳନ କରାଯାଉଥିଲା। ମାତ୍ର ମ୍ୟାଚ ଆଗେଇବାକ୍ଷଣି ରୁଷିଆ ଭିନ୍ନ ପ୍ରଦର୍ଶନ କରିଥିଲା। ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଦଳ ଭଲଭାବେ ପ୍ରସ୍ତୁତ ହୋଇ ଆସିଛି ବୋଲି ମଧ ପ୍ରଦର୍ଶନ ମାଧ୍ୟମରେ ପ୍ରମାଣିତ କରିଥିଲା। ପ୍ରଥମ କ୍ୱାର୍ଟରରେ ଭାରତ ୧-୦ରେ ଅଗ୍ରଣୀ ରହିଥିଲେ ହେଁ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୭ତମ ମିନିଟରେ ଆନ୍ଦ୍ରେ କୁରାଇଭ୍ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ଏହାପରେ ଅଗ୍ରଣୀ ନେବାପାଇଁ ଭାରତ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ରୁଷିଆ ଡିଫେଣ୍ଡରମାନେ ଚମତ୍କାର ପ୍ରଦର୍ଶନ କରି ତାହାକୁ ସଫଳ ପ୍ରତିହତ କରିଥିଲେ। ୨୪ତମ ମିନିଟରେ ରୁଷିଆ ଗୋଲପୋଷ୍ଟ ଏରିଆ ମଧରେ ବଲ୍ ପାଇଁ ସଂଘର୍ଷ ମଧ୍ୟରେ ମନଦୀପ ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ପୁଣି ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୨-୧ ଗୋଲରେ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଉଭୟ ଦଳ ପରିବର୍ତ୍ତିତ ରଣନୀତିରେ ଖେଳିଥିଲେ ହେଁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦକ୍ଷତା ଅନୁସାରେ ଭାରତୀୟ ଦଳ ପ୍ରଦର୍ଶନ କରିପାରି ନ ଥିଲା।

**ଗୋଲ ସ୍କୋରର**

**ଭାରତ**
ହରମନପ୍ରୀତ ସିଂ: ୫ମ ମିନିଟ
ମନଦୀପ ସିଂ: ୨୪ତମ ମିନିଟ
ଏସ.ଭି. ସୁନୀଲ: ୪୮ତମ ମିନିଟ
ମନଦୀପ ସିଂ: ୫୩ତମ ମିନିଟ

**ରୁଷିଆ**
ଆନ୍ଦ୍ରେ କୁରାଇଭ୍: ୧୭ତମ ମିନିଟ
ସେମେନ ମାଟ୍କୋଭସ୍କି: ୬୦ତମ ମିନିଟ

## ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ

ଘରୋଇ ପରିବେଶ ଏବଂ ଦର୍ଶକ ସମର୍ଥରୁ ମଧ ଖେଳାଳିମାନେ ବିଶେଷ ଫାଇଦା ନେଇପାରି ନ ଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ରୁଷିଆ ଗୋଲ ପରିଶୋଧ ପାଇଁ ଉଦ୍ୟମକୁ ଜୋରଦାର କରିଥିଲା। ୪୭ତମ ମିନିଟରେ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବା ପାଇଁ ଭାରତ ନିକଟରେ ସୁଯୋଗ ଥିଲା। ମାତ୍ର ହରମନପ୍ରୀତଙ୍କ ଡ୍ରାଗ୍ଫ୍ଲିକ୍ ଶଟ୍କୁ ରୁଷିଆ ଗୋଲକିପର ମାରାଟ ଗାଫାରୋଭ ସେଭ୍ କରି ଦେଇଥିଲେ। ତେବେ ରୁଷିଆ ବଲ୍କୁ ସମ୍ପୂର୍ଣ୍ଣଭାବେ କ୍ଲିୟର କରିପାରି ନ ଥିଲା। ଡି ଏରିଆ ମଧ୍ୟରେ ବଲ୍ ଥିବାବେଳେ ନିଲକାନ୍ତ ଶର୍ମାଙ୍କଠାରୁ ବଲ୍ ପାସ୍ ପାଇ ଏସ୍ଭି ସୁନୀଲ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ୪୮ତମ ମିନିଟରେ ଏହି ଗୋଲ ହୋଇଥିଲା। ଏହାର ୫ ମିନିଟ ପରେ ଅର୍ଥାତ୍ ୫୩ତମ ମିନିଟରେ ମନଦୀପ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୪ର୍ଥ ଗୋଲଟି ସ୍କୋର କରିଥିଲେ। ଏହାର ୧ ମିନିଟ ପରେ ରୁଷିଆକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଖେଳାଳିମାନେ ତାହାର ଫାଇଦା ନେଇପାରି ନ ଥିଲେ। ୫୭ତମ ମିନିଟରେ ମଧ ଭାରତର ପେନାଲ୍ଟି କର୍ନର ମିସ୍ ହୋଇଥିଲା। ମ୍ୟାଚ ଶେଷ ହେବାକୁ ଆଉ ୪୭ ସେକେଣ୍ଡ ଥିବାବେଳେ ରୁଷିଆକୁ ପେନାଲ୍ଟି କର୍ନର ମିଳିଥିଲା। ୬୦ତମ ମିନିଟରେ ସିମେନ ମାଟ୍କୋଭସ୍କି ଏହାକୁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। ୧୦ ସେକେଣ୍ଡ ଖେଳ ବାକି ରହିଥିବାବେଳେ ଭାରତକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ହରମନପ୍ରୀତ ତାହାର ସଦୁପଯୋଗ କରିପାରି ନ ଥିଲେ।

# ଭାରତୀୟ ମହିଳା ଦଳର ଦମ୍ଦାର ବିଜୟ

ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକିର ମହିଳା ବିଭାଗ ମ୍ୟାଚରେ ଭାରତ ୫-୧ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଫଳରେ ଭାରତର ଅଲିମ୍ପିକ୍ସ ଯୋଗ୍ୟତା ସମ୍ଭାବନା ଦୃଢ଼ୀଭୂତ ହୋଇଛି। କ୍ୱାଲିଫାୟର୍ସର ଦ୍ୱିତୀୟ ମ୍ୟାଚ ଶନିବାର ଅନୁଷ୍ଠିତ ହେବ। ଏହି ମ୍ୟାଚର ଫଳାଫଳ ଭିତ୍ତିରେ କେଉଁ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ ତାହା ସ୍ଥିର ହେବ। ଆଗାମୀ ମ୍ୟାଚରେ ଯଦି ଆମେରିକା ସମାନ ବ୍ୟବଧାନରେ ବିଜୟୀ ହୁଏ ତେବେ ଅଲିମ୍ପିକ୍ସ ଟିକେଟ ପାଇଁ ପେନାଲ୍ଟି ଶୁଟ୍ ଆଉଟର ସହାୟତା ନିଆଯିବ। ପୂରା ମ୍ୟାଚରେ ଆକର୍ଷଣୀୟ ପ୍ରଦର୍ଶନ ସହ ଦଳକୁ ଠିକ୍ଭାବେ ପରିଚାଳିତ କରିଥିବାରୁ ଭାରତୀୟ ଅଧିନାୟିକା ରାଣୀ ରାମପାଲ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ ଅତିଥିଭାବେ ଯୋଗଦେଇ ରାଣୀଙ୍କୁ ପୁରସ୍କୃତ କରିଥିଲେ।

### ଲିଲିମାଙ୍କଠାରୁ ଆରମ୍ଭ

ବିଶ୍ୱ ର୍ୟାଙ୍କିଙ୍ଗ୍ରେ ଭାରତ ୯ମ ଓ ଆମେରିକା ୧୩ତମ ସ୍ଥାନରେ ରହିଛି। ର୍ୟାଙ୍କିଙ୍ଗ୍ରେ ନିମ୍ନରେ ଥିଲେ ହେଁ ଆମେରିକା ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରିଥିବାରୁ ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଥିଲା। ମାତ୍ର କଳିଙ୍ଗ ଷ୍ଟାଡିୟମର ଓଡ଼ିଆ ଦର୍ଶକଙ୍କ ସମର୍ଥନରେ ଭାରତୀୟ ଦଳ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିଲା। ପ୍ରଥମ କ୍ୱାର୍ଟରର ୧୫ ମିନିଟ ଖେଳ ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା। ଉଭୟ ଦଳର ପ୍ରଦର୍ଶନ ପ୍ରାୟତଃ ସମାନ ରହିଥିଲା। ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଏହି କ୍ୱାର୍ଟରରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭ ମଧ ଦର୍ଶନୀୟ ଥିଲା। ୨୦ତମ ମିନିଟରେ ଆମେରିକାକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ତାହା ବିଫଳ ହୋଇଥିବବେଳେ ୨୧ତମ ମିନିଟରେ ମଧ ଭାରତ ଏହାର ପ୍ରଥମ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିପାରି ନଥିଲା। ୨୬ତମ ମିନିଟରେ ଆମେରିକା ଏବଂ ୨୭ତମ ମିନିଟରେ ଭାରତ ପେନାଲ୍ଟି କର୍ନର କନଭର୍ସନରେ ବିଫଳ ହୋଇଥିଲେ। ତେବେ ୨୮ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୁରଜିତ କୌର ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ ହେଁ ରିବାଉଣ୍ଡ ହୋଇ ଫେରି ଆସୁଥିବା ବଲ୍କୁ ଗୋଲପୋଷ୍ଟକୁ ପଠାଇ ଓଡ଼ିଶାର ଲିଲିମା ମିଞ୍ଜ ଭାରତକୁ ଅଗ୍ରଣୀ କରାଇଥିଲେ। ଏହି ଗୋଲ ପରେ ଭାରତୀୟ ଖେଳାଳିଙ୍କ ବଡି ଲାଙ୍ଗୁଏଜରେ ପରିବର୍ତ୍ତନ ହୋଇଥିଲା ଏବଂ ଦଳ ବେଶ୍ ଉତ୍ସାହୀ ପ୍ରଦର୍ଶନ କରିଥିଲା। ଆଉ ଗୋଲ ହୋଇ ନ ପାରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

### ଗୁର୍ଜିତଙ୍କ ଡବଲ ଗୋଲ

ଦ୍ୱିତୀୟାର୍ଦ୍ଧରେ ପଟ ପରିବର୍ତ୍ତନରେ ମଧ ଭାରତୀୟ ଦଳର ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଥିଲା। ଆକ୍ରମଣାତ୍ମକ ରଣନୀତିରେ ଖେଳିଥିବା ଘରୋଇ ଦଳ ୩୪ ଓ ୩୮ତମ ମିନିଟରେ ୨ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ତାହା ଫେଲ୍ ମାରିଥିଲା। ୪୦ତମ ମିନିଟରେ ଶର୍ମିଳା ଦେବୀ ଏବଂ ୪୨ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୁରଜିତ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ। ୪୪ତମ ମିନିଟରେ ପେନାଲ୍ଟି କର୍ନରକୁ ଭାରତୀୟ ଖେଳାଳିମାନେ ମିସ୍ କରିଥିଲେ। ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନ ୩-୦ରେ ପହଞ୍ଚିଥିଲା। ୪ର୍ଥ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୪୬ତମ ମିନିଟରେ ସାଲିମା ଟେଟେଙ୍କଠାରୁ ପାଇଥିବା ପାସ୍କୁ ନଭନୀତ କୌର ଫିଲ୍ଡ ଗୋଲ ଦେଇ ଭାରତର ସ୍ଥିତିକୁ ଦୃଢ଼ କରି ଦେଇଥିଲେ। ଆମେରିକା ଖେଳାଳିଙ୍କ ବିପଜ୍ଜନକ ଖେଳ ଯୋଗୁ ଦଣ୍ଡ ସ୍ୱରୂପ ୫୧ତମ ମିନିଟରେ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର କରାଯାଇଥିଲା। ଗୁରଜିତ ପ୍ରତିପକ୍ଷ ଗୋଲକିପର କେଲସି ବିଙ୍ଗ୍କୁଚକ୍ମା ଦେଇ ଦଳ ପକ୍ଷରୁ ୫ମ ଗୋଲ ସ୍କୋର କରିଥିଲେ। ଏହାର ୩ ମିନିଟ ପରେ ଅର୍ଥାତ୍ ୫୪ତମ ମିନିଟରେ ଭାରତୀୟ ଖେଳାଳିଙ୍କ ଷ୍ଟିକ୍ ଚେକ୍ ଯୋଗୁ ଆମେରିକାକୁ ପେନାଲ୍ଟି ଷ୍ଟ୍ରୋକ୍ ଦିଆ ଯାଇଥିଲା। ଏହାର ସହାୟତାରେ ଇରିନ ମ୍ୟାଟସନ ଆମେରିକା ପକ୍ଷରୁଏକମାତ୍ର ସାନ୍ତ୍ୱନା ମୂଳକ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଅମ୍ପାୟରଙ୍କ ଶେଷ ହ୍ୱିସିଲ ବାଜିବା କ୍ଷଣି ଭାରତୀୟ ମହିଳା ଦଳର ଖେଳାଳିମାନ ଷ୍ଟାଡିୟମ ପରିକ୍ରମା କରି ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ।





ଗୋଲ ସ୍କୋର ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳିମାନେ।

**ଗୋଲ ସ୍କୋରର**

**ଭାରତ**
ଲିଲିମା ମିଞ୍ଜ: ୨୮ତମ ମିନିଟ
ଶର୍ମିଳା ଦେବୀ: ୪୦ତମ ମିନିଟ
ଗୁରଜିତ କୌର: ୪୨ତମ ମିନିଟ
ନଭନୀତ କୌର: ୪୬ତମ ମିନିଟ
ଗୁରଜିତ କୌର: ୫୧ତମ ମିନିଟ

**ଆମେରିକା**
ଇରିନ ମ୍ୟାଟସନ: ୫୪ତମ ମିନିଟ

## ଫ୍ୟାନ୍ କର୍ନର





## ଭାରତକୁ ଉତ୍ସାହିତ କଲେ ଖେଳାଳିଙ୍କ ପରିବାର



ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଖେଳୁଥିବାରୁ ଖେଳାଳିଙ୍କୁଉତ୍ସାହିତ କରିବାକୁ ଦର୍ଶକ ଗ୍ୟାଲେରୀରେ ଉପସ୍ଥିତ ଥିଲେ ସ୍ଥାନୀୟ ଖେଳାଳିଙ୍କ ପରିବାର। ମହିଳା ଦଳ ପ୍ରଥମଥରପାଇଁ କଳିଙ୍ଗ ଷ୍ଟାଡିୟମରେ ଖେଳୁଥିବାରୁ ଲିଲିମା ମିଞ୍ଜ୍ଙ୍କ ପରିବାର ନିକଟରୁ ତାଙ୍କ ଖେଳ ଦେଖିବା ସୁଯୋଗକୁ ହାତଛଡ଼ା କରି ନ ଥିଲେ। ଆମେ କେବଳ ଲିଲିମା ନୁହେଁ ପୁରା ଭାରତର ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଆସିଛୁ ବୋଲି ଲିଲିମାଙ୍କ ବାପା ଓ ମା ପ୍ରକାଶ କରିଥିଲେ। ସେମାନଙ୍କ ପରିବାରର ଜଣେ ଛୋଟ ପିଲା ଲିଲିମା ଲେଖାଥିବା ଜର୍ସି ପିନ୍ଧି ଷ୍ଟାଡିୟମକୁ ଆସିଥିଲେ। ପରିବାରବର୍ଗଙ୍କ ଉପସ୍ଥିତିରେ ଲିଲିମା ଉତ୍ସାହୀ ପ୍ରଦର୍ଶନ ମଧ କରିଥିଲେ। ଆମେରିକା ଭଲ ଖେଳୁଥିଲେ ହେଁ ୨୮ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇବା ସହ ମ୍ୟାଚରେ ଉଷ୍ମତା ଭରିଥିଲେ। ଭାରତୀୟ ପୁରୁଷ ଦଳରେ ସାମିଲ ଥିବା ଅମିତ ରୋହିଦାସଙ୍କ ପରିବାର ମଧ ଷ୍ଟାଡିୟମରେ ଉପସ୍ଥିତ ଥିବା ପରିଲକ୍ଷିତ ହୋଇଥଲା।



ଭରପୂର ଗ୍ୟାଲେରି

## ସଂକ୍ଷେପରେ

### ଗାଙ୍ଗୁଲିଙ୍କ ସେଲ୍‌ଫି ଭାଇରାଲ

ବେଙ୍ଗାଲୁରୁ,୧।୧୧- ପୂର୍ବତନ ଭାରତୀୟ ଅଧିନାୟକ ତଥା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ସଭାପତି ସୌରଭ ଗାଙ୍ଗୁଲି ବେଙ୍ଗାଲୁରୁ ବିମାନବନ୍ଦରରେ ନେଇଥିବା ସେଲ୍‌ଫି ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ଏଠାକୁ ଗାଙ୍ଗୁଲି ବୁଧବାର ଆସିଥିଲେ। ବିମାନବନ୍ଦରରେ ଉପସ୍ଥିତ ଥିବା ପ୍ରବଳ ସଂଖ୍ୟାରେ ପ୍ରଶଂସକମାନଙ୍କ ସହ ସେଲ୍‌ଫି ନେଇଥିଲେ। ଉକ୍ତ ସେଲ୍‌ଫିରେ କ୍ଲାସିକ ସ୍ୱେଟର ଓ ଶାର୍ଟ ପିନ୍ଧିଥିବା ଗାଙ୍ଗୁଲିଙ୍କୁ ବହୁ ସଂଖ୍ୟାରେ ପ୍ରଶଂସକ ଘେରି ରହିଥିବା ଦେଖାଯାଉଛି। ଏପରି କି ସୁରକ୍ଷା ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କୁ ମଧ୍ୟ ଫଟୋରେ ଦେଖିବାକୁ ମିଳୁଛି। ଆଶାନୁଯାୟୀ ଏହି ସେଲ୍‌ଫି ଭାଇରାଲ ହୋଇଯାଇଛି।

### କରିନା ଉନ୍ମୋଚନ କଲେ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଟ୍ରଫି

ନୂଆଦିଲ୍ଲୀ,୧।୧୧- ବଲିଉଡ୍ ଅଭିନେତ୍ରୀ କରିନା କାପୁର ଖାଁ ଶୁକ୍ରବାର ମେଲବୋର୍ନଠାରେ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଟ୍ରଫି ଉନ୍ମୋଚନ କରିଛନ୍ତି। ଏ ନେଇ ଟି୨୦ ବିଶ୍ୱକପ୍ ପକ୍ଷରୁ ଟୁଇଟ୍ କରାଯାଇଛି। ମହିଳା ଟି୨୦ ବିଶ୍ୱକପ୍ ଆସନ୍ତା ବର୍ଷ ଫେବୃୟାରୀ ୨୧ ତାରିଖରୁ ଆରମ୍ଭ ହେବ। ସ୍କଟଲାଣ୍ଡରେ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ବାଂଲାଦେଶ ଚାମ୍ପିୟନ ହୋଇଥିଲା। ଫଳରେ ବାଂଲାଦେଶ ଦଳ ଗ୍ରୁପ୍ ଏ'ରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସହ ସ୍ଥାନ ପାଇଛି। ୧୨ ବର୍ଷ ତଳେ ଅନ୍ତିମ ମହିଳା ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଥାଇଲାଣ୍ଡ ବିଶ୍ୱକପ୍ ଯୋଗ୍ୟତା ହାସଲ କରି ଇତିହାସ ସୃଷ୍ଟି କରିଛି। ଏହି ଦଳ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ଭଳି ଦଳ ସହ ଗ୍ରୁପ୍ ବି'ରେ ରହିଛି। ଇଭେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଫେବୃୟାରୀ ୨୧ ତାରିଖରେ ଆୟୋଜକ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯିବ। ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୮ ତାରିଖରେ ଅନୁଷ୍ଠିତ ହେବ, ଏହି ଦିନକୁ ବିଶ୍ୱରେ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଏ। ୨୦୨୦ ବର୍ଷର ପରବର୍ତ୍ତୀ ଭାଗରେ ୧୬ ଦଳକୁ ନେଇ ପୁରୁଷ ଟି୨୦ ବିଶ୍ୱକପ୍ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### ବୋପାନ୍ନାଙ୍କ ବିଜୟ, ଶରନଙ୍କ ବିଦାୟ

ପ୍ୟାରିସ,୧।୧୧(ପି.ଟି.)- ଭାରତୀୟ ଟପ୍ ଡବଲ୍ସ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ସାଥୀ ଡେନିସ ଶାପୋଭାଲୋଭ ଏଠାରେ ଚାଲିଥିବା ପ୍ୟାରିସ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ଡିଭିଜ ଶରନ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ବୋପାନ୍ନା ଓ କାନାଡାର ସାଥୀ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ଆମେରିକାର ମାନୁଏଲ ଗୋଞ୍ଜାଲେଜ ଓ ଆର୍ଜେଣ୍ଟିନାର ଅଷ୍ଟିନ କ୍ରାଜିସେକଙ୍କୁ ୬-୧, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ବୋପାନ୍ନା ଓ ଶାପୋଭାଲୋଭଙ୍କ ଯୋଡ଼ିକୁ ବିଜୟ ଲାଗି ୫୯ ମିନିଟ୍ ଲାଗିଥିଲା। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଆର୍ଟେମ ସିତାକଙ୍କୁ ସାଥୀ କରି ଖେଳୁଥିବା ଶରନ ୨-୬, ୩-୬ ସେଟ୍‌ରେ ଫ୍ରାନ୍ସର ଫାବ୍ରିସ ମାର୍ଟିନ ଓ ଜେରେମି ଚାର୍ଡିଙ୍କଠାରୁ ପରାସ୍ତ ହୋଇଛନ୍ତି।

"ଶକିବ ଅଲ୍ ହସନଙ୍କୁ ବାସନ୍ଦ ଦଣ୍ଡ ଦଳର ପ୍ରଦର୍ଶନ ଉପରେ ପ୍ରଭାବ ପକାଇବ, ହେଲେ ଆମକୁ ଭାରତ ବିପକ୍ଷ ସିରିଜ ଉପରେ ମନୋନିବେଶ କରିବାକୁ ପଡ଼ିବ।

-ରସେଲ ଡୋମିଙ୍ଗୋ, ବାଂଲାଦେଶ କ୍ରିକେଟ କୋଚ୍



"ଭାରତ-ବାଂଲାଦେଶ ଦିବାରାତ୍ର ଟେଷ୍ଟରେ ଯଦି ବଲ୍ ଓଦା ହୋଇଯାଏ ଏହାକୁ ବଦଳାଇ ଦିଆଗଲେ କାକର ଜନିତ ସମସ୍ୟା ଏଡାଇ ଦିଆଯାଇ ପାରିବ।

-ଡିନ୍ ଜୋନ୍ସ, ପୂର୍ବତନ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



# ଦେଓଧର ଟ୍ରଫି: ଫାଇନାଲରେ ଭାରତ ସି'

**ରାଞ୍ଚି,୧।୧୧(ପି.ଟି.)**

ଦୁଇ ଓପନର ଶୁବମନ ଗିଲ୍, ମୟଙ୍କ ଅଗ୍ରୱାଲଙ୍କ ଦମ୍‌ଦାର ଶତକୀୟ ପାଳି ଓ ଅଫ୍ ସ୍ପିନର ଜଲାଜ ସାକସେନାଙ୍କ ୭ ଉଇକେଟ ସଫଳତା ସହାୟତାରେ ଭାରତ ସି ୨୩୨ ରନରେ ଭାରତ ଏ'କୁ ପରାସ୍ତ କରି ୪ ପଏଣ୍ଟ ହାସଲ କରି ଦେଓଧର ଟ୍ରଫି ଫାଇନାଲରେ ପ୍ରବେଶ କରିଛି। ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଭାରତ ସି ଓ ଭାରତ ବି ସୋମବାର ପରସ୍ପରକୁ ଭେଟିବେ। ତେବେ ଫାଇନାଲ ମ୍ୟାଚ୍ ପୂର୍ବରୁ ଏହି ଦୁଇ ଦଳ ଶନିବାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ମୁହାଁମୁହିଁ ହେବେ।

ସ୍ଥାନୀୟ ଝାଡଖଣ୍ଡ ଷ୍ଟେଟ୍ କ୍ରିକେଟ ଆସୋସିଏଶନ (ଜେଏସ୍‌ସିଏ)ର ଅନ୍ତର୍ଜାତୀୟ ଷ୍ଟାଡିୟମ କମ୍ପ୍ଲେକ୍ସରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ସି ସମ୍ମୁଖରେ ଭାରତ ଏ ସମ୍ପୂର୍ଣ୍ଣରୂପେ ଆତ୍ମସମର୍ପଣ କରିଥିଲା। ଟସ୍ ଜିତି ଭାରତ ସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୩ ଉଇକେଟ ହରାଇ ୩୬୬ ରନ ସଂଗ୍ରହ କରିଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ହନୁମା ବିହାରୀଙ୍କ ନେତୃତ୍ୱାଧୀନ ଭାରତ ଏ ସାକସେନାଙ୍କ ବୋଲିଂର ସମ୍ମୁଖୀନ ହୋଇ ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୯.୫ ଓଭରରେ ୧୩୪ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଏଥିସହିତ କ୍ରମାଗତ ଦୁଇଟି ପରାଜୟ ବରଣ କରି ଭାରତ ଏ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛି। ପୂର୍ବରୁ ଭାରତ ଏ ବାକି ଦୁଇ ଦଳଠାରୁ ପରାସ୍ତ ହୋଇଛି।



ଶତକ ହାସଲ କରିଥିବା ଶୁବମନ ଗିଲ୍।

୩୬୭ ବୃହତ୍ ଟାର୍ଗେଟର ପିଛା କରି ଭାରତ ଏ' ୧୭ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭାରତ ଏ' ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ କୌଣସି ବଡ଼ ପାର୍ଟନରଶିପ୍ କରିବାରେ ବିଫଳ ହୋଇଥିଲା। ଫଳରେ ଦଳର ବ୍ୟାଟିଂ ସାଂଘାତିକ ଭାବେ ବିଫଳ ହୋଇଥିଲା। ଓପନର ଦେବଦୂତ ପଡିକାଲ ସର୍ବାଧିକ ୩୧, ଭାର୍ଗଭ ମେରାଇ ୩୦, ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ୨୫, ଓପନର ବିଷ୍ଣୁ ବିନୋଦ ୧୨, ସିଦ୍ଧାର୍ଥ କାଉଲ ୧୭ ଓ ରବି ବିଷ୍ଣୋଇ ୧୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଜଲାଜ ସାକସେନା ସର୍ବାଧିକ ୭ ଉଇକେଟ ଅକ୍ତିଆର କରିଥିବା ବେଳେ ଇଶାନ ପୋରେଲ ୨ ଓ ଧବଲ କୁଲକର୍ଣ୍ଣୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ସି ପକ୍ଷରୁ ଅଧିନାୟକ ଶୁବମନ ୧୪୨ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୬ ଛକା ସହ ୧୪୩ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ମୟଙ୍କ ୧୧୧ଟି ବଲ ଖେଳି ୧୫ ଚୌକା ଓ ୧ ଛକା ସହ ୧୨୦ ରନ ସଂଗ୍ରହ କରି

**ମୟଙ୍କ, ଶୁବମନଙ୍କ ଶତକ**

ଆଉଟ ହୋଇଥିଲେ। ସେହିପରି ପ୍ରିୟମ ଗର୍ଗ ୧୬ ରନ କରି ଆଉଟ ହୋଇଥିବା ବେଳେ ସୂର୍ଯ୍ୟକୁମାର ଯାଦବ ୭୨ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ୫ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଉଇକେଟରେ ଶୁବମନ ଓ ମୟଙ୍କ ୨୨୬ ରନର ପାର୍ଟନରଶିପ୍ ସ୍ଥାପନ କରିଥିଲେ। ବିହାରୀ ମୟଙ୍କଙ୍କୁ ଆଉଟ୍ କରି ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ସେହିପରି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଶୁବମନଙ୍କୁ ଆଉଟ କରିଥିଲେ। ବୋଲିଂରେ ଭାରତ ଏ ତରଫରୁ ବିହାରୀ, ଅଶ୍ୱିନ ଓ ବିଷ୍ଣୋଇ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଭାରତ ସି- ୫୦ ଓଭରରେ ୩୬୬/୩ (ଶୁବମନ- ୧୪୩, ମୟଙ୍କ- ୧୨୦, ବିହାରୀ- ୧/୪୮, ଅଶ୍ୱିନ- ୧/୫୭, ବିଷ୍ଣୋଇ- ୧/୬୩)।

ଭାରତ ଏ- ୨୯.୫ ଓଭରରେ ୧୩୪ (ପଡିକାଲ- ୩୧, ମେରାଇ- ୩୦, ଇଶାନ- ୨୫, ସାକସେନା- ୭/୪୧, ପୋରେଲ- ୨/୧୨, କୁଲକର୍ଣ୍ଣୀ- ୧/୨୯)।

### ରୋହିତ ଆହତ

**ନୂଆଦିଲ୍ଲୀ,୧।୧୧**

ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଆସନ୍ତା ରବିବାର ଭାରତ ଓ ବାଂଲାଦେଶ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପୂର୍ବରୁ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ନେତୃତ୍ୱ ନେବାକୁ ଥିବା ରୋହିତ ଶର୍ମା ଆହତ ହୋଇଛନ୍ତି। ଏଣୁ ପ୍ରଥମ ମ୍ୟାଚ୍‌ରେ ତାଙ୍କ ଖେଳିବା ନେଇ ପ୍ରଶ୍ନ ଉଠିଛି। ଶୁକ୍ରବାର ବ୍ୟାଟିଂ କରୁଥିବାବେଳେ ତାଙ୍କ ବାମ ଜଙ୍ଘରେ ବଲ ବାଜିଛି। ସେ ସଙ୍ଗେସଙ୍ଗେ ଅଭ୍ୟାସ ସେସନରୁ ଚାଲି ଯାଇଥିଲେ ଓ ଆଉ ଫେରି ନ ଥିଲେ। ନିର୍ଦ୍ଦିଷ୍ଟ ଭାବେ ବାଂଲାଦେଶର ମୁସ୍ତାଫିଜୁର ରେହମାନଙ୍କ ବଲକୁ ଉଚିତ ସମ୍ମୁଖୀନ ହେବା ପାଇଁ ବାମହାତୀ ସ୍ପେଶାଲିଷ୍ଟ ଥ୍ରୋୟର ଶ୍ରୀଲଙ୍କାର ନୁୱାନଙ୍କ ସହ ଅଭ୍ୟାସ କରୁଥିଲେ। ଦେଶରେ ପ୍ରାୟ ପ୍ରାକ୍ଟିସ ପିଚ୍ ଉନ୍ନତମାନର ନ ଥିବାରୁ ବ୍ୟାଟ୍ସମ୍ୟାନମାନେ ନେଟ୍ସରେ ବୋଲରଙ୍କୁ ଖେଳିବା ପୂର୍ବରୁ ରିଦିମକୁ ଆସିବା ପାଇଁ ବିଭିନ୍ନ ଏକ୍ସପର୍ଟଙ୍କ ଥ୍ରୋର ସମ୍ମୁଖୀନ ହୁଅନ୍ତି। ରୋହିତଙ୍କୁ ଉପଚାର ଦିଆଯାଉଛି। ତାଙ୍କ ସମସ୍ୟାର ସମ୍ପୂର୍ଣ୍ଣ ତଥ୍ୟ ଆସିବା ପରେ ଏ ସମ୍ପର୍କରେ କିଛି କୁହାଯାଇପାରିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ସଞ୍ଜୁ ସାମସନ ଫିଲ୍ଡିଂ ଅଭ୍ୟାସ କରୁଥିବାରୁ ତାଙ୍କୁ ଉଇକେଟକିପର ଭୂମିକାରେ ଦେଖିବାକୁ ମିଳିବ ନାହିଁ ବୋଲି ଜଣାପଡ଼ିଛି।

## ଇଂଲଣ୍ଡର ସହଜ ବିଜୟ

**ଖ୍ରୀଷ୍ଟଚର୍ଚ୍ଚ,୧।୧୧(ଏଏଫ୍‌ପି)**

ଜେମ୍ସ ଭିନ୍ସଙ୍କ କ୍ୟାରିୟର ପ୍ରଥମ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ଏଠାରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୭ ଉଇକେଟରେ ହରାଇଦେଇଛି। ମ୍ୟାଚ୍‌ରେ ସର୍ବାଧିକ ରନ୍ କରିଥିବା ଭିନ୍ସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ବିଜୟ ସହ ଇଂଲଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ୧-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। ଆସନ୍ତା ରବିବାର ସିରିଜର ଦ୍ୱିତୀୟ ମ୍ୟାଚ୍ ୱେଲିଂଟନଠାରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଧାର୍ଯ୍ୟ ୨୦ ଓଭରରେ ୫ ଉଇକେଟ ହରାଇ ୧୫୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ମାର୍ଟିନ ଗୁପ୍‌ଟିଲ (୨) ବିଫଳ ହୋଇଥିବାବେଳେ କଲିନ ମୁନ୍‌ରୋ ୨୧, ଟିମ୍ ସେଫର୍ଟ ୩୨, କଲିନ ଡେ ଗ୍ରାଣ୍ଡହୋମ ୧୯, ରସ୍ ଟେଲର ୪୪ ଓ ଡାର୍ଲି ମିଚେଲ ୩୦ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ବୋଲିଂରେ କ୍ରିସ୍ ଜୋର୍ଡାନ ୨ ଉଇକେଟ ନେଇଥିବାବେଳେ ସାମ କୁରାନ, ଆଦିଲ ରସିଦ ଓ ପାଟ୍ରିକ ବ୍ରୋନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଭିନ୍ସଙ୍କ ୫୯ ରନ୍‌ର ଇନିଂସ ବଳରେ ଇଂଲଣ୍ଡ ୧୮.୩ ଓଭରରେ ୩ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଭିନ୍ସଙ୍କ ଇନିଂସରେ ୭ ଚୌକା ଓ ୨ ଛକା ସାମିଲ ଥିଲା। ତାଙ୍କ ବ୍ୟତୀତ ଜନି ବେଆରଷ୍ଟୋ (୩୫) ଓ ଅଧିନାୟକ ଇଆନ ମୋର୍ଗାନ (୩୪) ମଧ୍ୟ ଉପଯୋଗୀ ଇନିଂସ ଖେଳିଥିଲେ। ଘରୋଇ ଦଳ ପାଇଁ ମିଚେଲ ସାଣ୍ଟନର ସମସ୍ତ ୩ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ- ୨୦ଓଭରରେ ୧୫୩/୫ (ରସ୍ ଟେଲର ୪୪, ଟିମ୍ ସେଫର୍ଟ ୩୨, ଡାର୍ଲି ମିଚେଲ ୩୦*, କ୍ରିସ୍ ଜୋର୍ଡାନ ୨/୨୮, ଆଦିଲ ରସିଦ ୧/୩୩)।

ଇଂଲଣ୍ଡ- ୧୮.୩ ଓଭରରେ ୧୫୪/୩ (ଜେମ୍ସ ଭିନ୍ସ ୫୯, ଜନି ବେଆରଷ୍ଟୋ ୩୫, ଇଆନ ମୋର୍ଗାନ ୩୪, ମିଚେଲ ସାଣ୍ଟନର ୩/୨୩)।



ଜେମ୍ସ ଭିନ୍ସ

## ଟି୨୦ ସିରିଜ: ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

**ମେଲବୋର୍ନ,୧।୧୧ (ଏଏଫ୍‌ପି)**

ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଘରୋଇ ଅଷ୍ଟ୍ରେଲିଆ କ୍ଲିନ୍ ସୁଇପ୍ କରିଛି। ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୪ଟି ବଲ ବାକି ରଖି ୭ ଉଇକେଟରେ ଶ୍ରୀଲଙ୍କାକୁ ସହଜରେ ପରାସ୍ତ କରିଛି। ଫଳରେ ୩ଟି ଯାକ ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ୩-୦ରେ ସିରିଜ ହାତେଇଛି। ୫୦ ବଲରୁ ୪ ଚୌକା ଓ ୧ ଛକା ସହ ୫୭ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଅଭିଜ୍ଞ ଓପନର ଡେଭିଡ ୱାର୍ନର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରି ୱାର୍ନର ପ୍ଲେୟାର ଅଫ୍ ଦି ସିରିଜ ମଧ୍ୟ ବିବେଚିତ ହୋଇଛନ୍ତି। ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୨୦ ଓଭରରେ ୬ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୭.୪ ଓଭରରେ ୩ ଉଇକେଟ ହରାଇ ୧୪୫ ରନ କରି ବିଜୟୀ ହୋଇଥିଲା।

୧୪୩ର ଏକ ଆଭରେଜ ଟାର୍ଗେଟର ପିଛା କରିଥିବା ଘରୋଇ ଦଳ ତରଫରୁ ଅଧିନାୟକ ତଥା ଓପନର ଆରୋନ ଫିଞ୍ଚ୍ ୩୭, ଅଭିଜ୍ଞ ଷ୍ଟିଭେନ୍ ସ୍ମିଥ ୧୩, ବେନ୍ ମ୍ୟାକଡର୍ମଟ ୫ ରନ କରି ଆଉଟ ହୋଇଥିବା ବେଳେ ଆଷ୍ଟନ ଟର୍ନର ୨୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଲସିଥ ମାଲିଙ୍ଗା, ଲାହିରୁ କୁମାରା ଓ ନୁଆନ ପ୍ରଦୀପ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ତରଫରୁ ଉଇକେଟ କିପର ବ୍ୟାଟ୍ସମ୍ୟାନ କୁଶଲ ପେରେରା ସର୍ବାଧିକ ୫୭, ଅଭିସ୍କା ଫର୍ନାଣ୍ଡୋ ୨୦, କୁଶଲ ମେଣ୍ଡିସ ୧୩, ଶେହାନ ଜୟସୂରିୟା ୧୨ ରନ କରି ଆଉଟ ହୋଇଥିବା ବେଳେ ଭାନୁକା ରାଜପାକ୍ସା ୧୭ ଓ ଅଧିନାୟକ ମାଲିଙ୍ଗା ୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ, କେନ୍ ରିଚାର୍ଡସନ ଓ ପ୍ୟାଟ କମିନ୍ସ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ।

**ୱାର୍ନର ପ୍ଲେୟାର ଅଫ୍ ଦି ମ୍ୟାଚ୍, ସିରିଜ**



ଟ୍ରଫି ସହ ସିରିଜ ବିଜୟୀ ଅଷ୍ଟ୍ରେଲିଆ ଦଳ।

ସାରା ସିରିଜରେ ଘରୋଇ ଦଳ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଆଡିଲେଡରେ ଅନୁଷ୍ଠିତ ପ୍ରଥମ ଟି୨୦ରେ ଅଷ୍ଟ୍ରେଲିଆ ବୃହତ୍ ୧୩୪ ରନରେ ବିଜୟୀ ହୋଇଥିଲା। ସେହିପରି ବ୍ରିସବେନ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ରେ ଅଷ୍ଟ୍ରେଲିଆ ୭ ଓଭର ବାକି ରଖି ୯ ଉଇକେଟରେ ବିଜୟୀ ହୋଇଥିଲା। ଦଳର ପ୍ରଦର୍ଶନ ନେଇ ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍ ଖୁସି ଜାହିର କରିଛନ୍ତି। ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିବା ୱାର୍ନର ପ୍ରଥମ ମ୍ୟାଚ୍‌ରେ ଅପରାଜିତ ୧୦୦ ଓ ଦ୍ୱିତୀୟ ମ୍ୟାଚ୍‌ରେ ୬୦ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଶ୍ରୀଲଙ୍କା ୨୦ ଓଭରରେ ୧୪୨/୬ (ପେରେରା- ୫୭, ଫର୍ନାଣ୍ଡୋ- ୨୦, ଷ୍ଟାର୍କ- ୨/୩୨, ରିଚାର୍ଡସନ- ୨/୨୫, କମିନ୍ସ- ୨/୨୩)।

ଅଷ୍ଟ୍ରେଲିଆ ୧୭.୪ ଓଭରରେ ୧୪୫/୩ (ୱାର୍ନର- ୫୭*, ଫିଞ୍ଚ୍- ୩୭, ଟର୍ନର- ୨୨*, ମାଲିଙ୍ଗା- ୧/୨୨, କୁମାରା- ୧/୪୯, ପ୍ରଦୀପ- ୧/୨୦)।

## ଓଡ଼ିଶା ଏଫ୍‌ସି ଭଲ ଖେଳିବ

**ବାଇଚୁଙ୍ଗ୍ ଭୂଟିଆ**

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଏଥର ପୂରା ଜବରଦସ୍ତ ଢଙ୍ଗରେ ଆରମ୍ଭ ହୋଇଛି। କୋଚିରେ ପ୍ରାରମ୍ଭିକ ଦିବସରେ ଷ୍ଟାଡିୟମରେ ହଳଦିଆ ରଙ୍ଗର ସମୁଦ୍ର ଦେଖିବାକୁ ମିଳିଥିଲା। ଯେଉଁଆଡେ ଦେଖିଲେ ଖାଲି ହଳଦିଆ ରଙ୍ଗ। ସାରା ଷ୍ଟାଡିୟମ ଖଚାଖଚ ଭରାଥିଲା। ଘରୋଇ ଦଳ ପାଇଁ ଏହା ଏକ ସୁନ୍ଦର ତଥା ମନୋରମ ପରିବେଶ ସୃଷ୍ଟି କରିଥିଲା ଓ ଦଳ ମଧ୍ୟ ବିଜୟ ହାସଲ କରିଥିଲା। ଏଭଳି ପରିବେଶ ଖେଳାଳିମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ ଓ ଏହା ଦ୍ୱାରା ଖେଳାଳିମାନେ ଅଧିକ ଭୁଲ କରି ନ ଥାନ୍ତି। ଫୁଟବଲ ପାଇଁ ଏହି ବୈଦ୍ୟୁତିକ ପରିବେଶରେ ବର୍ଷା ଯୋଗୁ ଖେଳ ବନ୍ଦ ନ ହେବା ସ୍ୱାଭାବିକ ମନେହୁଏ। ତେବେ ମୂଷଳଧାରା ବର୍ଷା ଯୋଗୁ ପ୍ରଥମ ଦିନରେ ଅବଶ୍ୟ ଖେଳ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ଯୋଗୁ ପ୍ରାକ୍ଟିସ ସେସନ, ବିଲ୍ଡ- ଅପ୍ ଓ ଆନାଲିସିସ୍ ବାଧାପ୍ରାପ୍ତ ହେବା ନିଶ୍ଚିତ ଭାବେ ସନ୍ତୋଷଜନକ ନୁହେଁ।

କେବଳ କୋଚି ନୁହେଁ ଦେଶର ଅନ୍ୟ କେତେକ ଭେନ୍ୟୁ ଲିଗ୍‌ର ପ୍ରଥମ କେତେଦିନରେ ବର୍ଷା ବାଧକ ସାଜିଥିଲା। ତେବେ ପଡିଆରେ ଥିବା ଉନ୍ନତ ଭିତ୍ତିଭୂମି ବର୍ଷା ଯୋଗୁ ହେଉଥିବା ସମସ୍ୟାକୁ ଅତି ସହଜରେ ସମାଧାନ କରିପାରିଛି। ଉନ୍ନତ ଡ୍ରେନେଜ ସିଷ୍ଟମ ଯୋଗୁ ପଡିଆରେ କାଦୁଅ ସମସ୍ୟା ରହୁନାହିଁ। ୧୦ ବର୍ଷ ତଳେ ଭାରତ ଯେଉଁ ପଡିଆ ଥିଲା ଏବେ ଏଥିରେ ବହୁ ଉନ୍ନତି ପରିଲକ୍ଷିତ ହୋଇଛି। ଭିତ୍ତିଭୂମି ହୋଇଥିବା ଉନ୍ନତି ଚଳିତ ଆଇଏସ୍‌ଏଲ୍ ପାଇଁ ଏକ ବଡ଼ ଅବଦାନ ସଦୃଶ ହୋଇଛି।

ଲିଗ୍ ଏବେ ଆରମ୍ଭ ହୋଇଥିବାରୁ କେତେକ କ୍ୱାଲିଟି ମ୍ୟାଚ୍ ତଥା ପ୍ରଦର୍ଶନ ଦେଖିବାକୁ ମିଳିଛି। ଲିଗ୍‌ର ଅଗ୍ରଗତି ସହିତ ଆଉ କେତେକ ମୋଡ ଦେଖିବାକୁ ମିଳିବ। କେତେକ ଖେଳାଳିଙ୍କ ବ୍ୟକ୍ତିଗତ ତ୍ରୁଟି କାରଣରୁ ଦଳକୁ ମୂଲ୍ୟ ଦେବାକୁ ପଡିଛି। ଏପର୍ଯ୍ୟନ୍ତ ଏନ୍‌ଇୟୁଏଫ୍‌ସି, ଏଟିକେ, ଏଫ୍‌ସି ଗୋଆ, ବେଙ୍ଗାଲୁରୁ ଏଫ୍‌ସି ଓ ଜାମଶେଦପୁର ଏଫ୍‌ସି ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି।




ଏନ୍‌ଇୟୁଏଫ୍‌ସି ସବୁବେଳେ ଅସ୍ଥିର ପ୍ରଦର୍ଶନ କରିଥାଏ ଓ ସୁବିଧାଜନକ ସ୍ଥିତିରେ ଥିଲେ ମଧ୍ୟ ମ୍ୟାଚ୍ ହାତଛଡ଼ା କରିଥାଏ। ଏଥର କିନ୍ତୁ ଏହି ଦଳ ଉନ୍ନତ ଓ ସ୍ଥିର ପ୍ରଦର୍ଶନ କରିଛି। ତେବେ ପ୍ରକୃତ ଖେଳ ଆଗକୁ ଜଣାପଡିବ।

ସେହିପରି ଏଫ୍‌ସି ଗୋଆ ସବୁଥର ଭଳି ଭଲ ପ୍ରଦର୍ଶନ କରିଛି। ଏହି ଦଳରେ ଆକ୍ରମଣାତ୍ମକ ଖେଳ କଡ଼ା ସମାଲୋଚକଙ୍କୁ ମଧ୍ୟ ପ୍ରଭାବିତ କରିଛି। ଯେତେ ସମ୍ଭବ ଗୋଆ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରତିପକ୍ଷ ଦଳକୁ ହତାଶ କରିଛି।

କୋଚ୍ ଆଣ୍ଟୋନିଓ ହାବାସଙ୍କ ତତ୍ତ୍ୱାବଧାନରେ ଏଟିକେ ଦଳର ଆଟାକ ଓ ଡିଫେନ୍ସ ବେଶ୍ ଶାଣିତ ହୋଇଛି ଓ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ହୋଇପାରିଛି। ଜାମଶେଦପୁର ଏଫ୍‌ସି ମଧ୍ୟ ପ୍ରଥମ ଦୁଇଟି ଘରୋଇ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟୀ ହୋଇଛି। ରବିବାର ଏହି ଦଳ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ। ଯୋଜନା ଅନୁସାରେ ଖେଳି ଜାମଶେଦପୁର ପ୍ରତିପକ୍ଷ ଦଳକୁ ଚକ୍‌ମା ଦେବାରେ ସଫଳ ହୋଇଛି।

ଅନ୍ୟପଟେ ଓଡ଼ିଶା ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ଏପର୍ଯ୍ୟନ୍ତ ଆଖିଦୃଶିଆ ପ୍ରଦର୍ଶନ କରିନାହିଁ। ତେବେ ଆଗକୁ ଏହି ଦୁଇ ଦଳ ଭଲ ପ୍ରଦର୍ଶନ କରିବେ ବୋଲି ମୁଁ ନିଶ୍ଚିତ ରହିଛି। ଠିକ୍ ବେଳେ ଏହି ଦୁଇ ଦଳ ନିଶ୍ଚିତ ଭାବେ ବିପର୍ଯ୍ୟୟ ଘଟାଇବା ସହ ପ୍ରଭାବୀ ପ୍ରଦର୍ଶନ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବେ।

(ଗେମ୍ ପ୍ଲାନ)

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଅନ୍ନପୂର୍ଣ୍ଣା ରଥ
ନୟାପଲ୍ଲୀ
ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭
ଆପଣଙ୍କ ଆଦର୍ଶ, ତ୍ୟାଗ, ସ୍ନେହ, ପରକୁ ଆପଣାର କରିବା ମନୋବୃତ୍ତି ଆମକୁ ସର୍ବଦା ପ୍ରେରଣା ଦେଉଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:
ନାତି, ନାତୁଣୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ଭ୍ରାତା, ଭଗିନୀ ଓ ଆତ୍ମୀୟସ୍ୱଜନ।
ଧ-୧୫୦୧୦

ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରେଣୁବାଳା ପଣ୍ଡା
ଗୁଣ୍ଡିଚା ବିହାର, ପୁରୀ
ଆବିର୍ଭାବ: ୧୨।୦୯।୧୯୫୨
ତିରୋଧାନ: ୦୪।୧୧।୨୦୦୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୬୪୦୯୮

ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ



୰ଡାକ୍ତର ପ୍ୟାରୀ ମୋହନ ସିଂହ
ଆବିର୍ଭାବ - ୧୩.୦୪.୧୯୩୯
ତିରୋଧାନ - ୦୨.୧୧.୨୦୧୧
ଆପଣ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ଆଠ ବର୍ଷ ହୋଇଗଲା। ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ଆପଣଙ୍କର ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ, ଆମର ଚଲା ପଥର ପାଥେୟ। ଆପଣଙ୍କ ଆତ୍ମା ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ଥାଉ, ଆଜି ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀରେ ଏହା ହିଁ ପ୍ରାର୍ଥନା।
ଆପଣଙ୍କର ଆଶୀର୍ବାଦଭିକ୍ଷୁ ପରିବାରବର୍ଗ, ମଠସାହି ଏବଂ ଆଗରପଡ଼ା ବାସିନ୍ଦା।
ଧ-୧୫୦୨୨

ଧରିତ୍ରୀ
DHARITRI

www.orissakhabar.com/www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୨/୨୦୧୯ Sambalpur, Saturday, November 2 / 2019

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ପିଲୁ


ଟିକୁନ


ସୁଶାନ୍ତ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ୫-ଟି ସଚିବ

**ସମ୍ବଲପୁର,୧।୧୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ ପାଣ୍ଡିଆନ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସି ଜିଲା ସଦର ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ପ୍ରଥମେ ସେ ଡାକ୍ତରଖାନା ପରିସରରେ ଥିବା ଶିଶୁ ଓ ମାତୃ ମଙ୍ଗଳ କେନ୍ଦ୍ରକୁ ଯାଇ ସେଠାରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ କଥା ହୋଇଥିଲେ। ଖାଦ୍ୟ, ମାଗଣା ଔଷଧ ଓ କିଭଳି ଚିକିତ୍ସା କରାଯାଉଛି ସେ ନେଇ ସେମାନଙ୍କୁ ପଚାରି ବୁଝିଥିଲେ। ଗର୍ଭବତୀ ମହିଳାଙ୍କୁ ଅଙ୍ଗନୱାଡି ଓ ଆଶାକର୍ମୀ ଠିକ୍ ଭାବେ ଛତୁଆ, ଅଣ୍ଡା ଓ ଅନ୍ୟାନ୍ୟ ଔଷଧ ଦେଉଛନ୍ତି କି ନାହିଁ ତାହା ପଚାରିଥିଲେ। ଏହି ସମୟରେ ଜଣେ ପ୍ରସୂତିଙ୍କ ସମ୍ପର୍କୀୟ ରକ୍ତ ପାଇଁ ଏଠାରେ ଟଙ୍କା ଦେବାକୁ ପଡିଥିଲା ବୋଲି ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ସଚିବ ମେଡିସିନ, ସର୍ଜରୀ, ଗାଇନିକ୍ ୱାର୍ଡକୁ ଯାଇ ଚିକିତ୍ସାଧୀନ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ନିରାମୟ କେନ୍ଦ୍ରକୁ ଯାଇ ଔଷଧ ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିଥିଲେ । ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ ମେହେର୍ଦ୍ଦା, ସ୍ୱତନ୍ତ୍ର ସଚିବ ସୁରେଶ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ମୁଖ୍ୟଙ୍କ ସହ ୫-ଟି ସଚିବ ସମୀକ୍ଷା ବୈଠକ କରିଥିଲେ। ଏଥିରେ ମେଡିକାଲର ବିଭିନ୍ନ ସମସ୍ୟା ଓ ଏହାର କିପରି ସମାଧାନ ହୋଇପାରିବ, ରୋଗୀମାନଙ୍କୁ କିଭଳି ମାଗଣା ଔଷଧ,


ଜଣେ ରୋଗୀଙ୍କ ସହ ୫-ଟି ସଚିବ ଭି.କେ ପାଣ୍ଡିଆନ ଆଲୋଚନା କରୁଛନ୍ତି।

- **ରୋଗୀ, ସମ୍ପର୍କୀୟଙ୍କ ସହ ଆଲୋଚନା କଲେ**
- **ବେଡ୍ ବୃଦ୍ଧି କରିବାକୁ ଦାବି କଲେ କର୍ତ୍ତୃପକ୍ଷ**
- **ରକ୍ତ ପାଇଁ ଟଙ୍କା ନିଆଯାଉଥିବା ଅଭିଯୋଗ**

ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା ମେଡିକାଲରେ କରାଯାଇ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ମେଡିକାଲରେ ରୋଗୀଙ୍କ ଲାଗି ବେଡ୍ ସଂଖ୍ୟା ବୃଦ୍ଧି କରିବା ସହ ଅନ୍ୟାନ୍ୟ ସମସ୍ୟା ଉପରେ ମେଡିକାଲ କର୍ତ୍ତୃପକ୍ଷ ସଚିବଙ୍କୁ ଜଣାଇଥିଲେ। ଜିଲାପାଳ ଶୁଭମ ସକସେନା, ଏସ୍‌ପି କନୱର ବିଶାଲ ସିଂ, ସିଡିଏମ୍‌ଓ ପଙ୍କଜିନୀ ପଣ୍ଡା, ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ସଚିବଙ୍କ ଗସ୍ତକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏ ସମ୍ପର୍କରେ ଜିଲାପାଳ ସକ୍‌ସେନା କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମସ୍ୟା ଉପରେ ସଚିବଙ୍କୁ ଅବଗତ କରାଯାଇଛି । ଯେଉଁ ବିଭାଗରେ ଡାକ୍ତର ପଦ ଖାଲି ରହିଛି ସେହି ବିଭାଗରେ ଘରୋଇ ଡାକ୍ତରଙ୍କୁ ପାର୍ଟ ଟାଇମ୍ ନିଯୁକ୍ତି ଦିଆଯିବ। ଜିଲା ପ୍ରଶାସନ ସେ ନେଇ ଚେଷ୍ଟା କରୁଛି। ଏହା ସହ ଡାକ୍ତରଖାନାର ଭିତ୍ତିଭୂମି ଓ ବିଭିନ୍ନ ସମସ୍ୟା ଉପରେ ସଚିବଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଏହାପରେ ୫-ଟି ସଚିବ ପାଣ୍ଡିଆନ ଅଚାନକ ଅଇଁଠାପାଲିଥାନା ପରିଦର୍ଶନ କରି ଜଣେ ଅଭିଯୋଗକାରୀଙ୍କ ସହ କଥା ହୋଇଥିଲେ। ଅଭିଯୋଗ କରିବା ସମୟରେ ପୋଲିସ ପକ୍ଷରୁ ବ୍ୟବହାର କେମିତି ରହିଥିଲା, ଟଙ୍କା ମାଗିଥିଲେ କି, ଦୁର୍ବ୍ୟବହାର କରିଥିଲେ କି, ତଦନ୍ତ କରୁଥିବା ଅଧିକାରୀ ସହଯୋଗ କରିଥିଲେ କି ନାହିଁ , ତଦନ୍ତରେ ସନ୍ତୁଷ୍ଟ କି ନୁହେଁ ବୋଲି ଅଭିଯୋଗକାରୀଙ୍କୁ ସଚିବ ପ୍ରଶ୍ନ କରିଥିଲେ। ଏହି ସମୟରେ ଥାନା ଅଧିକାରୀ ଚିନ୍ତାମଣୀ ପ୍ରଧାନ ଉପସ୍ଥିତ ଥିଲେ।

## ୪ଟି କାନ ଥିବା ଛେଳି ଛୁଆ ଜନ୍ମ

**ଜୁନାଗଡ,୧।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ପଞ୍ଚାୟତ ବାଗଡୁଙ୍ଗରୀ ତଳାପଡାରେ ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଗ୍ରାମର ବିଘ୍ନରାଜ ଗୁଆଙ୍କ ଘରେ ଏକ ଅଦ୍ଭୁତ ଛେଳି ଛୁଆ ଜନ୍ମ ହୋଇଛି। ଯାହାର କି ୪ଟି କାନ ରହିଛି। ହେଲେ ଜିଭ ନାହିଁ କି ଖାଦ୍ୟ ନଳି ନାହିଁ। ତଥାପି ଛେଳିଛୁଆଟି ସୁସ୍ଥ ଥିବା ଜଣାପଡିଛି। ଏଭଳି ଅଦ୍ଭୁତ ଛେଳି ଛୁଆକୁ ଦେଖିବାକୁ ଏବେ ଲୋକଙ୍କ ମଧ୍ୟରେ ଭିଡ ଲାଗିରହିଛି।

**ଜିଭ ନାହିଁ କି ଖାଦ୍ୟ ନଳି ନାହିଁ**


୪ଟି କାନ ଥିବା ଛେଳି ଛୁଆ ।

# ଚିକିତ୍ସା ଅଭାବୁ ମୁରତୁ ସଂଗେ ଯୁଝୁଛନ୍ ରବି

**କୋମନା, ୧।୧୧(ଡି.ଏନ୍.ଏ.)**

ନୂଆପଡ଼ା ଜିଲା କୋମନା ବ୍ଲକ ସମରସିଙ୍ଗ ପଁଚେତ୍ ଅଧୀନ ଖଜୁରବାହାଲ ଗାଁର ରବି ରାଉତ(୩୬)। ସେ ମାସକେତେ ତଲେ ଗୁଟେ ଦୁରଘଟନାର ଶିକାର ହେଇ ସେ ଖଟେ ପଡ଼ି ରହିଛନ୍। ଏନ୍ତାଥି ଟଁକା ପଏସା ଅଭାବ୍‌କେ ଚିକିଛା ଅଭାବୁ ସେ ମୁରତୁ ସଂଗେ ଯୁଝୁଥିବାର ପରିବାର ଲୋକ୍ ଅଭିଯୋଗ କରିଛନ୍। ସୂଚନା ଅନ୍‌ସାରେ ଆଏଜ୍‌କେ ଦୁଇମାସ ତଲେ ରବି ଗୁଟେ ସଡ଼କ ଦୁରଘଟନାର ଶିକାର ହେଇଥିଲେ। ପରିବାର ଲୋକ୍ ଚିକିଛା ଲାଗି ତାହାକୁ ରାୟପୁରର ରାମକ୍ରୀଷ୍ଣ କେଆର ହସ୍ପିଟାଲରେ ଭରତି କରିଥିଲେ। ସେଠାନେ ସେ ଦିନାକେତେ ଚିକିଛିତ୍ ହେଲା ଉତାରୁ ଉଚ ଚିକିଛା ଲାଗି ଲକ୍ଷାଧିକ୍ ଟଁକା ଦରକାର ବଲି ଡାକ୍ତର କହିଥିଲେ। ଏନ୍ତାଥି ପରିବାର ଲୁକ୍‌କର ମୁଡ଼େ ଚଡ଼କ ପଡ଼ିଥିଲା। ଟଁକା ପଏସା ଅଭାବୁ ପରିବାର ଲୋକ୍ ମୁହୁଁକାନ ଶୁଖେଇ ରବିକୁଁ ଅଧାଡିଆ ଚିକିଛା କରେଇ ଘରକେ ଫିରେଇ ଆନ୍‌ଲେ। ଏହେଦେ ରବି ଚିକିଛା ଅଭାବୁ ଘରେ କୋମା ଅବସ୍‌ତାରେ ମୁରତୁ ସଂଗେ ଯୁଝୁଥିବାର ଦେଖିବାକେ ମିଲିଛେ। ରବିକଁର ଏନ୍ତା ଅବସ୍‌ତା ଦେଖି ବୁଢ଼ି ମା' ପିଲାବାଇ ରାଉତ, ମାଏକିନା ସୁକାନ୍ତି ଆର ୪ ଝିଁ ଦୁଖିଥି ଭାଂଗି ପଡ଼ିଛନ୍। ସଭେ ହରମେଶା ରବିକଁର ଚିକିଛା ଚିନ୍‌ତାରେ ଆଖିଥୁ ଲହ ଗଡ଼ଉଛନ୍। ଇଅଡ଼େ ଘରର ଗୁଟେବଲି ରୁଜ୍‌ଗାରିଆ ଲୋକ୍ ଖଟେ ପଡ଼ି ରହିଲାବେଲେ ପରିବାରର ବୋଝ୍ ସୁକାନ୍ତିକଁର ଉପରେ ପଡ଼ିଛେ। ସୁକାନ୍ତି ଫିଦିନ କୁଲିମଜୁରି କରି ଆନ୍‌ଲେ ଯାଇ ଘରର ଚୁଲି ଜଲୁଛେ। ଇ ଦୁଖି ପରିବାରକେ ମିଲୁଥିବାର ସରକାରୀ ସାହାଯ୍ କହେଲେ ମାସିକ ୨୫ କେ.ଜି. ଚାଉଲ ଆର ବୁଢ଼ି ମା' ପାଉଥିବାର ୫ଶହ ଟଁକା ଭତା। ଏନ୍ତାଥି ଉପେ ଶୁଇନ୍ ସୁକାନ୍ତି ଗଣମାଧ୍ୟମ ଜରିଆରେ ଆପ୍‌ନେ ରବିକଁର ଚିକିଛା ସାହାଯ୍ ଲାଗି ଜିଲା ପରଶାସନ ଆର ଜିଲା ସୁଆସ୍‌ତିଅ ବିଭାଗକେ ଗୁହାରି କରିଛନ୍।


କୋମା ଅବସ୍‌ତାରେ ରବି ପଡ଼ିରହିଛନ୍।

## ଖଡିଆଳ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟ

# ଭୋଟଗ୍ରହଣ ହେଲା, ଗଣତି ସ୍ଥଗିତ


ଅନାସ୍ଥା ଭୋଟ ପାଇଁ ସଭ୍ୟାସଭ୍ୟ ପଟୁଆରରେ ଆସୁଛନ୍ତି ।

**ନୂଆପଡ଼ା ଅଫିସ/ଖଡିଆଳ, ୧।୧୧(ଡି.ଏନ.ଏ.)**

ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅଧ୍ୟକ୍ଷ ବାଳକୃଷ୍ଣ ଶବରଙ୍କ ନାମରେ ଅନାସ୍ଥା ଭୋଟ ଗ୍ରହଣ ହୋଇଛି। ଏହାକୁ ନେଇ କଡା ସୁରକ୍ଷା ବଳୟ ମଧ୍ୟରେ ଭୋଟ ଗ୍ରହଣ ହୋଇଥିଲେ ହେଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗଣତିକୁ ସ୍ଥଗିତ ରଖାଯାଇଛି ।ଏହାକୁ ନେଇ ଦୁଇ ଗୋଷ୍ଠୀଙ୍କ ନାମରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବା ବଦଳରେ କଡା ସୁରକ୍ଷା ବଳୟ ମଧ୍ୟରେ ଭୋଟ ଗ୍ରହଣ କେନ୍ଦ୍ରକୁ ଆଣିଥିବା ଚର୍ଚ୍ଚାର ବିଷୟ ହୋଇଛି। ଜିଲା ପ୍ରଶାସନର ନିଷ୍ପତ୍ତିକ୍ରମେ ଶୁକ୍ରବାର ଅନାସ୍ଥା ଭୋଟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ଉପଜିଲାପାଳ ତରଣୀସେନ ନାଏକ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ପୂର୍ବାହ୍ନ ୧୧ଟାରେ ଏହାର ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ସାଢେ ୧୧ଟାରେ ସଭ୍ୟାସଭ୍ୟମାନେ ବ୍ଲକ ସଭାକକ୍ଷରେ ପ୍ରବେଶ କରିଥିଲେ। ଗୋଟିଏ ପଟୁଆରରେ ୫୧ ଜଣ ସଭ୍ୟାସଭ୍ୟ ଆସି ପ୍ରବେଶ କରିଥିଲେ। ସେମାନେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ସମର୍ଥନ କରି ଆସୁଥିବା ବାରି ହୋଇପଡୁଥିଲା। ପରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଆସିଥିଲେ। ଶେଷରେ ବ୍ଲକ ଅଧ୍ୟକ୍ଷ ଶବର ଆସି ପହଞ୍ଚିଲେ। ନିର୍ଦ୍ଧାରିତ ସମୟରେ ଅର୍ଥାତ୍ ଦିନ ୧ଟା ବେଳେ ଭୋଟ ଗ୍ରହଣ ହେଲା। ହେଲେ ଫଳାଫଳ କିଛି ମିଳିଲା ନାହିଁ। ଏ ବିଷୟରେ ଉପଜିଲାପାଳ ନାଏକ କୋର୍ଟର ରହିତାଦେଶ ଥିବା ଜଣାଇଥିଲେ। ୫୪ଟି ଭୋଟରୁ ୫୨ଟି ଭୋଟ ପଡିଛି। ବାଳକୃଷ୍ଣ ଭୋଟ ଦେଇ ନାହାନ୍ତି । ଏମପି ବସନ୍ତ ପଣ୍ଡା ଅନୁପସ୍ଥିତ ଥିବା ଜଣାପଡିଛି। ଆରମ୍ଭରୁ ବିକାଶ କାର୍ଯ୍ୟରେ ଆମ ବିଧାୟକ ହସ୍ତକ୍ଷେପ କରୁଛନ୍ତି। ମୋ ବିରୋଧରେ ଚକ୍ରାନ୍ତ କରି ଏହି ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ବୋଲି ବାଳକୃଷ୍ଣ କହିଛନ୍ତି। ଅନ୍ୟପକ୍ଷେ ବ୍ଲକରେ ଦୁର୍ନୀତିର ସୀମା ଟପିଯାଇଥିବାବେଳେ ଲୋକ ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ବିଧାୟକ ପାଣିଗ୍ରାହୀ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଛନ୍ତି। ଉଲ୍ଲେଖଯୋଗ୍ୟ, ବାଳକୃଷ୍ଣ କେତେଜଣ ନେତାଙ୍କ ବିରୋଧରେ କଟୁ ମନ୍ତବ୍ୟ ରଖିଥିଲେ। ଏହାକୁ ପ୍ରତିପକ୍ଷ ଅଡିଓ ଟେପ କରି ଗତ ଅଗଷ୍ଟରେ ପଞ୍ଚାୟତ ସମିତି ବୈଠକରେ ଉପସ୍ଥାପନ କରି ଜବାବ ତଲବ କରିଥିଲେ। ଏହାକୁ ବାଳକୃଷ୍ଣ ମନା କରି ଏଡାଇଯାଇଥିଲେ। ପରେ ବିଧାୟକଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ କକ୍ଷତ୍ୟାଗ କରି ତାଙ୍କ ବିରୋଧରେ ଅଭିଯୋଗ ଆଣିବାକୁ ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ନେଇ ଅଧ୍ୟକ୍ଷ ସଭ୍ୟ ସନ୍ତୋଷ ମେହେର, ଗୋବିନ୍ଦ ବାରିକ, ପ୍ରେମ ମେହେର ଏବଂ ନୀଳାଦ୍ରି ମେହେରଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ସେମାନେ ପାଲଟା ଅଧ୍ୟକ୍ଷଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ବାଳକୃଷ୍ଣଙ୍କୁ ଥାନାରେ ଜାମିନ ମିଳିଥିବାବେଳେ ଗୋବିନ୍ଦ ଏବଂ ସନ୍ତୋଷଙ୍କୁ ହାଇକୋର୍ଟ ନଟ ଟୁ ଆରେଷ୍ଟ ଅର୍ଡର ଦେଇଛନ୍ତି। ନୀଳାଦ୍ରି ଏବଂ ପ୍ରେମଙ୍କ ସପକ୍ଷରେ କୌଣସି ନିର୍ଦ୍ଦେଶ ନ ଥିବା ଜଣାପଡିଛି। ପୋଲିସ ସେମାନଙ୍କୁ ଘଣ୍ଟ ଘୋଡାଉ ଥିବା ଅଭିଯୋଗ ହୋଇଛି। ଏପରି କି ଅନାସ୍ଥା ଭୋଟରେ ଭାଗ ନେବାକୁ ପୋଲିସ କର୍ଡନ ମଧ୍ୟରେ ପ୍ରବେଶ କରିଥିବାରୁ ଏହାକୁ ନେଇ ନାନା ଚର୍ଚ୍ଚା ହେଉଛି। ଏହା ଉପରେ ଏସ୍‌ଡିପିଓଙ୍କୁ ପଚାରିବାରେ ସେ ନିରୁତ୍ତର ରହିଥିଲେ ।

**ପୋଲିସ ହେପାଜତରେ ଅଭିଯୁକ୍ତ**

## ଯେକୌଣସି ଆର୍‌ଟିଓରେ ଡିଏଲ୍ ଆବେଦନ କରିହେବ

**କଟକ ଅଫିସ, ୧।୧୧**

ମୋଟରଯାନ ଆଇନରେ ବଡ଼ଧରଣର ସଂଶୋଧନ କରାଯାଇଛି। ପୂର୍ବରୁ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ପାଇଁ ଜଣେ ଆବେଦନକାରୀ କେବଳ ନିଜ ଜିଲାର ଆର୍‌ଟିଓଙ୍କ ପାଖରେ ଆବେଦନ କରୁଥିଲେ। ମାତ୍ର ଏବେ ସେଥିରେ ପରିବର୍ତ୍ତନ କରାଯାଇଛି। ନୂଆ ନିୟମ ଅନୁଯାୟୀ, ଜଣେ ଆବେଦନକାରୀ ରାଜ୍ୟର ଯେକୌଣସି ଆର୍‌ଟିଓ ଅଫିସରେ ଏହି ଆବେଦନ କରିପାରିବେ। ପରିବହନ କମିଶନରଙ୍କ ପକ୍ଷରୁ ଶୁକ୍ରବାର ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରାଯାଇଛି। ନୂଆ ନିୟମ ଅନୁଯାୟୀ, ସମଗ୍ର ରାଜ୍ୟକୁ ଗୋଟିଏ ୟୁନିଟ୍ ଭାବେ ଗ୍ରହଣ କରାଯାଇଛି। ପୂର୍ବରୁ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆର୍‌ଟିଓ ଅଫିସଗୁଡ଼ିକରେ ଗହଳି ଲାଗି ରହୁଥିଲା। ଫଳରେ ଆବେଦନକାରୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। କିନ୍ତୁ ଏହି ନୂଆ ନିୟମ ସେଥିରେ ଅନେକ ସୁଧାର ଆଣିବ ବୋଲି ପରିବହନ ବିଭାଗର ଅଧିକାରୀମାନେ ମତ ଦେଇଛନ୍ତି। ସେହିପରି ଯାନ ପଞ୍ଜୀକରଣ ପାଇଁ ମଧ ଜଣେ ଗାଡ଼ିମାଲିକ ଯେକୌଣସି ଆରଟିଓଙ୍କ ପାଖରେ ପଞ୍ଜୀକରଣ କରିପାରିବେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବ୍ଲକସ୍ତରୀୟ ମାଣ୍ଡିଆ ତାଲିମ ଶିବିର

**ବୋଡେନ,୧।୧୧(ଡି.ଏନ.ଏ.)-** ନୂଆପଡ଼ା ଜିଲା ବୋଡେନ ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ୨ ଦିନିଆ ମାଣ୍ଡିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ବୋଡେନ ଏବିଡିଓ ମନୋଜ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଲ୍ଲି ବିକାଶ ସଂସ୍ଥାର ସମ୍ପାଦକ ସୁରେଶ କୁମାର ରାଉତଙ୍କ ପରିଚାଳିତରେ ହୋଇଥିବା ଶିବିରରେ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଇନ୍ଦ୍ରମଣୀ ପାଣିଗ୍ରାହୀ, ବୋଡେନ ସହକୃଷି ଅଧିକାରୀ ଶଶିଭୁଷଣ ମହାପାତ୍ର, ବୋଇରଗାଁ ସରପଞ୍ଚ ବୋନୋଦିନୀ ମାଝି ଓ ଏଲମ ବିଭାଗର ଚଇତନ ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୦ଟି ଗ୍ରାମପଞ୍ଚାୟତ ଚାଷୀମାନେ ଯୋଗଦେଇଥିଲେ। ମାଣ୍ଡିଆ ଉତ୍ପାଦନ କ୍ଷେତ୍ରରେ ୫ ଜଣ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା।

### ଆମ ପୋଲିସ ସମିତିର ବୈଠକ

**ସିନାପାଲି,୧।୧୧(ଡି.ଏନ.ଏ.)-** ନୂଆପଡ଼ା ଜିଲା ସିନାପାଲି ଥାନା ପରିସରରେ ବୁଧବାର ସନ୍ଧ୍ୟାରେ ଆମ ପୋଲିସ ସମିତି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବୈଷ୍ଣାୟନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠରେ ସିନାପାଲି ଥାନାଧିକାରୀ ଜୌତିରଞ୍ଜନ ଗୌଡ଼, ସବଇନିସପେକ୍ଟର ସାଲଖାମ ମୁର୍ମୁଙ୍କ ସମେତ ନାରାୟଣ ପାତ୍ର, ମଧୁ କୁମାର ଜୈନ, ହୁକୁମ ଅଗ୍ରୱାଲ, ରମେଶ ତିୱାରୀ, ହୃଷୀକେଶ ମେହେର, ଶଶୀଭୁଷଣ ମାଝି, କ୍ଷୀରସିନ୍ଧୁ ମେହେର, ରଷଭ ମେହେର, ତରୁଣ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପଲିଥିନମୁକ୍ତ ଅଭିଯାନ ଉପରେ ସଚେତନତା ସୃଷ୍ଟି କରିବା, ନୂତନ ମୋଟର ଆଇନ ଉପରେ କାର୍ଯ୍ୟ କରିବା ସହିତ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଫୋରମ ଗଠନ କରି ସେମାନଙ୍କ ଭଲମନ୍ଦ ବୁଝିବା ପାଇଁ ଆଲୋଚନା କରାଯାଇଥିଲା।

### ବ୍ଲକସ୍ତରୀୟ ଆଥଲେଟିକ ମିଟ୍

**ଖଡିଆଲ,୧।୧୧(ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଲ ରାଜା ଏଟି ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ ଆଥେଲେଟିକ ମିଟ ୨୦୧୯-୨୦ ଆରମ୍ଭ ହୋଇଯାଇଛି। ଖଡିଆଳ ବ୍ଲକରେ ସମସ୍ତ ପ୍ରାଇମେରୀ ଓ ହାଇସ୍କୁଲସ୍ତରରୁ ୧୪ ବର୍ଷରୁ କମ ବୟସ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ପ୍ରତିଯୋଗିତାକୁ ମୁଖ୍ୟଅତିଥି ଖଡିଆଳ ଏବିଇଓ ପ୍ରମୋଦ ପତି ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ ଯୋଗଦେଇଥିଲେ। କ୍ରୀଡା ନିରୀକ୍ଷକ ମହେଶ ଦଣ୍ଡସେନା ଓ ଏବିଇଓ ବେଲଧର ନାଗ ଯୋଗଦାନ କରିଥିଲେ। ୧୦୦, ୨୦୦, ୪୦୦ ମିଟର ଦୌଡ ପ୍ରତିଯୋଗିତା ହୋଇଥିବା ବେଳେ ଲଙ୍ଗଜମ୍, ହାଇଜମ୍, ଟ୍ରିପଲ ଜମ୍ପ। ଜୁନିୟର ଓ ସିନିୟରସ୍ତର କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ପାଇଥିବା ବିଜେତା ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗୀତାରେ ଭାଗ ନେବେ। ଏଥିରେ ପିଇଟି ଶିକ୍ଷକ ପ୍ରଶାନ୍ତ ପ୍ରଧାନୀ, ଧନଞ୍ଜୟ ଦଣ୍ଡସେନା, ମନ୍ମଥ ମେହେର, ଦମୟନ୍ତୀ ପଟେଲ, କୁନ୍ତଳିନି ସାହୁ, ନୃସିଂହ ଦାଶ, ଲବ ଶତପଥି, ସୌଭାଗ୍ୟ ସିଂ, ସୁଜିତ ପାତ୍ର, ସୌରଭ ପଣ୍ଡା, ଧନଞ୍ଜୟ ବୌଠାରୁ ପ୍ରମୁଖ ସହଯୋଗ କରିଥିବା ବେଳେ ରାଜକପୁର ବାରିକ ମଞ୍ଚ ପରିଚାଳନା କରିଥିଲେ।

### ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ

ଜୁନାଗଡ,୧।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ସହର ପ୍ରିୟଦର୍ଶିନୀ ମହାବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ମହାବିଦ୍ୟାଳୟ ଅଧକ୍ଷ ବିଭୁତି ଭୂଷଣ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଲାଇ, ତାଲିମ ଶିବିର ନିର୍ଦ୍ଦେଶକ ପ୍ରିୟବ୍ରତ ବାଣୁଆ, ଜିଲା ଆବହିକା ଡଃ ପଲ୍ଲିଶ୍ରୀ ପଟ୍ଟନାୟକ, ଜିଲା ସଂଯୋଜକ ସାନ୍ତନୁ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପିଆଇ ମହାବିଦ୍ୟାଳୟ ଇଂଲିଶ ଅଧାପକ ପଦ୍ମମୁଖ ଚଳାନ ପରିଚାଳନା କରିଥିଲେ। ଯୁବ ରେଡକ୍ରସର ତାଲମ ଶିବିର ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲାର ଅନେକ ମହାବିଦ୍ୟାଳୟ ୨ ଶହରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ କାଉନସିଲରମାନେ ଯୋଗଦେବେ। ସେହିପରି ଏହି ତାଲିମ ଶିବିରରେ ରକ୍ତଦାନ ଶିବିର ସମେତ ପ୍ରବନ୍ଧ, ତର୍କବିତର୍କ ଆଦି ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ସନ୍ଧ୍ୟା ୬ରୁ ୯ଟା ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଷାଣ୍ମାସିକ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଯୋଗାଣରେ ଅବ୍ୟବସ୍ଥା

# ଶିକ୍ଷୟିତ୍ରୀ ଶିକ୍ଷକ ନାକେଦମ

**ବୌଦ୍ଧ,୧।୧୧(ସ୍ୱ.ପ୍ର)**

ସରକାର ଶିକ୍ଷା ବିଭାଗରେ ସୁଧାର ଆଣିବାକୁ ବିଭିନ୍ନ ନିୟମ ପ୍ରଣୟନ କରୁଥିବା ବେଳେ ବର୍ତ୍ତମାନ ରାଜ୍ୟରେ ଏକ ସାଙ୍ଗରେ ଷାଣ୍ମାସିକ ପରୀକ୍ଷା ହେବା ନେଇ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଏବଂ ଆସନ୍ତା ୬ ତାରିଖରେ ଶେଷ ହେବ । କିନ୍ତୁ ପ୍ରଶ୍ନପତ୍ର ଯୋଗାଇବାରେ ବିଫଳତା ଯୋଗୁ ପରୀକ୍ଷା କରାଇବାରେ ଶିକ୍ଷୟିତ୍ରୀ ଶିକ୍ଷକ ନାକେଦମ ହୋଇଛନ୍ତି ।

ସୂଚନା ମୁତାବକ, ବୌଦ୍ଧ ଜିଲାରେ ୮୫୦ରୁ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟରେ ୫୯,୪୭୯ ଜଣ ଛାତ୍ରୀଛାତ୍ର ଷାଣ୍ମାସିକ ପରୀକ୍ଷା ଦେଉଛନ୍ତି । ବିଦ୍ୟାଳୟଗୁଡ଼ିକୁ ପରୀକ୍ଷା ପାଇଁ ଯୋଗାଇ ଦିଆଯାଇଥିବା ପ୍ରଶ୍ନପତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ଶିକ୍ଷକମାନେ ପ୍ରତିକ୍ରିୟାରେ ପ୍ରକାଶ କରଛନ୍ତି । କେଉଁଠି ଛାତ୍ରୀଛାତ୍ରଙ୍କ ସଂଖ୍ୟା ତୁଳନାରେ ପ୍ରଶ୍ନପତ୍ର କମ୍ ପଠାଯାଇଛି ତ ଆଉ କେଉଁଠି କିଛି ବିଷୟର ପ୍ରଶ୍ନପତ୍ର ପହଞ୍ଚି ନ ଥିବା ଜଣାପଡିଛି। କିଛି ବିଦ୍ୟାଳୟରେ ଶିକ୍ଷକମାନେ ପ୍ରଶ୍ନପତ୍ର ପ୍ୟାକେଟ ଖୋଲିବା ପରେ ଉପରେ ଲେଖାଯାଇଥିବା ବିଷୟର ପ୍ରଶ୍ନପତ୍ର ବାହାରୁ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି । ତେବେ ପରୀକ୍ଷା ସମୟ ଆରମ୍ଭ ହୋଇସାରିଥିଲେ ମଧ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ପଡୋଶୀ ବିଦ୍ୟାଳୟରୁ ପ୍ରଶ୍ନପତ୍ର ସଂଗ୍ରହ କରିଥିଲେ। କେଉଁ ସ୍କୁଲରେ ବ୍ଲାକ ବୋର୍ଡରେ ପ୍ରଶ୍ନ ଲେଖି ପରୀକ୍ଷା ହୋଇଥିଲା ତ ଆଉ କେଉଁଠି ଜେରକ୍ସ କରିଥିବା ଜଣାପଡିଛି। ଫଳରେ ଜିଲାର ଅନେକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ପରୀକ୍ଷା ପରିଚାଳନା କରାଇବା ପାଇଁ ନାକେଦମ ହେବାକୁ ପଡିଛି । କିନ୍ତୁ ଗଣମାଧ୍ୟମକୁ ସୂଚନା ଦେବାକୁ ସରକାରୀ କଟକଣା ଯୋଗୁ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଖୋଲା ଖୋଲି ଏ ସମ୍ପର୍କରେ କହିବାକୁ ମନା କରିଦେଇଛନ୍ତି। ପ୍ରତ୍ୟେକ ଜିଲାରୁ କ୍ଷମତାପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନେ ରାଜ୍ୟ ଗଣଶିକ୍ଷା ବିଭାଗକୁ ଯାଇ ନିଜ ଜିଲା ପାଇଁ ଆବଶ୍ୟକୀୟ ପ୍ରଶ୍ନପତ୍ର ଗ୍ରହଣ କରିଥିଲେ । ଯେଉଁ ଜିଲା ସବୁ ବିଳମ୍ବରେ ପହଞ୍ଚିଛନ୍ତି ସେମାନଙ୍କୁ ଠିକ୍ ଭାବେ ପ୍ରଶ୍ନପତ୍ର ମିଳିପାରି ନ ଥିବା ଜଣେ ଶିକ୍ଷା ବିଭାଗର ଅଧିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ତେବେ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଏବେ ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା ନେଇ ଶିକ୍ଷୟିତ୍ରୀ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।



ଅମରପାଲି- ଗୁଦୁଗୁଦା ରାସ୍ତା ମଝିରେ ଥିବା ପୋଲ ଭାଙ୍ଗି ଯାଇଛି ।

# ଭାଙ୍ଗି ଯାଇଛି ପୋଲ, ଯାତାୟାତ ବାଧାପ୍ରାପ୍ତ

**ଅମରପାଲି, ୧।୧୧(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଗୁଦଗୁଦାକୁ ଯାଇଥିବା ରାସ୍ତାର ଏକ ନାଳ ଉପରେ ହୋଇଥିବା ପୋଲ ଭାଙ୍ଗିଯାଇଛି । ଫଳରେ ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ଅମରପାଲି ଦେଇ ଯାଇଥିବା ପିଡବ୍ଲୁଡି ରାସ୍ତାରୁ ଗୁଦଗୁଦାକୁ ସଂଯୋଗ ହୋଇଥିବା ଏହି ରାସ୍ତା ଉପରେ ଗ୍ରାମବାସୀ ନିର୍ଭର କରନ୍ତି । ଉକ୍ତ ରାସ୍ତା ପ୍ରାୟ ଅଢ଼େଇ କି.ମି. ହେବ । ରାସ୍ତାରେ ଦୀର୍ଘ ଦିନ ହେଲା ମାଟି କିମ୍ବା ମୋରମ ବିଛା ଯାଇନାହିଁ । ଏନେଇ ଗ୍ରାମବାସୀ ବରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିପାରୁ ନାହିଁ। ରାସ୍ତା ମଝିରେ ନାଳ ଉପରେ ଏକ ପୋଲ ନିର୍ମାଣ କରାଯାଇଥିଲା। ହେଲେ ନିମ୍ନମାନର କାମ ଯୋଗୁ ଗତ ବର୍ଷାରେ ପୋଲର ଉଭୟ ପାର୍ଶ୍ୱରୁ ମାଟି ଧୋଇ ଯାଇ ପୋଲଟି ଭାଙ୍ଗି ଯାଇଛି । ଯେ କୌଣସି ସମୟରେ ଏହା ସମ୍ପୂର୍ଣ୍ଣ ଭୁଷୁଡି ଯିବା ସମ୍ଭାବନା ରହିଛି । ଏବେ ଉକ୍ତ ପୋଲ ଦେଇ ଚାରିଚକିଆ ଗାଡି ଯାଇପାରୁ ନାହିଁ । ରୋଗୀ କିମ୍ବା ଗର୍ଭବତୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଆମ୍ବୁଲାନ୍ସ ମଧ ଆସି ପାରୁନାହିଁ । ଏପରି କି ରାସ୍ତାରେ ଅନେକ ସ୍ଥାନରେ ଗାତ ସୃଷ୍ଟି ହୋଇଛି । ଉକ୍ତ ରାସ୍ତା ଦେଇ ଗୁଦଗୁଦା ସମେତ ରେଢ଼ାଖୋଲ ବ୍ଲକର କୁଆଖୋଲ, ଭାଲୁଟୁଆ, କର୍ଡାପାଲ, ବାଦଣଟୈଲା, ଗୋହିରାଦାଦର, ଗରଗଡବାହାଲ ଆଦି ଗ୍ରାମର ଲୋକେ ଯିବାଆସିବା କରିବା ସହିତ ଛାତ୍ରୀଛାତ୍ର ଅମରପାଲି ସ୍କୁଲକୁ ପ୍ରତ୍ୟେହ ଆସିଥାନ୍ତି। ବିପଦପୂର୍ଣ୍ଣ ଭାବେ ଲୋକେ ଓ ଛାତ୍ରୀଛାତ୍ର ଯିବା ଆସିବା କରୁଥିବାରୁ କୌଣସି ଅଘଟଣା ଘଟିବା ସମ୍ଭାବନା ରହିଛି । ରାସ୍ତା ମରାମତି କରିବା ସହିତ ନୂତନ ପୋଲ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

# ସମଲେଶ୍ୱରୀ ମନ୍ଦିରରୁ ଆସିଲା ପୂଜାଭାର

**ବରଗଡ଼ ଅଫିସ୍,୧।୧୧**

ବରଗଡ଼ ଗୋବିନ୍ଦପାଲିର ମାଁ ଧନଲକ୍ଷ୍ମୀ ପୂଜାର ରୌପ୍ୟ ଜୟନ୍ତୀ ମହୋତ୍ସବ ଉତ୍ସାହ, ଉଦ୍ଦୀପନା ସହିତ ଚାଲିଛି । ମହୋତ୍ସବର ସପ୍ତମ ଦିବସରେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ମନ୍ଦିରରୁ ପୂଜା ଭାର ନେଇ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ମାଁ ଧନଲକ୍ଷ୍ମୀଙ୍କ ପୂଜା ମଣ୍ଡପରେ ପହଞ୍ଚିଥିଲେ । ପଣ୍ଡିତ ରୂପେଶ୍ୱର ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟାରେ ଆଧ୍ୟାତ୍ମିକ ପ୍ରବଚନ, ରାତ୍ରି ୮ଟାରେ ସନ୍ଧ୍ୟା ଆଳତୀ ଏବଂ ରାତ୍ରି ୯ଟାରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା ।



ପୂଜାଭାରକୁ ମାଁ ଧନଲକ୍ଷ୍ମୀ ମଣ୍ଡପରେ ସ୍ୱାଗତ କରାଯାଉଛି ।

# ହଜିଯାଉଛେ ପାରମ୍ପରିକ ମାଛମରା ସାଜୋସାମାନ

**ଜାମଟିକ୍ରା, ୧।୧୧(ଡି.ଏନ୍.ଏ.)**



ଝନେ ଲୋକ୍ ମାଛମରା ଧଏଁର ବିକୁଛନ୍ ।

ସମିଆ ବଦିଲବାର ସଂଗେ ସବୁ ଜିନିଷର ଦରଦାମ୍ ବଢୁଛେ। ସେନ୍ତା ବଜାରରେ ମିଲୁଥିବା ଶାଗ୍, ମାଛ୍, ପନିପରିବାରେ ବି ଆଗର ଗୁନ୍‌ଧରମ ନାଁଇଁନ। ଯେନ୍‌ଥିରଲାଗି ଲୋକ୍ ଅସମିଆରେ ନାନା ରୋଗ୍‌ର ଶିକାର ହେଉଛନ୍। ଏନ୍ତାଥି ଗାଁଗଁଲିରୁ ସହର ତକ୍ ଲୋକ୍ ପୂରବେ ସୁବିଧାରେ ମିଲୁଥିବାର ଶାଗ୍, ମୁରହି, ମାଛକେ ଝୁରି ହେଉଛନ୍। ଦିନ୍‌ଥିଲା ଖେତ୍‌ଖଲା, ନାଲ୍‌ନଲିଆରେ ଝାଇଁ, ବଏଁରି, ଜରଡା, ଟୁରୋ, ଖପ୍‌ସି, କୁତରି, ମାଗୁର, ସିଂହି, ଲେଖେଁ ଭିନେ ଭିନେ ପରଜାତିର ମାଛ୍ ବହୁତ୍ ମିଲୁଥିଲେ। ସେନ୍ତା ରୁଆବିହିଡ଼ା ବେଲେ ଖେତ୍‌ମାନକେ ଖିର କଁକ୍‌ରା ସଲ୍‌ବଲେଇ ଯାଉଥିଲେ। ହେଲେ ଆଏଜ୍‌କାଲି ଚାଷ୍‌ବାସଥି ପୋକ୍‌ମରା ଉଷୋର ବଡ଼ଭାରି ବେଭାର ଲାଗି ମାଛ୍, କଁକ୍‌ରା ଲେଖେଁ ଜଲ୍‌ଚର ଜୀବ୍‌ଜଁତୁକର ଭେଲି ମେଟିଗଲାନ। ସେନ୍ତା ଆଗ୍‌ରୁ ଲୋକ୍ ଖେତ୍‌ଖଲା, ନାଲ୍‌ନଲିଆ, ନଦୀରୁ ମାଛ୍ ମାରବାର ଲାଗି ଧଏଁର, ଥପି, କୁମୁନା, ଜାଲ, ଉଁଜର ବେଭାର କରୁଥିଲେ। ଖେତ୍‌ଖଲା, ନାଲ୍‌ନଲିଆରୁ ମିଲୁଥିବାର ଛୋଟ୍ ଛୋଟ୍ ମାଛର ସୁଆଦ୍ ବି ଥିଲା ଭିନେ ପରକାର। ହେଲେ ପୋକ୍‌ମରା ଉଷୋକଷାର ବେଭାରରେ ଅନେକ ପରଜାତିର ମାଛ ଭେଲି ମେଟିଗଲାନ। ଏନ୍ତାଥି ମାଛ୍ ମାରି କୁଟୁମ ପୁଷୁଥିବାର ପରିବାର ଆର ମାଛଧରା ସାଜୋସାମାନ ତିଆରି କରୁଥିବାର ପରିବାରମାନେ ନିଜର ଜୀବ୍‌କା ହରାଲେନ। ଏନ୍ତା ପରିସ୍ଥିତିରେ ଦେଶ୍ ଆର ରାଏଜେ ଅନେକ ସଂଗଠନ ଚାଷୀକୁ ଜଇବିକ୍ ଚାଷ୍ କରବାର ଲାଗି ସଚେତନ୍ କରୁଛନ୍। ରାଏଜ୍ ସରକାର ଇ ଦିଗେ ଦୃଷ୍ଟି ଦେଇ କ୍ଷତିକାରକ୍ ପୋକ୍‌ମରା ଉଷୋକଷା ବଁନ୍ଦ୍ କରବାର ସଂଗେ ଚାଷୀକୁ ଜଇବିକ୍ ଚାଷ୍ ଲାଗି ପୋରଛାହିତ୍ କରବାକେ ବୁଧିଜୀବୀ ମହଲରେ ଦାବି ହେଉଛେ। ଏନ୍ତାଥି ଆମର ପରିବେଶ, ସମାଜ ନିରୁଜ୍ ରହିପାରବା ବଲି ସେମାନେ କହିଛନ୍।

# ଆଇଇଏସ୍ ପରୀକ୍ଷାରେ ସଫଳ ହେଲେ ସ୍ୱାସ୍ତିକ୍

## ୧୪ ନମ୍ବର ସ୍ଥାନରେ ଅଛନ୍ତି

**ସୋନପୁର,୧।୧୧(ନି.ପ୍ର.)**

ସର୍ବ ଭାରତୀୟ ପରୀକ୍ଷାରେ ସଫଳ ହୋଇଛନ୍ତି ସୁବର୍ଣ୍ଣପୁରର ସ୍ୱାସ୍ତିକ୍ ସାମନ୍ତରାୟ । ନିକଟରେ ଇଣ୍ଡିଆନ ଇଞ୍ଜିନିୟରିଂ ସର୍ଭିସ(ଆଇଇଏସ୍) ପରୀକ୍ଷାରେ ମୋଟ ୧୩୦୦ ନମ୍ବରରୁ ୭୩୬ ରଖି ସେ ୧୪ ନମ୍ବର ସ୍ଥାନରେ ଅଛନ୍ତି । ତାଙ୍କୁ ଏହି ସଫଳତା ମିଳିଥିବାରୁ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏମ୍‌ଟେକ୍ ପରେ ସେ ଛତିଶଗଡସ୍ଥିତ କୋର୍ବାର ଏନ୍‌ଟିପିସରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ଭବିଷ୍ୟତରେ ସିଭିଲ ସର୍ଭିସ ପରୀକ୍ଷାରେ ସଫଳତା ପାଇଁ ସେ ଚେଷ୍ଟା କରିବେ । ନିଷ୍ଠା, ଗୁରୁଜନଙ୍କ ଆଶିର୍ବାଦ ଯୋଗୁ ସେ ଏହି ସଫଳତା ପାଇଥିବା ପ୍ରତିକ୍ରିୟାରେ କହିଛନ୍ତି। ତାଙ୍କ ବାପା ସୁଶାନ୍ତ ସାମନ୍ତରାୟ ସୁବର୍ଣ୍ଣପୁର ଜିଲା ବନଖଣ୍ଡ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ସେହିପରି ମା ଜସ୍ମିନ୍ ଜଣେ ସୁଗୃହିଣୀ ।



ସ୍ୱାସ୍ତିକ ସାମନ୍ତରାୟ ।

# ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ ଦିବସ

**ଡୁଙ୍ଗୁରିପାଲି,୧।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ ଦିବସ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. ସୁବାସ ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ଶିଶୁ ମନ୍ଦିର ବିଭାଗ ନିରୀକ୍ଷକ ଗୁପ୍ତେଶ୍ୱର ଥନାପତି ଉପସ୍ଥିତ ଥିଲେ। ଶିବିରରେ ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅଧୀନରେ ଥିବା ରାମପୁର, ଗଜବନ୍ଧ, ଇଚ୍ଛାପୁର, ଶୁଖା, ପଣ୍ଡକିଟାଲ, ବାଗଡିଆ, ଭାଟବାହାଲି ସମେତ ୮ଟି ଶିଶୁ ମନ୍ଦିରର ୧୬୪ ଜଣ ଗୁରୁମା, ଗୁରୁଜୀ ପ୍ରଶିକ୍ଷଣରେ ଭାଗ ନେଇଥିଲେ। ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ମୋଟ୍ ୬ଟି କାଳାଂଶ ହୋଇଥିଲା। ପ୍ରଶିକ୍ଷଣର ଚର୍ଚ୍ଚା କାଳାଂଶରେ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ବଡେଇ ବିଦ୍ୟାଳୟର ସଂସ୍କାରକ୍ଷମ ବାତାବରଣ ଉପରେ ବୁଝାଇଥିଲେ। ରସାନନ୍ଦ ପୁଟେଲ, ଅଶ୍ୱିନୀ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯୁବରାଜ କୁଦେଇ ଧନ୍ୟବାଦ ଅର୍ପଣ କରିଥିଲେ।



ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ ଦିବସରେ ଉପସ୍ଥିତ ଗୁରୁମା, ଗୁରୁଜୀମାନେ।




## ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

No.DSPL-138 :- ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। କୃଷିଜୀବିଙ୍କ ଆୟବୃଦ୍ଧି ଓ ଜୀବିକାନିର୍ବାହରେ ଗୋ-ପାଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମ ଖାଦ୍ୟ, ଉପଯୁକ୍ତ ଲାଳନପାଳନ, ଉଚିତ ସମୟରେ ପ୍ରଜନନ ଓ ରୋଗ ନିରାକରଣର ବ୍ୟବସ୍ଥା କଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇପାରିବ ଏବଂ କୃଷକମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଘଟିବ। ଆମ ରାଜ୍ୟରେ ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଅକ୍ଟୋବର ୨୯ତାରିଖଠାରୁ ନଭେମ୍ବର ୪ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହା ଗିରିଗୋବର୍ଦ୍ଧନ ପୂଜାଠାରୁ ଗୋପାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପି ପାଳିତ ହେବ। ଏହି ଅବସରରେ ପ୍ରତି ଜିଲ୍ଲାରେ ଗୋ-ଚିକିତ୍ସା ଶିବିର, ଗୋ-ବତ୍ସା ପ୍ରଦର୍ଶନୀ, ଗୋ-ସମ୍ବର୍ଦ୍ଧନା ସମାବେଶ, କୃଷକ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବା ସାଙ୍ଗକୁ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଜଗତ୍‌ସିଂହପୁରଠାରେ ନଭେମ୍ବର ୪ ତାରିଖରେ ଆୟୋଜିତ ହେବ। ଏ ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସରକାରୀ ସୁବିଧାସୁଯୋଗର ସୁବିନିଯୋଗ କରିବାକୁ ରାଜ୍ୟର ସମସ୍ତ ଗୋ-ପାଳକ ଭାଇଭଉଣୀମାନଙ୍କୁ ଅନୁରୋଧ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରି ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ସ୍ୱା./- ଡ଼. ଅରୁଣ କୁମାର ସାହୁ
ମନ୍ତ୍ରୀ
କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ
ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା, ଓଡ଼ିଶା

06014/13/0009/1920



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



# ଜୟ କିଷାନ ଆନ୍ଦୋଳନର ସାଇକେଲ ଯାତ୍ରା

ବରଗଡ଼ ଅଫିସ୍,୧।୧୧

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା ଗ୍ରାମରେ ଆସନ୍ତା ୬ ତାରିଖରେ ଜୟ କିଶାନ ଆନ୍ଦୋଳନର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଚାଷୀମାନଙ୍କ ମଧ୍ୟରେ ଆଞ୍ଚଳିକ, ସାମାଜିକ, ରାଜନୈତିକ ଚେତନା ସୃଷ୍ଟି କରିବା ତଥା ବିଭିନ୍ନ ଚାଷୀ ସମସ୍ୟା ଉପରେ ହେବାକୁ ଥିବା ଏହି ସମ୍ମିଳନୀରେ ବହୁସଂଖ୍ୟକ ଚାଷୀ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉକ୍ତ କାର୍ଯ୍ୟକ୍ରମ ଉପରେ ସଚେତନତା ସୃଷ୍ଟି ତଥା ଏହାକୁ ସଫଳ କରିବା ଉଦ୍ଦେଶ୍ୟ ନେଇ ଜୟ କିଶାନ ଆନ୍ଦୋଳନର ପ୍ରତିନିଧିମାନେ ଶୁକ୍ରବାର ବିଭିନ୍ନ ଅଞ୍ଚଳକୁ ସାଇକେଲ ଯାତ୍ରା କରିଥିଲେ । ସରକଣ୍ଡା ଗ୍ରାମରୁ ସାଇକେଲ ଯାତ୍ରା ବାହାରି ଥିବାବେଳେ ଜାମଛପର, କରଣ୍ଡୋଲା, ଜାମପାଲି, ପିପଲଖୁଣ୍ଟା, କନଗାଁ, ଡୁମ୍ବେରପାଲି, ଶ୍ରୀଗିଡ଼ା, ଜଟଲା, ବାଇପାଲି, ସାମକଟା ଆଦି ଅଞ୍ଚଳ ପରିକ୍ରମା କରିଥିଲା । ହର ବଣିଆ, ବିଶ୍ୱ ସା, ସୁଶିଲ ସାହୁ, ସୁରେନ୍ଦ୍ର ମେହେର, ପଙ୍କଜ ବାରିକ, ଲକ୍ଷ୍ମଣ ପ୍ରଧାନ, ସଦାନନ୍ଦ ବୁଧିଆ, ଶ୍ୟାମ ରଣା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ଜୟ କିଷାନ ଆନ୍ଦୋଳନର ପ୍ରତିନିଧିମାନେ ସାଇକେଲ ଯାତ୍ରା କରୁଛନ୍ତି ।

## ସଂକ୍ଷେପରେ

### ସତସଙ୍ଗ, ପ୍ରବଚନ ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍,୧।୧୧

ବରଗଡ଼ ଜିଲା ପ୍ରଧାନପାଲି ଗ୍ରାମରେ ସତସଙ୍ଗ ସଭା, ପ୍ରବଚନ ସକାଶେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂଜକ ମନବୋଧ ପାଣ୍ଡିଆ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଆସନ୍ତା ୭ ତାରିଖରୁ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୧ତାରିଖ ପଯର୍ୟନ୍ତ ଚାଲିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ୭ତାରିଖରେ ଗୋପେଇପାଲିର ଆଦିତ୍ୟ କର, ୮ରେ ମାନପୁରର ବ୍ରହ୍ମଚାରୀ ବିନୋଦ ବାବା, ୯ରେ ଲେଣ୍ଡାର ମକରଧ୍ୱଜ ପ୍ରଧାନ, ୧୦ରେ ଜାମପାଲିର ବ୍ରହ୍ମଚାରୀ ଗୌର ଗୋବିନ୍ଦ ଦାଶ ଏବଂ ୧୧ତାରିଖରେ ରେମଣ୍ଡାର ଧ୍ରୁବ ପୁରୋହିତ ଓ ମନାପଡ଼ାର ସୁନ୍ଦରମଣି ପ୍ରଧାନ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଜୟଚନ୍ଦ୍ର ପ୍ରଧାନ, ଶୈଳ ସାହୁ, ନବୀନ ଗଡ଼ତିଆ, କୌଶିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### କାଳୀପୂଜା ଭସାଣି ଉତ୍ସବ ସମ୍ପନ୍ନ

ବୌଦ୍ଧ,୧।୧୧(ସ୍ୱ.ପ୍ର)

ବୌଦ୍ଧ ସହରର ଶିବାନୀ ବଜାର ପକ୍ଷରୁ କାଳୀପୂଜା ଧୁମଧାମରେ ପାଳିତ ହୋଇଆସୁଥିଲା । ଏଥିପାଇଁ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକମାଳାରେ ସହର ଝଲସି ପଡୁଥିଲା । ପୂଜା ମଣ୍ଡପରେ ପ୍ରତିଦିନ ଭକ୍ତମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା । ସାତ ଦିନ ପରେ ଶୁକ୍ରବାର ମା'ଙ୍କ ଭସାଣି ଉତ୍ସବ ହୋଇଥିଲା । ମା'ଙ୍କୁ ଏକ ଖୋଲା ଗାଡିରେ ବସାଇ ଏକ ଶୋଭାଯାତ୍ରାରେ ନେଇ ମହାନଦୀରେ ବିସର୍ଜନ କରାଯାଇଥିଲା । ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଥିଲା ।



### ପଞ୍ଚାୟତ କଲେଜରେ ଏକତା ଦିବସ

ବୌଦ୍ଧ,୧।୧୧(ସ୍ୱ.ପ୍ର)

ବୌଦ୍ଧ ପଞ୍ଚାୟତ କଲେଜରେ ଜାତୀୟ ଏକତା ଦିବସ ପାଳିତ ହୋଇଛି । କଲେଜ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତିଚାରଣ କରିଥିଲେ । ରାଷ୍ଟ୍ର ହିତ ପାଇଁ ସମସ୍ତେ ଏକ ହୋଇ ଶାନ୍ତିପୂର୍ଣ୍ଣ ବାତାବରଣ ତିଆରି କରିବାର ଶପଥ ନେଇଥିଲେ । ପ୍ରାଧ୍ୟାପକ ଡଃ. ମହେନ୍ଦ୍ର ନାଥ ଦେବତା ଓ ଅଧ୍ୟାପକ ପ୍ରବୀର କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶିଶୁ ମନ୍ଦିରରେ ପିତୃ ସମ୍ମିଳନୀ

ମନମୁଣ୍ଡା, ୧।୧୧ (ଡି.ଏନ.ଏ)

ବିଳାସପୁର ସରସ୍ୱତୀ ଶିଶୁ ମନ୍ଦିରରେ ୨୦୧୯-୨୦ ଶିକ୍ଷାବର୍ଷର ପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ସୁଦାମ ଚରଣ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଦୟାନିଧି କରଣ ମୁଖ୍ୟଅତିଥି, କମିଟି ସମ୍ପାଦକ ହିତେନ୍ଦ୍ର ଭୂଷଣ ମେଣ୍ଡିଲି, ଉପସଭାପତି ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ସୁରେନ୍ଦ୍ର ରଣା, ନିମନ୍ତ୍ରିତ ସଦସ୍ୟ ନୀଳାମ୍ବର ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଭିଭାବକ ପରାଧୀନ ନାଏକ, ଅନୀଲ ମିଶ୍ର, ପରାଶର ଖମାରୀ, ଗୌରମୋହନ ପ୍ରଧାନ, ଭାଗବତ ମହାକୁଡ, ଅଜିତ ମେହେର, ତାପସ ରଞ୍ଜନ କ୍ଷେତି, ଭୀମସେନ ମେହେର ପ୍ରମୁଖ ଚର୍ଚ୍ଚା କାଳାଂଶରେ ଅଂଶଗ୍ରହଣ କରିଥିଲେ । ସଭା ପୂର୍ବରୁ ଗୁରୁଜୀ ସନତ କଲାତ, ଗୁରୁମା ପଦ୍ମିନୀ ପଣ୍ଡା, ଗୁରୁମା ଭାଗ୍ୟଶ୍ରୀ ହାତୀଙ୍କ ଦ୍ୱାରା ବୈଦିକ ଗଣିତ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରଧାନ ଗୁରୁଜୀ ମିତ୍ରଭାନୁ ନନ୍ଦଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସୁନ୍ଦରୀକୁ ବର ମିଳେନି**
**ଅତି ଘରଣୀକୁ ଘର ମିଳେନି ।**

ନିଜକୁ ସବୁଠୁ ସୁନ୍ଦରୀ ବୋଲି ମନେକରୁଥିବା କନ୍ୟା ଓ ଅତିବଡ଼ ଘରର ବା ଧନୀ ଘରର କନ୍ୟା ସଦାସର୍ବଦା ନିଜ ରୂପ ତଥା କୁଳ, ଆଭିଜାତ୍ୟକୁ ନେଇ ଉଚ୍ଚ ଆଶାପୋଷଣ କରିବସିଥାନ୍ତି । ଏନେଇ ମନରେ ତାଙ୍କର ଅହେତୁକ ଗର୍ବଭାବନା ଆସିଯିବା ସ୍ୱାଭାବିକ ହୋଇଥାଏ । ଫଳରେ ଭଲ ବର ଓ ଘର ବାଛିବା ନେଇ ସର୍ବଦା ଦ୍ୱନ୍ଦ୍ୱରେ ପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି । ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଅଫୁଲା କାଇଁଶ ଫୁଲୁ କାହିଁକି**
**ଆଉ ଫୁଲିବାକୁ ଦିନ ନାହିଁକି ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ । କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡମ୍ବର ଦେଖେଇ ହୁଅନ୍ତି । ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ । ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ■ ଚାଷୀଙ୍କୁ ମିଳିନି ଇନପୁଟ୍ ସବସିଡ଼ି

# ତହସିଲଦାରଙ୍କୁ ଭେଟିଲେ ଚାଷୀ ପ୍ରତିନିଧି

ବରଗଡ଼ ଅଫିସ୍,୧।୧୧

ବରଗଡ଼ ଜିଲାରେ ଗତ ଏପ୍ରିଲ ମାସ ୧୯ତାରିଖରେ କୁଆପଥର ମାଡ଼ରେ ବ୍ୟାପକ ଫସଲକ୍ଷତି ହୋଇଥିଲା । ମାତ୍ର ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତା ବାବଦକୁ ଇନପୁଟ୍ ସବସିଡ଼ି ମିଳିପାରିନାହିଁ । ଏହାକୁ ନେଇ ଚାଷୀ ଅସନ୍ତୋଷ ଦେଖାଯାଇଛି । ଏହି କ୍ରମରେ ଶୁକ୍ରବାର ଅଡ଼ଗାଁ, ତୋରା ଆଦି ଅଞ୍ଚଳର ଚାଷୀମାନେ ତହସିଲଦାର ସବ୍ୟସାଚୀ ପଣ୍ଡାଙ୍କୁ ଭେଟିଥିଲେ ଏବଂ ସେ ନେଇ ପଚାରି ବୁଝିଥିଲେ । ଆଲୋଚନାବେଳେ ତହସିଲଦାର ପଣ୍ଡା ସେ ଦିଗରେ ବିହିତ ପଦକ୍ଷେପ ନିଆଯାଉଛି ଏବଂ ଯଥାଶୀଘ୍ର ତାହା ପ୍ରଦାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଚାଷୀ ପ୍ରତିନିଧିଙ୍କ ମଧ୍ୟରେ ଲକ୍ଷ୍ମଣ ନନ୍ଦ, ଲଳିତ ମୋହନ ସା, ବିଶ୍ୱନାଥ ସାହୁ, ଗଜରାଜ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।



ବରଗଡ଼ ତହସିଲଦାରଙ୍କ ସହିତ ଚାଷୀ ପ୍ରତିନିଧି ଆଲୋଚନା କରୁଛନ୍ତି ।

### ଦୁର୍ନୀତି ନିବାରଣ ପାଇଁ ଶପଥ ଉତ୍ସବ

ବୌଦ୍ଧ,୧।୧୧(ସ୍ୱ.ପ୍ର)

ବୌଦ୍ଧ ସମନ୍ୱିତ ଶିଶୁ ବିକାଶ ପକ୍ଷରୁ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ ଉତ୍ସବ ମୁର୍ଷୁଣ୍ଡି ଗ୍ରାମପଞ୍ଚାୟତରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଶିଶୁ ବିକାଶ ଅଧିକାରିଣୀ ମୀନତି ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବୌଦ୍ଧ ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର କ୍ରିଷ୍ଣା କୁମାରୀ ପ୍ରଧାନ ଯୋଗଦେଇ କହିଲେ, ବିଭିନ୍ନ ସ୍ତରରେ ଦୁର୍ନୀତିକୁ ରୋକାଯାଇପାରିବ । ଏହା ସମ୍ପୂର୍ଣ୍ଣ ମୂଳପୋଛ କିବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ରକ ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ । ଶିଶୁ ବିକାଶ ବିଭାଗର ସମସ୍ତ ସୁପରଭାଇଜର, ମିଶନ ଶକ୍ତିର କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ମହିଳାମାନେ ଯୋଗଦେଇ ଦୁର୍ନୀତିକୁ ହଟାଇବା ପାଇଁ ଶପଥ ନେଇଥିଲେ । ବ୍ଲକ ମିଶନ ଶକ୍ତି ସଂଯୋଜିକା ସୂର୍ଯ୍ୟମଣି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ରେ ହାସ୍ୟକବି ସମ୍ମିଳନୀ



ହାସ୍ୟକବି ସମ୍ମିଳନୀରେ ଉପସ୍ଥିତ କବୟିତ୍ରୀ, କବିବୃନ୍ଦ ।

ବରଗଡ଼ ଅଫିସ୍,୧।୧୧

ବରଗଡ଼ ସହରର ସୌଖୀନ ରଙ୍ଗମଞ୍ଚରେ ଗୁରୁବାର ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କବି ସମ୍ମିଳନୀରେ ମଞ୍ଜୁ ସାହୁ, ବିଭୁତି ଭୂଷଣ ଦୀପ, ଅଧିକାରୀ ସା, କିଶୋର ସାହୁ, ରୋହିତ ନାୟକ, ରଞ୍ଜିତ ପ୍ରଧାନ, ଭରତ ନାଏକ, ଜିତେନ୍ଦ୍ରୀୟ ପଟେଲ ପ୍ରମୁଖ କବୟିତ୍ରୀ, କବିମାନେ ଯୋଗ ଦେଇ ନିଜ ନିଜ ହାସ୍ୟ ରସାତ୍ମକ କବିତା ମାଧ୍ୟମରେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏହି ହାସ୍ୟକବି ସମ୍ମିଳନୀରେ ଇଂ ଦେବାନନ୍ଦ ବାବୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି କବୟିତ୍ରୀ ଓ କବିମାନଙ୍କୁ ଉତ୍ସାହିତ କରିଥିଲେ । ସୌଖୀନ କଳାକାର ସଂଘର ସଭାପତି ଅଶ୍ୱିନୀ କୁମାର ପଣ୍ଡା, ସମ୍ପାଦକ ପ୍ରଭାସ ମହଲା, ମନୋରଞ୍ଜନ ସାହୁ, ହରିହର ମିଶ୍ର, ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋଣା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର ।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ । ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155 9911786154

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି ।
Call Now:
9716592470
Brahma Sahi, Nayagarh

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

ଋଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
1980ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952 8929619951
SCO-106, Second Floor, Vishal Tower, Cannaught Place, Delhi.

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541 09499469559

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ
2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101 7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1980ରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲି: REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଅତାବିରା, ୧।୧୧ (ଡି.ଏନ.ଏ)
ଅତାବିରା ବ୍ଲକ ନଘାପାଲି ଓ ଲରମ୍ବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ପରିସରରେ ଗୁରୁବାର ଓ ଶୁକ୍ରବାର ଦୁର୍ନୀତି ନିବାରଣ ସପ୍ତାହ ଓ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏଥିରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ରାଜ କିଶୋର, ଯଦୁମଣି ପ୍ରଧାନ, ପାୱେଲ ହେରେଞ୍ଜ, ବୀରେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ଭୋଇ, ପ୍ରକାଶ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ରାଜନୈତିକ, ଅର୍ଥନୈତିକ, ସାମାଜିକ ସ୍ତରରେ ଜନସାଧାରଣ କିପରି ଦଲାଲଙ୍କ ଶିକାର ନ ହେବେ ସେ ବିଷୟରେ ଅଧିକାରୀମାନେ ଉପସ୍ଥିତ ହିତାଧିକାରୀମାନଙ୍କୁ ସଚେତନ କରିଥିଲେ । ଶାଖା ପରିଚାଳକଙ୍କ ସହ ସିଧାସଳଖ ଯୋଗାଯୋଗ ରଖି ସଞ୍ଚୟ ଖାତା, ଋଣ, ଚାଷୀଋଣ ବିଷୟରେ ସଚେତନ କରିଥିଲେ ।



### ଉଦେପୁର ଛକରେ ଦୁର୍ଘଟଣା

ଅତାବିରା, ୧।୧୧ (ଡି.ଏନ.ଏ)
ସୋନପୁର ପଟରୁ ଗୋଡଭଗା ଆଡକୁ ଦ୍ରୁତବେଗରେ ଆସୁଥିବା ଏକ କାର୍ (ନଂ. ଓଡି୦୯ଜେ/୫୫୫୦) ଭାରସାମ୍ୟ ହରାଇବାରୁ ଗୁରୁବାର ରାତିରେ ହୋଟେଲ କାନ୍ଥରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଗାଡିର ଆଗପଟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ଏହି ଦୁର୍ଘଟଣାରେ ୩ଜଣ ଗୁରୁତର ଆହତ ହୋଇଥିବା କୁହାଯାଉଛି । ତେବେ ଆହତମାନଙ୍କୁ କେଉଁଠି ଚିକିତ୍ସା କରାଯାଉଛି ସେ ନେଇ କୌଣସି ସୂଚନା ମିଳିନାହିଁ ବୋଲି ରୁଷୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତଙ୍କୁ ପଚରାଯିବାରୁ କହିଥିଲେ ।

### ପ୍ରାଧ୍ୟାପକଙ୍କୁ ସମ୍ବର୍ଦ୍ଧନା

ଅତାବିରା, ୧।୧୧ (ଡି.ଏନ.ଏ)
ଅତାବିରା ବ୍ଲକ ଲରମ୍ବା କଲେଜର ବରିଷ୍ଠ ପ୍ରାଧ୍ୟାପକ ଡ. ପୁଷ୍ପକୁମାର ମେହେରଙ୍କୁ ଗୁରୁବାର କଲେଜ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୧୯୮୫ ମସିହାରୁ ନିରବଚ୍ଛିନ୍ନ ଭାବେ ଅଦ୍ୟାବଧି କାର୍ଯ୍ୟ ତୁଲାଇ ଆସୁଥିଲେ। ଜାତୀୟ ସେବା ଯୋଜନାରେ ତାଙ୍କୁ ରାଜ୍ୟ ପୁରସ୍କାର ମିଳିଛି। ଏହି ଅବସରରେ କଲେଜ ଅଧକ୍ଷ ଡ. ନରେନ୍ଦ୍ର କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଡ. ଅଜିତ କୁମାର ନାଥ, ପବିତ୍ର ମାହାଣା ସମେତ ଅଧାପିକା, ଅଧାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଶେଷରେ ଅଧାପିକା ସଂଘମିତ୍ରା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ସୋହେଲା,୧।୧୧(ଡି.ଏନ.ଏ)
ପଶ୍ଚିମ ଓଡିଶା ସ୍ୱାଧିନତା ସ୍ମୃତି ସମିତି ତରଫରୁ ଗୁରୁବାର ସ୍ଥାନୀୟ ସଂସ୍କୃତି ଭବନରେ ସମିତି ସଭାପତି ପ୍ରକାଶ ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଏକତା ଦିବସ ଓ ଜାତୀୟ ସଂହତି ଦିବସ ପାଳିତ ହୋଇ ଯାଇଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ରୀୟ ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ବଲପୁର ବିକାଶ କଲେଜର ଓଡିଆ ବିଭାଗ ଅଧ୍ୟାପକ ବିପିନ ମହାନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ଗାନ୍ଧୀ ଆଲୋଚନାଚକ୍ରରେ ଡା, ଶିଶିର କୁମାର ସାହୁ, ଦେଶବନ୍ଧୁ ପ୍ରଧାନ, ମୁକ୍ତେଶ୍ୱର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସ୍ୱାଧୀନତା ସ୍ମୃତି ସମିତିର ସମ୍ପାଦକ ଅଧ୍ୟାପକ ଟେକଚାନ୍ଦ ଦୁଆନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗ୍ରାମୀ ପୀଠ ପାଣିମୋରା ଗ୍ରାମର ଗାନ୍ଧୀ ପ୍ରାର୍ଥନା ମଣ୍ଡଳୀ, ସର୍ବୋଦୟ ସମାଜ ତଥା ସୋହେଲା ନାଗରିକ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।



ଝାରବନ୍ଧ ବ୍ଲକ ଡଭା ପ୍ୟାକ୍ସରେ ଦୁର୍ନୀତିର ତଦନ୍ତ ଦାବିରେ ଜିଲାପାଳଙ୍କ ଅଫିସ ଆଗରେ ଚାଷୀମାନେ ଅନଶନରେ ବସିଛନ୍ତି ।

# ଅନଶନରେ ବସିଲେ ଚାଷୀ

**ଝାରବନ୍ଧ ବ୍ଲକ**
- ପ୍ୟାକ୍ସ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି
- ଅନଶନରେ ୫ମହିଳାଙ୍କ ସମେତ ୨୧ ସାମିଲ
- ନୂତନ ସମ୍ପାଦକ ନିଯୁକ୍ତି ଦାବିକଲେ ଚାଷୀ
- ସରପଞ୍ଚ, ନାଏବ ସରପଞ୍ଚ ମଧ ସମର୍ଥନ ଜଣାଇଲେ

ବରଗଡ଼ ଅଫିସ୍,୧।୧୧

ବରଗଡ଼ ଜିଲାରେ ଧାନ କିଣାବିକାରେ ହେଉଥିବା ଅନିୟମିତତା କାହାକୁଅଜଣା, ଅଛପା ହୋଇ ରହିନାହିଁ। ଏଠାରେ ଧାନର ଅଭାବୀ ବିକ୍ରି ସାଧାରଣରେ ପରିଣତ ହୋଇଥିବାବେଳେ ଧାନକ୍ରୟ ସଂସ୍ଥା ଗୁଡ଼ିକରେ ଚାଲିଥିବା ଅନିୟମିତତା ସୀମା ଟପି ଯାଇଛି । ଏଭଳି ଅନିୟମିତତାର ଠୋସ୍ ପ୍ରମାଣ ମିଳିବା ସତ୍ତ୍ୱେ ସମ୍ପୃକ୍ତ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଏଥିରୁ ଜିଲାରେ ଚାଲିଥିବା ଧାନ କିଣାବିକାର ସ୍ୱଚ୍ଛତା ପଦାରେ ପଡ଼ିଯାଇଛି । ସେହିପରି ଏଭଳି ଅନିୟମିତତାରେ ପ୍ରଶାସନର ନିରବତାକୁ ନେଇ ସାଧାରଣରେ ନାନା ସନ୍ଦେହ ପ୍ରକାଶ ପାଇଛି। ଏହାକୁ ନେଇ ଜିଲାରେ ଚାଷୀ ଆନ୍ଦୋଳନ ତେଜିବାରେ ଲାଗିଛି । ଆସନ୍ତା ୧୦ତାରିଖରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଗୁରୁବାର ପ୍ରଶାସନ ନିଷ୍ପତ୍ତି ନେଇଥିବାବେଳେ ବିଗତ ବର୍ଷର ଧାନ କିଣାବିକା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ଶୁକ୍ରବାରଠାରୁ ଝାରବନ୍ଧ ବ୍ଲକ ଡଭା ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳ ଅଫିସ ଆଗରେ ତମ୍ବୁ ପକାଇ ଅନଶନ ଆରମ୍ଭ ହୋଇଛି । ଅନଶନରେ ୨୧ଜଣ ବସିଥିବାବେଳେ ବହୁସଂଖ୍ୟକ ଚାଷୀ ପ୍ରତିନିଧି ସମର୍ଥନ ଜଣାଇ ସେଠାରେ ଉପସ୍ଥିତ ଅଛନ୍ତି ।

ଡଭା ପ୍ରାଥମିକ ସମବାୟ ସମିତି(ପ୍ୟାକ୍ସ)ରେ ଧାନ କିଣାବିକାଠାରୁ ଆରମ୍ଭ କରି ଋଣ ପ୍ରଦାନ ଆଦି କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଛି । ଏ ନେଇ ସ୍ଥାନୀୟ ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ବାରମ୍ବାର ସମବାୟ ବିଭାଗ ସମେତ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ମାତ୍ର ପ୍ରଶାସନିକ ଅଧିକାରୀଙ୍କଠାରୁ ଆଶ୍ୱାସନା ଛଡ଼ା ଅନ୍ୟ କିଛି ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳ ଅଫିସ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଆରମ୍ଭ ହୋଇଥିବା ଚାଷୀ ପ୍ରତିନିଧିମାନେ କହିଛନ୍ତି । ଆଞ୍ଚଳିକ କୃଷକ ସଙ୍ଗଠନର ସମ୍ପାଦକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଛୋଟଅନକି ସରପଞ୍ଚ ଉର୍ମିଳା କନ୍ଧ, ନାଏବ ସରପଞ୍ଚ ରୂପେଇ କୈବର୍ତ୍ତଙ୍କ ସମେତ ୨୧ଜଣ ଅନଶନରେ ବସିଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ମହିଳା ଅଛନ୍ତି।

ଡଭା ପ୍ୟାକ୍ସରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଥା ଭିଜିଲାନ୍ସ ତଦନ୍ତ, ଯୋଗ୍ୟତା ଭିତ୍ତିରେ ନୂତନ ସମ୍ପାଦକ ନିଯୁକ୍ତି, ଫସଲବୀମା ସହାୟତା ପ୍ରଦାନ ସମୟରେ ଏସିଏଫ ଉଚ୍ଛେଦ, ଧାନ କିଣାବିକା ସମୟରେ କଟନୀଛଟନୀ ବନ୍ଦ ଆଦି ଦାବିରେ ସେମାନେ ଅନଶନରେ ବସିଛନ୍ତି । ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝି, ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁ ପ୍ରମୁଖ ଅନଶନସ୍ଥଳକୁ ଆସି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା । ଫଳରେ ଅନଶନ ଜାରି ରହିଛି। ସେହିପରି ଜୟ କିଶାନ ଆନ୍ଦୋଳନର ଜିଲା ଆବାହକ ରମେଶ ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଆମ ଆଦମୀ ପାର୍ଟି ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଶୁଦ୍ରମୁକ୍ତି ଅଭିଯାନ ଆବାହକ ପବିତ୍ର ଦେହେରୀ, ବାଳକିଶୋର ଛତର ପ୍ରମୁଖ ଅନଶନସ୍ଥଳକୁ ପହଞ୍ଚି ସମର୍ଥନ ଜଣାଇଥିଲେ ।

# ମହିଷାସୁର ବଧ ସହ କାଳୀପୂଜା ମହୋତ୍ସବ ଉଦ୍‌ଯାପିତ

ଭେଡ଼େନ,୧।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଟୋଲ ଠାରେ ସପ୍ତାହ ବ୍ୟାପୀ ଚାଲିଥିବା ୪୩ ତମ କାଳୀପୂଜା ମହୋତ୍ସବ ମହିଷାସୁର ବଧ ସହ ଶୁକ୍ରବାର ବିଳମ୍ବିତ ରାତ୍ରରେ ଉଦଯାପିତ ହୋଇଛି। ଏହି ଅବସରରେ ଚାଲିଥିବା ମୁକ୍ତମଞ୍ଚ ମହିଷାସୁର ରାଜ କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାରେ ରାଜ ଦରବାରରେ ହୋଇଥିବା ନାଟ୍ୟାଭିନୟରେ ରକ୍ତବୀର୍ଯ୍ୟ ଏବଂ ବିଡ଼ାଳାକ୍ଷଙ୍କ ନିଧନରେ ଦୁଃଖିତ ଓ କ୍ରୋଧିତ ମହିଷାସୁର ଶୁମ୍ଭ, ନିଶୁମ୍ଭଙ୍କୁ ପ୍ରେରଣ କରିଛି ଦୁର୍ଗାଙ୍କ ଉଦ୍ଦେଶ୍ୟରେ। ଚଣ୍ଡୀ ଚାମୁଣ୍ଡାଙ୍କ ସହାୟତାରେ ଦେବୀ ଉଭୟଙ୍କୁ ବଧ କରିଛନ୍ତି। ଶେଷରେ ଅନ୍ତିମ ପଦକ୍ଷେପ ସ୍ୱରୂପ ସ୍ୱୟଂ ମହିଷାସୁର ଅବତୀର୍ଣ୍ଣ ହୋଇଛି ଦେବୀ ମହାମାୟାଙ୍କ ସମ୍ମୁଖରେ। ହେଲେ ଦେବୀ ଦଶଭୂଜା ବିବସନା ହୋଇ ନିଧନ କରିଛନ୍ତି ମହିଷ ଅସୁରଙ୍କୁ। ଏହାପରେ ଶାନ୍ତି ବିରାଜମାନ କରିଛିବସୁଧାରେ । ଏହିଅନ୍ତିମ ଦୃଶ୍ୟାଭିନୟ ଦେଖିବାକୁ ଜାଣ୍ଟୋଲରେପ୍ରବଳ ଦର୍ଶକଙ୍କ ସମାଗମ ହୋଇଥିଲା । ମହିଷାସୁର ବଧ ପରେ ଅସୁର ପ୍ରତିମା ପୋଡ଼ି ଅନୁଷ୍ଠିତ ହୋଇଥିଲା । ରାଜ ଦରବାରରେ ବିଭିନ୍ନ ଦିବସରେ ରାଜନୈତିକ ଏବଂ ପ୍ରଶାସନିକ ଅଧିକାରୀ ତଥା ଖବରଦାତା ରାଜଅତିଥି ଭାବେ ଯୋଗଦେବା ସହ ବିଭିନ୍ନ ନୃତ୍ୟଦଳ ନୃତ୍ୟ ପରିବେଷଣ କରିଥିଲେ । ଅପରପକ୍ଷରେ ମାତା କାଳୀଙ୍କ ମଣ୍ଡପରେ ଚାଲିଥିବା ଚଣ୍ଡୀ ପାଠ ଏବଂ ଚଣ୍ଡୀ ହବନରେ ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହେବା ସହ ମାତାଙ୍କ ବିଦାୟ ଆଳତି ସମ୍ପନ୍ନ ହୋଇଥିଲା। ଏହା ପୂର୍ବରୁ ଗୁରୁବାର ସନ୍ଧ୍ୟାରେ କାଳୀ ମଣ୍ଡପରେ ଦେବୀଙ୍କଠାରେ ମାନସିକ କାକାରା ଭୋଗ ଏବଂ ଛପନ ଭୋଗ ଅର୍ପଣ ହୋଇଥିଲା। ବିଭିନ୍ନ ରାତିରେ ଦଣ୍ଡ ନୃତ୍ୟ, ଅର୍କେଷ୍ଟ୍ରା ପରିବେଷିତ ହୋଇଥିଲା । ଏହି ଯାତ୍ରା ଆୟୋଜନରେ ଜାଣ୍ଟୋଲ ପୂଜା କମିଟିର ସଦସ୍ୟ ଠାକୁର ଦଲେଇ, ତରଣୀସେନ ମେହେର, ନୀଳାଞ୍ଚଳ ମେହେର, ଶମ୍ଭୁ ପଧାନଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ବାଲିଯାତ୍ରା ପାଇଁ ଜଳନ୍ଧର ବରଣ



ବାଲିଯାତ୍ରା ପାଇଁ ଜଳନ୍ଧର ବରଣ କରାଯାଉଛି ।

ବରଗଡ଼ ଅଫିସ୍,୧।୧୧

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମରେ ଆସନ୍ତା ୧୦ତାରିଖରୁ ବାବା ବାଲୁଙ୍କେଶ୍ୱର ବିରାଟ ବାଲିଯାତ୍ରା ମହୋତ୍ସବ ଆରମ୍ଭ ହେବ। ଚଳିତମାସ ୧୪ତାରିଖ ପର୍ଯ୍ୟନ୍ତ ତାହା ଚାଲିବ। ଏଥିପାଇଁ ମହୋତ୍ସବ କମିଟିର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏଥର ଏଠାରେ ଜଳନ୍ଧର ଭୂମିକାରେ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପଧାନ ଅଭିନୟ କରିବେ। ଏଥିପାଇଁ ବାଲିଯାତ୍ରା ମହୋତ୍ସବ ସମିତି ପକ୍ଷରୁ ତାଙ୍କୁ ବରଣ କରାଯାଇଥିଲା। ମହୋତ୍ସବ ସମିତିର ଉପଦେଷ୍ଟା ଜଗନ୍ନାଥ ଦାଶ, ବିନୋଦ ସାହୁ, ନରୋତ୍ତମ କୁମ୍ଭାର, ସୂର୍ଯ୍ୟମଣି ସାହୁ, ସଭାପତି ରୋହିତ କୁମ୍ଭାର, ଉପସଭାପତି ଦିବାକର ମାଝି, ସମ୍ପାଦକ ଅଶ୍ୱିନୀ ପାତ୍ର, କୋଷାଧ୍ୟକ୍ଷ ବେଲାଳସେନ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ନକଆଉଟ ଫୁଟବଲ ଟୁର୍ନାମେଣ୍ଟ: ବାବୁପାଲି ଚାମ୍ପିୟନ

ଭେଡ଼େନ,୧।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଟୋଲ ଖେଳ ପଡ଼ିଆରେ ପାଞ୍ଚଦିନ ଧରି ଚାଲିଥିବା ନକଆଉଟ ଫୁଟବଲ ଟୁର୍ନାମେଣ୍ଟରେ ବାବୁପାଲି ଦଳ ଚାମ୍ପିୟନ ହୋଇଛି। ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରତିଯୋଗିତାର ଶୁକ୍ରବାର ଅପରାହ୍ନରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ବିଜୟୀ ଦଳ ଜାଣ୍ଟୋଲ ଦଳକୁ ଟାଇବ୍ରେକର ଯୋଗେ ୮-୭ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ପୂର୍ବରୁ ହୋଇଥିବା ସେମିଫାଇନାଲ ଖେଳରେ ଜାଣ୍ଟୋଲ ଦଳ ବୁଗବୁଗାକୁ ୧-୦ ଗୋଲ ଏବଂ ବାବୁପାଲି ଦଳ ଟିଣ୍ଡିଆକୁ ଟାଇବ୍ରେକରରେ ୪-୩ ଗୋଲରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ । ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଭେଡ଼େନ ଥାନା ଆଇଆଇସି ହେମନ୍ତ ରାଓ ମୁଖ୍ୟ ଅତିଥି, ରବିନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ବିଜୟୀ ଦଳର କିଶୋର ନାଗଙ୍କୁ ମ୍ୟାନ ଅଫ ଦି ଫାଇନାଲ, କିଶୋର ସେଠଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ, ଜାଣ୍ଟୋଲ ଦଳର ସୁନୀଲଙ୍କୁ ବେଷ୍ଟ ସ୍କୋରର ଏବଂ ବଜରଙ୍ଗ ଧରାଇଙ୍କୁ ବେଷ୍ଟ ଗୋଲ କିପର ଭାବେ ପୁରସ୍କୃତ କରାଯାଇଥିଲା । ହେମାନନ୍ଦ ମେହେର ଧାରା ବିବରଣୀ ପ୍ରଦାନ କରିଥିଲେ । ରେଫରୀ ନୀଳରଞ୍ଜନ ପଣ୍ଡା, ସୁରେଶ ମେହେର ଓ ରାଜେଶ ମେହେର ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ବିଭିନ୍ନ ଦିବସରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ବିରେନ୍ଦ୍ର ଭୋଇ, ଜାଦବ ପ୍ରଧାନ, ଉମାକାନ୍ତ ମେହେର, ଠାକୁର ଦଲେଇଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ ।



ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟରେ ଶୋଭାଯାତ୍ରା ।

# ରାଷ୍ଟ୍ରୀୟ ଏକତା ଦିବସରେ ରାଲି

ବରଗଡ଼ ଅଫିସ୍,୧।୧୧

ବରଗଡ଼ ପଞ୍ଚାୟତ କଲେଜରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷା କମଳପ୍ରଭା କାପାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶର ଅଖଣ୍ଡତା, ସଂହତି ରକ୍ଷା ତଥା ପରସ୍ପର ପ୍ରତି ସଦଭାବନା ବଜାୟ ରଖିବା ପାଇଁ ଶପଥ ପାଠ କରାଯାଇଥିଲା। ଏଥିରେ କଲେଜର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେହିପରି ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରିନ୍ସିପାଲ ଏଚ. ପି ଚାନ୍ଦଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଏକତା ଦିବସ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା । ଏହି ଅବସରରେ ଶୋଭାଯାତ୍ରା ସହିତ ସଭା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

# ନୃସିଂହନାଥରେ ଦାଦନ ଦୂରୀକରଣ କର୍ମଶାଳା

ପାଇକମାଲ,୧।୧୧ (ଡି.ଏନ.ଏ)

ବରଗଡ ଜିଲା ନୃସିଂହନାଥ ମନ୍ଦିର ପରିସରରେ ଦାଦନ ଦୂରୀକରଣ ପାଇଁ ଏକ ଦିବସୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି, ରାଜ୍ୟ ପିଏଆଇଟିଡିଏ ଧର୍ମେନ୍ଦ୍ର ମଲ୍ଲିକ, ବୋଲଗଡ ବିଡିଓ ମଧୁସୂଦନ ବେହେରା, ଏମଜିଏନଆରଇଜିଏସ ପ୍ରୋଗ୍ରାମ ଅଫିସର ଅମୀୟ କୁମାର ଦାସ ଓ ଶୋଭନ କୁମାର ଧଳ, ପ୍ରୋଗ୍ରାମ ଅଫିସର ଶ୍ରୀମନ୍ତ କୁମାର ସାମଲ ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୌଲତ ଚନ୍ଦ୍ରକାର ଯୋଗ ଦେଇଥିଲେ। ଏମଜିଏନଆରଇଜିଏସ୍‌ରେ ଗରିବ ଲୋକମାନଙ୍କୁ କାମ ଯୋଗାଇ ଦେଇ ଦାରିଦ୍ର୍ୟ ସହ ଦାଦନ ଦୂରୀକରଣ କିପରି କରାଯିବ ତାହା ଉପରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ପାଇକମାଲ, ପଦ୍ମପୁର, ଗାଇସିଲେଟ ଓ ଝାରବନ୍ଧର ବିଡିଓ, ଆସିଷ୍ଟାଣ୍ଟ ଇଞ୍ଜିନିୟର, ଜେଇ, ଏପିଓ, ପିଇଓ, ଜିଆରଏସ ପ୍ରମୁଖ ଯୋଗଦାନ କରିଥିଲେ ।

# ସୁପ୍ରିୟା ସ୍ମାରକୀ ଫୁଟବଲ: ବରାହଗୋଡ଼ା, ଖରମୁଣ୍ଡା ବିଜୟୀ

ବରଗଡ଼ ଅଫିସ୍,୧।୧୧

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ବରାହଗୋଡ଼ା ଓ ଖରମୁଣ୍ଡା ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବରାହଗୋଡ଼ା ଓ ସିମେଣ୍ଟନଗର କେନାଲପଡ଼ା ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ବରାହଗୋଡ଼ା ୪-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଖରମୁଣ୍ଡା ଓ ଗଣ୍ଡତୁରୁମ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଏଥିରେ ଖରମୁଣ୍ଡା ୩-୧ ଗୋଲରେ ବିଜୟୀ ହୋଇଥିଲା । ଖରମୁଣ୍ଡାର ପ୍ରମୋଦ ପରୁଆ ୩ଟି ଗୋଲ ସ୍କୋର କରିଥିବା ବେଳେ ପ୍ରତିପକ୍ଷ ଗଣ୍ଡତୁରୁମର ବୁଲୁ ମହାଲିଙ୍ଗ ଗୋଟିଏ ଗୋଲ ସ୍କୋର କରିଥିଲେ । ସୁରେଶ ବେହେରା, ଉମେଶ ଭୋଇ, ଅଶ୍ୱିନୀ ମେହେର, ସୁରେଶ ଦାଶ, ଶ୍ରୀନିବାସ ରାଓ, ରଞ୍ଜୁ ଛତ୍ରିଆ, ଅନୀଲ ବାଗ, ଶୁଭମ ପାତ୍ର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ ।

■ ବରଗଡ଼ ଡାକ୍ତରଖାନା ରାସ୍ତାରେ ଟ୍ରାଫିକ୍ କଟକଣା

# ମାଲବାହୀ ଗାଡି ଚଳାଚଳ ମନା

ବରଗଡ଼ ଅଫିସ୍,୧।୧୧

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଲାଗି ରହିଥିବା ଟ୍ରାଫିକ ସମସ୍ୟାକୁ ଏଡ଼ାଇବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଶୁକ୍ରବାର ଏସପି ପଦ୍ମିନୀ ସାହୁ, ଅତିରିକ୍ତ ଏସପି ଅମରେନ୍ଦ୍ର ରଣା, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀ ପ୍ରମୁଖ ଡାକ୍ତରଖାନା ରାସ୍ତାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଟ୍ରାଫିକ ଜାମ୍ ହେଉଥିବା ନିରୀକ୍ଷଣ କଲା ପରେ ବ୍ୟସ୍ତବହୁଳ ଉକ୍ତ ରାସ୍ତାରେ ଆମ୍ବୁଲାନ, ରୋଗୀବାହକ ଗାଡ଼ି ଏବଂ ୨ଚକିଆ ଗାଡ଼ି ବ୍ୟତୀତ ମାଲ ପରିବହନ ଭଳି ଗାଡ଼ି ଯାତାୟାତ ପାଇଁ କଟକଣା ଲଗାଯାଇଛି। ସହରର ମୁଖ୍ୟରାସ୍ତାର ଲେଙ୍ଗୁମିଶ୍ର ଛକ ଦେଇ ଜିଲା ମୁଖ୍ୟ ଡାକ୍ତରଖାନା ରାସ୍ତାରେ ଏଣିକି କୌଣସି ମାଲବାହୀ ଗାଡ଼ି ଯାଇ ପାରିବ ନାହିଁ । ଅନ୍ୟପଟେ ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ତଥା ଅନ୍ୟ ଗାଡ଼ି ଗୁଡ଼ିକ ଏହି ରାସ୍ତାରେ ଯାତାୟାତ କରିପାରିବେ । ପ୍ରକାଶଥାଉକି, ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ସାଧାରଣରେ ପରିଣତ ହୋଇଥିଲା। ଫଳରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ରୋଗୀ ନେବା କିମ୍ବା ଡାକ୍ତରଖାନାରୁ ଅନ୍ୟ ଡାକ୍ତରଖାନାକୁ ରୋଗୀ ସ୍ଥାନାନ୍ତର ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲା। ଫଳରେ ଡାକ୍ତରଖାନା ରାସ୍ତାରେ ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ଦାବି ହୋଇ ଆସୁଥିଲା ।

**ବରଗଡ଼ ଟ୍ରାଫିକ**
- ଅନୁଧ୍ୟାନ ପରେ ଏସ୍‌ପିଙ୍କ ପଦକ୍ଷେପ
- ମାଲବାହୀ ଭାରିଯାନ ଯାତାୟାତକୁ ମନା
- ଆମ୍ବୁଲାନ୍ସ, ରୋଗୀବାହକ ଗାଡ଼ି ଚଳାଚଳ କରିବ



ବରଗଡ଼ ଏସ୍‌ପି, ଅନ୍ୟ ପୋଲିସ ଅଧିକାରୀମାନେ ଡାକ୍ତରଖାନା ରାସ୍ତାର ସ୍ଥିତି ଅନୁଧ୍ୟାନ କରୁଛନ୍ତି ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା

- ଭଲ୍‌ଟାୟାର



## ସଂକ୍ଷେପରେ

### କୃଷି, ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟ ସମୀକ୍ଷା କଲେ ଅତିରିକ୍ତ ସଚିବ

**ସୋନପୁର,୧।୧୧(ନି.ପ୍ର.):** କୃଷି ବିଭାଗର ଅତିରିକ୍ତ ଶାସନ ସଚିବ ଡ. ବନାନି ମହାନ୍ତି ୨ ଦିନିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଛନ୍ତି । ଏହି କ୍ରମରେ ଡ. ମହାନ୍ତି ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ କୃଷି, ଉଦ୍ୟାନ କୃଷି, କୃଷି ଶିଳ୍ପ ନିଗମ ଓ ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ। ଚାଷୀ ଓ ହିତାଧିକାରୀ ଯୋଜନାରୁ ଲାଭ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ବୁଝିଥିଲେ । ଜିଲାରେ ଚାଷୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ଓ ଲାଭ ସମ୍ପର୍କରେ ଆଗୁଆ ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ତାରାକାନ୍ତ ପାତ୍ର, ବୀରମହାରାଜପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ଡୁଙ୍ଗୁରିପାଲି ଜିଲା କୃଷି ଅଧିକାରୀ ଶ୍ରୀନିବାସ ମଲ୍ଲିକ, କୃଷି ଶିଳ୍ପ ନିଗମର ଜିଲା ପରିଚାଳକ ମନୋରଞ୍ଜନ ପରିଡା, ମୃତ୍ତିକା ରସାୟନ ବିତ୍ ଅନିଲ ପ୍ରହରାଜ, ଏଆରସିଏସ ଭୀମସେନ ସାହୁ, ଡିପିଡି ଆତ୍ମା ତୁଷାର ରଞ୍ଜନ ମିଶ୍ର, ଆଗୁଆ ଚାଷୀ କରମଚାନ୍ଦ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ସଟ୍ଟା ଆଡ୍ଡାରେ ପୋଲିସର ଚଢ଼ାଉ, ୨ ଗିରଫ

**ଲୋଇସିଂହା,୧।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ସଟ୍ଟା ଆଡ୍ଡାରେ ଚଢ଼ାଉ କରି ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢୋଲମହୁଲର ଗ୍ରାମର ଅଲେଖ ବାଗ ଓ ସମ୍ବଲପୁରିଆପଡ଼ାର ସୁରେନ୍ଦ୍ର କୁଅଁର ଓରଫ ମୁନ୍ନା ଜାମିନ ନା ମଞ୍ଜୁର ହେବାରୁ ଗିରଫ ୨ଜଣଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଲୋଇସିଂହା ଥାନା ଆଇଆଇସି ଲଳିତା ଲାକ୍ରା ପ୍ରକାଶ କରିଛନ୍ତି। ପୋଲିସ ସୂଚନା ମୁତାବକ, ଲୋଇସିଂହା ଥାନା ଅଧୀନ ଲୋଇସିଂହା, ବୁର୍ଡା, ଗୁର୍ଜିଭଟା, ବାଦିମୁଣ୍ଡା ଅଞ୍ଚଳରେ ସଟ୍ଟା ଖେଳ ଚାଲିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଲୋଇସିଂହା ପୋଲିସ ଗତ ୧୯ତାରିଖରେ ବୁର୍ଡାରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ପୋଲିସ ହାତରୁ ଖସି ପଳାଇଥିଲେ। ୧୨ ଦିନ ବ୍ୟବଧାନ ପରେ ଶୁକ୍ରବାର ଲୋଇସିଂହା ଥାନା ପୋଲିସ ଲୋଇସିଂହା-ପଦ୍ମପୁର ରାସ୍ତାର ଢୋଲମହୁଲ ଓ ସମ୍ବଲପୁରିଆପଡାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ଅଧିକାରୀମାନେ ଢୋଲମହୁଲର ଅଲେଖ ବାଗ ଓ ସମ୍ବଲପୁରିଆପଡାର ମୁନୁ କୁଅଁର ଧରି ତାଙ୍କ ନିକଟରୁ ସଟ୍ଟା ପଟି, ୩୩ ଶହ ଟଙ୍କା, ୨ଟି ଖାତା, ସଟ୍ଟା ଚାର୍ଟ ଓ ମୋବାଇଲ ଫୋନ ଜବତ କରିଥିଲେ। ଏନେଇ ଲୋଇସିଂହା ଥାନା ପୋଲିସ ୨ ଗିରଫଙ୍କ ବିରୋଧରେ ଏକ ମାମଲା(ନଂ.୨୭୭/୧୯)ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଅଇଆଇସି ଲାକ୍ରା ପ୍ରକାଶ କରିଛନ୍ତି।

# ୧୫ରୁ ସୁବର୍ଣ୍ଣପୁର ଜିଲାରେ ଖରିଫ ଧାନ କିଣା

**ସୋନପୁର,୧।୧୧(ନି.ପ୍ର.)**





ବୈଠକରେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ପ୍ରମୁଖ ମଞ୍ଚାସୀନ ଅଛନ୍ତି ।

- ୪୭ହଜାର ୯୯୦ ଚାଷୀ ବିକି ପାରିବେ ଧାନ
- ପ୍ରଥମ ଥର ପାଇଁ ୧୫ ଏସ୍‌ଏଚଜି ଧାନ କ୍ରୟରେ ସାମିଲ ହେବେ

ଆସନ୍ତା ୧୫ ତାରିଖରୁ ସୁବର୍ଣ୍ଣପୁର ଜିଲାରେ ଖରିଫ ଋତୁ ଧାନ ସଂଗ୍ରହ ଆରମ୍ଭ ହେବ। ରାଜ୍ୟ ଖାଦ୍ୟ ନୀତି ଅନୁଯାୟୀ ଟୋକନ ପାଇଥିବା ଚାଷୀ ୟାର୍ଡ(ମଣ୍ଡି)ରେ ଧାନ ଅନ୍‌ଲୋଡିଂ କରିବେ। ଚାଷୀ ବିକ୍ରି ଧାନର ପ୍ରାପ୍ୟ ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନ ମାଧ୍ୟମରେ ପାଇବେ। ଚାଷୀଙ୍କୁ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଭୁବନେଶ୍ୱରରୁ ସିଧାସଳଖ ପ୍ରାପ୍ୟ ପ୍ରଦାନ କରିବ। ଅନ୍‌ଲାଇନ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା ଅନୁଯାୟୀ ଚାଷୀ ଧାନ ବିକ୍ରି କରିପାରିବେ। ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନାଙ୍କ ସୂଚନା ଅନୁଯାୟୀ, ଚଳିତ ଖରିଫରେ ଭଲ ଚାଷ ହୋଇଛି। ଏନେଇ ୫ଲକ୍ଷ ୩୮ ହଜାର ମେଟ୍ରିକ୍ ଟନ ଧାନ ଉତ୍ପାଦନ ଆଶା ରହିଛି। ହେଲେ ଚାଷୀ ଏକର ପ୍ରତି କେତେ କୁଇଣ୍ଟାଲ ଧାନ ବିକ୍ରି କରି ପାରିବେ ତାହା ରାଜ୍ୟ ସରକାର ସ୍ପଷ୍ଟ କରିନାହାନ୍ତି । ତେବେ ଓଡିଶା ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଜିଲାର ୬୪ଟି ପ୍ୟାକ୍ସ ସହଯୋଗରେ ୮୧ଟି ସ୍ଥାନରୁ ଚାଷୀଙ୍କଠାରୁ ସିଧାସଳଖ ଧାନ କ୍ରୟ କରାଯିବ। ସେହିପରି ପ୍ରଥମ ଥର ପାଇଁ ଜିଲାର ୧୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟରେ ସାମିଲ ହେବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଧାନ ସଂଗ୍ରହରେ ସ୍ୱଚ୍ଛତା ଅବଲମ୍ବନ ସକାଶେ ପ୍ୟାକ୍ସସ୍ତରରେ ଧାନ ସଂଗ୍ରହ କମିଟି ଗଠନ କରାଯିବ। ନୋଡାଲ ଅଫିସରମାନେ ମଣ୍ଡି ବୁଲି ଧାନ କିଣା କାର୍ଯ୍ୟକୁ ତଦାରଖ କରିବେ। ଶୁକ୍ରବାର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିଏଲ୍‌ପିସି(ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୈଠକରେ ଯୋଗଦେଇ ଚଳିତ ବର୍ଷ ଭଲ ବର୍ଷା ଯୋଗୁ ଫସଲ ଭଲ ହୋଇଛି । ଅଧିକ ଅମଳ ହେବାର ସମ୍ଭାବନା ଥିବାରୁ ଯେପରି ଧାନ ସୁବ୍ୟବସ୍ଥିତ ଢଙ୍ଗରେ ସଂଗ୍ରହ ହୋଇପାରିବ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗୁରୁତ୍ୱାରୋପ କରିଥିଲେ। ଏପରି କି ଜିଲାରେ ଧାନ ସଂଗ୍ରହ ପାଇଁ ଟାର୍ଗେଟ୍ ପାଇଥିବା ସମସ୍ତ ପ୍ୟାକ୍ସ ଯେଭଳି ସମସ୍ତ ୟାର୍ଡକୁ ଯିବେ ତାହା ନିଶ୍ଚିତ କରାଯିବା ନେଇ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ପୂଜାରୀ କହିଥିଲେ। ବୀରମହାରାଜପୁର ବିଧାୟକ ତଥା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବୈଠକରେ ଯୋଗଦେଇ ଗତ ରବିରେ ଧାନ କିଣାରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। କିଛି ଚାଷୀଙ୍କ ଧାନ କ୍ରୟ ନ ହୋଇ ରହି ଯାଇଥିଲା । ତେଣୁ ଚଳିତ ବର୍ଷ ପ୍ରଥମରୁ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜିଲାରୁ ଚଳିତ ଖରିଫ ଋତୁରେ କେବଳ ଯୋଗାଣ ନିଗମ ଜରିଆରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨ଲକ୍ଷ ୧୫ହଜାର ୧୪୭ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବାକୁ ପ୍ରାରମ୍ଭିକ ଲକ୍ଷ୍ୟ ରଖାଯାଇଛି । ଆବଶ୍ୟକ ହେଲେ ଏହି ଲକ୍ଷ୍ୟ ସରକାର ବୃଦ୍ଧି କରିବେ । ଅନ୍ୟପକ୍ଷେ ଧାନ ସଂଗ୍ରହ ସମୟରେ ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ପିଇବା ପାଣି, ଆବଶ୍ୟକ ଛାଉଣି, ଶୌଚାଳୟ, ପେଡି କ୍ଲିନର, ମିନି ଗ୍ରାଇଣ୍ଡର ଓ ମଏଶ୍ଚର ମିଟର ଆଦି ଯୋଗାଇ ଦେବାକୁ ଅତିରିକ୍ତ ଜିଲାପାଳ ପଣ୍ଡା ଡୁଙ୍ଗୁରିପାଲି ଓ ବୀରମହାରାଜପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଏବଂ ଏଆର୍‌ସିଏସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ଥର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୮୧୫ଟଙ୍କା ଓ ଗ୍ରେଡ୍ ଏ ଧାନ ପାଇଁ ୧୮୩୫ଟଙ୍କା ଧାର୍ଯ୍ୟ କରାଯାଇଛି। ଜିଲାର ୪୭ ହଜାର ୯୯୦ଜଣ ଚାଷୀ ନିଜ ବଳକା ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଏହି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁବିଧା ଜନକ କରିବା ନିମନ୍ତେ କୃଷକମାନଙ୍କ ପଞ୍ଜୀକରଣ ତଥ୍ୟକୁ ଜମି ପ୍ଲଟ ନମ୍ବର ସହ ସଂଯୋଜିତ କରାଯାଇଛି। ଗତ ଖରିଫରେ ସୁବର୍ଣ୍ଣପୁର ଜିଲାର ୪୧ ଓ ବାହାର ଜିଲାର ୨୦ ମିଲର୍ସ ଧାନ ସଂଗ୍ରହରେ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ସୁବର୍ଣ୍ଣପୁର ଜିଲାର ୩୮ମିଲର୍ସ ନେଇଥିବା ଧାନର ୧୦୦% ଚାଉଳ ଦେଇଛନ୍ତି । ବାକି ୪ ମିଲର୍ସଙ୍କ ଉପରେ ୨୪ ହଜାର କୁଇଣ୍ଟାଲ ଚାଉଳ ବକେୟା ରହିଛି । ୨୦୧୮-୧୯ ଖରିଫର ଶତପ୍ରତିଶତ ଚାଉଳ ଦେଇଥିବା ମିଲର୍ସ ହିଁ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେଇ ପାରିବେ । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଅକ୍ଟୋବର ୩୧ ତାରିଖ ସୁଦ୍ଧା ୧୦୦ପ୍ରତିଶତ ଚାଉଳ ଦେଇଥିବା ଜିଲାର ମିଲର୍ସଙ୍କୁ ସିକ୍ୟୁରିଟି ଜମାର ୬ଗୁଣା ଓ ବାହାର ଜିଲାର ମିଲର୍ସଙ୍କୁ ୩ ଗୁଣ ଧାନ ଦିଆଯିବ । ଚାଷୀଙ୍କ ଧାନ ସଂଗ୍ରହ ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା ସୂଚନା ଦେଇଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ସହକାରୀ ଯୋଗାଣ ଅଧିକାରୀ ସୁବୋଧ ହୋତା, ତ୍ରିନାଥ ଭୋଇ, ସୋନପୁର ଏଆର୍‌ସିଏସ୍ ଭୀମସେନ ସାହୁ, ଡୁଙ୍ଗୁରିପାଲି ଆର୍‌ଏମ୍‌ସି ସମ୍ପାଦକ ଉଦିତ ବାବୁ, ବୀରମହାରାଜପୁର ଆର୍‌ଏମସି ସମ୍ପାଦକ କିଶୋର କୁମାର ନାଏକ , ଚାଷୀ ପ୍ରତିନିଧି ସଜ୍ଜନ କୁମାର ପଣ୍ଡା, ପ୍ରକାଶ କୁମାର ହୋତା, ମିଲର୍ସ ପ୍ରତିନିଧି ଉପସ୍ଥିତ ରହି ନିଜ ମତ ରଖିଥିଲେ।



ସୁନାପାଲି ଗ୍ରାମରେ ହାତୀ ଭାଙ୍ଗି ଥିବା ଘର।

### ଘର ଭାଙ୍ଗିଲେ, ଫସଲ ନଷ୍ଟ କଲେ ହାତୀପଲ

**ଅମରପାଲି, ୧।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରେଞ୍ଜ ଅନ୍ତର୍ଗତ ଉପାନ୍ତ ଅଞ୍ଚଳରେ ଥିବା ଗ୍ରାମଗୁଡିକରେ ହାତୀ ଉପଦ୍ରବ କମିବାର ନାଁ ନେଉ ନାହିଁ । ସପ୍ତାହ ହେଲା ହାତୀପଲ ବିଭିନ୍ନ ଗ୍ରାମରେ ପଶି ଧାନ ଫସଲ ନଷ୍ଟ କରିବା ସହିତ ଘରଭାଙ୍ଗି ଦେଉଥିବା ଅଭିଯୋଗ ହୋଇଛି। ଗୁରୁବାର ରାତ୍ରି ପ୍ରାୟ ୧୦ରେ ଏକ ହାତୀପଲ କୋଟସମଲାଇ ପଞ୍ଚାୟତ ସୁନାପାଲି, ସାରସଦାଦର, କୋଟସମଲାଇ ଗ୍ରାମରେ ପଶି ଧାନଫସଲ ନଷ୍ଟ କରିବା ସହିତ ସୁନାପାଲି ଗ୍ରାମର ୩ ବଖରା ଘର ମଧ୍ୟ ଭାଙ୍ଗି ଦେଇଛି। ଗ୍ରାମର ଗୋବିନ୍ଦ ମାଝିଙ୍କ ୨ ବଖରା ଓ ଯୋଗୀନ୍ଦ୍ର ଭୋଇଙ୍କ ଗୋଟିଏ ବଖରା ମାଟି ଘର ଭାଙ୍ଗି ଥିବା ଜଣାପଡିଛି। ହାତୀ ଘର ଭାଙ୍ଗିଲା ବେଳେ ପରିବାର ଲୋକେ ଶୋଇଥିଲେ। ହେଲେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପରେ ହାତୀପଲ ଶାରସଦାଦର ଗ୍ରାମର ଭାଗୀରଥି ପଟା, କୀର୍ତ୍ତୀ ଭୋଇ ଓ ସୁବ୍ରତ କୁମାର ପଧାନଙ୍କ ଅମଳ ହେବାକୁ ଥିବା ଧାନ ଫସଲ ଦଳିଚକଟି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପଲରେ ୧୦ରୁ ୧୫ଟି ହାତୀଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଉକ୍ତ ହାତୀପଲ ପରବର୍ତ୍ତି ସମୟରେ କୋଟସମଲାଇ ଗ୍ରାମର ନାରାୟଣ ତରିଆଙ୍କ ଧାନ ଫସଲ ମଧ୍ୟ ନଷ୍ଟ କରିଥିବା ଜଣାପଡିଛି। ଖବର ପାଇ ଫରେଷ୍ଟର ଗୋବିନ୍ଦ କଅଁର, ଫରେଷ୍ଟ ଗାର୍ଡ ପ୍ରଜ୍ଞାପରମିତା ମିଶ୍ର ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି । ଅନ୍ୟପକ୍ଷେ ବନ ବିଭାଗ ହାତୀ ଘଉଡାଇବା ସହ ତୁରନ୍ତ କ୍ଷତି ପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

ଉନ୍ନୟନ କମିଟି ବୈଠକ

## ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆହ୍ୱାନ





ମନ୍ତ୍ରୀ ପଦ୍ମନାଭ ବେହେରା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

**ସୋନପୁର,୧।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଡିଆର୍‌ଡିଏ ସଭାଗୃହରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ବିଧାୟକ ତଥା ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏଥିରେ ଅଧ୍ୟକ୍ଷତା କରି ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଚାଲୁ ରହିଥିବା ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ବେହେରା ଆହ୍ୱାନ ଦେଇଥିଲେ । ମନ୍ତ୍ରୀ ଜଳସେଚନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ମିଶନ ଶକ୍ତି, ଆଇସିଡିଏସ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନଗର ଉନ୍ନୟନ, ପଞ୍ଚାୟତିରାଜ, ବରପାଲି କେନାଲ ଡିଭିଜନ ଭଳି ୩୦ଟି ବିଭାଗର କାର୍ଯ୍ୟର ସମୀକ୍ଷା କରିଥିଲେ । ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶ୍ରମିକ ମଜୁରୀରେ ସୀମିତ ରହୁ ଥିବାରୁ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଯୋଜନାରେ ଅଧିକ ଶ୍ରମ ଦିବସ ସୃଷ୍ଟି ଉପରେ ମନ୍ତ୍ରୀ ଗୁରୁତ୍ୱ ଦେବା ସହିତ ୩ ମାସ ପରେ ରିପୋର୍ଟ ନେବେ ବୋଲି କହିଥିଲେ । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ମିତାଲି ମହାକୁର, ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ, ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ଉଲୁଣ୍ଡା ବିଡିଓ ନୀଳାମ୍ବର ମହାନନ୍ଦ, ବୀରମହାରାଜପୁର ବିଡିଓ ନିରଞ୍ଜନ ନାୟକ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଅସିତ କୁମାର ବଡପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ବେହେରା, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ବରପାଲି କେନାଲ ଡିଭିଜନର ନିର୍ବାହୀ ଯନ୍ତ୍ରୀ ପ୍ରଭାସ କୁମାର ରଥ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଆସ୍ତେରିଆ କେର୍କେଟା, ଉପନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ସୁଧାଂଶୁ ଶେଖର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରେଙ୍ଗାଲି, ୧।୧୧ (ଡି.ଏନ.ଏ.):** ରେଙ୍ଗାଲି ରେଳ ଷ୍ଟେଶନରୁ ୩ କିଲୋମିଟର ଦୂର ଲପଙ୍ଗା ଷ୍ଟେଶନ ପଟକୁ ଯିବା ବେଳେ ଶୁକ୍ରବାର ପୂର୍ବାହ୍ନ ୧୧ଟା ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଦଶପଡା ଗ୍ରାମର ସ୍ୱର୍ଗତ ରାମଜୀ ପ୍ରଧାନଙ୍କ ପୁଅ ଅକ୍ଷୟ ପ୍ରଧାନ (୩୦) । ସମ୍ବଲପୁର ଜିଆରପି ପୋଲିସ ମୃତଦେହ ଉଦ୍ଧାର କରିଛି।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**We Are Hiring !!**
Direct sales Executives / Officers required, attractive pay and excellent career progression ! Give your career a kick start.
Mail - uttam.maity@propello.in
Ph.- 9875630881

ଭୁବନେଶ୍ୱରରେ ଏକ ଲଣ୍ଡ୍ରି କମ୍ପାନୀରେ କାମ କରିବା ନିମନ୍ତେ ଆବଶ୍ୟକ
1) Washing କାରିଗର
2) ଆଇରନ୍ କାରିଗର
3) ଡାଲା ଅଟୋ ଡ୍ରାଇଭର
4) ଡେଲିଭରି ବୟ
Contact : 7609893102 8280082800

**EXPERIENCE RESTAURANT STAFF REQUIRED**
Captain - 4nos (10-12k)
Waiter - 8nos (8k)
Housekeeping - 8nos (6k)
Kitchen helper - 4nos (8k)
Odia cook - 2nos
Indian cook - 2nos
Manager - 2nos
Salary negotiable, fooding & accommodation includes
Contact : 9090880077 9090220077

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9938809488

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 5 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot No : 551, Samantarapur Chhak, Behind Reliance Fresh, BBSR
Ph : 7992848615

**'Z' ASSOCIATES required for 25 Marketing Persons.**
Candidates come with their biodata on 02.11.2019 & 06.11.2019.
Contact: 9439653561, 8480697808, 9078445582
at N-1-39, IRC Village Main Road.

DIRECT JOIN JOB
JOB LOCATION BBSR+CTC
• CUSTOMER CARE
• RECEPTIONIST
• BACK OFFICE
• DATA ENTRY
Mob : 9114090108

WALK-IN-INTERVIEW ON 03.11.2019 (11am-5pm)
Plumber: 5 Nos.
Team Leader (Marketing) : 1No.
Marketing Executive: 10 Nos.
(Salary 10,000-20,000 PM+Perks)
CLEAN & FINE SERVICES
At-Banguari, Near Pahala Sweets Market, Bhubaneswar, Mob.: 9040064133

**RECRUITMENT**
For a reputed Jewellery Company *Area Managers* required. Persons having MBA with 5 to 6 yrs experinece in start-ups, Franchise development, FMCG, Mobile Handset selling are encourged for *Bhubaneswar*, *Balasore*, *Berhampur* & *Cuttack*. Only shortlisted candidates will be called for interview.
Contact-7978691619
email- psunilpanda@yahoo.com

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**Career Opportunity in Retail**
An established training provider working with government of India invites ready to go GRADUATES To workin established Retail Brands Pan India. Onspot Registration. Date 1st & 4th Nov. 19 at Canara Bank Building, Block Chaka, SAKHIGOPAL, Puri.
CONTACT : 9777791182/9668841656

**TUNNELING & MINING ENGINEERS**
MINING ENGINEERS
Diploma (Mining) | Mine Foreman / Mates/ Blaster. Exp. in open & UG works
TUNNEL ENGINEERS
(BE Civil / Diploma) | Billing Engrs, QS, QC. Atleast one tunnel exp. reqd
SURVEYORS
(Diploma / ITI (survey) Exp. in atleast 1 tunnel, AutoCad.
Location: Pune / Mumbai
SAMMON INFRACORP
9420878517 / 9422565012
jobs@sammoninfra.com
sammoninfra@gmail.com

**ଆୟା ଆବଶ୍ୟକ**
(1) ଦୁଇ ମାସ ଶିଶୁର ଯତ୍ନ ନେବା ପାଇଁ ଆୟା ଆବଶ୍ୟକ।
(2) ଘରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଦରମା: Rs. 5,000/- + ରହିବା, ଖାଇବା ସୁବିଧା ଅଛି ।
ଯୋଗାଯୋଗ
9348267623, 9583125591

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

**JOB VACANCY**
NEXGEN Renaissance Private Limited
Call Center Executive Required
BENGALI Speaking Candidate.
Qualification: Minimum +2 or Above.
Contact: 9615969596 / 9439800100
Work Based at Bhubaneswar, Patia

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।


ଆମ ପୋଲିସ ସମିତି ବୈଠକ

## ସ୍ୱଚ୍ଛତା, ଟ୍ରାଫିକ ନିୟମ ପାଳନ ଉପରେ ଗୁରୁତ୍ୱ

**ଡୁଙ୍ଗୁରିପାଲି,୧।୧୧(ଡି.ଏନ୍.ଏ.)**





ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପରିସରରେ ଶୁକ୍ରବାର ଆମ ପୋଲିସ ସମିତି ବୈଠକ ଥାନା ଅଧିକାରୀ ନିରଞ୍ଜନ ଦାଶଙ୍କ ଅକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ସବ୍‌ଇନ୍ସପେକ୍ଟର ଅନିଲ କୁମାର ପଧାନ, ଯଯାତୀ କେଶରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଆମ ପୋଲିସ ସମିତି ସଭ୍ୟ ଓ ଗଣମାମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଜନସାଧାରଣ ଉପସ୍ଥିତ ଥିଲେ ।

ସଭାରେ ଡୁଙ୍ଗୁରିପାଲି ଥାନା ଅଧୀନରେ ଥିବା ବୈଦ୍ୟପାଲି, ସହଲା, ଶୁଖା, ହଳଦୀ, ହରିହରନଗର, ଟାମୁଣ୍ଡା, ଲରିଆବାହାଲ, ପିପିଲିପାଲି, ବେହେରାମାଲ ଆଦି ଗ୍ରାମର ରାସ୍ତାରେ ଲୋକ ମଳତ୍ୟାଗ କରୁଥିବାରୁ ପରିବେଶ ପ୍ରଦୂଷଣ ହେଉଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଲୋକେ ରାସ୍ତାରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରିବାକୁ ସଚେତନତା କରାଯିବା ସହ ଗାଁକୁ ପରିଷ୍କାର କରିବା ପାଇ ସମିତିର ସଭ୍ୟମାନେ ନିଷ୍ପତ୍ତି ନେଇଥିଲେ। ସେହିପରି ଡୁଙ୍ଗୁରିପାଲି ସହରରେ ପଲିଥିନ ବ୍ୟବହାରକୁ ରୋକିବା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ କୁହାଯାଇଥିଲା। ଡୁଙ୍ଗୁରିପାଲି ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ମାଲ ବୋଝେଇ ଟ୍ରକ ରହୁଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ କମିଟିର ପବିତ୍ର ମୋହନ ପାଣିଆ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ କହିଥିଲେ। ଏପରି କି ସହରର ବିଭିନ୍ନ ରାସ୍ତାରେ ବୁଲା କୁକୁର ପ୍ରାଦୁର୍ଭାବ ଦେଖା ଦେଇଦେଉଥିବାରୁ ଏହାର ପ୍ରତିକାର କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

ବାଇକ୍ ଚଳାଇବା ବେଳେ ହେଲମେଟ୍ ବ୍ୟବହାର ସହ ଟ୍ରାଫିକ ନିୟମ ପାଳନ କରିବାକୁ ଥାନା ଅଧିକାରୀ ଦାଶ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ବୈଠକରେ ଆମ ସମିତିର ବିଜୟାନନ୍ଦ ମିଶ୍ର, ସୁନୀଲ ମିତ୍ତଲ, ପବିତ୍ର ମୋହନ ପାଣିଆ, ବଦ୍ରି ନାରାୟଣ ପାଣିଆ, ଅମୂଲ୍ୟ ପାଣ୍ଡେ, ଦୀନବନ୍ଧୁ ସୁନା, ରତ୍ନାକର ସେଠ୍, ମୁକେଶ ଭୋଇ, ହରିବନ୍ଧୁ ପଧାନ, ଗିରିଧାରୀ ସାହୁ, ଭୈରବ ଦିଶ୍ରୀ, ନାରାୟଣ ମେହେର, ସନ୍ତୋଷ କୁଦେଇ, ଧର୍ମେନ୍ଦ୍ର ସାହୁ, ଉମେଶ ଗଡତ୍ୟା, ପ୍ରରିତୋଷ ବିଶ୍ୱାଳ, ସୁଦାମ ସାହୁ, ଲକ୍ଷ୍ମଣ ନାଏକ, ସୁନୀଲ କୁମାର ସାହୁ, ସୁନୀଲ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ସବଇନ୍‌ସ୍ପେକ୍ଟର ଅନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବ୍ଲକସ୍ତରୀୟ ମାଣ୍ଡିଆ ତାଲିମ ଶିବିର

**ବୋଡେନ,୧।୧୧(ଡି.ଏନ.ଏ.)**- ନୂଆପଡ଼ା ଜିଲା ବୋଡେନ ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ୨ ଦିନିଆ ମାଣ୍ଡିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ବୋଡେନ ଏବିଡିଓ ମନୋଜ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଲ୍ଲି ବିକାଶ ସଂସ୍ଥାର ସମ୍ପାଦକ ସୁରେଶ କୁମାର ରାଉତଙ୍କ ପରିଚାଳିତରେ ହୋଇଥିବା ଶିବିରରେ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧୀକାରୀ ଇନ୍ଦ୍ରମଣୀ ପାଣିଗ୍ରାହୀ, ବୋଡେନ ସହକୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର, ବୋଇରଗାଁ ସରପଞ୍ଚ ବୋନୋଦିନୀ ମାଝି ଓ ଏଲମ ବିଭାଗର ଚଇତନ ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୦ଟି ଗ୍ରାମପଞ୍ଚାୟତ ଚାଷୀମାନେ ଯୋଗଦେଇଥିଲେ। ମାଣ୍ଡିଆ ଉତ୍ପାଦନ କ୍ଷେତ୍ରରେ ୫ ଜଣ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା।

### ଆମ ପୋଲିସ ସମିତିର ବୈଠକ

**ସିନାପାଲି,୧।୧୧(ଡି.ଏନ.ଏ.)**- ନୂଆପଡ଼ା ଜିଲା ସିନାପାଲି ଥାନା ପରିସରରେ ବୁଧବାର ସନ୍ଧ୍ୟାରେ ଆମ ପୋଲିସ ସମିତି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବୈଷ୍ଣାୟନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠେରେ ସିନାପାଲି ଥାନାଧିକାରୀ ଜୌତିରଞ୍ଜନ ଗୌଡ଼, ସବଇନିସପେକ୍ଟର ସାଲଖାମ ମୁର୍ମୁଙ୍କ ସମେତ ନାରାୟଣ ପାତ୍ର, ମଧୁ କୁମାର ଜୈନ, ହୁକୁମ ଅଗ୍ରୱାଲ, ରମେଶ ତିୱାରୀ, ହୃଷୀକେଶ ମେହେର, ଶଶୀଭୂଷଣ ମାଝି, କ୍ଷୀରସିନ୍ଧୁ ମେହେର, ଋଷଭ ମେହେର, ତରୁଣ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପଲିଥିନମୁକ୍ତ ଅଭିଯାନ ଉପରେ ସଚେତନତା ସୃଷ୍ଟି କରିବା, ନୂତନ ମୋଟର ଆଇନ ଉପରେ କାର୍ଯ୍ୟ କରିବା ସହିତ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଫୋରମ ଗଠନ କରି ସେମାନଙ୍କ ଭଲମନ୍ଦ ବୁଝିବା ପାଇଁ ଆଲୋଚନା କରାଯାଇଥିଲା

### ବ୍ଲକସ୍ତରୀୟ ଆଥଲେଟିକ ମିଟ୍

**ଖଡିଆଳ,୧।୧୧(ଡି.ଏନ.ଏ.)**- ନୂଆପଡା ଜିଲା ଖଡିଆଳ ରାଜା ଏଟି ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ ଆଥେଲେଟିକ ମିଟ ୨୦୧୯-୨୦ ଆରମ୍ଭ ହୋଇଯାଇଛି। ଖଡିଆଳ ବ୍ଲକରେ ସମସ୍ତ ପ୍ରାଇମେରୀ ଓ ହାଇସ୍କୁଲସ୍ତରରୁ ୧୪ ବର୍ଷରୁ କମ ବୟସ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ପ୍ରତିଯୋଗିତାକୁ ମୁଖ୍ୟଅତିଥି ଖଡିଆଳ ଏବିଇଓ ପ୍ରମୋଦ ପତି ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ ଯୋଗଦେଇଥିଲେ। କ୍ରୀଡା ନିରୀକ୍ଷକ ମହେଶ ଦଣ୍ଡସେନା ଓ ଏବିଇଓ ବେଳଧର ନାଗ ଯୋଗଦାନ କରିଥିଲେ। ୧୦୦, ୨୦୦, ୪୦୦ ମିଟର ଦୌଡ ପ୍ରତିଯୋଗିତା ହୋଇଥିବା ବେଳେ ଲଙ୍ଗଜମ୍, ହାଇଜମ୍, ଟ୍ରିପଲ ଜମ୍ପ। ଜୁନିୟର ଓ ସିନିୟରସ୍ତର କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ପାଇଥିବା ବିଜେତା ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗୀତାରେ ଭାଗ ନେବେ। ଏଥିରେ ପିଇଟି ଶିକ୍ଷକ ପ୍ରଶାନ୍ତ ପ୍ରଧାନୀ, ଧନଞ୍ଜୟ ଦଣ୍ଡସେନା, ମନ୍ମଥ ମେହେର, ଦମୟନ୍ତୀ ପଟେଲ, କୁଣ୍ଡଳିନି ସାହୁ, ନୃସିଂହ ଦାଶ, ଲବ ଶତପଥି, ସୌଭାଗ୍ୟ ସିଂ, ସୁଜିତ ପାତ୍ର, ସୌରଭ ପଣ୍ଡା, ଧନଞ୍ଜୟ ବୌଠାରୁ ପ୍ରମୁଖ ସହଯୋଗ କରିଥିବା ବେଳେ ରାଜକପୁର ବାରିକ ମଞ୍ଚ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ଖରିଫ ଧାନକିଣା ବୈଠକ

# ଆସନ୍ତା ୮ରୁ ଧାନକିଣା

■ ୮୩ ହଜାର ମେଟ୍ରିକ ଟନ ଧାନ ଲକ୍ଷ୍ୟଧାର୍ଯ୍ୟ

**ନୂଆପଡ଼ା ଅଫିସ,୧।୧୧**

ଶୁକ୍ରବାର ସ୍ଥାନୀୟ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଜିଲାସ୍ତରୀୟ ଖରିଫ ଧାନ କିଣା ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୮ ତାରିଖଠାରୁ ଧାନ କିଣାଯିବ ବୋଲି ନିଷ୍ପତ୍ତି ହୋଇଛି । ଏଥର ଆସନ୍ତା ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବାକୁ ଥିବାବେଳେ ଏଥିରେ ୨୬ଟି ପ୍ୟାକ୍ସରେ ୮୩ ହଜାର ମେଟ୍ରିକ ଟନ ଧାନ କିଣାଯିବାକୁ ରାଜ୍ୟ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିବା ସୂଚନା ମିଳିଛି।

ଅପରାହ୍ନ ୪ଟାରେ ଅନୁଷ୍ଠିତ ବୈଠକର ଜିଲାପାଳ ମଧୁସ୍ମିତା ସାହୁ ସଭାପତିତ୍ୱ କରିଥିବାବେଳେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ମୋହନ ପ୍ରାଣିଗାହୀ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ଧାନ ଉତ୍ପାଦନ, ଅମଳ ଏବଂ ଚାଷୀ ପଞ୍ଜୀକରଣ ଉପରେ ଜିଲା କୃଷି ବିଭାଗ ବିବରଣୀ ରଖିଥିବାବେଳେ ପୂର୍ବ ବର୍ଷର ଧାନକିଣା ଉପରେ ଜିଲା ଯୋଗାଣ ବିଭାଗ ଉପସ୍ଥାପନ କରିଥିଲା। ଏହିଭଳି ଧାନକିଣା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ଉପରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବିବରଣୀ ରଖାଯାଇଥିଲା । ଜିଲାପାଳ ଏଥର ଜିଲାରେ ମୋଟ ୨୩ ହଜାର ଚାଷୀ ପଞ୍ଜୀକରଣ ହୋଇଥିବା କହିଛନ୍ତି । ଏମାନଙ୍କଠାରୁ ଧାନ ସଂଗ୍ରହ କରାଯିବ । ପ୍ରତି ଦିନ ଚବିଶ ଘଣ୍ଟା ମଧ୍ୟରେ ଚାଷୀଙ୍କ ଧାନ ଉଠିବ ଏବଂ ଦୁଇ ଦିନ ମଧ୍ୟରେ ଚାଷୀଙ୍କୁ ପେମେଣ୍ଟ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ଏମପି ଏବଂ ବିଧାୟକ ଦ୍ୱୟ କଟନୀ ଛଟନୀ ଉପରେ ଅଙ୍କୁଶ ଲଗାଇବାକୁ ପ୍ରଶାସନକୁ କହିଥିଲେ। ଧାନକିଣା ପାଇଁ ଏହା କେବଳ ନାଁକୁ ମାତ୍ର ବୈଠକ । ଏଥିରେ କୌଣସି ପ୍ରକାର ପ୍ରସ୍ତାବକୁ କେବେ କାର୍ଯ୍ୟକାରୀ କରା ନ ଯାଇ ଉପେକ୍ଷା କରାଯାଇଥାଏ ବୋଲି ଅଭିଯୋଗ କରିଥିଲେ। ବର୍ତ୍ତମାନ ମଣ୍ଡି ଆରମ୍ଭରେ ବିଳମ୍ବ କରାଯାଉଥିବାରୁ ଖୋଲା ବଜାରରେ କ୍ଷୁଦ୍ର ଚାଷୀମାନେ ନିମ୍ନ ଦରରେ ଧାନବିକ୍ରି କରିବା ଆରମ୍ଭ ଦେଇଛନ୍ତି । ଏମାନଙ୍କୁ ସବୁବେଳେ ଅବହେଳା କରାଯାଉଥିବା ନେଇ ଏମପି ପଣ୍ଡା କହିଥିଲେ। ବିଶେଷ କରି ସ୍ୱୟଂ ସହାୟକ ଦଳଗୁଡିକୁ ଧାନ କିଣାରେ ସାମିଲ କରିବାକୁ ବିଧାୟକ ଢୋଲକିଆ ଦାବି କରିଥିଲେ। ଅନ୍ୟପକ୍ଷେ ଜନପ୍ରତିନିଧିଙ୍କ ପ୍ରସ୍ତାବକୁ ସବୁବେଳେ ମର୍ଯ୍ୟାଦା ଦିଆଯିବ ବୋଲି ଜିଲାପାଳ କହିଥିଲେ। ବୈଠକରେ ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସଙ୍କ ସମେତ ସମସ୍ତ ତହସିଲଦାର, କୃଷି ବିଭାଗ ଅଧିକାରୀ, ମିଲର୍ସମାନେ ଯୋଗଦେଇଥିଲେ। ଏଥିରେ ଜଣେ ହେଲେ ଚାଷୀ ପ୍ରତିନିଧି ନ ଥିବାରୁ ଚାଷୀ ମହଲରେ ନିନ୍ଦା କରାଯାଇଛି ।




ଜିଲାସ୍ତରୀୟ ଖରିଫ ଧାନକିଣା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

## ଖଡ଼ିଆଳ ପିଡବ୍ଲ୍ୟୁଡି ବିଭାଗର ମନମୁଖି କାର୍ଯ୍ୟ

# ରାସ୍ତା ସଫେଇ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ଅଭିଯୋଗ

**ସିନାପାଲି,୧।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ସିନାପାଲି-ଗୋଲାମୁଣ୍ଡା ପିଡବ୍ଲ୍ୟୁଡି ରାସ୍ତା ଦୁଇପାର୍ଶ୍ୱ ସଫେଇ କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସିନାପାଲିରୁ ଧିଙ୍ଗିଆମୁଣ୍ଡା ପର୍ଯ୍ୟନ୍ତ ପ୍ରାୟ ୧୫ କି.ମି. ରାସ୍ତାରେ ଉଭୟ ପାର୍ଶ୍ୱରେ ଘାସ ସଫା କରିବା ପାଇଁ ସ୍ଥାନୀୟ ଜଣେ ପେଟି ଠିକାଦାର ଶିଶୁ ଶ୍ରମିକଙ୍କୁ ନିୟୋଜିତ କରି କାର୍ଯ୍ୟ କରୁଛନ୍ତି । ଏତଦ୍ ବ୍ୟତୀତ ଉକ୍ତ ଶ୍ରମିକମାନଙ୍କୁ ୮ ଘଣ୍ଟା ଖଟାଇ ସରକାରୀ ଦରରେ ପାଉଣା ଦେଉନାହାନ୍ତି । ସରକାରୀ ନିର୍ଦ୍ଦେଶ ଅନୁସାରେ ଶ୍ରମିକମାନଙ୍କୁ ୨୮୦ ଟଙ୍କା ଦୈନିକ ଆଠ ଘଣ୍ଟା ପାଇଁ ମଜୁରୀ ଦେବା କଥା । ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ କାର୍ଯ୍ୟ ଚାଲିଥିବାରୁ ଏସବୁ କାର୍ଯ୍ୟକାରୀ ହୋଇପାରୁନାହିଁ । ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ଧବଳେଶ୍ୱର ମାଝିଙ୍କୁ ପଚାରିବାରୁ ଏ ବିଷୟକୁ ନେଇ ମୁଁ କିଛି ଜାଣିନାହିଁ, ଠିକାଦାରଙ୍କୁ ପଚାରି ବୁଝିବି ଓ ତାର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ସମ୍ପୃକ୍ତ ଠିକଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି ।



ରାସ୍ତାକାମରେ ନିୟୋଜିତ ଶିଶୁ ଶ୍ରମିକ।

## ରାଇସ୍ ମିଲ୍ ପରିସରରେ ଭାଙ୍ଗ କାରଖାନା

# ଗୋଦାମ ସିଲ୍ କଲା ସ୍ୱତନ୍ତ୍ର ସ୍କ୍ୱାଡ, ୪ ଅଟକ

**ଜୁନାଗଡ,୧।୧୧(ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସନ୍ୟାସୀକୁଣ୍ଡାମାଲ ଗଣପତି ଏଗ୍ରୋ ରାଇସ ମିଲ ପରିସରରେ ଚାଲିଥିବା ଏକ ଭାଙ୍ଗ କାରଖାନାକୁ କୋଣସି ସୂତ୍ରରୁ ଖବର ପାଇ ଗୁରୁବାର ସନ୍ଧ୍ୟାରେ କଳାହାଣ୍ଡି ଏସ୍‌ପିଙ୍କ ନେତୃତ୍ୱରେ ଭବାନୀପାଟଣାର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଅତର୍କିତ ଚଢାଉ କରି ଗୋଦାମକୁ ସିଲ କରିଛି। ଏହି ଘଟଣାରେ ଜୁନାଗଡ ସହରର ପ୍ରହଲ୍ଲାଦ ପଧାନଙ୍କ ସମେତ ଅନ୍ୟ ୩ଜଣକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ଘଟଣାକୁ ନେଇ ଶୁକ୍ରବାର ତମାମ ତଦନ୍ତ ଚାଲୁରହିଥିବା ବେଳେ ରିପୋର୍ଟ ଲେଖାହେଲା ବେଳକୁ ଭାଙ୍ଗ ସବୁ ସିଜ କରାଯାଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଏହି ରାଇସ ମିଲରେ ଏକ ଭାଙ୍ଗ କାରଖାନା ଚାଲିଥିବା ଖବର ପାଇ କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧରଙ୍କ ନେତୃତ୍ୱରେ ଏକ ସ୍ୱତନ ସ୍କ୍ୱାଡ୍ ଓ ଜୁନାଗଡ ପୋଲିସ ମିଳିତ ଉଦ୍ୟମରେ ଗୁରୁବାର ସନ୍ଧାରେ ଚଢାଉ କରିଥଲେ। ଏହି ସମୟରେ ସେମାନେ ଭାଙ୍ଗଗୁଡିକ ଜବତ କରିବା ସହ ଘଟଣାସ୍ଥଳରେ ଉପସ୍ଥିତ ଥିବା ୩ଜଣ କର୍ମଚାରୀ ଓ ଭାଙ୍ଗ କାରଖାନା ଚଲାଉ ଥିବା ପ୍ରହଲ୍ଲାଦ ପ୍ରଧାନଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି।

## ଚାଉଳ ବୋଝେଇ ଟ୍ରକ ଦୁର୍ଘଟଣା

# ଚାଉଳ ଚୋରା ଚାଲାଣର ସୁରାକ ମିଳିଲା

**କଲମପୁର,୧।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ପଞ୍ଚାୟତ ଚାଉଳ ଗୋଦାମଠାରୁ ଗୁରୁବାର ରାତି ୧୦ଟାରେ ଚାଉଳ ବୋଝେଇ ଟ୍ରକ (ନଂ.ଓଆର୦୮୪୮୯) ଯାଉଥିବା ବେଳେ କଲମପୁରର ଶ୍ରୀବଚ୍ଛ ପଣ୍ଡାଙ୍କ ସମ୍ମୁଖ ଡ୍ରେନରେ ଗାଡି ଚକ ପଡି ତାଙ୍କ ଘର ଗେଟରେ ଧକ୍କା ଦେବାରୁ ଗେଟ ଭାଙ୍ଗିଯାଇଥିଲା। ଏହା ଦେଖି ଗ୍ରାମର ସେସ ଦେବ ନାଏକ, ଧନୟ ନାଏକ, ଜୟନ୍ତ ନାଏକ, ଟୁନା ନାଏକ, ଶଙ୍କର ପ୍ରସାଦ ସୁନାନୀ, ଗୌତମ ଦଲାଇ, ଟୁଲୁ ପଣ୍ଡା ପ୍ରମୁଖ ଆସି ପଚରାଉଚରା କରିବା ପରେ ଚାଉଳ ଚୋରା ଚାଲାଣ ହେଉଥିବା ଜଣାପଡ଼ିଥିଲା। ଟ୍ରକକୁ କଲମପୁର ଫାଣ୍ଡିରେ ଅଟକ ରଖାଯାଇଛି। ଏହି ବାବଦରେ ଧର୍ମଗଡ ଉପଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାଶଙ୍କୁ ପଚାରିବାରୁ ଏହି ଚାଉଳ ବୋଝେଇ ଟ୍ରକ ବିଷୟରେ ମୁଁ ଶୁଣି ସାରିଛି ଏବଂ ଏହି ବିଷୟକୁ ଧର୍ମଗଡ ଉପଖଣ୍ଡ ଅଧିକାରୀଙ୍କୁ ମଧ ଜଣାଇ ଦେଇଛି ବୋଲି କହିଥିଲେ।

## ପ୍ରାଣୀ ଚିକିତ୍ସା ବିଭାଗରେ ଦୁର୍ନୀତିର ଗନ୍ଧ

# ଆଟେଣ୍ଡାଣ୍ଟ ନିଯୁକ୍ତି ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍

## ସରକାରୀ ଘରେ ରହି ଭଡା ନେଉଛନ୍ତି ଅଧିକାରୀ

**ନୂଆପଡା ଅଫିସ,୧।୧୧**

ବର୍ତ୍ତମାନ ରାଜ୍ୟ ଏବଂ କେନ୍ଦ୍ର ସରକାର ଗୋପାଳନ ଏବଂ ପ୍ରାଣୀ ଚିକିତ୍ସା ନାଁରେ ବାର୍ଷିକ ଲକ୍ଷାଧିକ ଟଙ୍କାର ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ଅଧିକାରୀମାନେ ଅଧସ୍ତନ ଅଧିକାରୀଙ୍କ ସହ ସଲାସୁତୁରା କରି ଯୋଜନା ନାଁରେ ଅନିୟମିତତା କରି ବାଟମାରଣା କରୁଥିବା ଅଭିଯୋଗ ହୋଇଛି । ବିଭାଗରେ ଜିଲାର ବେରୋଜଗାର ଯୁବକମାନଙ୍କୁ ଚାକିରୀ ଦେବା ନାଁରେ ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବାବେଳେ ତଳିଆ କର୍ମଚାରୀମାନଙ୍କୁ ବିଭିନ୍ନ ସହାୟତା ଦେବା ନାଁରେ ଅର୍ଥ ଆତ୍ମସାତ କରାଯାଇଥିବା ଖବର ଦାଣ୍ଡରେ ଗଡୁଛି । ଅଭିଯୋଗ ମତେ ୬ ମାସ ତଳେ ଜିଲାରେ ୮ଟି ଆଟେଣ୍ଡାଣ୍ଟ ପଦବୀ ପାଇଁ ବିଜ୍ଞାପନ ବାହାରିଥିଲା । ଏହାକୁ ଜାଣି ଶୁଣି କିଛି କମ ପ୍ରସାରିତ ଖବର କାଗଜରେ ପ୍ରକାଶିତ କରାଯାଇଥିଲା । ଏହି ପଦବୀରେ ବିଶେଷ କରି ଗୋମିତ୍ରମାନଙ୍କୁ ଅଗ୍ରାଧିକାର ଦେବାର ସୂଚନା ରହିଥିଲା । ତେବେ ୮ଟି ପଦବୀ ସକାଶେ ୧୪ଜଣ ଗୋମିତ୍ର ପରୀକ୍ଷା ଦେଇଥିଲେ। ଏମାନଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ଅଧିକାରୀ ଜଣ ପିଛା ୭୦ ହଜାର କରି ଟଙ୍କା ସଂଗ୍ରହ କରି ଏକ ସ୍ୱତନ୍ତ୍ର ଆକାଉଣ୍ଟରେ ଜମା କରିନେଇଛନ୍ତି । ଏ ବିଷୟରେ ଉପରିସ୍ଥ ଅଧିକାରୀ ଟେର ପାଇବାରୁ ଏହି ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ କରିଥିବା ଚର୍ଚ୍ଚା ହେଉଛି । ଅନ୍ୟପକ୍ଷେ ଆଜକୁ ୪ ମାସ ହେବ ଯେକୌଣସି ଅଧିକାରୀ, କର୍ମଚାରୀଙ୍କ ଇନକ୍ରିମେଣ୍ଟ, ଜିପିଏଫ ଉଠାଣ କଲେ ଅଗ୍ରୀମ ଟଙ୍କା ନିଆଯାଉଥିବା କର୍ମଚାରୀମାନେ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଏହିଭଳି ତତ୍କାଳୀନ ଏହା ଉପରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଖରିଆରରୋଡ ଭିଏସଙ୍କ ସମେତ ୩ଜଣ ସରକାରୀ ଘରେ ରହି ଘରଭଡା ବାବଦ ଟଙ୍କା ନେଉଥିବାରୁ ତାକୁ ବନ୍ଦ କରିଦେଇଥିଲେ। ହେଲେ ବର୍ତ୍ତମାନ ଅଧିକାରୀ ତାକୁ ଅନିୟମିତତା କରି ଟଙ୍କା ପ୍ରଦାନ କରିବାକୁ କେଉଁ ପରିସ୍ଥିତିରେ ରାଜି ହୋଇଛନ୍ତି ତାହା ବିଭାଗରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିନକୁ ଦିନ ବିଭାଗରେ କର୍ମଚାରୀଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଉନ୍ନୟନ ନାଁରେ ପ୍ରତି ମାସ ଲକ୍ଷାଧିକ ଟଙ୍କା ବାଟମାରଣ ହେଉଥିବା ଖୋଦ କର୍ମଚାରୀମାନେ ଚର୍ଚ୍ଚା କରୁଛନ୍ତି । ଏହା ଉପରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା.ତ୍ରିଲୋଚନ ଧଳଙ୍କୁ ପଚାରିବାରୁ ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ମନଗଢା ବୋଲି କହିଛନ୍ତି । ସେ ଯାହେଉ ଏହା ଉପରେ ଜିଲାପାଳ ହସ୍ତକ୍ଷେପ ସବିଶେଷ ତଦନ୍ତ କଲେ ସବୁ ପଦାକୁ ଆସିବ ବୋଲି ଆମ ଆଦମୀ ପାର୍ଟି ରାଜ୍ୟ ସମ୍ପାଦକ ଅଂଶୁମାନ ଦାବି କରିଛନ୍ତି । ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ

**ଜୁନାଗଡ,୧।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ପ୍ରିୟଦର୍ଶନୀ ମହାବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୁତି ଭୂଷଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ସଂଯଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଲାଇ, ତାଲିମ ଶିବିର ନିର୍ଦ୍ଦେଶକ ପ୍ରିୟବ୍ରତ ବାଣୁଆ, ଜିଲା ଆବହିକା ଡଃ ପଲ୍ଲିଶ୍ରୀ ପଟ୍ଟନାୟକ, ଜିଲା ସଂଯୋଜକ ସାନ୍ତନୁ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପିଆଇ ମହାବିଦ୍ୟାଳୟ ଇଂଲିଶ ଅଧ୍ୟାପକ ପଦ୍ମମୁଖ ଚଳାନ ପରିଚାଳନା କରିଥିଲେ। ଯୁବ ରେଡକ୍ରସର ତାଲମ ଶିବିର ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ। ଏହି ତାଲମ ଶିବିର ୩ ଦିନ ଧରି ଚାଲିବ। ଏଥିରେ ଜିଲାର ଅନେକ ମହାବିଦ୍ୟାଳୟ ୨ ଶହରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ କାଉନସିଲରମାନେ ଯୋଗଦେବେ। ସେହିପରି ଏହି ତାଲିମ ଶିବିରରେ ରକ୍ତଦାନ ଶିବିର ସମେତ ପ୍ରବନ୍ଧ, ତର୍କବିତର୍କ ଆଦି ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ସନ୍ଧ୍ୟା ୬ରୁ ୯ଟା ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଖେଳ ଅଧାପକ ସମୀର ସାହୁଙ୍କ ସମେତ ସମସ୍ତ ଅଧାପକ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ପତିଆଲପଡା ଉଦନ୍ତୀ ନଦୀରେ ସ୍ପର ନିର୍ମାଣ ନିମ୍ନମାନର ଅଭିଯୋଗ

# ଅବଧି ସରିଲା, କାର୍ଯ୍ୟ ଶେଷ ହେଉନାହିଁ

**ସିନାପାଲି,୧।୧୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଦେଇ ପ୍ରବାହିତ ଉଦନ୍ତୀ ନଦୀର ପତିଆଲପଡା ଗ୍ରାମଠାରେ ସ୍ପର ନିର୍ମାଣ କରାଯାଇଥିବା ବେଳେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ନିମ୍ନମାନର କାର୍ଯ୍ୟ କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପତିଆଲପଡା ଉଦନ୍ତୀ ନଦୀରେ ସ୍ପର ନିର୍ମାଣ ପାଇଁ ଭାବନୀପାଟଣାସ୍ଥିତ ଜଳସେଚନ ବିଭାଗ କଳାହାଣ୍ଡି ଡିଭିଜନ ଅଧୀନରେ ଏହି କାର୍ଯ୍ୟ ଥିବା ବେଳେ ସୁବାସ ରାୟ ନାମକ ଠିକାଦାରଙ୍କୁ ଚୁକ୍ତିନାମା ଦିଆଯାଇଛି । ଠିକାଦାରଙ୍କ ଚୁକ୍ତି ସଂଖ୍ୟା ୬୦ ପି୧/୨୦୧୭-୧୮ ଥିବା ବେଳେ କାର୍ଯ୍ୟ ୦୭।୦୨।୨୦୧୮ ତାରିଖ ଆରମ୍ଭ ହୋଇ ଗତ ୦୯।୦୭।୨୦୧୯ ତାରିଖରେ ଶେଷ ହେବା କଥା। ଅବଧିର ୩ ମାସ ସରିଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ। ପତିଆଲପଡା ଗ୍ରାମ ନିକଟ ବାମପାର୍ଶ୍ୱକୁ ଉଦନ୍ତୀ କୂଳ ଖାଇ ଗ୍ରାମ ଆଡକୁ ଧୀରେ ଧୀରେ ମାଡିବସି ଅନେକ ଜମିବାଡି, ଗଛଲତା ନଦୀରେ ଲୀନ ହୋଇସାରିଛି। ଏହାକୁ ନେଇ ଲୋକେ ଅନେକ ଥର ପ୍ରଶାସନ ନିକଟରେ ଗୁହାରି କରିବା ପରେ ଏହି କାର୍ଯ୍ୟ ପାଇଁ କଳହାଣ୍ଡି ଜଳସେଚନ ବିଭାଜନ ଭବାନୀପାଟଣା ପକ୍ଷରୁ ୨ କୋଟି ୩୩ ଲକ୍ଷ ୪୧ ହଜାର ୭୨୬ ଟଙ୍କାରେ କାର୍ଯ୍ୟ ପାଇଁ ଠିକାଦାରଙ୍କ ସହିତ ଚୁକ୍ତିନାମା କରାଯାଇଛି । ଠିକାଦାର କାର୍ଯ୍ୟକୁ ମନ୍ଥର ଗତିରେ କରୁଥିବା ବେଳେ ନିମ୍ନମାନର କାର୍ଯ୍ୟ କରାଯାଉଥିବା ସାଧାରଣରେ ଅଭିଯୋଗ କରିଛନ୍ତି। କାର୍ଯ୍ୟରେ ଦିଆଯାଉଥିବା ପଥରଖଣ୍ଡ ନିମ୍ନମାନର ଥିବା ବେଳେ କୌଣସି ସାଇଜ୍ ପଥର ଦିଆଯାଉନାହିଁ। ଏପରିକି ପଥର ଫିଲିଂ କରିବା ବେଳେ ସମତୁଳ ନ ରହି ଅବଡାଖାବଡା ହୋଇ ଭାଙ୍ଗିବାକୁ ଆରମ୍ଭ ହୋଇଗଲାଣି । ପଥର ପେଚିଂ କାମ ଚାଲୁଥିବା ବେଳେ ମୁରୁମ ଫିଲିଂ ତଥା ହୁଡା ଉପରେ ରାସ୍ତା ନିର୍ମାଣ ଆଜି ପର୍ଯ୍ୟନ୍ତ ହୋଇପାରୁନାହିଁ । ଏପରିକି ଉଦନ୍ତୀ ହୁଡାରେ ଗୁଳ୍ମ, ଲତା, ଘାସ ମଧ ରୋପଣ ହୋଇପାରିନାହିଁ। ପଥର ପେଚିଂ ବେଳେ ଆବଶ୍ୟକତା ଅନୁଯାୟୀ ମାଟି ସମତୁଳ ନ କରି ପଥର ବସାଯାଇଥିବା ବେଳେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଦନ୍ତୀ ନଦୀରେ ପ୍ରତିବର୍ଷ କୂଳ ନଘି ଗାଁ ମୁହା ହେଉଥିବା ବେଳେ ଏହି କାମ ନିମ୍ନମାନ ଯୋଗୁ ବନ୍ୟାପାଣି ମୁକାବିଲା ସମେତ କୂଳ ଖାଇବା ବନ୍ଦ ହେବା ନେଇ ଆଶଙ୍କା ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସରାକର ଜନସାଧାରନଙ୍କ ଚାଷ ଜମିକୁ ବାଲିଚର ସମେତ ଅନେକ ବିପତ୍ତିରୁ ରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅସାଧୁ ଠିକାଦାର ଓ ବିଭାଗୀୟ ଅଧିକାରୀମାନଙ୍କ ଖାମଖିଆଳି ମନୋଭାବ ଯୋଗୁ ଏଭଳି ନମ୍ନମାନର କାର୍ଯ୍ୟ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ଭବାନୀପାଟଣା ବିଭାଗୀୟ ଗଗନ ବିହାରି ଜେନା ଜନ୍ତ୍ରୀଙ୍କୁ ପଚାରିବାରୁ ବର୍ତ୍ତମାନ ଖଡିଆଳ ଏସଡିଓଙ୍କ ବଦଳି ହୋଇଯାଇଛି, ନୂତନ ଏସଡିଓ ଯୋଗଦାନ ପରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।



ଉଦନ୍ତୀ ନଦୀବନ୍ଧ ପ୍ୟାଚିଂ ଖାଇଯାଇଛି।




## ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

No.DSPL-138 :- ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। କୃଷିଜୀବିଙ୍କ ଆୟବୃଦ୍ଧି ଓ ଜୀବିକାନିର୍ବାହରେ ଗୋ-ପାଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମ ଖାଦ୍ୟ, ଉପଯୁକ୍ତ ଲାଳନପାଳନ, ଉଚିତ ସମୟରେ ପ୍ରଜନନ ଓ ରୋଗ ନିରାକରଣର ବ୍ୟବସ୍ଥା କଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇପାରିବ ଏବଂ କୃଷକମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଘଟିବ । ଆମ ରାଜ୍ୟରେ ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଅକ୍ଟୋବର ୨୯ତାରିଖଠାରୁ ନଭେମ୍ବର ୪ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହା ଗିରିଗୋବର୍ଦ୍ଧନ ପୂଜାଠାରୁ ଗୋପାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପି ପାଳିତ ହେବ। ଏହି ଅବସରରେ ପ୍ରତି ଜିଲ୍ଲାରେ ଗୋ-ଚିକିତ୍ସା ଶିବିର, ଗୋ-ବତ୍ସା ପ୍ରଦର୍ଶନୀ, ଗୋ-ସମ୍ବର୍ଦ୍ଧନା ସମାବେଶ, କୃଷକ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବା ସାଙ୍ଗକୁ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଜଗତ୍‌ସିଂହପୁରଠାରେ ନଭେମ୍ବର ୪ ତାରିଖରେ ଆୟୋଜିତ ହେବ। ଏ ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସରକାରୀ ସୁବିଧାସୁଯୋଗର ସୁବିନିଯୋଗ କରିବାକୁ ରାଜ୍ୟର ସମସ୍ତ ଗୋ-ପାଳକ ଭାଇଭଉଣୀମାନଙ୍କୁ ଅନୁରୋଧ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରି ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ସ୍ୱା./- ଡ଼. ଅରୁଣ କୁମାର ସାହୁ
ମନ୍ତ୍ରୀ
କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ
ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା, ଓଡ଼ିଶା

06014/13/0009/1920



“ ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ପୋଲ ତଳକୁ ଖସିଲା ବାଲି ବୋଝେଇ ଟ୍ରାକ୍ଟର

**ଲାଠୋର,୧।୧୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ କନ୍ଦେଇଛାପର ଗ୍ରାମ ନିକଟସ୍ଥ ଜାମଲି ପୋଲରେ ଏକ ବାଲି ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଖସି ପଡିଥିଲା। ହେଲେ ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି। ସୂଚନା, ଏକ ବାଲି ବୋଝେଇ ଟ୍ରାକ୍ଟର ଗୁରୁବାର ସକାଳେ ବେନ୍ଦେରରୁ ଲାଠୋର ଆସୁଥିବା ବେଳେ କନ୍ଦେଇଛାପର ଗ୍ରାମ ନିକଟସ୍ଥ ଜାମଲି ପୋଲରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡିଥିଲା। ଦୁର୍ଘଟଣା ପରେ ଗାଡି ଡ୍ରାଇଭ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ହେଲେ ଟ୍ରାକ୍ଟର ମାଲିକ କୌଶଳ କ୍ରମେ ଟ୍ରାକ୍ଟରକୁ ବାହାର କରି ନେଇଯାଇଥିଲେ। ଅନ୍ୟପକ୍ଷେ ଟ୍ରାକ୍ଟର ମାଲିକ ବାଲି ଚୋରା ଚାଲାଣ କରୁଥିବା ଅଞ୍ଚଳରେ ଚର୍ଚ୍ଚାରେ ବିଷୟ ହୋଇଛି। ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି।

### ଷାଣ୍ମାସିକ ପରୀକ୍ଷାରେ ପ୍ରଶ୍ନପତ୍ର ଅଭାବ: ସାଧାରଣରେ ଅସନ୍ତୋଷ

**ଖପ୍ରାଖୋଲ/ବଙ୍ଗୋମୁଣ୍ଡା, ୧।୧୧ (ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏକକାଳୀନ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷାଣ୍ମାସିକ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହୋଇଥିଲେ ମଧ ପିଲାଙ୍କ ଅନୁପାତରେ ଆବଶ୍ୟକ ପ୍ରଶ୍ନପତ୍ର ଯୋଗାଇ ଦିଆ ଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କେତେକ ଶ୍ରେଣୀ ପାଇଁ ଆବଶ୍ୟକଠାରୁ କମ୍ ପ୍ରଶ୍ନପତ୍ର ମିଳିଥିବା ବେଳେ କେତେକ ପ୍ରଶ୍ନପତ୍ର ଗୋଟିଏ ଲେଖାଏଁ ଦିଆଯାଇଛି। ଏନେଇ ଶିକ୍ଷକମାନେ ପ୍ରଶ୍ନପତ୍ର ଜେରକ୍ସ କରାଇ ଛାତ୍ରୀଛାତ୍ରଙ୍କୁ ଦେଇଥିବା ଜଣାପଡିଛି। ଏପରି କି କେତେକ ବିଦ୍ୟାଳରେ କଳାପଟାରେ ପ୍ରଶ୍ନପତ୍ର ଲେଖା ଯାଇଥିବା ଜଣାପଡିଛି। ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।। ଏ ନେଇ ବ୍ଲକ ସହ ଶିକ୍ଷା ଅଧିକାରୀ ବୀରେନ୍ଦ୍ର ସାହୁଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ କହିବାକୁ ମନା କରିଦେଇଥିଲେ। ସେହିପରି ବଙ୍ଗୋମୁଣ୍ଡା ଅଞ୍ଚଳର ବିଭିନ୍ନ ସ୍କୁଲରେ ପ୍ରଶ୍ନପତ୍ର ନିଅଣ୍ଟ ହୋଇଥିବାର ଅଭିଯୋଗ ହୋଇଛି। ଏନେଇ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ରାସ୍ତା ଉନ୍ନତୀକରଣରେ ଅନିୟମିତତା ଅଭିଯୋଗ

**ଲୋଇସିଂହା,୧।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ- ଝାରମୁଣ୍ଡା ରାସ୍ତା ଉନ୍ନତୀକରଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ ଉପାଧ୍ୟକ୍ଷ ଯତୀନ୍ଦ୍ର କୁମାର ପଟେଲ ରାସ୍ତା ଉନ୍ନତୀକରଣ କାମରେ ଅନିୟମିତତା ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ବ୍ଲକ ଉପାଧ୍ୟକ୍ଷ ପଟେଲଙ୍କ ଅଭିଯୋଗ କ୍ରମେ, କନ୍ଦାଜୁରୀ ପଞ୍ଚାୟତ ସଦର ଗାଁରୁ ଝାରମୁଣ୍ଡାକୁ କଚା ରାସ୍ତା ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଉକ୍ତ ରାସ୍ତାର ଉନ୍ନତୀକରଣ ସକାଶେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨ ଲକ୍ଷ ଟଙ୍କା ବ୍ୟୟବ ରାଦ କରାଯାଇଛି। ହେଲେ ରାସ୍ତା ଉନ୍ନତୀକରଣରେ ଅନିୟମିତତା ହୋଇଥିବା ବ୍ଲକ ଉପାଧ୍ୟକ୍ଷ ପଟେଲଙ୍କ ସହ ପୂର୍ବତନ ସରପଞ୍ଚ ଅଶୋକ କୁମାର ବେହେରା, ସରପଞ୍ଚ ତନୟା ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ସମ୍ପର୍କରେ ଯନ୍ତ୍ରୀ ସନ୍ତୋଷ କୁମାର ମାରାଣ୍ଡିଙ୍କୁ ପଚାରିବାରୁ ବଭାଗୀୟ କାମ ହୋଇଥିଲେ ସୁଦ୍ଧା ଜଣେ ଠିକାଦାର ରାସ୍ତାର ଉନ୍ନତିକରଣ କାମ କରିଥିଲେ। ହେଲେ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ଅଷ୍ଟ ପ୍ରହର ନାମ ଯଜ୍ଞ

**ଟିକ୍ରାପଡ଼ା,୧।୧୧(ଡି.ଏନ୍.ଏ.):** ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଡୁକେରଚଚରା ଗ୍ରାମରେ ପଞ୍ଚାୟତ ଯାଦବ ସମାଜ ଆନୁକୁଲ୍ୟରେ ଅଷ୍ଟପ୍ରହର ନାମ ଯଜ୍ଞ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ବିଲାସିନୀ ଘିଭେଲା, ପିତବାସ ଘିଭେଲା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରଜନୀକାନ୍ତ ଦାସ, ଅନ୍ତର୍ଯ୍ୟାମୀ ଶତପଥୀ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ହଳିଆ ଗୀତ, ବାଡି ଖେଳ, ହୁଳହୁଳି, ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଅଜାମ୍ବିଳ ଘିଭେଲା, ପିରାଶ ରାଜପଲିଆ, ପରମାନନ୍ଦ ଘିଭେଲା ପ୍ରମୁଖଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ

# ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କଲେ ଦୁର୍ନୀତି କମିବ

**ବଲାଙ୍ଗୀର ଅଫିସ, ୧।୧୧**




ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସଚ୍ଚୋଟତା ଏକ ଜୀବନଶୈଳୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଷ୍ଠାର ସହ ସାମାଜିକ ଦାୟିତ୍ୱ ନିର୍ବାହ କଲେ ଦୁର୍ନୀତି କମିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ ମହେଶ୍ୱର ସ୍ୱାଇଁ ଛାତ୍ର ଜୀବନରୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଉପରେ ଜୋର ଦେଇଥିଲେ। ବିଭିନ୍ନ ଦେଶର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଉଦାହରଣ ଦେଇ ସଚେତନତା କାର୍ଯ୍ୟକ୍ରମ ଜରିଆରେ ବ୍ୟବସ୍ଥାକୁ ସୁଧାରି ପାରିବ ବୋଲି କହିଥିଲେ। ସଭାରେ ମଞ୍ଚାସୀନ ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲ ଦୁର୍ନୀତି ନିବାରଣ ସପ୍ତାହ ପାଳନର ତାତ୍ପର୍ଯ୍ୟ ଓ ସଚେତନତା କାର୍ଯ୍ୟକ୍ରମ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଗୁରୁଶ୍ରୀ ଘାସିରାମ ମିଶ୍ର, ରଚନା ସମ୍ପାଦକ ଭାଗିରଥି ମିଶ୍ର, ପଙ୍କଜିନୀ ପଣ୍ଡା, ମନରଞ୍ଜନ ଯୋଷୀ, ବୀରେନ୍ଦ୍ର କୁମାର ଝାଙ୍କର, ପ୍ରଶାନ୍ତ ଯୋଷୀ, ଶୁଭ୍ରାଂଶୁ ଶେଖର ପଣ୍ଡା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବିଶ୍ୱାତ୍ମ ବିଦ୍ୟାମନ୍ଦିର ଛାତ୍ର ଅମୃତାନନ୍ଦ ମିଶ୍ର, ୟୁବୋଦୟ ଛାତ୍ର ପ୍ରଜ୍ଞାନ ମିଶ୍ର, ଲିଟିଲ ଫ୍ଲାୱାର ସ୍କୁଲ ଛାତ୍ରୀ ଆୟୁଷୀ ନନ୍ଦ, ଜେଏସ୍‌ଏମ୍ କଲେଜ ଛାତ୍ରୀ ଅହିଂସା ଜୈନ୍ ଓ ଅନ୍ୟମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲରେ ଛାତ୍ରମାନଙ୍କୁ ନେଇ ଏକ ଇଣ୍ଟିଗ୍ରିଟି କ୍ଲବ୍ ଗଠନ କରାଯାଇଥିଲା । ଏଠାରେ ଭିଜିଲାନ୍ସ ଡିଏସ୍‌ପି ସାମଲ, ଡିଆଇପିଆରଓ ପାଣିଗ୍ରାହୀ ଓ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ଓ ଅନ୍ୟ ଶିକ୍ଷକ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବିଜେଡି ଛାତ୍ର ନେତା ମୃତ

**ବଲାଙ୍ଗୀର ଅଫିସ,୧।୧୧**



ଉମାକାନ୍ତ ସେଠ୍‌ଙ୍କ ଫାଇଲ ଫଟୋ।

ବଲାଙ୍ଗୀର ସହର କୋସଲ ଛକ ନିକଟରେ ଏକ ଦୁର୍ଘଟଣାରେ ଜିଲା ବିଜେଡି ଛାତ୍ର ଉପସଭାପତି ଉମାକାନ୍ତ ସେଠ୍‌ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି।

ମିଳିଥିବା ସୂଚନା ମୁତାବକ, ଉମାକାନ୍ତ ଏକ ବାଇକ୍‌ରେ ଆର୍‌ଟିଓ ଅଫିସ ପକ୍ଷରୁ ଆସୁଥିବାବେଳେ କୋସଲ ଛକ ନିକଟରେ ଏକ ଟ୍ରକ୍ ସହ ପିଟି ହୋଇଯାଇଥିଲେ। ଫଳରେ ସେ ରାସ୍ତାରେ ଛିଟିକି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଜେଡି ନେତା ଓ ଯୁବକର୍ମୀ ଡାକ୍ତରଖାନାରେ ପହଞ୍ଚିଥିଲେ। ପରେ ମୃତଦେହ ତାଳପାଲିପଡ଼ା ଘରକୁ ନିଆଯାଇଥିଲା। ଜଣେ ଯୁବ ସଙ୍ଗଠକ ଭାବେ ଉମାକାନ୍ତ ସହରରେ ବେଶ୍ ସକ୍ରିୟ ଥିଲେ। ଗତ ଅଗଷ୍ଟ ମାସରେ ବଲାଙ୍ଗୀରରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟା ସମୟରେ ପୀଡିତ ଲୋକଙ୍କୁ ରିଲିଫ୍ ବଣ୍ଟନରେ ଉମାକାନ୍ତ ସହଯୋଗ କରିଥିଲେ। ସେ କିଛି ମାସ ତଳେ ସେ ବିବାହ କରିଥିଲେ। ତାଙ୍କ ଦୁଃଖଦ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଏନେଇ ବିଜେଡି ରାଜ୍ୟ ଉପସଭାପତି ଅନଙ୍ଗ ଉଦୟ ସିଂଦେଓ, ଜିଲା ବିଜେଡି ସଭାପତି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ଜିଲା ବିଜେଡି ଛାତ୍ର ସଭାପତି ଗୁଞ୍ଜୀ ଖାନ୍, ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ୍, ଜିଲା ବିଜେଡି ଆଇଟି ସେଲର ବିଭୂତି ଭୂଷଣ ମିଶ୍ର, ପୂର୍ବତନ ନଗରପାଳ ସନ୍ତୋଷିନୀ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ମହିଳାଙ୍କ ମଦ ବିରୋଧୀ ସଚେତନତା ଶୋଭାଯାତ୍ରା

**ଟିକ୍ରାପଡ଼ା,୧।୧୧(ଡି.ଏନ୍.ଏ.)**

ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧୀନ ଲାଫେର ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ମଦ ବିରୋଧୀ ସଚେତନତା ଶୋଭାଯାତ୍ରା କରିଥିଲେ। ମହିଳାମାନେ ମଦ ବିରୋଧୀ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଅଞ୍ଚଳରେ ଦେଶୀ ମଦ ଚୋରା କାରବାର ବୃଦ୍ଧି ପାଉଥିବା ଯୋଗୁ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପୁଷ୍ପାଳି ମାଝି, ସତ୍ୟବତି ମାଝି, ଲିଲି ଜାଲ, ଅପୂର୍ଣ୍ଣା ଭୋଇ, ବବିତା ଜାଲ, ସୈରେନ୍ଦ୍ରି ମହାକୁର ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସୁନ୍ଦରୀକୁ ବର ମିଳେନି**
**ଅତି ଘରଣୀକୁ ଘର ମିଳେନି।**

ନିଜକୁ ସବୁଠୁ ସୁନ୍ଦରୀ ବୋଲି ମନେକରୁଥିବା କନ୍ୟା ଓ ଅତିବଡ଼ ଘରର ବା ଧନୀ ଘରର କନ୍ୟା ସଦାସର୍ବଦା ନିଜ ରୂପ ତଥା କୁଳ, ଆଭିଜାତ୍ୟକୁ ନେଇ ଉଚ୍ଚ ଆଶାପୋଷଣ କରିବସିଥାନ୍ତି। ଏନେଇ ମନରେ ତାଙ୍କର ଅହେତୁକ ଗର୍ବଭାବନା ଆସିଯିବା ସ୍ୱାଭାବିକ ହୋଇଥାଏ। ଫଳରେ ଭଲ ବର ଓ ଘର ବାଛିବା ନେଇ ସର୍ବଦା ଦ୍ୱନ୍ଦ୍ୱରେ ପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି। ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଫୁଲା କାଇଁଶ ଫୁଲୁ କାହିଁକି**
**ଆଉ ଫୁଲିବାକୁ ଦିନ ନାହିଁକି ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ଘଟଣା

## ବାହାରେ ବସି ପରୀକ୍ଷା ଦେଲେ ଛାତ୍ରୀଛାତ୍ର

**ସଇଁତଲା,୧।୧୧(ଡି.ଏନ୍.ଏ.)**

ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧୀନ ନାଗଫେଣା ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦେବା ସାଙ୍ଗକୁ ସ୍କୁଲର ଉନ୍ନୟନ କାର୍ଯ୍ୟ ପାଇଁ ଆସୁଥିବା ଟଙ୍କା ଆତ୍ମସାତ କରାଯାଉଥିବା ଅଭିଯୋଗ କରି ସ୍କୁଲ ପରିଚାଳନା କମିଟି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି। ଆନ୍ଦୋଳନ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ଏଭଳିସ୍ଥିତିରେ ଶୁକ୍ରବାର ଶିକ୍ଷା ବିଭାଗ ପକ୍ଷରୁ ପରୀକ୍ଷା ହୋଇଥିଲା। ହେଲେ ଆନ୍ଦୋଳନ ଯୋଗୁ ଛାତ୍ରୀଛାତ୍ରମାନେ ସ୍କୁଲ ବାରଣ୍ଡାରେ ବସି ପରୀକ୍ଷା ଦେଇଥିବା ଜଣାପଡିଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା କହିଥିଲେ। ୩ ଦିନ ହେଲା ବିଦ୍ୟାଳୟରେ ତାଲା ପଡ଼ିଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଦୁଃଖର ବିଷୟ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଲମ୍ବୋଦର ମେସୁଆ କହିଛନ୍ତି। ଗ୍ରାମର ପରିଚାଳନା କମିଟି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପଚାରିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବଦଳି ପରେ ସ୍କୁଲରୁ ତାଲା ଖୋଲାଯିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ବିଜୟ ମଲ୍ଲିକଙ୍କୁ ପଚାରିବାରୁ ସ୍କୁଲରେ କୌଣସି ଅନିୟମିତତା ହେଉ ନ ଥିବା କହିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

FINANCE

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
9716592470
Brahma Sahi, Nayagarh

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

ଋଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
1940ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ
2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଜୟପାଟଣା,୧।୧୧(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଜୟପାଟଣା-ମୋଟେର ରାସ୍ତା ଖଲିଆଭଟା ଛକଠାରେ ଶୁକ୍ରବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ କପୁରଚନ ତାଣ୍ଡି (୨୫)। ସନ୍ଧ୍ୟା ୬ଟାରେ ଘୁମେରଗୁଡ଼ା ଗ୍ରାମର କପୁରଚନ ଏକ ଟିଭିଏସ୍. ବାଇକ୍‌ରେ ଜୟପାଟଣା-ମୋଟେର ରାସ୍ତାରେ ନିଜ ଗାଁ ଘୁମେରଗୁଡ଼ାକୁ ଯାଉଥିଲେ। ବିପରୀତ ଦିଗ ମୋଟେର ପଟୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ଧକ୍କା ଦେବାରୁ ଘଟଣାସ୍ଥଳରେ କପୁରଚନଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ ଜୟପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ତାଙ୍କର ପରିଚୟ ମିଳିପାରି ନାହିଁ ।

### ଡିଗ୍ରୀ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ

**ତୁଣ୍ଡଲା,୧।୧୧(ଡି.ଏନ.ଏ.)-** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ତିଥିରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ସଭାରେ ଇଂଲିଶ ଅଧାପକ ଦୁର୍ଯ୍ୟୋଧନ ବିଶୋଇ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ମାନିତ ଅତିଥି ଅଧାପକ ଡ. ମଦନମୋହନ ସାହୁ, ମୁଖ୍ୟବକ୍ତା ଭାବେ ଅଧାପକ ନିରଞ୍ଜନ ମାଝି ରହି ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। କଲେଜ ଅଧକ୍ଷ ଛାତ୍ରୀଛାତ୍ରମାନେ କେଉଁ ପରି ଭାବରେ ଏକତାର ସହିତ ପ୍ରତ୍ୟେକ ସମସ୍ୟାର ସମାଧାନ କରିବେ ତା ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭକ୍ତବନ୍ଧୁ ପଧାନ, ଚଉବନ ପଧାନ, ବୁଦ୍ଧଦେବ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ।

### ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ତୁଣ୍ଡଲା,୧।୧୧(ଡି.ଏନ.ଏ.)-**କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେସିଙ୍ଗା ବିଡିଓ ଭୀମସେନ ଶବର ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଝସନେତ୍ରୀ ଭୋଇ ଓ ମୁଖ୍ୟବକ୍ତା ଭାବେ ଅଧାପକ ସଦାନନ୍ଦ ଶତପଥି ଯୋଗଦାନ କରିଥିଲେ । ଏହି ଶିବିରରେ କଲେଜ ଛାତ୍ରୀଛାତ୍ର ଓ ସମସ୍ତ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ପାଷ୍ଟିକୁଡି ମେଡିକାଲରୁ ଡା. ନରସିଂହ ସିଂ ଉପସ୍ଥିତ ରହି ଶିବିରରେ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧାପକ ଦୁର୍ଯ୍ୟୋଧନ ବିଶୋଇଙ୍କ ପରିଚାଳନାରେ ନିରଞ୍ଜନ ମାଝି, ବସନ୍ତ କୁମାର ସାହୁ, ଭକ୍ତବନ୍ଧୁ ପଧାନ, ବୁଦ୍ଧଦେବ ପଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରଥିଲେ ।

### ଇନ୍ଦିରା ଗାନ୍ଧୀ ମହାପ୍ରୟାଣ ଦିବସ, ସର୍ଦ୍ଦାର ପଟେଲ ଜୟନ୍ତୀ ପାଳିତ

**ଭବାନୀପାଟଣା,୧।୧୧(ଡି.ଏନ.ଏ.)** କଳାହାଣ୍ଡି ଜିଲା କଂଗ୍ରେସ ଅଫିସରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଓ ପୂର୍ବତନ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲା ସଭାପତି ଭାରତ ଭୂଷଣ ବେମାଲ ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କ ଫଟୋ ଚିତ୍ରରେ ଫୁଲମାଳ ଅର୍ପଣ କରିଥିଲେ। ବେମାଲ ଉଭୟ ଦିବଗନ୍ତ ମହାନ ପୁରୁଷଙ୍କ ସ୍ମୃତି ଚାରଣ କରିଥିଲେ। ଜିଲା ସାଧାରଣ ସମ୍ପାଦକ ବ୍ରଜମୋହନ ସାହୁ, ସୁରେଶ ପଟ୍ଟନାୟକ, ଉପ ସଭାପତି ଉଚ୍ଛବ ସାହୁ, ଜିଲା ମହିଳା ସଭାନେତ୍ରୀ ସୁକାନ୍ତି ସରାଫ, ପୂର୍ବତନ ସଭାପତି ହାଇଦର ଅଲ୍ଲି ଖାଁ, ଆଦିବାସୀ ନେତା ପରମାନନ୍ଦ ମାଝି, ଟାଉନ୍ ସଭାପତି ନିମାଞ୍ଚଳ ନାଏକ, ହରିଜନ ନେତା ସରତ ନାଏକ, ପ୍ରୀତମ୍ ବେହେରା, ଉପଦେଷ୍ଟା ସିଦ୍ଧାର୍ଥ ନାଏକ, ସୁଦର୍ଶନ ବିଶ୍ୱାଳ, ସୁବାସ ପ୍ରଧାନ ଉପସ୍ଥିତ ରହି ଉଭୟ ଦିବଗନ୍ତ ନେତାଙ୍କ ସ୍ମୃତିଚାରଣ କରିଥିଲେ।



ଜିଲା ଗଠନ ଦିବସ ଏବଂ ଜିଲା ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।


ଜିଲା ଗଠନ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

## କଳାହାଣ୍ଡି ଜିଲା ଗଠନ ଦିବସ ପାଳିତ

# ଜିଲାର କଳା, ସଂସ୍କୃତି, ଐତିହ୍ୟ ବିଶ୍ୱରେ ସ୍ୱତନ୍ତ୍ର

**ଭବାନୀପାଟଣା,୧।୧୧ (ଡି.ଏନ.ଏ.)**

ଆନନ୍ଦ ଉଲ୍ଲାସ ମଧ୍ୟରେ ଘୁମୁରାର ତାଳେ ତାଳେ କଳାହାଣ୍ଡି ଗଠନ ଦିବସ ୨୦୧୯ ଶୁକ୍ରବାର ସ୍ଥାନୀୟ ଲାଲାବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ପରିସରରେ ସାଂସ୍କୃତିକ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ, ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ କଳାହାଣ୍ଡି ଜିଲା ଗଠନ ଦିବସ-୨୦୧୯ ଏବଂ ଜିଲା ଶିଶୁ ମହୋତ୍ସବ ସୁରଭି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମା' ମାଣିକେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କଳାହାଣ୍ଡି ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଗାଭାଲି ପରାଗ ହର୍ଷଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଭୟ

**ଜିଲା ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ**

କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ଏସପି ବାତୁଲା ଗଙ୍ଗାଧର, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ପିଡିଡିଆରଡିଏ ଜ୍ଞାନରଞ୍ଜନ ଭଞ୍ଜଦେଓ, ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ କୁମାର ସିଂ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଭବାନୀପାଟଣା ସହର ପରିକ୍ରମା କରିଥିଲା। ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲା । ସେଠାରେ ଘୁମୁରା, ଘଣ୍ଟ ଆଦି ବାଦ୍ୟ ମଧ୍ୟରେ କଳାହାଣ୍ଡି ଗଠନ ଦିବସ ୨୦୧୯କୁ ଏମ୍‌ପି ବସନ୍ତ କୁମାର ପଣ୍ଡା ମା' ମାଣିକେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଜିଲାପାଳ ତଥା ଅଧ୍ୟକ୍ଷ ଜିଲା ସଂସ୍କୃତି ପରିଷଦ ଗାଭିଲ ପରାଗ ହର୍ଷଦ ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଅତିତରେ ଦାରିଦ୍ର, ଅନାହାର, ପିଲାବିକ୍ରି, ଗରିବ ଓ ଅନଗ୍ରସତାକୁ ନେଇ ବିଶ୍ୱ ଦରବାର ପରିଚିତ ଥିଲା । ସମସ୍ତଙ୍କ ଦୃଷ୍ଟି କଳାହାଣ୍ଡି ଏକ ଦାରିଦ୍ର ଓ ଅନଗ୍ରସର ଅଞ୍ଚଳ ଭାବରେ ପରିଚୟ ପାଇ ଆସୁଥିଲା। କିନ୍ତୁ ଆଜି ସେହି କଳଙ୍କ, ବଦନାମ କଳାହାଣ୍ଡିରୁ ମୁଣ୍ଡରୁ ଧୀରେ ଧୀରେ ଅପସରି ଯାଇଛି। କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ ବିଶ୍ୱଦରବାରରେ ଆଜି ସ୍ୱତନ୍ତ୍ର ସ୍ଥାନ ହାସଲ କରି ପାରିଛି । ଜିଲା ବିକାଶ ଓ ଉନ୍ନତି ପଥରେ ଆଗେଇ ଚାଲିଛି ବୋଲି ଅତିଥିମାନେ କହିଛନ୍ତି। କଳାହାଣ୍ଡିର ବୀରବାଦ୍ୟ ଘୁମୁରା ଏବଂ ବଜାସାଲ ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିବା ବେଳେ କଳାହାଣ୍ଡିର କଳା ସଂସ୍କୃତି ଏବଂ ଐତିହ୍ୟକୁ ଛାଡି ଓଡିଶାର ଇତିହାସ ଲେଖାଯାଇ ପାରିବ ନାହିଁ। କଳାହାଣ୍ଡିର ଏହି ମହାନ୍ ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ଲୋକକଳା ଅତୀତରେ ମହାନ୍ ଥିଲା, ବର୍ତ୍ତମାନ ଅଛି ଏବଂ ଭବିଷ୍ୟତରେ ମଧ ମହାନ୍ ହୋଇ ରହିଥିବ ବୋଲି ଅତିଥିମାନେ କହିଛନ୍ତି। ପରେ ବିଭିନ୍ନ ଅଞ୍ଚଳରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଏମ୍‌ପି ପଣ୍ଡା ଜିଲା ଶିଶୁ ମହୋତ୍ସବ ସୁରଭିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୧୩ଟି ବ୍ଲକରୁ ୩୦୦ ଛାତ୍ରୀଛାତ୍ରଙ୍କ ସହ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ, ବିଆରସିସି, ସିଆରସିସି, ବିଇଓ, ଏବିଇଓ ଓ ଅଭିଭାବକ ଯୋଗଦେଇଥିଲେ। ସୁରଭି କାର୍ଯ୍ୟକ୍ରମରେ ବିତର୍କ, ପ୍ରବନ୍ଧଲିଖନ, କୁଇଜ, ଚିତ୍ରାଙ୍କନ, ସୃଜନଶିଳ ଲିଖନ, ସଙ୍ଗୀତ, ଓଡିଆ ହସ୍ତାକ୍ଷର, ସ୍ମୃତଲିଖନ ଓ ମଧ୍ୟାହ୍ନ ଭୋଜନ ଅନ୍ତର୍ଗତ ଚିତ୍ରାଙ୍କନ ଓ ଶିଳ୍ପକଳା ଇତ୍ୟାଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଭାଗ ନେବେ। ଏହି କାର୍ଯ୍ୟକ୍ରମକୁ ଏସସି ଏସଟି ସଂଯୋଜକ ସୁଶ୍ରୀ ଶ୍ରଦ୍ଧାଞ୍ଜଳି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସମସ୍ତ ବିଇଓ, ଏବିଇଓ, ଡିଆରସିସି, ସିଆରସିସି ଓ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ ।

### ପରୀକ୍ଷା ପରିଚାଳନାରେ ବିଳମ୍ବ ନେଇ ଅସନ୍ତୋଷ

**ମ.ରାମପୁର,୧।୧୧ (ଡି.ଏନ.ଏ.)**

ସରକାର ରାଜ୍ୟରେ ଏକକାଳୀନ ଏକପ୍ରକାରର ପ୍ରଶ୍ନପତ୍ର ମାଧ୍ୟମରେ ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରୀକ୍ଷା କରିବା ପାଇଁ ଚଳିତବର୍ଷଠାରୁ କାର୍ଯ୍ୟାରମ୍ଭ କରିଛନ୍ତି। ସରକାରୀ ଧାର୍ଯ୍ୟନୀତି ପ୍ରକାରରେ ୨୮ ତାରିଖଠାରୁ ଆରମ୍ଭ ହେବାକୁ ଥିବା ପରୀକ୍ଷା ଘୁଞ୍ଚିଯାଇଛି। ପ୍ରଶ୍ନପତ୍ର ପହଞ୍ଚିବାରେ ବିଳମ୍ବ, ଅବ୍ୟବସ୍ଥା ଯୋଗୁ ଉକ୍ତ ପରୀକ୍ଷା ନଭେମ୍ବର ୧ ତାରିଖଠାରୁ ଆରମ୍ଭ ହେବାକୁ ପୁନଃ ଧାର୍ଯ୍ୟ ହେବାକୁ ଥିବାବେଳେ ତାହା ମଧ୍ୟ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିରାଶ ଏବଂ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଅକ୍ଟୋବର ୩୧ ସୁଦ୍ଧା ପ୍ରଶ୍ନପତ୍ର ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ପହଞ୍ଚିବାକୁ ଥିବାବେଳେ ତାହା ବିତରଣ ହୋଇପାରିନାହିଁ। ଏହା ସହିତ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଉକ୍ତ ପରୀକ୍ଷା ପୁନଃ ୨ ତାରିଖଠାରୁ ହେଇପାରୁନାହିଁ। ୧, ୨ ତାରିଖ ପରିବର୍ତ୍ତେ ୪ରୁ ୭ ତାରିଖ ଯାଏଁ ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ଏହା ସହିତ ପ୍ରାଥମିକ ବିଦ୍ୟାଳୟସ୍ତରରେ ୧୫ ରୁ ୨୦ ପ୍ରତିଶତ ପ୍ରଶ୍ନପତ୍ର କମ୍ ପଠାଇଥିବା ଏବଂ ଏତଜନିତ ବିତରଣ ମଧ୍ୟ ସଂଖ୍ୟା ହ୍ରାସ ପାଇଛି। ତଥ୍ୟାନୁସାରେ ମ.ରାମପୁର ବ୍ଲକରେ ୧୦୯ଟି ପ୍ରାଥମିକ ବିଦ୍ୟାଳୟରେ ୬୦୦୦ରୁ ଉର୍ଦ୍ଧ୍ୱ ଓ ୫୦ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୪୦୦୦ରୁ ଉର୍ଦ୍ଧ୍ୱ ଏଭଳି ୧୦୦୦୦ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକୃତ କରିଛନ୍ତି ।

# ଘରେ ପଶି ଦୁର୍ବୃତ୍ତ ଲୁଟିନେଲେ ଟଙ୍କା, ସୁନାଗହଣା

■ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

**ଜୁନାଗଡ,୧।୧୧ (ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହର କଲମପୁର ଛକ ନିକଟରେ ଥିବା ବିଜୟ ଅଗ୍ରୱାଲଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। ଏ ନେଇ ବିଜୟ ଜୁନାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ମଧ୍ୟାହ୍ନରେ ପୋଲିସ ସାଇଣ୍ଟିଫିକ ଟିମ ସହ ସନ୍ଧାନୀକୁକୁର ଘଟଣାର ତଦନ୍ତ କରୁଛି। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାର ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ଗୁରୁବାର ସକାଳରେ ବିଜୟ ନିଜ ଝିଅର ବିବାହ ଲାଗି ସଉଦା (ବଜାର) କରିବା ପାଇଁ ପରିବାରବର୍ଗଙ୍କ ସହ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଉକ୍ତ ରାତିରେ ଘର ଛାତ ଉପରେ ଥିବା କବାଟ ତାଡି ଭିତରକୁ ପଶିଥିଲେ। ଶୋଇବା ଘରେ ଥିବା ଆଲମାରୀକୁ ଭାଙ୍ଗି ୨ଟି ମଙ୍ଗଳସୂତ୍ର,୨ଟିକାନର ଫୁଲ,୧୫ଟି ରୁପା ଟଙ୍କା, ଗୋଟିଏ ରୁପା ଚେନ ଓ ନଗଦ ୧ ଲକ୍ଷ


ଦୁର୍ବୃତ୍ତମାନେ ଆସବାବପତ୍ର ଏଣେତେଣେ ଫିଙ୍ଗି, ଆଲମାରୀ କବାଟକୁ ଭାଙ୍ଗି ସୁନାଗହଣା, ଟଙ୍କା ଲୁଟିନେଇଛନ୍ତି।

ଟଙ୍କା ଚୋରି କରିନେଇଥିଲେ। ରାତି ୧୨ଟାରେ ବିଜୟଙ୍କ ପରିବାର ଲୋକେ ଘରକୁ ଫେରିଥିଲେ। ଏହି ସମୟରେ ସେମାନେ ଘରର କବାଟ ଖୋଲା ଥିବା ଦେଖିବାକୁ ପାଇଥିଲେ। ଭିତରକୁ ପଶିବା ପରେ ଆସବାବ ପତ୍ରଗୁଡିକ ଏଣେ ତେଣେ ପଡିଥିବା ଓ ଆଲମାରୀ କବାଟ ଖୋଲା ଥିବା ଦେଖି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ବିଜୟ ଜୁନାଗଡ ପୋଲିସକୁ ସୂଚନା ଦେଇଥିଲେ।

### ଗିରିଗୋବର୍ଦ୍ଧନ ପୂଜା

**ମ.ରାମପୁର,୧।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ଗୌଡକର୍ଲାଖଣ୍ଡା ଉପରପଡା ପୂଜା କମିଟି ପକ୍ଷରୁ ୪ ଦିନ ବ୍ୟାପୀ ଚାଲିଥିବା ଗିରିଗୋବର୍ଦ୍ଧନ ପୂଜା ଉଦ୍‌ଯାପିତ ହୋଇଯାଇଛି। ୨୮ ତାରିଖରେ କଳସ ଯାତ୍ରାଠୁ ଆରମ୍ଭ ହୋଇ ଆଳତି, ହୋମ ଯଜ୍ଞ ପାଳନ ସହିତ ୩ ରାତ୍ର ବହୁବିଧ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। ୨୮ ତାରଖରେ ଭାଲୁପିଆ ଗ୍ରାମର କିଚକ ବଧ, ୨୯ରେ ବଲାଙ୍ଗୀରର ରାମାୟଣ, ୩୦ ତାରିଖ ରାତିରେ ପିପଲପଦରର କନକଲତା ହରଣ ଆଦି ମଞ୍ଚସ୍ଥ ହୋଇଥିଲା। ପୂର୍ଣ୍ଣାହୁତି ଦିନ ଭକ୍ତିଅର୍ଘ୍ୟ ପରିବେଷଣ ହୋଇଥିଲା। କମିଟି ସଭାପତି ଦୟାନିଧି ମାଝି, ସମ୍ପାଦକ ଅନନ୍ତ ପାଲ, କର୍ତ୍ତା ଅନ୍ତଯାମୀ ଭୋଇ, ଲତା ଦେବୀ, ଉଦ୍ଧବ ପଣ୍ଡା ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଡିଙ୍ଗର ଭୋଇ, ଦାଶରଥୀ ମାଝି, ସତ୍ୟଜିତ ଚାଟାର୍ଜୀ ପ୍ରମୁଖ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିରେ ପାଖଆଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ପୂଜାରୋପଣ କରିଥିବାବେଳେ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।


ଜୟନ୍ତୀନଗର ପଡାରେ ବିଜେଡିର ଶୋଭାଯାତ୍ରା।

## ନର୍ଲା ବିଧାୟକ, ବିଜେଡି କର୍ମୀଙ୍କ ଜନସମ୍ପର୍କ ପଦଯାତ୍ରା

**ମ.ରାମପୁର,୧।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ସଦର ମହକୁମାରେ ଗୁରୁବାର ନର୍ଲା ବିଧାୟକ ଭୂପିନ୍ଦର ସିଂହଙ୍କ ନେତୃତ୍ୱରେ ବିଜେଡିର କର୍ମୀମାନେ ଜନସମ୍ପର୍କ ପଦଯାତ୍ରା କରିଥିଲେ । ପୂର୍ବାହ୍ନ ୧୦ଟାରେ ବୁରାଟ ଗ୍ରାମ, ମ.ରାମପୁରର କଳାମନ୍ଦିର ଛକ, ଜୟନ୍ତୀନଗରପଡା, ତଳସାଗରପଡା, ଗୌଡପଡା, ପାଇକପଡା ଦେଇ ବିଧାୟକ ଏବଂ କର୍ମୀମାନେ ପଦଯାତ୍ରା କରିଥିଲେ। ଏହି ଅବସରରେ ସ୍ଥାନୀୟ ରାମେଶ୍ୱର ଶିବମନ୍ଦିର ପ୍ରାଙ୍ଗଣଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ବିଧାୟକ ସିଂହ, ଜିଲା ପରିଷଦ ସଭ୍ୟ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର ସିଂହଦେଓ (ମ.ରାମପୁର), ବ୍ଲକ ବିଜେଡି ସଭାପତି ଶରତ ପୂଝାରୀ, ଯୁବ ନେତା ଗୋବିନ୍ଦ ଶତପଥୀ, ପ୍ରେମଲାଲ ନାଏକ, ସମିତି ସଭ୍ୟ ଭବାନୀ ସାହୁ, ଯୁବନେତା ବିକାଶ ସିଂହଦେଓ (ଘନ) ପ୍ରମୁଖଙ୍କ ନେତୃତ୍ୱରେ ୧୦୦୦ରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇ ନବୀନ ପଟ୍ଟନାୟକଙ୍କ ଜନହିତକାରୀ କାର୍ଯ୍ୟ ଉପରେ ଲୋକଙ୍କୁ ସଚେତନତା କରାଇଥିଲେ।

# ଧର୍ମଗଡ଼ଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

■ ଝାଞ୍ଜ ବଜାଇ ପୁଣି ଚର୍ଚ୍ଚାରେ ବିଧାୟକ

**ଧର୍ମଗଡ,୧।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡଠାରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୋଡଭଞ୍ଜା ଗ୍ରାମଠାରୁ ବଡକାଶିବାହାଲ ପର୍ଯ୍ୟନ୍ତ ଧର୍ମଗଡ ବିଧାୟକ ମୌଷଧି ବାଗଙ୍କ ନେତୃତ୍ୱରେ ଏହି ପଦଯାତ୍ରା ହୋଇଯାଇଛି। ବିଧାୟକ ବାଗ ଗତ କିଛି ଦିନ ତଳେ ଏକ କାର୍ଯ୍ୟକ୍ରମରେ ଆମପାଣିଠାରେ ଲୋଇସିଙ୍ଗାର ସମ୍ବଲପୁରୀ ନୃତ୍ୟ ଦଳର ନାଚରେ ବିଭୋର ହୋଇ ରଙ୍ଗବତୀ ଗିତରେ ନାଚି ଚର୍ଚ୍ଚାକୁ ଆସିଥିବା ବେଳେ ବୁଧବାର ପୁଣି ଏହି ପଦଯାତ୍ରରେ ବାଜା ଦଳ ସାଙ୍ଗରେ ଝାଞ୍ଜ ବଜାଇ ନାଚି ନାଚି ପଦଯାତ୍ରା କରିବା ନେଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି। କାଶିବାହଲଠାରେ ଏହି ପଦଯାତ୍ରା ପହଞ୍ଚିବା ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ବାଗ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। କଳାହାଣ୍ଡିର ବିକାଶ ପାଇଁ ବିଜୁଜନତା ଦଳ ସର୍ବଦା ସଂକଳ୍ପବଦ୍ଧ ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଥବିର ପ୍ରସାଦ ସାହୁ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରବୋଦ ରଥ, ଜିଲା ଯୁବ ବିଜୁ ଜନତା ଦଳ ସଭାପତି ଆଦିତ୍ୟ ନନ୍ଦ, ଧର୍ମଗଡ ଏନଏସି ଅଧ୍ୟକ୍ଷା ହିରା ବାଗ, ଜିଲା ମହିଳା ସଭାପତି କଲ୍ୟାଣୀ ନାଏକ, ସ୍ୱାଧୀନ ବାଗ, ସୁନିଲ ମେହେରଙ୍କ ସମେତ ଧର୍ମଗଡ ଅଞ୍ଚଳର ନେତା ଓ କର୍ମୀମାନେ ଯୋଗଦେଇଥିଲେ । ସବୁବେଳେ ଏହିଭଳି କାର୍ଯ୍ୟକ୍ରମରେ ଆଗଧାଡିରେ ରହୁଥିବା ବରିଷ୍ଠ ନେତା ତଥା ଏନଏସି ଉପାଧ୍ୟକ୍ଷ, ନଗର ସଭାପତିଙ୍କ ସମେତ ବହୁ ନେତାମାନଙ୍କ ଦେଖା ମିଳି ନ ଥିଲା।

# ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

**କୋକସରା,୧।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଫୁପଗାଁ ପଞ୍ଚାୟତ ଗତାବନ୍ଧ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ଓ ଗ୍ରାମବାସୀ ଶୁକ୍ରବାର ସ୍କୁଲରେ ତାଲା ପକାଇଛନ୍ତି । ଖବର ପାଇ କାଶିବାହାଲ କଷ୍ଟର ସିଆରସିସି ବୈଦ୍ୟନାଥ ପାଟଯୋଷୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଭାବକ ଓ ଗ୍ରାମବାସୀଙ୍କୁ ବୁଝାଇବା ବଦଳରେ ତାଲା ଦେଇଥିବା ଲୋକମାନଙ୍କ ନାମରେ ପୋଲିସରେ ଅଭିଯୋଗ କରି ବି କହିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଥିଲା। ସ୍କୁଲରେ ତାଲା ପଡିଥିବାରୁ ବାରଣ୍ଡାରେ ପିଲାମାନଙ୍କୁ ଶିକ୍ଷୟିତ୍ରୀ ପାଠ ପଢାଇଥିଲେ ଓ ମଧ୍ୟାହ୍ନ ଭୋଜନ ଦେଇଥିଲେ। ସ୍କୁଲ ଛୁଟି ହେବା ପର୍ଯ୍ୟନ୍ତ ମଧ ତାଲା ବନ୍ଦ ରହିଥିଲା। ସୂଚନାଯୋଗ୍ୟ ଯେ, ଗତାବନ୍ଧ ପ୍ରାଥମିକ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷୟିତ୍ରୀରେ ଚାଲିଛି। ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୬୪ ଜଣ ପିଲା ପାଠପଢୁଥିବା ବେଳେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଛି। କୋକସରା ବ୍ଲକ ଫୁପଗାଁ ପଞ୍ଚାୟତ ଗତାବନ୍ଧଠାରେ


ସ୍କୁଲରେ ତାଲା ପକାଇ ଗ୍ରାମବାସୀ ବାହାରେ ଠିଆ ହୋଇଛନ୍ତି।

**ଶିକ୍ଷକ ନିଯୁକ୍ତି ଦାବି**

■ ଗତାବନ୍ଧ ପ୍ରାଥମିକ ବିଦ୍ୟାଳୟ

ଥିବା ପ୍ରାଥମିକ ବିଦ୍ୟାଳୟଠାରେ ପୂର୍ବରୁ ଏଠାରେ ଦୁଇ ଜଣ ଶିକ୍ଷକ ରହିଥିବା ବେଳେ ଜଣେ ଶିକ୍ଷକ ଗୌଚନ ହରିଜନ ଅବସର ଗ୍ରହଣ କରିବା ପରେ ଜଣେ ମାତ୍ର ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାଲ ଏହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି । ଏହାକୁ ନେଇ ଗ୍ରାମର ରସିକଲାଲ ବେମାଲ, ଜିବନଲାଲ ବେମାଲ, କୈବଲ୍ୟ ଘି, ପର୍ଶୁରାମ ପୂଝାରୀ, ଶ୍ୟାମସୁନ୍ଦର ଘି, ମଣ୍ଟୁ ଶବର, ତ୍ରିଲୋଚନ ବେମାଲ, ପଦ୍ମମୁଖ ବେମାଲ, ଲକ୍ଷ୍ମୀ ଚନ୍ଦନ, ଶାନ୍ତିଲତା ଶବର, ରେମଣୀ ଶବର, ଲଳିତା ଶବର, ଅମ୍ବିକା ଶବର, ସୁକ୍ତା ଶବର ପ୍ରମୁଖ ଅଭିଭାବକ ଓ ଗ୍ରାମବାସୀ ଶୁକ୍ରବାର ସ୍କୁଲରେ ତାଲା ପକାଇବା ସହ ଶିକ୍ଷକ ନିଯୁକ୍ତ ପାଇଁ ଦାବି କରିଛନ୍ତି । ଏ ନେଇ କୋକସରା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝିଙ୍କୁ ପଚାରିବାରୁ ଶୁକ୍ରବାର ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଥିବାରୁ ବିଇଓ ଓ ସମସ୍ତ ଏବିଇଓ ଭବାନୀପାଟଣା ଆସିଛନ୍ତି। ଶନିବାର ସ୍କୁଲକୁ ଯାଇ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତ ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ



### ସଟ୍ଟା ଆଡ୍ଡାରେ ପୋଲିସର ଚଢ଼ାଉ, ୨ ଗିରଫ

**ଲୋଇସିଂହା,୧।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ସଟ୍ଟା ଆଡ୍ଡାରେ ଚଢ଼ାଉ କରି ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢୋଲମହୁଲର ଗ୍ରାମର ଅଲେଖ ବାଗ ଓ ସମ୍ବଲପୁରିଆପଡ଼ାର ସୁରେନ୍ଦ୍ର କୁଅଁର ଓରଫ ମୁନ୍ନା। ଜାମିନ ନା ମଞ୍ଜୁର ହେବାରୁ ଗିରଫ ୨ଜଣଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଲୋଇସିଂହା ଥାନା ଆଇଆଇସି ଲଲିତା ଲାକ୍ରା ପ୍ରକାଶ କରିଛନ୍ତି। ପୋଲିସ ସୂଚନା ମୁତାବକ, ଲୋଇସିଂହା ଥାନା ଅଧୀନ ଲୋଇସିଂହା, ବୁର୍ଡା, ଗୁର୍ଜିଭଟା, ବାଦିମୁଣ୍ଡା ଅଞ୍ଚଳରେ ସଟ୍ଟା ଖେଳ ଚାଲିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଲୋଇସିଂହା ପୋଲିସ ଗତ ୧୯ତାରିଖରେ ବୁର୍ଡାରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ପୋଲିସ ହାତରୁ ଖସି ପଳାଇଥିଲେ। ୧୨ ଦିନ ବ୍ୟବଧାନ ପରେ ଶୁକ୍ରବାର ଲୋଇସିଂହା ଥାନା ପୋଲିସ ଲୋଇସିଂହା-ପଦ୍ମପୁର ରାସ୍ତାର ଢୋଲମହୁଲ ଓ ସମ୍ବଲପୁରିଆପଡାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ଅଧିକାରୀମାନେ ଢୋଲମହୁଲର ଅଲେଖ ବାଗ ଓ ସମ୍ବଲପୁରିଆପଡାର ମୁନ୍ନ କୁଅଁର ଧରି ତାଙ୍କ ନିକଟରୁ ସଟ୍ଟା ପଟି, ୩୩ ଶହ ଟଙ୍କା, ୨ଟି ଖାତା, ସଟ୍ଟା ଚାର୍ଟ ଓ ମୋବାଇଲ ଫୋନ ଜବତ କରିଥିଲେ। ଏନେଇ ଲୋଇସିଂହା ଥାନା ପୋଲିସ ୨ ଗିରଫଙ୍କ ବିରୋଧରେ ଏକ ମାମଲା(ନଂ.୨୬୭/୧୯)ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଅଇଆଇସି ଲାକ୍ରା ପ୍ରକାଶ କରିଛନ୍ତି।

### ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ ଦିବସ

ଡୁଙ୍ଗୁରିପାଲି,୧।୧୧(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ ଦିବସ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଡ. ସୁବାଷ ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ଶିଶୁ ମନ୍ଦିର ବିଭାଗ ନିରୀକ୍ଷକ ଗୁପ୍ତେଶ୍ୱର ଥନାପତି ଉପସ୍ଥିତ ଥିଲେ। ଶିବିରରେ ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅଧୀନରେ ଥିବା ରାମପୁର, ଗଜବନ୍ଧ, ଇଚ୍ଛାପୁର, ଶୁଖା, ପଣ୍ଟକିଟାଲ, ବାଗଡିଆ, ଭାଟବାହାଲି ସମେତ ୮ଟି ଶିଶୁ ମନ୍ଦିରର ୧୬୪ ଜଣ ଗୁରୁମା, ଗୁରୁଜୀ ପ୍ରଶିକ୍ଷଣରେ ଭାଗ ନେଇଥିଲେ। ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ।

ଷ୍ଟାଫ୍ ନର୍ସ ନିଯୁକ୍ତି ପାଇଁ ୱାକ୍ ଇନ୍ ଇଣ୍ଟରଭ୍ୟୁ

# ଧସ୍ତାଧସ୍ତିରେ ୪ ଅଚେତ

**ବଲାଙ୍ଗୀର ଅଫିସ, ୧।୧୧**

- ଜିଲାପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେବାକୁ ଦାବି
- କୋସଲ ଷ୍ଟେଟ୍ କୋଅର୍ଡିନେଶନ କମିଟି ପକ୍ଷରୁ ପ୍ରତିକ୍ରିୟା

ବଲାଙ୍ଗୀର ସିଡିଏମ୍‌ଓ ଅଫିସରେ ଶୁକ୍ରବାର ପୂର୍ବାହ୍ନରେ ଷ୍ଟାଫ୍‌ନର୍ସ ପଦବୀ ପାଇଁ ୱାକ୍ ଇନ୍ ଇଣ୍ଟରଭ୍ୟୁ ଧାର୍ଯ୍ୟ ହୋଇଥିଲା । ବଲାଙ୍ଗୀର ସ୍ୱାସ୍ଥ୍ୟ ବିଭାଗରେ ୮୧ଟି ଷ୍ଟାଫ୍ ନର୍ସ ପଦବୀ ପାଇଁ ଏହି ସାକ୍ଷାତକାର ଧାର୍ଯ୍ୟ ହୋଇଥିଲା । ଏନେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୧୪୦୦ ପ୍ରାର୍ଥୀ ଆସି ସିଡିଏମ୍‌ଓ ଅଫିସ ସମ୍ମୁଖରେ ସକାଳୁ ଡେରା ପକାଇଥିଲେ । ସ୍ଥାନାଭାବ ଯୋଗୁ ସେଠାରେ ପ୍ରାର୍ଥୀମାନେ ଠିକ୍ ଭାବେ ଠିଆ ହୋଇପାରି ନ ଥିଲେ । ପ୍ରାର୍ଥୀଙ୍କ ରହିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ହୋଇ ନ ଥିବାରୁ ପ୍ରାର୍ଥୀମାନେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଧାଡିରେ ଲମ୍ବିଥିଲେ। ଅଧିକାରୀମାନେ ସେଠାରେ ପ୍ରାର୍ଥୀ ଆବେଦନ ଫର୍ମ ଦାଖଲ ପ୍ରକ୍ରିୟା ଆରମ୍ଭ କରିବା ପରେ ଏଠାରେ ଠେଲାପେଲା ଆରମ୍ଭ ହୋଇଥିଲା । ସେଠାରେ ପୋଲିସ ଉପସ୍ଥିତ ଥିଲେ ମଧ୍ୟ ସେମାନେ ଧସ୍ତାଧସ୍ତି ପରେ ଭିଡ ସମ୍ଭାଳି ପାରି ନ ଥିଲେ । ଫଳରେ କେତେଜଣ ପ୍ରାର୍ଥୀ ସେଠାରେ ପଡିଯାଇଥିଲେ। ଏଥିରେ ୪ ଜଣ ଗୁରୁତର ହୋଇପଡିଥିଲେ। ତାଙ୍କୁ ଭୀମଭୋଇ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ କେନ୍ଦ୍ରାପଡାର ଜଣେ ପ୍ରାର୍ଥିନୀ ଅଚେତ ପ୍ରାୟ ଅବସ୍ଥାରେ ଭର୍ତ୍ତି ହୋଇଥିଲେ । ଚିକିତ୍ସା ପରେ ଅବସ୍ଥା ଠିକ୍ ହୋଇଥିଲା। ଏନେଇ ସିଡିଏମ୍‌ଓ ଡା ଦୈତାରୀ ସାହୁଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଠିକ୍ ବ୍ୟବସ୍ଥା କରାଯାଇଥିଲା। ପ୍ରାର୍ଥୀମାନେ ଅଯଥାରେ ଧସ୍ତାଧସ୍ତି ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା। ପରେ ୧୩୮୦ଜଣ ପ୍ରାର୍ଥୀ ଠିକ୍‌ଠାକ୍ ଭାବେ ଫର୍ମ ପକାଇଥିବା ସେ ସୂଚନା ଦେଇଛନ୍ତି। ଏହି ଷ୍ଟାଫ୍‌ନର୍ସ ପଦବୀ ଚୟନ ପ୍ରକ୍ରିୟାକୁ ନେଇ କୋସଲ ଷ୍ଟେଟ୍ କୋର୍ଡିସେଶନ୍ କମିଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ଓଡିଶା ଇଣ୍ଟରଭ୍ୟୁ ପଲିସିକୁ ସମାଲୋଚନା କରାଯାଇ ଗ୍ରୁପ୍ ସି ଓ ଡି ପଦବୀ ପାଇଁ ଜିଲା କ୍ୟାଡର କରାଯିବାକୁ ଦାବି କରାଯାଇଛି । ବଲାଙ୍ଗୀର ଭଳି ଦାଦନ ପ୍ରବଣ ଓ ବେକାରୀ ବହୁଳ ଜିଲାର ଯୁବତୀ, ଯୁବକଙ୍କୁ ନିଯୁକ୍ତିରେ ପ୍ରାଥମିକତା ଦେବା ଛାଡି ସରକାର ଏଭଳି ପଦବୀକୁ ରାଜ୍ୟସ୍ତରୀୟ କ୍ୟାଡର ଭାବେ ଚୟନ କରୁଥିବାରୁ ଏହାକୁ ସମାଲୋଚନା କରାଯାଇଛି । ସରକାରଙ୍କ ଏଭଳି ଭୁଲ ନୀତି ଯୋଗୁ ବଲାଙ୍ଗୀର ଓ ପଶ୍ଚିମ ଓଡିଶାରେ ବେକାରୀ ବଢୁଛି ଓ ଏହା ସରକାରଙ୍କ ବୈଷମ୍ୟପୂର୍ଣ୍ଣ ନୀତିକୁ ଉଜାଗର କରୁଛି କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର କହିଛନ୍ତି । ଇଣ୍ଟରଭ୍ୟୁ ସ୍ଥାନରେ କିଛି ଯୁବକ ବଲାଙ୍ଗୀର ଜିଲାର ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେବାକୁ ଦାବି କରୁଥିବା ଦେଖାଯାଇଥିଲା ।



ଷ୍ଟାଫନର୍ସ ଚୟନ ବେଳେ ଧସ୍ତାଧସ୍ତିର ଦୃଶ୍ୟ ।



ଗୋପବନ୍ଧୁନଗର ରାସ୍ତା ଶୋଚନୀୟ ହୋଇପଡିରହିଛି ।

## ଗର୍ତ୍ତମୟ ଗୋପବନ୍ଧୁନଗର ରାସ୍ତା, ଲୋକେ ଭୋଗୁଛନ୍ତି କଷ୍ଟ

**ବଲାଙ୍ଗୀର ଅଫିସ,୧।୧୧**

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ଗୋପବନ୍ଧୁନଗର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। କଂକ୍ରିଟ୍ କରିବା ଦୂରେ ଥାଉ ବର୍ଷ ବର୍ଷ ଧରି ଏହି ରାସ୍ତାରେ ମୁରୁମ୍ ମୁଠେ ବି ପଡିନାହିଁ । ଦୀର୍ଘବର୍ଷ ହେଲା ପଡାବାସୀ ଏହି ରାସ୍ତା ମରାମତି କରିବାକୁ ଦାବି କରୁଥିଲେ ମଧ୍ୟ କେହି କିଛି ଶୁଣୁନାହାନ୍ତି। ମ୍ୟୁନିସିପାଲିଟି କିମ୍ବା ଜନପ୍ରତିନିଧି ଶୁଣୁ ନ ଥିବାରୁ ପଡାବାସୀ ବାଧ୍ୟହୋଇ ଏହି ଗର୍ତ୍ତମୟ ରାସ୍ତାରେ ବହୁ କଷ୍ଟରେ ଯିବା ଆସିବା କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଗର୍ତ୍ତଗୁଡିକରେ ବର୍ଷା ପାଣି ଭରିରହୁଛି । ଫଳରେ ଗାଡିମଟର, ବାଇକ୍, ସାଇକେଲ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି। ଏପରି କି ଚାଲିକି ଯିବା ମଧ୍ୟ ସୁବିଧାଜନକ ହେଉନାହିଁ। ବିଶେଷକରି ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧ, ମହିଳା ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

ସମବାୟ ବ୍ୟାଙ୍କରେ ଜମାକାରୀଙ୍କ ଟଙ୍କା ଆତ୍ମସାତ୍ ଘଟଣା

## କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲେ ନିର୍ଦ୍ଦେଶକ, ଉପସଭାନେତ୍ରୀ

**ବଲାଙ୍ଗୀର ଅଫିସ, ୧।୧୧**

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଜମାକାରୀଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ ହେବାରେ ବିଳମ୍ବ ହେଉଥିବାରୁ ଏଥିରେ ଏକ ବଡଧରଣର ଗୋଷ୍ଠୀ ସାମିଲ ଥିବା ସନ୍ଦେହ କରି ଦୁର୍ନୀତିର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ବୋର୍ଡ ନିର୍ଦ୍ଦେଶକ ସାନନ୍ଦ ମେହେର ଓ ଉପସଭାନେତ୍ରୀ ପୁଷ୍ପଲତା ଭୋଇ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ନିର୍ଦ୍ଦେଶକ ମେହେର କହିଛନ୍ତି, ଗତ ୧ ମାସ ହେଲା ବ୍ୟାଙ୍କରେ ଜମାକାରୀଙ୍କ ଟଙ୍କା ଆତ୍ମସାତ୍ ଘଟଣା ଜଣାପଡିଥିଲେ ମଧ୍ୟ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । କେବଳ ଜଣେ ଅସ୍ଥାୟୀ କର୍ମଚାରୀଙ୍କ ପ୍ରତି ସନ୍ଦେହ କରାଯାଇଛି। ୮ ଲକ୍ଷ ୪୬ ହଜାର ଟଙ୍କା ଆତ୍ମସାତ୍ କରାଯାଇଥିବା କୁହାଯାଉଥିଲେ ମଧ୍ୟ ବାସ୍ତବରେ କୋଟି କୋଟି ଟଙ୍କାର ଦୁର୍ନୀତି ଲୁଚି ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହେଲେ ବହୁ ରହସ୍ୟ ପଦାକୁ ଆସିବ ବୋଲି ନିର୍ଦ୍ଦେଶକ ମେହେର ଓ ଉପସଭାନେତ୍ରୀ ଭୋଇ କହିଛନ୍ତି ।



ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଓ ଉପସଭାନେତ୍ରୀ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରେଙ୍ଗାଲି, ୧।୧୧ (ଡି.ଏନ.ଏ.)**

ରେଙ୍ଗାଲି ରେଳ ଷ୍ଟେଶନରୁ ୩ କିଲୋମିଟର ଦୂର ଲପଙ୍ଗା ଷ୍ଟେଶନ ପଟକୁ ଯିବା ବେଳେ ଶୁକ୍ରବାର ପୂର୍ବାହ୍ନ ୧୧ଟା ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଦଶପଡା ଗ୍ରାମର ସ୍ୱର୍ଗତ ରାମଜୀ ପ୍ରଧାନଙ୍କ ପୁଅ ଅକ୍ଷୟ ପ୍ରଧାନ (୩୦) । ସମ୍ବଲପୁର ଜିଆରପି ପୋଲିସ ମୃତଦେହ ଉଦ୍ଧାର କରିଛି।

ଇନ୍‌ପୁଟ ସବ୍‌ସିଡି ପ୍ରଦାନ ଦାବି

## ଚାଷୀଙ୍କ ଆନ୍ଦୋଳନ ଚେତାବନୀ

**ଲୋଇସିଂହା,୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଚାଷୀଙ୍କୁ ତହସିଲପକ୍ଷରୁ ଗତବର୍ଷ ଖରପ ଚାଷ କ୍ଷତିଗ୍ରସ୍ତ ଇନ୍‌ପୁଟ ସବ୍‌ସିଡି ବ୍ୟାଙ୍କକୁ ପଠାଯାଇଛି। ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ପଡୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଚାଷୀଙ୍କ ମହଲରେ ଦିନକୁ ଦିନ ଅସନ୍ତୋଷ ଦେଖାଦେଉଥିବା ବେଳେ, ଚାଷୀ ସଂଗଠନ ପକ୍ଷରୁ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ପେଥାଇ ପ୍ରଭାବରେ ଲୋଇସିଂହା ବ୍ଲକର ଅଞ୍ଚଳରେ ଖରିପ ଚାଷ କ୍ଷତିଗ୍ରସ୍ତ ହୋଇଥିଲା । ରାଜ୍ୟ ସରକାର ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ସହାୟତା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଚାଷୀ ଇନ୍‌ପୁଟ ସବ୍‌ସିଡି ଟଙ୍କା ପାଇ ନାହାନ୍ତି। କିଛି ଦିନ ମଧ୍ୟରେ ଟଙ୍କା ନ ମିଳିଲେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ଷାଣ୍ମାସିକ ପରୀକ୍ଷାରେ ପ୍ରଶ୍ନପତ୍ର ଅଭାବ, ଅଡୁଆରେ ଛାତ୍ରୀଛାତ୍ର

**ବଲାଙ୍ଗୀର ଅଫିସ, ୧।୧୧**

ବଲାଙ୍ଗୀର ଜିଲାରେ ପ୍ରାଥମିକ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କ ଷାଣ୍ମାସିକ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ଦିନରୁ ଜିଲାରେ ପ୍ରଶ୍ନପତ୍ର ଅଭାବଜନିତ ସମସ୍ୟା ଯୋଗୁ ଶୁକ୍ରବାର ହଜାର ହଜାର ପରୀକ୍ଷାର୍ଥୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା ଅଧିକାରୀଙ୍କୁ ନାକେଦମ ହେବାକୁ ପଡିଛି । ପ୍ରଶ୍ନପତ୍ର ଅଭାବ ଯୋଗୁ ଠିକଣା ସମୟରେ ଛାତ୍ରୀଛାତ୍ରମାନେ ପ୍ରଶ୍ନ ପତ୍ର ପାଇପାରି ନ ଥିଲେ । ଅନେକ ସ୍କୁଲକୁ ପ୍ରଶ୍ନପତ୍ର ପହଞ୍ଚି ପାରି ନ ଥିଲା । କିଛି ଶିକ୍ଷକଙ୍କ ମୋବାଇଲକୁ ହ୍ୱାଟସ୍‌ଅପ୍ ଜରିଆରେ ପ୍ରଶ୍ନ ପତ୍ର ପହଞ୍ଚ ଯିବା ପରେ ତାହାକୁ ଶିକ୍ଷକମାନେ କଳାପଟାରେ ଲେଖିଥିଲେ ଓ ପରେ ପରୀକ୍ଷାର୍ଥୀମାନେ ଉତ୍ତର ଲେଖିଥିବା ଜଣାପଡିଛି । ଏହାବାଦ୍ ଅନେକ ସ୍ଥାନରେ ଜେରକ୍ସ କରାଯାଇ ପ୍ରଶ୍ନପତ୍ର ଦିଆଯାଇଥିଲା। କିଭଳି ଭାବେ ଏଭଳି ଅବ୍ୟବସ୍ଥା ହେଲା ଏନେଇ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କୁ ପଚରାଯିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସମସ୍ୟା ଦେଖାଦେଇଛି । ତେବେ ବଲାଙ୍ଗୀର ଜିଲାରେ ଏହି ସମସ୍ୟାକୁ ବେଶ୍ ସୁଚାରୁରୂପେ ସମ୍ପାଦନା କରାଯାଇଥିବା ସେ ସୂଚନା ଦେଇଛନ୍ତି । ସମସ୍ୟା ଯେଭଳି ହେବନାହିଁ ସେନେଇ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି । ବଲାଙ୍ଗୀର ଟିକ୍ରାପଡାଠାରେ ସପ୍ତମ ଶ୍ରେଣୀ ଭୂଗୋଳ ପ୍ରଶ୍ନପତ୍ର ଆଦୌ ପହଞ୍ଚି ନ ଥିବାରୁ ପରୀକ୍ଷାର୍ଥୀମାନେ ଏହି ପରୀକ୍ଷା ଦେଇପାରି ନ ଥିବା ଜଣାପଡିଛି । ତେବେ ଏହାକୁ ଡିଇଓ ଲେଙ୍କା ଅସ୍ୱୀକାର କରିଛନ୍ତି।

ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ

**ଗୁଡଭେଲା,୧।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ୩ଜଣ ଡାକ୍ତର ଛୁଟିରେ ଯିବା ପରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଗୁଡଭେଲା ପଞ୍ଚାୟତ ସମିତି ସଭ୍ୟ ଚିତ୍ରସେନ ଭୋଇଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ଶୁକ୍ରବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଘେରାଉ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିକିତ୍ସାଳୟ ପରିସରରେ ଥିବା ଗୃହରେ ରହିବା, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଆବଶ୍ୟକ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା ଆଦି ଦାବି ଉପସ୍ଥାପନ କରି ଆନ୍ଦୋଳନକାରୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଡା.ଲଲାଟେନ୍ଦୁ ନାୟକଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଡା. ନାୟକ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରିଥିଲେ। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସମିତି ସଭ୍ୟ ଭୋଇ ଚେତାବନୀ ଦେଇଛନ୍ତି। ଆନ୍ଦୋଳନ ବେଳେ ରମା ମହାପାତ୍ର, ଜଗଦୀଶ ବାଗ, ଗୋପାଳ ବେହେରା, ବିରୋଜ ବାଗ, କୁମୁଦ ରଣା, ଚୁଲେ ବାଗ, ପୃଥ୍ୱୀରାଜ ବାଗ, ଦୁଃଖୀଶ୍ୟାମ ରଣା, ଜୟ ରଣା ପ୍ରମୁଖ ବହୁ ଯୁବକ ସାମିଲ ଥିଲେ।



ଆନ୍ଦୋଳନକାରୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**We Are Hiring !!**
Direct sales Executives / Officers required, attractive pay and excellent career progression ! Give your career a kick start.
Mail - uttam.maity@propello.in
Ph.- 9875630881

**ଭୁବନେଶ୍ୱରରେ ଏକ ଲଣ୍ଡ୍ରି କମ୍ପାନୀରେ କାମ କରିବା ନିମନ୍ତେ ଆବଶ୍ୟକ**
1) Washing କାରିଗର
2) ଆଇରନ୍ କାରିଗର
3) ଡାଲା ଅଟୋ ଡ୍ରାଇଭର
4) ଡେଲିଭରି ବୟ
Contact : 7609893102 8280082800

**EXPERIENCE RESTAURANT STAFF REQUIRED**
Captain - 4nos (10-12k)
Waiter - 8nos (8k)
Housekeeping - 8nos (6k)
Kitchen helper - 4nos (8k)
Odia cook - 2nos
Indian cook - 2nos
Manager - 2nos
Salary negotiable, fooding & accommodation includes
Contact : 9090880077 9090220077

**DIRECT JOINING**
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9938809488

**ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା**
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 5 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot No : 551, Samantarapur Chhak, Behind Reliance Fresh, BBSR
Ph : 7992848615

**'Z' ASSOCIATES required for 25 Marketing Persons.**
Candidates come with their biodata on 02.11.2019 & 06.11.2019.
Contact: 9439653561, 8480697808, 9078445582
at N-1-39, IRC Village Main Road.

**DIRECT JOIN JOB**
JOB LOCATION BBSR+CTC
• CUSTOMER CARE
• RECEPTIONIST
• BACK OFFICE
• DATA ENTRY
Mob : 9114090108

**WALK-IN-INTERVIEW ON 03.11.2019 (11am-5pm)**
Plumber: 5 Nos.
Team Leader (Marketing) : 1No.
Marketing Executive: 10 Nos.
(Salary 10,000-20,000 PM+Perks)
CLEAN & FINE SERVICES
At-Banguari, Near Pahala Sweets Market, Bhubaneswar, Mob.: 9040064133

**RECRUITMENT**
For a reputed Jewellery Company *Area Managers* required. Persons having MBA with 5 to 6 yrs experinece in start-ups, Franchise development, FMCG, Mobile Handset selling are encourged for *Bhubaneswar*, *Balasore*, *Berhampur* & *Cuttack*. Only shortlisted candidates will be called for interview.
Contact-7978691619
email- psunilpanda@yahoo.com

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**Career Opportunity in Retail**
An established training provider working with government of India invites ready to go GRADUATES To workin established Retail Brands Pan India. Onspot Registration. Date 1st & 4th Nov. 19 at Canara Bank Building, Block Chaka, SAKHIGOPAL, Puri.
CONTACT : 9777791182/9668841656

**TUNNELING & MINING ENGINEERS**
MINING ENGINEERS
Diploma (Mining) | Mine Foreman / Mates/ Blaster. Exp. in open & UG works
TUNNEL ENGINEERS
(BE Civil / Diploma) | Billing Engrs, QS, QC. Atleast one tunnel exp. reqd
SURVEYORS
(Diploma / ITI (survey) Exp. in atleast 1 tunnel, AutoCad.
Location: Pune / Mumbai
SAMMON INFRACORP
9420878517 / 9422565012
jobs@sammoninfra.com
sammoninfra@gmail.com

**ଆୟା ଆବଶ୍ୟକ**
(1) ଦୁଇ ମାସ ଶିଶୁର ଯତ୍ନ ନେବା ପାଇଁ ଆୟା ଆବଶ୍ୟକ।
(2) ଘରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଦରମା: Rs. 5,000/- + ରହିବା, ଖାଇବା ସୁବିଧା ଅଛି।
ଯୋଗାଯୋଗ
9348267623, 9583125591

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

**JOB VACANCY**
NEXGEN Renaissance Private Limited
Call Center Executive Required
BENGALI Speaking Candidate.
Qualification: Minimum +2 or Above.
Contact: 9615969596 / 9439800100
Work Based at Bhubaneswar, Patia

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ

### ଟାଉନ କଂଗ୍ରେସ କମିଟି ପକ୍ଷରୁ ପଟେଲଙ୍କ ଜୟନ୍ତୀ ପାଳିତ

ରାଜଗାଙ୍ଗପୁର, ୧।୧୧ (ଡି.ଏନ.ଏ.)- ରାଜଗାଙ୍ଗପୁର ଟାଉନ କଂଗ୍ରେସ ଭବନରେ କଂଗ୍ରେସ କମିଟି ସଭାପତି ଏମଡି ଇଫତିଖାର ଅହମ୍ମଦଙ୍କ ସଭାପତିତ୍ୱରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ସର୍ଦ୍ଦାର ପଟେଲ ଓ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କଲାପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ସଭାରେ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଉପାଧ୍ୟାୟ ସ୍ୱର୍ଗତ ପଟେଲ ଓ ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ଏବଂ ଦେଶପ୍ରେମ ବିଷୟରେ ଆଲୋକପାତ କରିଥିଲେ। ସମସ୍ତ କଂଗ୍ରେସ କର୍ମୀ ନିଃସ୍ୱାର୍ଥପର ଦେଶ ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ ଆଫଜାଲ ଅହମ୍ମଦ, ଏଚଏନ ସିଂ, ଅମ୍ବିକ ମହାନ୍ତି, ଶଶିଭୂଷଣ ଚଉରୋସିଆ, ଶମ୍ଭୁ ସିଂ, ରମେଶ ସିଂ, ଏମଡି କଲିମ, ହେରମେନ ଏକ୍କା, ସୁଶାନ୍ତ ପଣ୍ଡା, ଫଇମ ଅକ୍ତାର, ଗ୍ରେଗୋରୀ ମିଞ୍ଜ, କ୍ଲେମେଟ ମିଞ୍ଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଫୁଲ୍ଲ କୁମାର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଖରିଫ ଧାନ କ୍ରୟ ସମ୍ବନ୍ଧରେ ଜିଲାସ୍ତରୀୟ ପ୍ରଶିକ୍ଷଣ, ସଚେତନତା ଶିବିର

# ଚାଷୀଙ୍କ ସୁବିଧା ପ୍ରତି ଜିଲାପାଳଙ୍କ ଗୁରୁତ୍ୱାରୋପ

ସୁନ୍ଦରଗଡ, ୧।୧୧ (ଡି.ଏନ୍.ଏ)

ଚଳିତ ଖରିଫ ଧାନ ବିକ୍ରୟ ନିମନ୍ତେ ଚାଷୀମାନେ ମଣ୍ଡିରେ ଯେଭଳି ସରକାରୀ ନିର୍ଦ୍ଧାରିତ ସୁବିଧା ପାଇପାରିବେ ସେ ନେଇ ଧାନକ୍ରୟ କେନ୍ଦ୍ରରେ ନିୟୋଜିତ କର୍ମଚାରୀମାନେ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ଜିଲାପାଳ ନିଖିଲ ପୱନ କଲ୍ୟାଣ ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ସୁନ୍ଦରଗଡଠାରେ ଖରିଫ ଧାନକ୍ରୟ ସମ୍ବନ୍ଧରେ ଆୟୋଜିତ ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା ଶିବିରରେ ଜିଲାପାଳ ଏହା ପ୍ରକାଶ କରିବା ସହ ଚାଷୀଙ୍କ ଠାରୁ ଧାନ କିଣା ପ୍ରକ୍ରିୟା ଯେଭଳି ସୁରୁଖୁରୁରେ ହେବ ସେ ଦିଗରେ ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ନିୟନ୍ତ୍ରିତ ବଜାର କମିଟି ସୁନ୍ଦରଗଡ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି, ପାନପୋଷ ଓ ବଣାଇ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ସ୍ଥାନୀୟ ଜିଲା ପ୍ରାଣୀବିଭାଗ ତାଲିମ କକ୍ଷ ଠାରେ ଆୟୋଜିତ ଏହି ଶିବିରକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଜିଲାପାଳ କହିଥିଲେ ଯେ, ଆସନ୍ତା ୨୫ରୁ ଜିଲାର ପଞ୍ଜିକୃତ ଚାଷୀମାନଙ୍କ ଠାରୁ ଏହି ଧାନକ୍ରୟ ପ୍ରକ୍ରିୟା ଟୋକନ ମାଧ୍ୟମରେ ଆରମ୍ଭ ହେବ। ନିର୍ଦ୍ଧାରିତ ସମୟ ମଧ୍ୟରୁ ଚାଷୀମାନଙ୍କୁ ଠିକ ଭାବେ ସୂଚିତ କରିବା ସହ ସକାଳ ୮ଟାରୁ ୧ଟା ମଧ୍ୟରେ ଥିବା ଧାନକ୍ରୟ ସମୟ ନିର୍ଘଣ୍ଟକୁ ଠିକ ଭାବେ ପାଳନ କରିବା, କୌଣସି କର୍ମଚାରୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ବିକଳ୍ପ ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଆଗୁଆ ସୂଚିତ କରିବା, କୌଣସି କାରଣରୁ କୌଣସି ଚାଷୀ ଯେଭଳି ଧାନ ବିକ୍ରୟ ନ କରି ଫେରି ନ ଯିବେ ସେଥିପ୍ରତି ମଧ୍ୟ ଧ୍ୟାନ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଧାନମଣ୍ଡିରେ କୌଣସି ଅସାଧୁପ୍ରକ୍ରିୟା କିମ୍ବା କୌଣସି ମିଲର୍ସଙ୍କୁ ଅନୁକମ୍ପା ଦେଖାଇ ଚାଷୀଙ୍କୁ ହଇରାଣ କରା ନ ଯିବା, ଚାଷୀମାନଙ୍କୁ ସରକାରଙ୍କ ଧାନ ସଂଗ୍ରହ ନୀତି ଓ ନିର୍ଦ୍ଧାରିତ ଦର ସମ୍ବନ୍ଧରେ ଯେଭଳି ଅଧୁକରୁ ଅଧିକ ସଚେତନ କରାଯିବ ସେ ସମ୍ପର୍କରେ ଜିଲାପାଳ ବିଶେଷ ଗୁରୁତ୍ୱ ଦେଇଥିଲେ। ଜିଲା ସମବାୟ ଉପନିବନ୍ଧକ ଜେରେମ୍ କେରକେଟା, ଜିଲା ଯୋଗାଣ ଅଧିକାରୀ ଭିକାରୀ ଚରଣ ମଙ୍ଗରାଜ, ସୁନ୍ଦରଗଡ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବନମାଳୀ ନାଏକଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଜିଲାର ସମସ୍ତ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ, ଡାଟା ଏଣ୍ଟ୍ରି ଅପରେଟର ଆରସିଏମଏସ, ଏମପିସିଏସ ଶଙ୍କରାପୋଷର କର୍ମଚାରୀ, ସମବାୟ ଓ ଯୋଗାଣ ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରି ଚଳିତ ବର୍ଷର ଧାନକ୍ରୟ ସମ୍ବନ୍ଧୀୟ ପ୍ରଶିକ୍ଷଣ ନେବା ସହ ନିଜ ମତ ଉପସ୍ଥାପନ କରିଥିଲେ।



ଧାନକ୍ରୟ ସମ୍ବନ୍ଧରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀ ମଞ୍ଚାସୀନ।

# ୫ ଲୁଟେରା ଗିରଫ, କୋର୍ଟ ଚାଲାଣ

ଲେଫ୍ରିପଡା, ୧।୧୧ (ଡି.ଏନ.ଏ)

ଲେଫ୍ରିପଡା ପୋଲିସ ୫ଜଣ ଲୁଟେରାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଚକ୍ରାମାଲ ଗ୍ରାମର ଅତୁଲ୍ୟ କୁମାର ନାଏକ (୧୯), ରଙ୍ଗିଆମୁଣ୍ଡା ଗ୍ରାମର ସୁରଜ ପଟେଲ (୨୪), ଲେଫ୍ରିପଡା ଥାନା ଅନ୍ତର୍ଗତ ବଡଖଲିଆ ଗ୍ରାମର ରୋଶନ ନାଏକ (୧୯), ନିତେଶ ମହାନନ୍ଦିଆ (୨୦) ଏବଂ ଥୟଧର ଭୈଷାଲ (୨୦)। ସୂଚନା ଅନୁଯାୟୀ ଗତ ୨୮ତାରିଖରେ ସ୍ପଷ୍ଟ ଦିବାଲୋକରେ ଲେଫ୍ରିପଡା ଥାନା ଅନ୍ତର୍ଗତ ଝରିଆପାଲି ବ୍ରିଜ୍ ନିକଟସ୍ଥ ଫୁଲଧୁଡି ଛକ ଠାରେ ଏକ ୧୮ଚକିଆ ଟ୍ରକକୁ ଅଟକାଇ ଟ୍ରକ୍ ଡ୍ରାଇଭର ମଳୟ କିଷାନଙ୍କଠାରୁ ଲୁଟେରାମାନେ ବାର ହଜାର ଟଙ୍କା, ମୋବାଇଲ ଏବଂ ଡ୍ରାଇଭିଂଲାଇସେନ୍ସ ଲୁଟି ଫେରାର୍ ହୋଇଥିଲେ। ଘଟଣା ସମ୍ପର୍କରେ ଡ୍ରାଇଭର ଲେଫ୍ରିପଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଲେଫ୍ରିପଡା ଥାନା ଓଆଇସି କାଶୀନାଥ ବାରିକ ନିଜ ସଦଳବଳ ସହ ବିଭିନ୍ନ ସ୍ଥାନ ଚଢାଉ କରି ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଅନ୍ୟ ପକ୍ଷରେ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।



ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତମାନେ।

# ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱାରା ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ

ଲେଫ୍ରିପଡା, ୧।୧୧ (ଡି.ଏନଏ.)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ବନ୍ଧପାଲିସ୍ଥିତ ସେବକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ଆତ୍ମ ନିଯୁକ୍ତି କରାଯାଇଛି। ଉଜ୍ୱଳପୁର ବନାଞ୍ଚଳରେ ୮ଗୋଟି ବନସୁରକ୍ଷା ସମିତିର ୨୨ଜଣ ବେକାର ଯୁବତୀଙ୍କୁ ସିଲେଇ ମେଶିନ ପ୍ରଦାନ କରାଯାଇଛି। ଏକାଭିମୁଖୀ କାର୍ଯ୍ୟକ୍ରମରେ କୃଷିବିଭାଗ ସହ ସଂଯୋଗୀକରଣ କରି ୩୬ଜଣ ଆଦିବାସୀ ଚାଷୀଙ୍କୁ ବ୍ୟାଟେରୀ ଚାଳିତ ସ୍ପ୍ରେୟର ମେଶିନ ପ୍ରଦାନ କରାଯାଇଛି। ଆତ୍ମା ମାଧ୍ୟମରେ ୪ଟି ବନ ସୁରକ୍ଷା ସମିତିର ୨୭ଜଣ ଚାଷୀଙ୍କୁ ୧୦୮୦ଟି ଆମ୍ବଚାରା କରାଯାଇଥିବା ବେଳେ ଓଡ଼ିଶା ଜୀବିକା ମିଶନରୁ ୪୫ଜଣ ମହିଳା ବନସୁରକ୍ଷା ସମିତିର ସଦସ୍ୟଙ୍କୁ ପୃଷ୍ଟିକର ବଗିଚା ନିମନ୍ତେ ସହଯୋଗ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନାରେ ୩୦ଗୋଟି ବନସୁରକ୍ଷା ସମିତିର ୧୨୪୦ଜଣ ମହିଳାଙ୍କୁ ଗ୍ୟାସ ବଣ୍ଟନ କରାଯାଇଥିବା ବେଳେ ଉଦ୍ୟାନ ବିଭାଗରୁ ୨୦୦୦ଆମ୍ବ ଏବଂ ଲିଚୁ ଚାରା ପ୍ରଦାନ କରାଯାଇ ନୂତନ ଆୟର ସୁଯୋଗ ସୃଷ୍ଟି କରାଯାଇଛି। ଆଗାମୀ ଦିନରେ ଜଙ୍ଗଲରୁ ନିଆଁ ଦାଉରୁ ରକ୍ଷା କରିବା, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆୟଭିତ୍ତିକ କାର୍ଯ୍ୟକ୍ରମ, ବିକଳ୍ପ କୃଷି ବ୍ୟବସ୍ଥା, ଜଳ ଓ ମୃର୍ତ୍ତିକା ସଂରକ୍ଷଣ, ଗ୍ରାମ୍ୟ ସ୍ତରରେ ବିଭିନ୍ନ ଭିତ୍ତିଭୂମି ନିର୍ମାଣ କରିବା କ୍ଷେତ୍ରରେ ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ଡ.ଅରୁଣ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମକୁ ଉଜ୍ୱଳପୁର ବନାଞ୍ଚଳ ଅଧିକାରୀ ସଂଗ୍ରାମ କେଶରୀ ମଣିହିରା, ବନପାଳ ଅଶ୍ୱିନୀ ପଟେଲ, ଅନିଲ ପୁରୋହିତ, ତୃପ୍ତା ନାଏକ, ନିତିନ କଛରିଆ, ସେବକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ, ହରିପ୍ରିୟା ନାଏକ, ମନୋରଞ୍ଜନ ମଲ୍ଲିକ, ରାଜେଶ ମହାପାତ୍ର, ସବ୍ୟସାଚୀ ରଥ ପ୍ରମୁଖ ତୃଣମୂଳ ସ୍ତରରେ ସଚେତନତା କରି କରିଚାଲିଛନ୍ତି।



ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଆତ୍ମନିଯୁକ୍ତି କାର୍ଯ୍ୟକ୍ରମରେ ଅଧିକାରୀ ଓ ଅନ୍ୟମାନେ।

# ରାଷ୍ଟ୍ରୀୟ ଏକତା, ସଂହତି ଦିବସ ପାଳିତ



ରାଷ୍ଟ୍ରୀୟ ଏକତା ଓ ସଂହତି ଦିବସରେ ଉପସ୍ଥିତ ଅତିଥି ଓ ବକ୍ତା।

ବେଦବ୍ୟାସ, ୧।୧୧ (ଡି.ଏନ.ଏ)

ପଶ୍ଚିମ ଓଡିଶାର ପ୍ରସିଦ୍ଧ ବ୍ୟାସପୀଠ ବେଦବ୍ୟାସ ସ୍ଥିତ ବ୍ୟାସଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ରାଷ୍ଟ୍ରୀୟ ଏକତା ଓ ସଂହତି ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ନାଗରିକ ଚନ୍ଦ୍ରଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଲାୟନ୍ସ ଇଣ୍ଟରନ୍ୟାଶନାଲର ଦ୍ୱିତୀୟ ଉପଜିଲା ଗଭର୍ଣ୍ଣର ଲାୟନ ରାକେଶ କୁମାର ସିଂ ଯୋଗଦେଇ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଲୌହ ପୁରୁଷ ତଥା ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହ ଐକ୍ୟଭାବ ପ୍ରତିଷ୍ଠା କରିବାକୁ ବକ୍ତବ୍ୟ ମାଧମରେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ମହାବିଦ୍ୟାଳୟ ବେଦବ୍ୟାସର ଡ. ଉମାକାନ୍ତ ପଣ୍ଡା ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ତିଥିର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ଇନ୍ଦିରାଗାନ୍ଧୀଙ୍କ ମହାପ୍ରୟାଣ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ କଳୁଙ୍ଗା କୃଷି ଉନ୍ନୟନ ଶାଖାର ପ୍ରବନ୍ଧକ ରାଜ କିଶୋର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତମାତାର ଦ୍ୱୟ ସୁଯୋଗ୍ୟ ସନ୍ତାନଙ୍କ ଗୁଣାବର୍ତ୍ତା ଆଲୋଚନା କରିବା ସହ ଦୁର୍ନୀତି ନିବାରଣ ସଚେତନତା ସମ୍ପର୍କରେ ସତର୍କତାର ସତ୍ୟପାଠ କରାଇଥିଲେ । ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ସହ ସଭାପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ, କିଶୋର ପଣ୍ଡା, ଗିରିଶ ଚନ୍ଦ୍ର ପଣ୍ଡା, ଶଶିଧର ସାହୁ, ସୁବାଷ ଚନ୍ଦ୍ର ସାହୁ, ମଞ୍ଜୁବାଲା ତ୍ରିପାଠୀ, ସୁଶାନ୍ତ କୁମାର ପାଢ଼ୀ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ଭାରସାମ୍ୟ ହରାଇ ଓଲଟିଲା ଟ୍ରାକ୍ଟର: ଜଣେ ମୃତ, ଅନ୍ୟ ଜଣେ ଗୁରୁତର

କୁଆଁରମୁଣ୍ଡା, ୧।୧୧ (ଡିଏନଏ)

ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କଚାରୁ-କୁଆଁରମୁଣ୍ଡା ରାସ୍ତାର ତେଲିପୋଷ ପାହାଡ଼ଟୋଲି ନିକଟରେ ଏକ ପାଣି ଟ୍ୟାଙ୍କର ଥିବା ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱସ୍ଥ ଖାଲକୁ ଓଲଟି ପଡିଛି। ଏହି ଦୁର୍ଘଟଣାରେ ଟ୍ରାକ୍ଟରରେ ଥିବା ସନ୍ତୋଷ ଟିଗ୍‌ଗା(୩୬)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ସନ୍ତୋଷଙ୍କ ଘର ତେଲିପୋଷ ବିରିଙ୍ଗାଟୋଲିର ବୋଲି ସ୍ଥାନୀୟ ଲୋକଙ୍କଠାରୁ ଜଣାପଡ଼ିଛି। ସେହିପରି ରାଜେନ୍ଦ୍ର(୨୮) ନାମକ ଅନ୍ୟ ଯୁବକ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଚିତ୍କାର ଶୁଣି ନିକଟସ୍ଥ ପାହାଡଟୋଲି, ବିରିଙ୍ଗାଟୋଲି ଓ ତେଲିପୋଷ ଅଞ୍ଚଳର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ଟ୍ରାକ୍ଟର ଚକାତଳୁ ଉଦ୍ଧାର କରିଛନ୍ତି। ଏହା ପରେ କୁଆଁରମୁଣ୍ଡା ଫାଣ୍ଡିକୁ ଫୋନ ଯୋଗେ ଖବର ଦେବାରୁ ସଙ୍ଗେସଙ୍ଗେ ଫାଣ୍ଡି ଅଧିକାରୀ ହୃଷିକେଶ ବେହେରା ଘଟଣାସ୍ଥଳରେ ପହଞ୍ଚି ଗୁରୁତର ରାଜେନ୍ଦ୍ରଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ପଠାଇବା ସହ ମୃତଦେହ ଜବତ କରିଛି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ନମ୍ବର ଓଡି୧୪ଇ୬୩୨୩ ହୋଇଥିବା ବେଳେ ଉକ୍ତ ଗାଡି କଚାରୁ ଅଞ୍ଚଳରୁ କୁଆଁରମୁଣ୍ଡାକୁ ଆସୁଥିଲା।

# ସମସ୍ୟା ଘେରରେ ବହୁଭାଷୀ ପ୍ରାଥମିକ ଶିକ୍ଷାକେନ୍ଦ୍ର

ବଣାଇ, ୧।୧୧ (ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ବଣାଇ ଶିକ୍ଷା ଜିଲା ପିଠାଚୋରା ପଞ୍ଚାୟତ ବସାସାହିରେ ଥିବା ବହୁଭାଷୀ ପ୍ରାଥମିକ ଶିକ୍ଷାକେନ୍ଦ୍ର ଏବେ ସମସ୍ୟା ଦେଇ ଗତିକରୁଥିବା ଦେଖିବାକୁ ମିଳିଛି। ୨୦୦୮ରେ ସ୍ଥାପିତ ଏହି ବିଦ୍ୟାଳୟର ଅବସ୍ଥା ସୁଧୁରିବାର ନାଁ ନେଉ ନ ଥିବା ଜଣାପଡିଛି। ବିଦ୍ୟାଳୟ ମଧ୍ୟରେ ଥିବା ଏକମାତ୍ର ସୌରଶକ୍ତି ଚାଳିତ ନଳକୂପ ଦୀର୍ଘ ୬ମାସରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ରହିଥିବା ବେଳେ ୩୩ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ପାଠ ପଢାଇବା ପାଇଁ ଜଣେ ମାତ୍ର ନିୟମିତ ଶିକ୍ଷକ ରହିଛନ୍ତି। ତିନିଜଣ ବହୁଭାଷୀ ଶିକ୍ଷକ ନିଯୁକ୍ତି ପାଇଥିବା ସ୍ଥଳେ ବିଦ୍ୟାଳୟରେ ଶ୍ରେଣୀଗୃହ ଠାରୁ ଆରମ୍ଭ କରି ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଥିବା ଶୌଚାଳୟରେ ମଧ୍ୟ ପାଣି ଅଭାବରୁ କାର୍ଯ୍ୟକ୍ଷମ ହେଉନାହିଁ। ନିତ୍ୟ ବ୍ୟବହୃତ ଜଳ ଓ ପାନୀୟ ଜଳ ପାଇଁ ଗ୍ରାମରେ ଥିବା ଅନ୍ୟ ଏକ ନଳକୂପ ଉପରେ ଛାତ୍ରୀଛାତ୍ରଙ୍କୁ ଭରସା କରିବାକୁ ପଡୁଛି। ଛାତ୍ରୀଛାତ୍ରଙ୍କୁ ପାଣି ଅଭାବରୁ ଶୌଚପାଇଁ ବିଦ୍ୟାଳୟ ବାହାରକୁ ଯିବାକୁ ପଡୁଛି। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ମଧ୍ୟ ଗ୍ରାମରେ ଥିବା ନଳକୂପ ଉପରେ ଭରସା କରିବାକୁ ପଡୁଛି। ଗ୍ରାମ କମିଟି ସଭାପତି ପାଣ୍ଡବ ମୁଣ୍ଡା, ସହକାରୀ ଶିକ୍ଷକ ସୂର୍ଯ୍ୟମଣି ମୁଣ୍ଡା ଗ୍ରାମର ଅନ୍ୟ ସଦସ୍ୟମାନେ ଏହି ଅସୁବିଧା ହେତୁ ବଣାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ବିଦ୍ୟାଳୟରେ ପାଠପଢୁଥିବା କୁନିକୁନି ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ବଣାଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସୁନ୍ଦରଗଡ଼ ଜିଲାପାଳ କାର୍ଯ୍ୟରୁ ନିଲମ୍ବିତ କରିଥିବାରୁ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ପ୍ରଦାନ କରାଯାଇ ନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।



ସୌରଶକ୍ତି ଚାଳିତ ନଳକୂପ ଅଚଳ ହୋଇ ପଡ଼ିଛି।



## ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

No.DSPL-138 :- ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। କୃଷିଜୀବିଙ୍କ ଆୟବୃଦ୍ଧି ଓ ଜୀବିକାନିର୍ବାହରେ ଗୋ-ପାଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମ ଖାଦ୍ୟ, ଉପଯୁକ୍ତ ଲାଳନପାଳନ, ଉଚିତ ସମୟରେ ପ୍ରଜନନ ଓ ରୋଗ ନିରାକରଣର ବ୍ୟବସ୍ଥା କଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇପାରିବ ଏବଂ କୃଷକମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଘଟିବ। ଆମ ରାଜ୍ୟରେ ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଅକ୍ଟୋବର ୨୯ତାରିଖଠାରୁ ନଭେମ୍ବର ୪ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହା ଗିରିଗୋବର୍ଦ୍ଧନ ପୂଜାଠାରୁ ଗୋପାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପି ପାଳିତ ହେବ। ଏହି ଅବସରରେ ପ୍ରତି ଜିଲ୍ଲାରେ ଗୋ-ଚିକିତ୍ସା ଶିବିର, ଗୋ-ବତ୍ସା ପ୍ରଦର୍ଶନୀ, ଗୋ-ସମ୍ବର୍ଦ୍ଧନା ସମାବେଶ, କୃଷକ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବା ସାଙ୍ଗକୁ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଜଗତ୍‌ସିଂହପୁରଠାରେ ନଭେମ୍ବର ୪ ତାରିଖରେ ଆୟୋଜିତ ହେବ। ଏ ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସରକାରୀ ସୁବିଧାସୁଯୋଗର ସୁବିନିଯୋଗ କରିବାକୁ ରାଜ୍ୟର ସମସ୍ତ ଗୋ-ପାଳକ ଭାଇଭଉଣୀମାନଙ୍କୁ ଅନୁରୋଧ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରି ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ସ୍ୱା./- ଡ଼. ଅରୁଣ କୁମାର ସାହୁ
ମନ୍ତ୍ରୀ
କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା, ଓଡ଼ିଶା

06014/13/0009/1920

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

**ଲଖନପୁର,୧।୧୧(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା କଣ୍ଢେଇକେଲା ଫାଣ୍ଡି ଅଧୀନ ପିଥିଣ୍ଡା ପଞ୍ଚାୟତ ଦେହେରୀଢ଼ପା ଗ୍ରାମର ଜନୈକା ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୋଲିସ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜୟ କୁମାର ଦେହେରୀ(୫୬)। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଏନେଇ ପୀଡ଼ିତା ମହିଳା କଣ୍ଢେଇକେଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ରେଙ୍ଗାଲି ପୋଲିସ କେସ୍ (ନଂ୧୪୮/୧୯)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ୨୦୦୮ ମସିହାରେ ମଧ ଜୟକୁମାର ଜନୈକା ମହିଳାଙ୍କୁ ଦୁର୍ବ୍ୟବହାର କରି ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ଏହା ଜନୈକା ମହିଳାଙ୍କୁ ଜୟକୁମାରଙ୍କ ୨ୟ ଥର ଦୁର୍ବ୍ୟବହାର ବୋଲି ପୋଲିସ କହିଛି।

### ଅର୍ଡାରେ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ

**କିର୍ମିରା, ୧।୧୧(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ କିର୍ମିରା ବ୍ଲକ ଅର୍ଡା ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋ-ପୂଜନ ଓ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଜଗନ୍ନାଥ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ କିର୍ମିରା ବିଡିଓ ଜୟନ୍ଦ୍ର ସେଠୀ, ଜିଲାପରିଷଦ ସଭ୍ୟା ସ୍ୱପ୍ନାମୟୀ ପଟେଲ, ବ୍ଲକ ଅଧକ୍ଷ ତେଜରାଜ ସାହୁ, ତହସିଲଦାର ମୁକୁଟମଣୀ ଖେସ, ଅର୍ଡା ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅର୍ଡା, ବନ୍ଧପାଲି, ଭାଲୁପତ୍ରା, ସିଆଲରମା, କଙ୍କରାମୁଣ୍ଡା, ତାଲମାଲ ଏବଂ ଅର୍ଡା ଗ୍ରାମର ଚାଷୀଙ୍କ ଗାଈକୁ ନେଇ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରେଷ୍ଠ ବିବେଚିତ ଗାଈ ଓ ମାଲିକଙ୍କୁ ସମ୍ମାନୀତ କରାଯାଇଥିଲା।

### ଛଟପର୍ବ ପାଇଁ ସୂର୍ଯ୍ୟ ମୂର୍ତ୍ତି ସ୍ଥାପନା

**ବେଲପାହାଡ଼,୧।୧୧ (ଡ଼ି.ଏନ୍.ଏ.)-** ଆସନ୍ତା ଶନିବାର ଛଟ୍ ପୂଜାର ତୃତୀୟ ଦିନ। ଏହିଦିନ ଅପରାହ୍ନରେ ନିର୍ଜଳା ଉପବାସ କରୁଥିବା ମହିଳାମାନେ ସପରିବାର ବିଭିନ୍ନ ଜଳାଶୟ, ନଦୀ ଓ ପୋଖରୀକୁ ଯାଇ ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ପ୍ରଥମ ଅର୍ଘ୍ୟ ଅର୍ପଣ କରିବେ। ଏଥିପାଇଁ ଏବେଠୁ ପୌରପରିଷଦ ପକ୍ଷରୁ ବେଲପାହାଡ଼ ପୌରାଞ୍ଚଳର ବିଭିନ୍ନ ଘାଟଗୁଡ଼ିକରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଶୁକ୍ରବାର ସକାଳୁ ଘାଟଗୁଡ଼ିକର ସଫେଇ କାର୍ଯ୍ୟ ଚାଲିଛି। ପୂଜା ସ୍ଥାନଗୁଡ଼ିକୁ ପରିଷ୍କାର କରାଯାଉଛି। ଘାଟଗୁଡ଼ିକରେ ଅସ୍ଥାୟୀ ଆଲୋକ ବ୍ୟବସ୍ଥା କରାଯାଇଛି। ପୂର୍ବ ବର୍ଷ ଭଳି ଏଥର ଛଟ୍‌ପୂଜା ପାଇଁ ଏକ କମିଟି ଗଠିତ ହୋଇଛି। କମିଟି ପକ୍ଷରୁ ଗୁମାଡ଼େରା ଜଳାଶୟ ନିକଟରେ ଏକ ସୁନ୍ଦର ମଣ୍ଡପ ନିର୍ମାଣ କରାଯାଇ ସୂର୍ଯ୍ୟ ମୂର୍ତ୍ତି ସ୍ଥାପନ କରାଯାଇଛି। ଶୁକ୍ରବାର ଅପରାହ୍ନରେ ସୂର୍ଯ୍ୟ ପୂଜା ପାଇଁ ଅଧିବାସ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଶନିବାରରୁ ପୂଜା ଆରମ୍ଭ ହେବ। ଶ୍ରଦ୍ଧାଳୁ ଓ ବ୍ରତଧାରୀଙ୍କ ମୂର୍ତ୍ତି ଦର୍ଶନ, ଭଜନକୀର୍ତ୍ତନ ଓ ରାତ୍ରୀ ଉଜାଗର ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ପୂଜାସ୍ଥଳୀ ନିକଟରେ କରାଯାଇଛି ବୋଲି ଛଟ୍‌ପୂଜା କମିଟି ସଂଯୋଜକ ସୁରେଶ ସିଂ ପ୍ରକାଶ କରିଛନ୍ତି।

### ଗ୍ରାମାଞ୍ଚଳ ଯୁବକଙ୍କୁ ଫୁଟ୍‌ବଲ୍ ପ୍ରଶିକ୍ଷଣ

**ଲଖନପୁର,୧।୧୧(ଡି.ଏନ୍.ଏ.)-** ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି) ତରଫରୁ ଇବ୍ ଥର୍ମାଲ ରାଜୀବ ଗାନ୍ଧୀ ପଡ଼ିଆରେ ଗ୍ରାମାଞ୍ଚଳ ଯୁବଖେଳାଳିଙ୍କୁ ନେଇ ଏକ ୧୦ଦିନିଆ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଗତ ୨୨ରୁ ଆରମ୍ଭ ହୋଇ ୩୧ତାରିଖ ଗୁରୁବାର ଉଦ୍‌ଯାପିତ ହୋଇଛି। ଏଥିରେ ଆଖପାଖ ସ୍କୁଲ ଓ ଗ୍ରାମାଞ୍ଚଳର ୩୦ ଜଣ ବାଳିକା ଓ ୮୦ଜଣ ବାଳକ ଯୋଗଦେଇଥିଲେ। ଏହି ଖେଳାଳିମାନଙ୍କୁ ଫୁଟ୍‌ବଲ କୋଚ୍ ଏସ୍.କେ.ସାହାନାବାଜ୍ ଆଲମ୍ ଓ ମାହୀ ସିଂ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଯୋଗଦେଇଥିବା ସମସ୍ତ ଖେଳାଳିଙ୍କୁ କମ୍ପାନୀ ସିଏସ୍‌ଆର୍ ପାଣ୍ଠିରୁ ଜୋତା, ଜର୍ସି ଆଦି ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଶିବିରର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ କୁମାର ଲାଲ୍, ସମ୍ମାନିତ ଅତିଥି ଓପିଜିସି ନିର୍ଦ୍ଦେଶକ (ଅପରେଶନ୍) ଆଲୋକ ମୁଖାର୍ଜୀ, ସିଏସ୍‌ଆର୍ ମୁଖ୍ୟ ମନୋଜ ଦାସ, ପି.କେ. ପାତ୍ର, ଚିତ୍ତରଞ୍ଜନ ସ୍ୱାଇଁ, ଏନ୍‌ଏନ୍ ଷଡଙ୍ଗୀ ପ୍ରମୁଖ ଖେଳାଳିମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

# ଭଡ଼ାରେ ପ୍ରଧାନମନ୍ତ୍ରୀ ଆବାସ ଗୃହ

**ଲଇକେରା, ୧।୧୧(ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଦୁଃଖୀ ଗରିବଙ୍କୁ ରିହାତି ମୂଲ୍ୟରେ ଚାଉଳ, ରହିବା ପାଇଁ ପକ୍କା ଘର ଯୋଗାଇ ଦେଉଛନ୍ତି। ହେଲେ ଦୁଇପଇସା ପାଇବା ଲାଳସାରେ ହିତାଧିକାରୀ ସରକାରୀ ଯୋଜନାରେ ପାଇଥିବା ଆବାସ ଘରକୁ ମଧ ଭଡ଼ାରେ ଲଗାଉଥିବା ଘଟଣା ସାମ୍ନାକୁ ଆସିଛି। ମିଳିଥିବା ସୂଚନାନୁସାରେ ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ତିଲେଇମାଲ ପଞ୍ଚାୟତ ଅଧୀନ ତିଲେଇମାଲ-କାଙ୍କକୁମର ରାସ୍ତା ପାର୍ଶ୍ୱରେ ରହିଛି ବେଦବ୍ୟାସ ରଣାଙ୍କ ପ୍ରଧାନମନ୍ତ୍ରୀ ଆବାସ ଘର। ଏବେ ଏହି ରାସ୍ତାର ମରାମତି କାର୍ଯ୍ୟ ଚାଲିଛି। ଠିକାଦାର ଜଣଙ୍କ ଉକ୍ତ ଆବାସ ଘରକୁ ଭଡ଼ାରେ ନେଇ ନିଜ କ୍ୟାମ୍ପ କରିବା ସହ ରାସ୍ତା କାମରେ ବ୍ୟବହୃତ ସରଞ୍ଜାମ ଓ ତାଙ୍କ କିଛି ଲୋକ ଏଠାରେ ରହୁଥିବା ଦେଖିବାକୁ ମିଳିଛି। ଏ ନେଇ ଲଇକେରା ଏବିଡିଓ ପ୍ରମୋଦ କୁମାର ଦେହୁରୀଙ୍କୁ ପଚାରିବାରୁ ମୁଁ ଘଟଣା ସମ୍ପର୍କରେ କିଛି ସମୟ ପୂର୍ବରୁ ଖବର ପାଇଛି। ପ୍ରାଥମିକ ତଦନ୍ତ ପାଇଁ ଗ୍ରାମ ରୋଜଗାର ସେବକଙ୍କୁ କହିଛି, ତଥାପି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।



ଭଡ଼ାରେ ଲାଗିଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହ।

### ଅଦିନିଆ ବର୍ଷାରେ ଫସଲ ନଷ୍ଟ

# ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଚାଷୀ

**ଲଇକେରା, ୧।୧୧ (ଡି.ଏନ୍.ଏ.)**

ଦୁଃଖ ଚାଷୀକୁଳର ପିଛା ଛାଡୁନି, କେତେବେଳେ ସ୍ୱଳ୍ପ ବୃଷ୍ଟିପାତ ତ ଆଉ କେତେବେଳେ ଗଜା ମରୁଡ଼ିର ଶିକାର ଚାଷୀ। ଏବେ ଅଦିନିଆ ବର୍ଷା ଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଛି। ଗତ କିଛି ଦିନ ପୂର୍ବରୁ ଅଞ୍ଚଳରେ ଅଦିନିଆ ବର୍ଷା ହୋଇଥିଲା। ଏଥିରେ ଅମଳକ୍ଷମ ଛୋଟ କିସମର ଧାନ ବର୍ଷା ଯୋଗୁ ଜମିରେ ପଡ଼ି ଗଜା ହୋଇ ନଷ୍ଟ ହେଉଛି। ବ୍ଲକର ଅନେକ ଗାଁରେ ଅଦିନିଆ ବର୍ଷା ଯୋଗୁ ଫସଲ ହାନି ହୋଇଥିବାବେଳେ ଶୁକ୍ରବାର ଭାତଲଇଡା ପଞ୍ଚାୟତର ଓଡ଼ିଆପାଲି, ଆଗ୍ରିଆବାଗଡ଼ିହି ଆଦି ଗ୍ରାମର ଚାଷୀ ତହସିଲ ଅଫିସରେ ଗଜା ଧାନ ଧରି ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ତହସିଲଦାର ତପନଦେବ ଚକ୍ରବର୍ତ୍ତୀ ଚାଷୀଙ୍କ ସହିତ ଆଲୋଚନା କରିବା ସହିତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଛି। ଏଥିପାଇଁ କୃଷି ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ କ୍ଷୟକ୍ଷତିର ଆକଳନ କରି ୬ ତାରିଖ ସୁଦ୍ଧା ଜିଲାପାଳଙ୍କୁ ରିପୋର୍ଟ ଦେବୁ ବୋଲି ସେ କହିଥିଲେ।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଗଜା ଧାନ ଦେଖାଉଛନ୍ତି।

### ଗାମୁଛା ଲଗାଇ ବୃଦ୍ଧାଙ୍କ ଆତ୍ମହତ୍ୟା

**ବେଲପାହାଡ଼,୧।୧୧ (ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ପିପିଲିମାଲ ଗାଁ ପଧାନପଡ଼ାରେ ଜଣେ ବୃଦ୍ଧା ଘରେ ଗାମୁଛା ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ବୃଦ୍ଧାଙ୍କ ନାମ ସୀତା ବିଶ୍ୱାଳ (୬୩) ବୋଲି ଜଣାପଡ଼ିଛି। ଗତ ଗୁରୁବାର ଅପରାହ୍ନରେ ବୃଦ୍ଧା ଜଣକ ଘରେ ଏକୁଟିଆ ଥିବା ସମୟରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଟିଆର୍‌ଏଲ ହସ୍ପିଟାଲକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧାଙ୍କ ମାନସିକ ସ୍ଥିତ ଭଲ ନ ଥିଲା ବୋଲି ପରିବାର ଲୋକେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ବୃଦ୍ଧାଙ୍କ ପୁଅ ଦୀନବନ୍ଧୁ ବିଶ୍ୱାଳ ଥାନାରେ ଦେଇଥିବା ଏତଲାରେ ତାଙ୍କ ମା' ଆତ୍ମହତ୍ୟା ଉଦ୍ୟମ କରିଥିବା ସମୟରେ ଘରେ କେହି ନ ଥିଲେ ବୋଲି ଉଲ୍ଲେଖ କରିଛନ୍ତି। ଏସଂକ୍ରାନ୍ତରେ ବେଲପାହାଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧୩/୨୦୧୯) ରୁଜୁ ହୋଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ାକୁ ପଠାଯାଇଛି ବୋଲି ତଦନ୍ତକାରୀ ପୋଲିସ ଏଏସ୍‌ଆଇ ଅଗସ୍ତି ପ୍ରଧାନ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସୁନ୍ଦରୀକୁ ବର ମିଳେନି
ଅତି ଘରଣୀକୁ ଘର ମିଳେନି ।**

ନିଜକୁ ସବୁଠୁ ସୁନ୍ଦରୀ ବୋଲି ମନେକରୁଥିବା କନ୍ୟା ଓ ଅତିବଡ଼ ଘରର ବା ଧନୀ ଘରର କନ୍ୟା ସଦାସର୍ବଦା ନିଜ ରୂପ ତଥା କୁଳ, ଆଭିଜାତ୍ୟକୁ ନେଇ ଉଚ୍ଚ ଆଶାପୋଷଣ କରିବସିଥାନ୍ତି। ଏନେଇ ମନରେ ତାଙ୍କର ଅହେତୁକ ଗର୍ବଭାବନା ଆସିଯିବା ସ୍ୱାଭାବିକ ହୋଇଥାଏ। ଫଳରେ ଭଲ ବର ଓ ଘର ବାଛିବା ନେଇ ସର୍ବଦା ଦ୍ୱନ୍ଦ୍ୱରେ ପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି। ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଫୁଲା କାଇଁଶ ଫୁଲୁ କାହିଁକି
ଆଉ ଫୁଲିବାକୁ ଦିନ ନାହିଁକି ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବେଦାନ୍ତ ପକ୍ଷରୁ ଗଣଦୌଡ଼

**ସମ୍ବଲପୁର, ୧।୧୧ (ବ୍ୟୁରୋ)**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ଅବସରରେ ଝାରସୁଗୁଡାସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ଗଣଦୌଡ ତଥା ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଗଣଦୌଡରେ ୪୫୦ ଜଣ ଭାଗ ନେଇଥିଲେ । ପାୱାର ସିଓଓ ଭାସ୍କର ଚାଟାର୍ଜୀ, ମାନବ ସମ୍ବଳ ମୁଖ୍ୟ ଏମ୍ ଶକ୍ତିଭେଲ, ଏଚଏସସି ମୁଖ୍ୟ ଚୋ ଚାନ୍, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସବିତା ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଛତିଶଗଡସ୍ଥିତ ବାଲ୍‌କୋ, ଲାଞ୍ଜିଗଡ ୟୁନିଟ ଓ ପଞ୍ଜାବସ୍ଥିତ ଟିଏସପିଏଲ୍‌ରେ ମଧ୍ୟ ଗଣଦୌଡ ଅନୁଷ୍ଠିତ ହୋଇଥିଲା । ଆୟନ ପୋଦ୍ଧାର, ରହୁଲ ସେନାପତି, ସିପ୍ରା ପଲ, କୃତିବାସ ଶବର, ରାଣୀ ଦଲେଇ, ରାହୁଲ ସେଗଲ, ବିଦ୍ୟା ଘୋଷ ଓ ଏସ.ପି. ଘୋଷ ବିଜୟୀ ହୋଇଥିଲେ ।



ଝାରସୁଗୁଡା ବେଦାନ୍ତ କମ୍ପାନୀ ପକ୍ଷରୁ ଗଣଦୌଡରେ ପିଲାମାନେ ସାମିଲ ହୋଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
9911786155
9911786154

FINANCE

ଋଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
1980ରୁ ଆପଣଙ୍କ ସେବାରେ
ମାର୍କଶିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ଗୃହ ଋଣ ବ୍ୟବସାୟ ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ 2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

ଶ୍ରୀରାମ ଫାଇନାନ୍ସ
09587970541
09499469559
Mahaveer Nagar, Lewis Road, Bangalore

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର
Call / SMS Now
Janavi - 7566-888-563
Sagar - 7773-817-838
Manasi - 8827-505-029
Manisa - 7772-970-949
Sradha - 7583-808-884
Visakha - 8269-150-310

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନୋ ଫାଇଲ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
9716592470
Brahma Sahi, Nayagarh

BUSINESS

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
2% ସୁଧ 40% ରିହାତି
ମୋ. 7689936101
7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲି.
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଭାରତର ନଂ. 1 କମ୍ପାନୀ
Hindusthan Tower Group
DIGITAL
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

KUBER FINANCE
40% ଛାଡ଼ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
GLOBAL FINANCE LTD. ISO: 9001:2011 Regd. Company
2% ସୁଧ 40% ରିହାତି
9415725066
H.No. 12, Sohana Distt. Mohali

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |
| *GST 5% Extra | | |

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ



### କଲେଜ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୧।୧୧

ମ୍ୟୁନିସିପାଲ ମହାବିଦ୍ୟାଳୟ ଅଧକ୍ଷ ସୁବାସ ପାଣିଗ୍ରାହୀ ଓ କର୍ମଚାରୀ ଗଗନ ନାୟକଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ତଥା ପରିଚାଳନା କମିଟି ସଭାପତି ସାରଦା ନାୟକ, ସଦସ୍ୟ ସୁଧୀର ମିଶ୍ର, ସଦସ୍ୟା ସ୍ମିତା ମହାନ୍ତି ଓ ଦେବିନ୍ଦର କୌର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ସାରଦା ନାୟକ ଓ ନୂତନ ଅଧକ୍ଷ ଅଜୟ ପାତ୍ର ବକ୍ତବ୍ୟ ପ୍ରଦାନ କରି ଅବସର ନେଉଥିବା ଶିକ୍ଷକଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏଥିରେ ଅଧାପିକା ମାଳା ମହାନ୍ତି, ଆଦିତ୍ୟ ମହାନ୍ତି, ପ୍ରଦୀପ ମିଶ୍ର, ନକୁଳ ଖିଲାର, ବ୍ରଜବନ୍ଧୁ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଛଟ୍ ପୂଜା ପାଇଁ ଚଳଚଞ୍ଚଳ ଷ୍ଟିଲସିଟି

## ଆଜି ଉଦିତ ସୂର୍ଯ୍ୟଙ୍କୁ ଜଳାର୍ଘ୍ୟ ଅର୍ପଣ କରିବେ ବ୍ରତଧାରୀ

ରାଉରକେଲା ଅଫିସ,୧। ୧୧

ବିହାରୀ ସଂପ୍ରଦାୟଙ୍କ ୪ ଦିନିଆ ଛଟ ପର୍ବ ଆରମ୍ଭ ହୋଇଛି। ଷ୍ଟିଲ ସିଟି ଓ ଏହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଶୁକ୍ରବାର ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ବିଭିନ୍ନ ଛଟ୍ ଘାଟ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି। ବ୍ରାହ୍ମଣୀ ନଦୀର ଛଟ୍ ଘାଟ ଭାବେ ପରିଚିତ ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସବୁ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ସହ ରାସ୍ତା ଓ ଆଲୋକୀକରଣ ନେଇ ପଦକ୍ଷେପ ନିଆଯାଇଛି। ବେଦବ୍ୟାସ, ଝିରପାଣି, ତର୍କରା, ବୈକୁଣ୍ଠ ଘାଟ, ସେକ୍ଟର-୧୬ ବାସନ୍ତୀ ପୋଖରୀ, ବନ୍ଧମୁଣ୍ଡା, ଜଲଦା ଆଦି ଅଞ୍ଚଳରେ ରହିଥିବା ଛଟ୍‌ଘାଟରେ ସୁରକ୍ଷା ବ୍ୟବସ୍ଥା ପ୍ରତି ନଜର ରଖାଯାଇଛି। ଉପରୋକ୍ତ ଘାଟରେ ଉଦିତ ସୂର୍ଯ୍ୟଙ୍କୁ ଜଳାର୍ପଣ କରିବେ ବ୍ରତଧାରୀ।

ଗୁରୁବାରଠାରୁ ପ୍ରାଥମିକ ପୂଜା ଆରମ୍ଭ ହୋଇଥିବା ବେଳେ ଏହା ୪ ଦିନ ଧରି ଚାଲିବ। ଶୁକ୍ରବାର ଖରନା ପାଳନ କରାଯାଇଛି। ଏହି ପୂଜାର ଦ୍ୱିତୀୟ ଦିନ ଉପାସନାକୁ ଖରନା କୁହାଯାଇଥାଏ। ସେଦିନ ସଂକଳ୍ପ



ଛଟ୍ ପୂଜା ପାଇଁ ଡେଲି ମାର୍କେଟରେ ମହିଳାମାନେ ବିଭିନ୍ନ ସାମଗ୍ରୀ କିଣୁଛନ୍ତି।

ନିଆଯାଇ ଥାଏ। ସନ୍ଧ୍ୟାରେ ଛଟ ଦେବୀଙ୍କ ନିମନ୍ତେ ମାଟି ଚୁଲା ଓ ନୂଆ ହାଣ୍ଡିରେ ପ୍ରସାଦ ପ୍ରସ୍ତୁତ କରାଯାଏ। ଏହା ବ୍ୟତୀତ ବିଭିନ୍ନ କିସମର ମିଷ୍ଟାନ୍ନ ମଧ ପ୍ରସ୍ତୁତ କରାଯାଏ। ଛଟ ମଇୟାଙ୍କୁ ଭୋଗ ଲଗାଯିବା ପରେ ଶ୍ରଦ୍ଧାଳୁ ଏହାକୁ ଗ୍ରହଣ କରିଥାନ୍ତି। ପର ଦିନ ସକାଳେ ଉଦିତ ସୂର୍ଯ୍ୟଙ୍କୁ ଜଳାର୍ଘ୍ୟ ପ୍ରଦାନ ନ କରିବା ଯାଏ ବ୍ରତଧାରୀ ଅନ୍ୟ କିଛି ଖାଦ୍ୟ ଗ୍ରହଣ କରନ୍ତିନି। ଏହି ମହାନ୍ ପର୍ବରେ କେବଳ ଦେବୀ ଦେବତା ନୁହନ୍ତି ପ୍ରକୃତି ସହ କୃଷି ପରମ୍ପରାର ନିଦର୍ଶନ ରହିଛି। ଛଟ ମଇୟା ସୂର୍ଯ୍ୟ ଦେବଙ୍କ ମାନସ ଭଉଣୀ ବୋଲି ବିବେଚନା କରନ୍ତି ଏହି ସଂପ୍ରଦାୟର ଶ୍ରଦ୍ଧାଳୁ। ଏହି ବ୍ରତ ପରିବାର, ସମାଜର ମଙ୍ଗଳ ସହ ସନ୍ତାନ ସୁଖ, ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରାଯାଇଥାଏ। ପରିବାରର ବୟୋଜ୍ୟେଷ୍ଠ ତଥା ଅନ୍ୟ ମହିଳାମାନେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ଛଟ ପୂଜା କରିଥାନ୍ତି। ଶୁକ୍ରବାର ଅସ୍ତଗାମୀ ସୂର୍ଯ୍ୟଙ୍କୁ ଶ୍ରଦ୍ଧାଳୁମାନେ ଜଳାର୍ଘ୍ୟ ଅର୍ପଣ କରିଛନ୍ତି। ଶନିବାର ସକାଳୁ ଉଦିତ ସୂର୍ଯ୍ୟଙ୍କୁ ଜଳ ସମର୍ପଣ ଓ ଆରତି ନେଇ ଘାଟରେ ଭିଡ ଜମିବ। ଛଟ୍‌ପୂଜା ଉପଲକ୍ଷେ ଷ୍ଟିଲସିଟି ଚଳଚଞ୍ଚଳ ହୋଇଉଠିଛି। ଦୋକାନ ବଜାରରେ କାରବାର ମଧ ଭଲ ରହିଛି।

# ଜବରଦଖଲ ପାଚେରି ଭାଙ୍ଗିଲେ ଲ୍ୟାଣ୍ଡ ଗାର୍ଡ

ରାଉରକେଲା ଅଫିସ,୧। ୧୧

ଗତ କିଛିଦିନ ତଳେ କୋଏଲ ନଗର ଅନ୍ତର୍ଗତ ହିଲ୍‌ଟପ୍ ମାର୍କେଟ ଓ ଡି ବ୍ଲକ ମାର୍କେଟକୁ ସଂଯୋଗ କରୁଥିବା ଗଳି ବାଟକୁ କେହି ଜବରଦଖଲ କରି ପାଚେରି ନିର୍ମାଣ କରିଥିବା ନଜରକୁ ଆସିଥିଲା। ଏନେଇ ଆରଏସ୍‌ପି ଲ୍ୟାଣ୍ଡ ବିଭାଗ ଖବର ପାଇବା ପରେ ଗୁରୁବାର ଅପରାହ୍ଣରେ ସେହି ପାଚେରିକୁ ଭାଙ୍ଗି ଦେଇଛି। ଯାହାକୁ ନେଇ ଲାଗି ରହିଥିବା ଚାପା ଅସନ୍ତୋଷର ଅବସାନ ଘଟିଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ଲକ୍ଷ୍ମୀ ପୂଜା ସେହି ଖାଲିସ୍ଥାନରେ ପାଳନ କରାଯାଉଥିଲା। ପୂଜା ଶେଷରେ ସାଧାରଣ ଲୋକ ତଥା ଗ୍ରାହକଙ୍କ ଯାତାୟାତ ନିମନ୍ତେ ଖାଲି ରହୁଥିଲା। କୋଏଲ ନଗର ବାସିନ୍ଦାଙ୍କ ସହ ଦୋକାନୀମାନେ ଉପରୋକ୍ତ ରାସ୍ତାଦେଇ ଯାତାୟାତ କରୁଥିଲେ। ଗତ କିଛିଦିନ ପୂର୍ବେ ସେଠାରେ ପାଚେରି ନିର୍ମାଣ କରାଯିବା ସହ ବାଡ ପକାଇବାକୁ ଯୋଜନା ରଚା ଯାଇଥିଲା। ଏ ନେଇ ଅନେକ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରୁଥିଲେ ବି କେହି ମୁହଁ ଖୋଲି କିଛି କହି ପାରୁ ନ ଥିଲେ। ଏଣେ ପାଖ ବାସିନ୍ଦା ବାଟ ବନ୍ଦ ହେବାରୁ ବଜାରକୁ ଆସିବାରେ ସମସ୍ୟା ଭୋଗୁ ଥିଲେ। ଏନେଇ ଆରଏସ୍‌ପି କର୍ତ୍ତୃପକ୍ଷ ଅବଗତ ହେବା ପରେ ଠିକଣା ପଦକ୍ଷେପ ନେଇ ଥିବାରୁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି।



ଭାଙ୍ଗିଯାଇଥିବା ପାଚେରି।

## ସାବିତ୍ରୀ ଅଧ୍ୟୟନ ବର୍ଗର ପ୍ରଥମ ବାର୍ଷିକୋତ୍ସବ

# ପୂର୍ଣ୍ଣାଙ୍ଗ ଯୋଗର ଚରମ ସିଦ୍ଧାନ୍ତ ମହାକାବ୍ୟ ସାବିତ୍ରୀରେ ଉଲ୍ଲେଖ ରହିଛି

ରାଉରକେଲା ଅଫିସ,୧।୧୧

ବାସନ୍ତୀ ପାଠାଗାର ସଭାକକ୍ଷରେ ମହାକାବ୍ୟ ସାବିତ୍ରୀ ଅଧ୍ୟୟନ ବର୍ଗର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଠାଗାର କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ସହଯୋଗରେ ପ୍ରତି ବୁଧବାର ସନ୍ଧ୍ୟା ୬ଟାରେ ଶ୍ରୀଅରବିନ୍ଦଙ୍କ ରଚିତ ମହାକାବ୍ୟ ସାବିତ୍ରୀର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଆସୁଛି। ଏହାକୁ ଶ୍ରବଣ ତଥା ମନନ କରିବା ଉଦ୍ଦେଶ୍ୟରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏଥିରେ ସାରସ୍ୱତ ଅତିଥି ରୂପେ ଶ୍ରୀଅରବିନ୍ଦଙ୍କ ଦର୍ଶନର ପ୍ରବକ୍ତା ରାଧାକାନ୍ତ ମିଶ୍ର, ଡା. ସ୍ୱର୍ଣ୍ଣଲତା ବଳ ଯୋଗ ଦେଇ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପାଠାଗାର ସଭାପତି ପ୍ରତାପ ରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ ସୁଧାତ୍ମା ହିଁ ଅଧ୍ୟୟନରେ ରୁଚି ରଖିଥାନ୍ତି। ଏଣୁ ଏ ଦିଗରେ ଆମକୁ ମାର୍ଜିତ ହେବାକୁ ପଡିବ। ମଣିଷଙ୍କ ଦ୍ୱାରା ଗଢା ଯାଉଥିବା ପ୍ରଜ୍ଞା ପରିବେଶକୁ ଦେବସଭା କୁହାଯାଏ ବୋଲି ରାୟ କହିଥିଲେ। କାର୍ଯ୍ୟକ୍ରମକୁ ଡ.



ସାବିତ୍ରୀ ଅଧ୍ୟୟନ ବର୍ଗର ପ୍ରଥମ ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

କିଶୋରୀ ଦାସ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପକ ରାଧାକାନ୍ତ ମିଶ୍ର କହିଥିଲେ ମୃତ୍ୟୁ କବଳରୁ ଜଗତକୁ ଉଦ୍ଧାର କରି ପ୍ରେମ ଓ ଅମରତ୍ୱ ପ୍ରତିଷ୍ଠା ଦିଗରେ ଯେଉଁ ବିରାଟ ଉଦ୍ୟମ ଶ୍ରୀଅରବିନ୍ଦଙ୍କ ଗୂଢ ସାଧନାରେ କରାଯାଇଛି, ସାବିତ୍ରୀ ହେଉଛି ତା'ର ନିଜସ୍ୱ ଅନୁଭୂତିର ପ୍ରତିଫଳନ ମାତ୍ର। ଜୀବନ ଯେତିକି ସମସ୍ୟାର ସମ୍ମୁଖୀନ ହୁଏ ତାର ସମାଧାନ ହେଉଛି ଆବଶ୍ୟକତାରୁ ମୁକ୍ତି ପାଇବା। ସଂସାରରେ ପରିବର୍ତ୍ତନ ହିଁ ଚିରନ୍ତନ ସତ୍ୟ। ଅମରତ୍ୱ ହିଁ ଅନିବାର୍ଯ୍ୟ ସତ୍ୟ । ଏହା ଦିନେ ପ୍ରତିପାଦିତ ହେବ। ଡା. ସ୍ୱର୍ଣ୍ଣଲତା ବଳ ନିଜ ବକ୍ତବ୍ୟରେ କହିଥିଲେ ପ୍ରେମ ଓ ପ୍ରଜ୍ଞାକୁ ଆଧାର କରି ଦିବ୍ୟ ଜୀବନ ପ୍ରତିଷ୍ଠା ସହାୟକ ହେବ। ଏହା ହିଁ ହେବ ଐଶ୍ୱରିକ ଶକ୍ତିର ଏକ ଆଲୋକିତ ପରିଣାମ। ଅତିଥି ଲକ୍ଷ୍ମୀ ବୁରା କହିଲେ, ପ୍ରତୀକ ଓଷା ଏକ ସାଧାରଣ ଜାଗତିକ ସକାଳ ନୁହେଁ। ଯେଉଁ ସମ୍ଭାବନା ଓ ସତ୍ୟକୁ ନେଇ ଜଗତର ସୃଷ୍ଟି ହୋଇଛି, ତା'ର ପ୍ରସ୍ତାବନା ଓ ଉପସ୍ଥାପନ ସମୟଟି ହିଁ ସକାଳ। ଏଥିରେ ପ୍ରାଧ୍ୟାପକ ଭବେଶ ସାହୁ ଯୋଗ ଦେଇ ସାବିତ୍ରୀ ଅଧ୍ୟୟନ କଲେ ଜ୍ଞାନ ସମୁଦ୍ରରେ ପ୍ରବେଶ କରିବାର ଏକ ଅଧିକାର ପ୍ରାପ୍ତ ହୋଇଥାଏ ବୋଲି କହିଥିଲେ। ମନୁଜା ମହାନ୍ତି, ଧନ୍ୟବାଦ ପ୍ରଦାନ କରିଥିଲେ।

## ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ବୈଠକ

# ଆୟୁଷ୍ମାନ ଯୋଜନାରେ ଇପିଏଫ୍ ପେନ୍‌ସନଭୋଗୀଙ୍କୁ ସାମିଲ କର

ରାଉରକେଲା ଅଫିସ,୧।୧୧

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପକ୍ଷରୁ ଏକ ବୈଠକ ରାଉରକେଲାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲା ଶାଖା ଗଠନ ନେଇ ସବିଶେଷ ଆଲୋଚନା କରାଯାଇଥିଲା। ଆବାହକ ତ୍ରିବିକ୍ରମ ମିଞ୍ଜଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଜର୍ଜ କିସ୍‌ପଟ୍ଟା ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ବରିଷ୍ଠ କାର୍ଯ୍ୟକର୍ତ୍ତା ବିକ୍ରମ ଛୋଟରାୟ, ବାଲେଶ୍ୱର ଶାଖା କର୍ମକର୍ତ୍ତା ସୁଶୀଲ ବାରିକଙ୍କ ସମେତ ଶତାଧିକ ପେନସନ ଭୋଗୀ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ବ୍ରହ୍ମା ନିଜ ବକ୍ତବ୍ୟରେ କହିଥିଲେ, ପେନସନ ଭୋଗୀଙ୍କ ସମସ୍ୟା ବୁଝିବାକୁ କାହାର ଆଗ୍ରହ ନାହିଁ। ଏନେଇ ବାରମ୍ବାର ବିଭାଗ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସୁଫଳ ମିଳି ପାରୁନି। ଏଣୁ ଆଗାମୀ ଦିନରେ ପେନସନ ଭୋଗୀଙ୍କୁ ସଙ୍ଗଠିତ କରି ଦାବି ହାସଲ ନେଇ ଆନ୍ଦୋଳନ ଡାକରା ଦିଆଯିବ ବୋଲି ଉପସ୍ଥିତ କର୍ମକର୍ତ୍ତା ପ୍ରକାଶ କରିଥିଲେ। ସର୍ବନିମ୍ନ ୯ ହଜାର ଟଙ୍କା ପେନସନ ସହ ମହଙ୍ଗା ଭତ୍ତା ପ୍ରଦାନ, ସୁପ୍ରିମ କୋର୍ଟ ଓ କେରଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବର୍ଦ୍ଧିତ ପେନସନ ପ୍ରଦାନ ସହ ଇପିଏଫ୍ ପେନସନ ଭୋଗୀଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଥିଲା। ଏଥିରେ ଶୁକ୍ରା ତିର୍କୀ, ପୁସା ମିଞ୍ଜ, ଅଶୋକ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜଗଦୀଶ ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ

# କର୍ତ୍ତବ୍ୟରେ ଅବହେଳା ଦୁର୍ନୀତି ପରିସରଭୁକ୍ତ

ରାଉରକେଲା ଅଫିସ,୧। ୧୧

କର୍ତ୍ତବ୍ୟରେ ଅବହେଳା ଦୁର୍ନୀତି ପରିସରଭୁକ୍ତ। ଦୁର୍ନୀତି ନ ଥିଲେ ଏହି ସପ୍ତାହ ପାଳନ କରିବାର କିଛି କାରଣ ନ ଥାନ୍ତା, ଏଣୁ ଏହାର ମୂଳୋତ୍ପାଟନ ନେଇ ସମସ୍ତେ ଆଗଭର ହେବାକୁ ମତ ପ୍ରକାଶ ପାଇଛି । ଶୁକ୍ରବାର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପାନପୋଷଠାରେ ଦୁର୍ନୀତି ସଚେତନତା ସପ୍ତାହର ଉଦ୍‌ଯାପନୀ ଉତ୍ସବ ପାଳନ କରାଯାଇଥିଲା। ଯୋଗ ଦେଇ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ । ଅଧ୍ୟକ୍ଷ ଦେବେନ୍ଦ୍ରନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୋଲିସ ଅଧିକାରୀ ସୁମନ ଦତ୍ତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାପକ ଡା. ପ୍ରଭାତ ମଲ୍ଲିକ ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଅବସରରେ ଦତ୍ତ କହିଲେ କ୍ଷମତା ଅଳିନ୍ଦରେ ଦୁର୍ନୀତି ରହିବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇ ଯାଇଛି। ଆନ୍ତରିକ ସଦିଚ୍ଛା ଓ ସ୍ୱର ତୀବ୍ର ହେଲେ ଦୁର୍ନୀତି ହଟିବା କିଛି ବଡ କଥା ନୁହେଁ। ଅନ୍ୟତମ ଅତିଥି ଡା. ମଲ୍ଲିକ କହିଥିଲେ ଦୁର୍ନୀତି ଯୁଗବ୍ୟାପୀ ତାର କାୟା ମେଲି ରହିଛି। ଏହା ଆଜିର କଥା ନୁହେଁ। ଲୋଭରୁ ହିଁ ଦୁର୍ନୀତିର ସୃଷ୍ଟି। ପ୍ରଥମେ ଲୋଭକୁ ତ୍ୟାଗ କରିବାକୁ ପଡିବ। ଦୁର୍ନୀତିର ଚେର ଗଭୀରକୁ ମାଡି ସାରିଛି। ଯାହାକୁ ସଂପୂର୍ଣ୍ଣ ଉପାଡିବା ସମ୍ଭବ ହୋଇ ପାରୁନି। ପୂର୍ବରୁ ୧୮୦ ଦେଶ ମଧ୍ୟରେ ଭାରତର ସ୍ଥାନ ଥିଲା ୯୧। ସଂପ୍ରତି ଏହା ହ୍ରାସ ପାଇ ୭୮ରେ ପହଞ୍ଚିଛି। ଏନେଇ ଅଧିକ ସଚେତନତା ଲୋଡା ବୋଲି ମଲ୍ଲିକ ମତ ପ୍ରକାଶ କରିଥିଲେ। ଅଧ୍ୟକ୍ଷ ବେହେରା ନିଜେ ସଚେତନ ହେବା ସହ ସ୍ୱାଭିମାନୀ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଡା ବି.ପରିଜା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏସ୍.ଏସ୍.ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଲେଜ ଅଧ୍ୟାପିକା. ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପାନପୋଷ ନିୟନ୍ତ୍ରିତ ବଜାର କମିଟି ବୈଠକ

# ମେଗା ହୋଲସେଲ ମାର୍କେଟ ନିର୍ମାଣ ଉପରେ ଗୁରୁତ୍ୱ

ରାଉରକେଲା ଅଫିସ,୧।୧୧

ଦୀର୍ଘଦିନ ବ୍ୟବଧାନ ପରେ ପାନପୋଷ ନିୟନ୍ତ୍ରିତ ବଜାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ତଥା ପାନପୋଷ ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ଅମରେନ୍ଦୁ ନାୟକ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପାଧକ୍ଷ ସତ୍ୟନାରାୟଣ ପ୍ରସାଦ, ସବ୍ କମିଟି ଅଧକ୍ଷ ରମେଶ ବଳ ପ୍ରମୁଖ ଆଲୋଚନାରେ ଭାଗ ନେଇ ପୂର୍ବ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ଏଥିରେ ସାମିଲ କରାଯାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଗତ ବୈଠକରେ ହୋଲସେଲ ମାର୍କେଟ ପ୍ରସଙ୍ଗ ଏଥିରେ ସ୍ଥାନିତ କରାଯାଇ ନ ଥିବାରୁ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କାଳିଆ ଯୋଜନା ବାବଦ ଅର୍ଥ ୭୮ଲକ୍ଷ ୮୭ ହଜାର ୬୧୩ଟଙ୍କା ଆବଣ୍ଟିତ କରାଯାଇଥିବାରୁ ଏହାକୁ ମଞ୍ଜୁର ପ୍ରଦାନ କରିବାକୁ ସମ୍ପାଦକ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏହା ଏକ ସରକାରୀ ଯୋଜନା



ନିୟନ୍ତ୍ରିତ ବଜାର କମିଟିର କର୍ମକର୍ତ୍ତା ଉପଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ହୋଇଥିବାରୁ କମିଟିକୁ ପୂର୍ବରୁ ଅବଗତ କରାଯିବା ଉଚିତ ଥିଲା ବୋଲି କୁହାଯାଇଥିଲା। ବେଦବ୍ୟାସ ଗୋଦାମ ୟାର୍ଡର ସମସ୍ୟା ନେଇ ଏଥିରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମାର୍କେଟ ଫି ବୃଦ୍ଧି ନେଇ ଭିନ୍ନ ମତ ପ୍ରକାଶ ପାଇଥିଲା। ଏନେଇ ଉପସ୍ଥିତ ସଭ୍ୟ କେତେକ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଦୋକାନୀମାନଙ୍କୁ ଥଇଥାନ ପରେ ଫି ବୃଦ୍ଧି କଲେ ଆପତ୍ତି ରହିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ନିୟନ୍ତ୍ରିତ ବଜାର କମିଟି ଅଧୀନରେ ରହିଥିବା ଫ୍ଲୋର ମିଲ, ରାଇସ ମିଲ ଆଦି ସଂସ୍ଥାଠାରୁ ଫି ଆଦାୟ କରିବାକୁ ଏଥିରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବାଲୁଘାଟରେ ପ୍ରସ୍ତାବିତ ମେଗା ହୋଲସେଲ ମାର୍କେଟ ତୁରନ୍ତ ନିର୍ମାଣ ଲାଗି ଦାବି କରାଯାଇଥିଲା। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଏହି ମର୍ମରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ନରେଶ ଅଗ୍ରୱାଲ, କିଶାନ ଅଗ୍ରୱାଲ, ଗନ୍ଧର୍ବ ମହାନ୍ତି, ବିରଞ୍ଚି ନାରାୟଣ ସାହୁ, ଉଜ୍ଜ୍ୱଳ କୁଣ୍ଡୁ, ଆଲୋକ ନାୟକ ଓ ମନୋଜ ଭେଙ୍ଗ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତର ପ୍ରମୋଦ କୁମାର ରଥଙ୍କ ଶ୍ରଦ୍ଧାଞ୍ଜଳି ସଭା

ରାଉରକେଲା ଅଫିସ,୧।୧୧

ଲାଠିକଟାସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଶିକ୍ଷାଶ୍ରମର ପୂର୍ବତନ ସଭାପତି ଓ ଆଇଜିଏଚ୍‌ର ପୂର୍ବତନ ନିର୍ଦ୍ଦେଶକ ଡା. ପ୍ରମୋଦ କୁମାର ରଥଙ୍କ ଷଷ୍ଠ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାଶ୍ରମର ଉପସଭାପତି ଡ. ଶାନ୍ତନୁ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୁଗବାର୍ତ୍ତାର ସମ୍ପାଦକ ଜ୍ଞାନରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ରାଉରକେଲା ଏନ୍‌ଆଇଟିର ଗବେଷଣାରତ ଛାତ୍ର ଶ୍ରୀଦେବ ଚୁଡାମଣି ଯୋଗଦେଇଥିଲେ । ଶିକ୍ଷାଶ୍ରମର ଆବାସିକ ଡାକ୍ତର କଳ୍ପଲତା ଦେବୀ କହିଲେ ଡ. ରଥ ପେସାରେ ଜଣେ ଡାକ୍ତର ଥିଲେ ମଧ ସେ କୁନି କୁନି ପିଲା ଓ ଛାତ୍ରୀଛାତ୍ରମାନଙ୍କୁ ଭଲ ପାଉଥିଲେ । ଗୀତାର ଶ୍ଳୋକ, ଭାଗବତର ବାଣୀ, ନିଜ ଜୀବନର ଅନୁଭୂତି ପିଲାଙ୍କୁ କହି ଉତ୍ସାହିତ କରୁଥିଲେ। ସ୍ୱଚ୍ଛତା, ବୃକ୍ଷରୋପଣ ତଥା ପିଲାମାନଙ୍କ ସ୍ୱାସ୍ଥ୍ୟ,ଶିକ୍ଷା ଓ ଚାରିତ୍ରିକ ଗଠନ ପାଇଁ ସର୍ବଦା ଗୁରୁତ୍ୱ ଦେଉଥିଲେ। ଶିକ୍ଷାଶ୍ରମର ସମ୍ପାଦକ ନିରଞ୍ଜନ ଭାଇ ଡାକ୍ତର ରଥଙ୍କୁ ଜଣେ ଭଲ ମଣିଷ ରୂପେ ବର୍ଣ୍ଣନା କରିଥିଲେ । ମୁଖ୍ୟଅତିଥି ମିଶ୍ର କହିଲେ ଡ. ରଥ ଜଣେ ନୀତିବାନ, ସଚ୍ଚୋଟ ଓ ପରୋପକାରୀ ମଣିଷ ଥିଲେ। ଗୁରୁମା ଚାରୁଲତା ଦେବୀ ଡା. ରଥଙ୍କ ସ୍ମୃତି ଚାରଣ କରିଥିଲେ। ଏହି ସଭାରେ ଛାତ୍ରୀଛାତ୍ର, ଅଭିଭାବକମାନେ ଉପସ୍ଥିତ ଥିଲେ।



ଅନ୍ୟମାନଙ୍କୁ ସବୁବେଳେ ସନ୍ଦେହ କଲେ, ଜୀବନଟା ଶୂନ୍ୟ ବା ଏକୁଟିଆ ହୋଇଯାଏ।

- ଏଲିଏଟ୍

## ସଂକ୍ଷେପରେ



### ନୂତନ ଭାରପ୍ରାପ୍ତ ବିଡିଓଙ୍କ ଯୋଗଦାନ

ନୂଆଗାଁ, ୧।୧୧ (ଡି.ଏନ.ଏ)

ନୂଆଗାଁ ବ୍ଲକରେ ଭାରପ୍ରାପ୍ତ ବିଡିଓ ଭାବରେ ମାଧବ ପାଣିଗ୍ରାହୀ ଗୁରୁବାର ଯୋଗଦାନ କରିଛନ୍ତି । ଏହା ପୂର୍ବରୁ ପାଣିଗ୍ରାହୀ ଲାଠିକଟାବ୍ଲକରେ ଅତିରିକ୍ତ ବିଡିଓ ଭାବରେ କାର୍ଯ୍ୟରତ ଥିଲେ। ନୂଆଗାଁ ବିଡିଓ ତୃପ୍ତିବରାଇ ଛୁଟିରେ ଗଲାପରେ ତାଙ୍କ ସ୍ଥାନରେ ଭାରପ୍ରାପ୍ତ ବିଡିଓ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆଗାଁ ବ୍ଲକ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାରୁ ଏବଂ ଉକ୍ତ ବ୍ଲକରେ ସମସ୍ତ ରାଜନୈତିକ ଦଳ ସକ୍ରିୟ ଥିବା ବେଳେ ଉକ୍ତ ବ୍ଲକରେ ଯୋଗଦାନ ନିଶ୍ଚିତ ରୂପେ ଏକ ଚ୍ୟାଲେଞ୍ଜ ବୋଲି କୁହାଯାଉଛି । ତାଙ୍କ ଯୋଗଦାନ ପରେ ତାଙ୍କୁ ନୂଆଗାଁ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହାଁସଦା, ନୂଆଗାଁ ପଞ୍ଚାୟତ ସମିତି ସଭ୍ୟ ଗଜେନ୍ଦ୍ର ସାହୁ, ନିର୍ବାହୀ ଅଧିକାରୀ ମୁନ୍ନା ସିହ୍ନା, ପାସକାଲ ଲାକ୍ରା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ୨୧ ଡାକ୍ତରଖାନାରେ ଶୁଭାରମ୍ଭ ହେଲା ନିର୍ମଳା ଯୋଜନା

# ରୋଗୀଙ୍କୁ ମିଳିବ ନିରବଚ୍ଛିନ୍ନ ପାଣି, ବିଜୁଳି

ସୁନ୍ଦରଗଡ଼, ୧।୧୧ (ଡି.ଏନ୍.ଏ)

ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ସମେତ ଜିଲାର ୨୧ଟି ଡାକ୍ତରଖାନାରେ ଶୁକ୍ରବାର ଠାରୁ ନିର୍ମଳା ଯୋଜନାର ଶୁଭାରମ୍ଭ ହୋଇଛି। ଜିଲା ମୁଖ୍ୟ ଡାକ୍ତରଖାନାରେ ଆୟୋଜିତ ଏକ ସମାରୋହରେ ଜିଲାପାଳ ନିଖିଲ ପୱନ କଲ୍ୟାଣ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଏଣିକି ରୋଗୀମାନଙ୍କୁ ସ୍ୱଚ୍ଛପରିମଳ ବ୍ୟବସ୍ଥା ସହ ଡାକ୍ତରଖାନା ପରିସରରେ ନିରବିଚ୍ଛିନ୍ନ ପାଣି, ବିଜୁଳି ଓ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏଥିପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ୬୮ଜଣ ସଫେଇ କର୍ମଚାରୀ, ୮ଜଣ ସୁପରଭାଇଜର, ୨ଜଣ ପାଣିପାଇପ୍ ମିସ୍ତ୍ରୀ, ୩ଜଣ ଇଲେକ୍ଟ୍ରିସିଆନଙ୍କୁ ନିଯୁକ୍ତି ଦିଆଯାଇଛି। ରାଉରକେଲା ଆର୍‌ଜିଏଚ୍‌ରେ ଏହିବ୍ୟବସ୍ଥା ପୂର୍ବରୁ କାର୍ଯ୍ୟକାରୀ ହୋଇସାରିଥିବା ବେଳେ ଜିଲାରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା, ବଣାଇ ଉପଖଣ୍ଡ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୧୮୭ଜଣ ସଫେଇ କର୍ମଚାରୀ, ୨୬ଜଣ ସୁପରଭାଇଜର, ୪ଜଣ ପାଣିମିସ୍ତ୍ରୀ, ୪ଜଣ ବିଦ୍ୟୁତ୍ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର ସୂଚନା ଦେଇଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅଲେଖ ଚନ୍ଦ୍ର ମହାପାତ୍ର, ଡା.ପୂର୍ଣ୍ଣଚନ୍ଦ୍ର ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲାପ୍ରକଳ୍ପ ଅଧିକାରୀ ଦୀପକ କୁମାର ମହାନ୍ତିଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ନିଖିଲ ପୱନ କଲ୍ୟାଣ ନିର୍ମଳା ଯୋଜନାର ଶୁଭାରମ୍ଭ କରୁଛନ୍ତି।

## ତହସିଲଦାରଙ୍କ ହାତରେ ଧରାପଡିଲେ ମଦ୍ୟପ ଆର୍‌ଆଇ

ସୁନ୍ଦରଗଡ଼,୧।୧୧ (ଡି.ଏନ୍.ଏ)

ବଣାଇ ତହସିଲ ଅନ୍ତର୍ଗତ ଜରେଇକେଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟରେ ଶୁକ୍ରବାର ଜଣେ ଆର୍‌ଆଇ ଓ କେତେଜଣ କର୍ମଚାରୀ ମଦ୍ୟପାନ କରି ମାତାଲ ଅବସ୍ଥାରେ ଥିବା ସମୟରେ ତହସିଲଦାରଙ୍କ ହାତରେ ଧରାପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରି ଡାକ୍ତରୀ ପରୀକ୍ଷା କରାଯାଇଛି। ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀମାନେ ମଦ ନିଶାରେ ମାତାଲ ହୋଇ ପାଟିତୁଣ୍ଡ କରୁଥିବା ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କଠାରୁ ଖବରପାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ତହସିଲଦାର ସମ୍ପଦ କୁମାର ଦଳାଇଙ୍କୁ ଘଟଣାସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଦଳାଇ ଓ କେତେଜଣ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିବା ଦେଖି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଏବଂ କର୍ମଚାରୀମାନେ ସେଠାରୁ ଦୌଡ଼ି ପଳାଇ ଥିଲେ। ପରେ ତହସିଲଦାର ନିଶାସକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ନିଜଗାଡିରେ ବସାଇ ବଣାଇ ଉପଖଣ୍ଡ ଡାକ୍ତରଖାନାକୁ ଆଣି ପରୀକ୍ଷା କରାଇଥିଲେ।

## ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ଭିଜିଲାନ୍ସ ସଚେତନତା ସପ୍ତାହ



ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶପଥ ଗ୍ରହଣ କରାଯାଉଛି।

ସୁନ୍ଦରଗଡ, ୧।୧୧ (ଡି.ଏନ୍.ଏ)

ସାରା ଭାରତରେ ୨୮ ଅକ୍ଟୋବରରୁ ୨ନଭେମ୍ବର ପର୍ଯ୍ୟନ୍ତ ପାଳିତ ହେଉଥିବା ଭିଜିଲାନ୍ସ ସପ୍ତାହ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ଶାଖାରେ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଠାରେ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ଦାଶ, ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦେଶର ରାଜନୈତିକ, ଅର୍ଥନୈତିକ ତଥା ସାମାଜିକ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ଦୁର୍ନୀତିର ମୂଳୋତ୍ପାଟନ ପାଇଁ ନିଜ କ୍ଷେତ୍ରରେ ପ୍ରୟାସ ଜାରି ରଖିବା ପାଇଁ ଶପଥପାଠ କରାଇଥିଲେ। ଏତଦ୍ ବ୍ୟତୀତ ପ୍ରତ୍ୟେକ କର୍ମଚାରୀ ସତର୍କତା ଅବଲମ୍ବନ କରିବା ସହ ସାଧୁତା ଓ ସଚ୍ଚୋଟତାର ସହ କାର୍ଯ୍ୟ କରିବା, ଦୁର୍ନୀତି ବିରୋଧୀ ସଂଗ୍ରାମରେ ସାମିଲ ହେବା, ଜୀବନର ସବୁ କ୍ଷେତ୍ରରେ ସାଧୁତା ତଥା ଆଇନ ଅନୁଯାୟୀ କାର୍ଯ୍ୟକରିବା, ଲାଞ୍ଚ ନ ନେବା ଓ ନ ଦେବା ପାଇଁ ଅଧିକାରୀ ଓ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ।

# ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଯାପିତ

ସୁନ୍ଦରଗଡ, ୧।୧୧ (ଡି.ଏନ୍.ଏ.)

ବନ୍ଧପାଲିସ୍ଥିତ ଟିପିଏସ ହାଇସ୍କୁଲଠାରେ ଗତ ୩୦ ଓ ୩୧ ଦୁଇଦିନ ବ୍ୟାପୀ ଚାଲୁଥିବା ଜିଲାସ୍ତରୀୟ ଦୌଡକୁଦ ଓ ସେପାକଟ୍ରାକ୍ରୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ସଦର ଆଇଆଇସି ରମାକାନ୍ତ ସାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ପରିଶ୍ରମୀ ଓ ନିଷ୍ଠାବାନ ହେବାକୁ ପରାମର୍ଶ ଦେଇଥିଲେ । ବନ୍ଧପାଲି ଟିପିଏସ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନତିରାଣୀ ନାଏକ ସଭାପତିତ୍ୱ କରିଥିଲେ । ଭାରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ନୀରିକ୍ଷିକା ସଂଯୁକ୍ତା ବହିଦାରଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଲାର ସମସ୍ତ ୧୭ଟି ବ୍ଲକରୁ ୩୪୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ୧୦୮ଜଣ କ୍ରୀଡା ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ ଗିରିଜା ଶଙ୍କର ନାଏକ ଓ କିଶୋର ଚନ୍ଦ୍ରପଟେଲ ପରିଚାଳନାରେ ସହଯୋଗ କରିଥିଲେ । ପ୍ରତିଯୋଗିତାରେ ୪ଟି ବର୍ଗରେ ସୁନ୍ଦରଗଡ ସଦର ବ୍ଲକ ଚାମ୍ପିୟନ ହୋଇଥିବା ବେଳେ ସେପାକଟ୍ରାକୋ ପ୍ରତିଯୋଗିତାରେ ମଧ୍ୟ ଏହି ବ୍ଲକ ଚାମ୍ପିୟନ ହୋଇଥିଲା। ଲେଫ୍ରିପଡା ବ୍ଲକ ରନର୍ସଅପ ହୋଇଥିଲା। ବଣାଇଁଗଡର କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଭକ୍ତରାମ ରଣାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତାର ଉଦ୍‌ଯାପନୀ ମୁହୂର୍ତ୍ତ।

# ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ରାଉରକେଲା ଅଫିସ, ୧।୧୧

ରାଉରକେଲା ଉଦିତନଗରସ୍ଥିତ ପିଏ ଆଇଟିଡିଏ ସଭାଗୃହରେ ଜିଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ରାଉରକେଲାଙ୍କ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟ ଯୋଗଦେଇ ଦୁର୍ନୀତି ମୁକ୍ତ ଦେଶ ଗଠନରେ ସାଧାରଣ ଜନତାଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଦୁର୍ନୀତି ନିବାରଣ ନିମନ୍ତେ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାଠୀ ଯୋଗଦେଇ ଦୁର୍ନୀତି ନିବାରଣ ନେଇ ଥିବା ବିଭିନ୍ନ ବିଧି ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପାନପୋଷ ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ର, ତହସିଲଦାର ବିଶ୍ୱରଞ୍ଜନ ରଥ, ଆଇଟିଡିଏ ପିଏ ଅରୁଣ ମଲ୍ଲିକ, ଡିଏସ୍‌ପି ଭିଜିଲାନ୍ସ ଦାଶରଥୀ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ପ୍ରଭାତ ମଲ୍ଲିକ ଯୋଗଦେଇଥିଲେ। ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଇଂଲିଶରେ ଅରୁଣିମା ଠାକୁର ଓ ଓଡିଆ ଭାଷାରେ ଅନ୍ୱେଷା ସୁନାନୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଙ୍ଗଠିକା ପ୍ରଭାତୀ ଦାସ, ଉତ୍କଳ ସମ୍ମିଳନୀ ସମ୍ପାଦକ ପଦ୍ମନାଭ ସାମଲ 'ସଚ୍ଚୋଟତା ଏକ ଜୀବନ ଶୈଳୀ' ଶୀର୍ଷକ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବରୁ ହାଇସ୍କୁଲ ଓ କଲେଜସ୍ତରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଭିଜିଲାନ୍ସ ଏସ୍‌ପି ସୁବାସ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୀତାଞ୍ଜଳୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଟ୍ରକ ଚଢ଼ିଯାଇ ଜଣେ ମୃତ: ରାସ୍ତାରୋକୋ

ଲହୁଣୀପଡା, ୧।୧୧ (ଡି.ଏନ.ଏ)

ଲହୁଣୀପଡା ଥାନା ଅନ୍ତର୍ଗତ ଲହୁଣୀପଡା–କଲେଇପୋଷ ରାସ୍ତାର କଲେଇପୋଷ ସ୍କୁଲ ଛକରେ ଟ୍ରକ ଚଢ଼ିଯାଇ ଗାଈ ଚରାଳିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡି ଅଟକି ଥିଲା। ଲୁହାପଥର ବୋଝେଇ ଦଶଚକିଆ ଟ୍ରକ ସିଜି ୦୪ ଜେଏ–୯୧୪୮ ଲହୁଣୀପଡା ପଟୁ କଲେଇପୋଷ ପଟେ ଯାଉଥିବା ବେଳେ ରାସୁ ମୁଣ୍ଡା (୪୨)ଙ୍କୁ ଧକ୍କା ଦେଇଥିଲା । ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ ଚଳାଇଥିଲେ ମଧ୍ୟ ରାତି ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଛି।

# ରାଜାମୁଣ୍ଡା କାଳୀପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳିତ



ରାଜାମୁଣ୍ଡା କାଳୀପୂଜା କମିଟିର ତୋରଣ ଓ ମୂର୍ତ୍ତି।

ଲହୁଣୀପଡା, ୧।୧୧ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା କାଳୀପୂଜା କମିଟି ଚଳିତବର୍ଷ ସୁବର୍ଣ୍ଣଜୟନ୍ତୀ ମହାସମାରୋହରେ ପାଳନ କରୁଛି। କାଳୀପୂଜାର ସୁବର୍ଣ୍ଣଜୟନ୍ତୀ ଉପଲକ୍ଷେ ବ୍ୟାପକ ବ୍ୟବସ୍ଥା ପୂଜା କମିଟି ପକ୍ଷରୁ କରାଯାଇଛି। ମା' ଶ୍ୟାମାକାଳୀଙ୍କର ଯଥାବିଧି ବିଧାନ ଅନୁଯାୟୀ ପୂଜା କରାଯାଇଥିଲା। ରବିବାର ରାତ୍ରିରେ ବିଲ୍ୱ ଆମନ୍ତ୍ରଣ, ଘଟ ସ୍ଥାପନ ସହିତ ସପ୍ତମୀ ପୂଜା କରାଯାଇଥିଲା । ସୋମବାର ଅଷ୍ଟମୀ ପୂଜା, ସନ୍ଧିପୂଜା, ମଙ୍ଗଳବାର ନବମୀ ଉପଚାର ହୋମଯଜ୍ଞ ଏବଂ ବୁଧବାର ଦଶମୀ ଉପଚାର ଓ ଅପରାଜିତା ପୂଜା ଅର୍ଚ୍ଚନା କରାଯାଇଥିଲା। ଚଳିତବର୍ଷ କୃଷ୍ଣଚନ୍ଦ୍ର ତ୍ରିପାଠୀ ଓ ରୀନୁ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ମୀରା ଶଙ୍କର ନନ୍ଦ ପୂଜା ଅର୍ଚ୍ଚନା କରିଥିଲେ। ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ପୂଜା କମିଟି ତତ୍ତ୍ୱାବଧାନରେ ଦୋଳି ମୀନା ବଜାର ପ୍ରଭୃତି ଆକର୍ଷଣ ବୃଦ୍ଧି କରିଛି। ପ୍ରତ୍ୟେକ ଦିନ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିବାବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। କାଳୀପୂଜା ଦେଖିବା ସହ ଏବଂ ମୀନା ବଜାର ଓ ଦୋଳିର ମଜା ଉଠାଇଛନ୍ତି ଶ୍ରଦ୍ଧାଳୁ। ପୂଜା କମିଟି ସଭାପତି ଆନନ୍ଦ ମାହାନ୍ତ, ସମ୍ପାଦକ ବସନ୍ତ ପଣ୍ଡା ଓ ଚିନ୍ତାମଣୀ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ମିଥୁନ ପଣ୍ଡା, ସଞ୍ଜିବ ନାଏକ, ଦିପୁ ମାହାନ୍ତ, ଝୁଲୁ ଭୋଇ, ବସନ୍ତ ମାହାନ୍ତ, ନରୋତ୍ତମ ପଣ୍ଡା, ବିଜୟ କୁମାର ବାରିକ, ଚନ୍ଦ୍ର ଭୋଇ ସମେତ କାଳୀପୂଜା କମିଟିର କର୍ମକର୍ତ୍ତାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାଯାଇଛି।


ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

We Are Hiring !!
Direct sales Executives / Officers required, attractive pay and excellent career progression ! Give your career a kick start.
Mail - uttam.maity@propello.in
Ph.- 9875630881

ଭୁବନେଶ୍ୱରରେ ଏକ ଲଣ୍ଡ୍ରି କମ୍ପାନୀରେ କାମ କରିବା ନିମନ୍ତେ ଆବଶ୍ୟକ
1) Washing କାରିଗର
2) ଆଇରନ୍ କାରିଗର
3) ଡାଲା ଅଟୋ ଡ୍ରାଇଭର
4) ଡେଲିଭରି ବୟ
Contact : 7609893102, 8280082800

EXPERIENCE RESTAURANT STAFF REQUIRED
Captain - 4nos (10-12k)
Waiter - 8nos (8k)
Housekeeping - 8nos (6k)
Kitchen helper - 4nos (8k)
Odia cook - 2nos
Indian cook - 2nos
Manager - 2nos
Salary negotiable, fooding & accommodation includes
Contact : 9090880077, 9090220077

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9938809488

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 5 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot No : 551, Samantarapur Chhak, Behind Reliance Fresh, BBSR
Ph : 7992848615

'Z' ASSOCIATES required for 25 Marketing Persons.
Candidates come with their biodata on 02.11.2019 & 06.11.2019.
Contact: 9439653561, 8480697808, 9078445582
at N-1-39, IRC Village Main Road.

DIRECT JOIN JOB
JOB LOCATION BBSR+CTC
• CUSTOMER CARE
• RECEPTIONIST
• BACK OFFICE
• DATA ENTRY
Mob : 9114090108

WALK-IN-INTERVIEW ON 03.11.2019 (11am-5pm)
Plumber: 5 Nos.
Team Leader (Marketing) : 1No.
Marketing Executive: 10 Nos.
(Salary 10,000-20,000 PM+Perks)
CLEAN & FINE SERVICES
At-Banguari, Near Pahala Sweets Market, Bhubaneswar, Mob.: 9040064133

RECRUITMENT
For a reputed Jewellery Company Area Managers required. Persons having MBA with 5 to 6 yrs experinece in start-ups, Franchise development, FMCG, Mobile Handset selling are encourged for Bhubaneswar, Balasore, Berhampur & Cuttack. Only shortlisted candidates will be called for interview.
Contact-7978691619
email- psunilpanda@yahoo.com

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

Career Opportunity in Retail
An established training provider working with government of India invites ready to go GRADUATES To workin established Retail Brands Pan India. Onspot Registration. Date 1st & 4th Nov. 19 at Canara Bank Building, Block Chaka, SAKHIGOPAL, Puri.
CONTACT : 9777791182/9668841656

ଆୟା ଆବଶ୍ୟକ
(1) ଦୁଇ ମାସ ଶିଶୁର ଯତ୍ନ ନେବା ପାଇଁ ଆୟା ଆବଶ୍ୟକ।
(2) ଘରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଦରମା: Rs. 5,000/- + ରହିବା, ଖାଇବା ସୁବିଧା ଅଛି।
ଯୋଗାଯୋଗ
9348267623, 9583125591

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time/Full Time)
Contact: 9938676412

TUNNELING & MINING ENGINEERS
MINING ENGINEERS
Diploma (Mining) | Mine Foreman / Mates/ Blaster. Exp. in open & UG works
TUNNEL ENGINEERS
(BE Civil / Diploma) | Billing Engrs, QS, QC. Atleast one tunnel exp. reqd
SURVEYORS
(Diploma / ITI (survey) Exp. in atleast 1 tunnel, AutoCad.
Location: Pune / Mumbai
SAMMON INFRACORP
9420878517 / 9422565012
jobs@sammoninfra.com
sammoninfra@gmail.com

JOB VACANCY
NEXGEN Renaissance Private Limited
Call Center Executive Required
BENGALI Speaking Candidate.
Qualification: Minimum +2 or Above.
Contact: 9615969596 / 9439800100
Work Based at Bhubaneswar, Patia

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।